
# ସମାରୋହ

ଜୁଲାଇ ୨୦୨୫

www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

# Magnum Auto

Passion for Cars

**CALL NOW- 9937067609 / 9937062627**

A PIT STOP FOR CAR LOVERS

WASHING | CLEANING | REPAIRS | SERVICE

DETAILING | FOAM WASH | UNDER- BODY | SOUND-SYSTEM

SEATS | ALLOYS | ALIGNMENTS | LIGHTS BULB | HORNS TYRES

TSERV

TOTAL CAR SERVICE



We are now authorised TOYOTA Channel Partners

**Plot No: 891/1046, Pahala, Bhubaneswar, Behind PAL Heights Mantra**

20°20'32.8"N 85°52'56.3"E

## Bringing SMILE to the Rural Life...




SNM

## SNM GROUP

Weigh Bridge Road, Barbil, Dist : Keonjhar - 758 035, Odisha

Website: www.snmgroups.com


Begin your
Happily
ever
after
with us
Specially Curated Menu
Bespoke Decor
Trained Event Crew
AA Convention Complex
a destination of your dream events.......
AIIMS Square, Patrapada, Bhubaneswar
Contact for Booking : 9861717767 / 9861717768
jjcreativevision / abcl-01/23

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 34 Issue - 10**
**July - 2025**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ପଦ୍ମଶ୍ରୀ ସଦାଶିବ ରଥଶର୍ମାଙ୍କର**
**ଅନୁସନ୍ଧାନ ଦୃଷ୍ଟିକୋଣ** ଦେବୀ ପ୍ରସନ୍ନ ନନ୍ଦ.................୬
**କବିତାର ସ୍ୱର** ବିଭୂତି ଭୂଷଣ ସେନାପତି............୧୦
**ଶ୍ରୀଜଗନ୍ନାଥଙ୍କ ନୀତିରେ ନୃସିଂହଙ୍କ ଉପାସନା**
ବିଜୟଲକ୍ଷ୍ମୀ ସାହୁ.................... ୧୪


### କଥା ଓ କାହାଣୀ


**ସାମ୍ନାରେ ସତ୍ୟଭାମା** ପ୍ରଫେସର ଉପେନ୍ଦ୍ର ନାୟକ.......... ୧୬
**ସୁନ୍ଦର ମୋଡ ଜୀବନର..** ମୂଳ ହିନ୍ଦୀ- ସୁଧା କସେରା
ଅନୁବାଦ - ନୃସିଂହ ଚରଣ ବେହେରା.......... ୨୦
**ମୁଖା** ଲେଖିକା- ମମତା ବାଲିୟା
ଅନୁବାଦ- ସୁବାସିନୀ ରଥ.......... ୨୪
**ପୁତ୍ର ପିଣ୍ଡ ପ୍ରୟୋଜନେ..** ସୁଷମା ପରିଜା...................... ୨୮
**"କଣ୍ଟାକ୍ଟସ୍"** ମୂଳ ହିନ୍ଦୀ- ପୁନମ୍ ଅହମଦ୍
ଅନୁବାଦ - ମନୋଜ କୁମାର ବେହେରା........ ୩୦
**ଓଲଟି ଯାଉଥିବା ପୃଷ୍ଠା...** ଡକ୍ଟର ବୈଜୟନ୍ତୀ ମିଶ୍ର............. ୩୨
**ବ୍ୟଥିତ କବିର ଅମ୍ଳାନ ସ୍ମୃତି**
ମୂଳ ସଂସ୍କୃତ- ମେରୁତୁଙ୍ଗାଚାର୍ଯ୍ୟ
ରୂପାନ୍ତର - ଡକ୍ଟର ତ୍ରିନାଥ ପଟ୍ଟନାୟକ.......... ୪୨


### କବିତା


**ତୁଚ୍ଛ ମଣିଷ** ପିନାକୀ ମିଶ୍ର......................... ୪୬
**ସେତୁ** ଅକ୍ଷୟ ପାତ୍ର......................... ୪୬
**ଜୀବନ ଗୀତା** ରମେଶ ଚନ୍ଦ୍ର ସାହୁ.................. ୪୭
**ସମର୍ପିତ ଜୀବନ** ବିଷ୍ଣୁ ମୋହନ....................... ୪୭
**ଆଶ୍ୱାସନା** ଡାଃ ମନୋରଞ୍ଜନ ଦାଶ............. ୪୮
**ଈଶ୍ୱର କେଉଁଠି ?** ସରୋଜିନୀ ମିଶ୍ର ଏମ୍.ଏ........... ୪୮
**ସେ ବାୟା ରାଜା (୧)** ରତ୍ନାକର ରାଉତ.................... ୪୯
**ଚକା ଆଖି ସବୁ ଦେଖୁଛି** ବିଭୁତି ଭୂଷଣ ତ୍ରିପାଠୀ............... ୪୯
**ମୋ ଗ୍ରାମ ଭାରି ସୁନ୍ଦର** ସ୍ନିଗ୍ଧାରାଣୀ ପଣ୍ଡା........................ ୫୦
**ସୁଷମା ଶୋଭିତ ମସୌରୀ** କୁଞ୍ଜବିହାରୀ ସାହୁ............... ୫୦
**ଆକାଂକ୍ଷା** ଦେବଯାନୀ ରାୟ.................... ୫୧
**ବିଶ୍ୱାସ** ଡ. ଚିତ୍ରାକାନ୍ତୀ ସେଠୀ.............. ୫୨

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**
- **ଶ୍ରୀ ଦେବ ପଟ୍ଟନାୟକ**
- **ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
- **ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
- **ଡା. ଅମରେନ୍ଦ୍ରନାଥ ଦାସ**

## ତନ୍ମାତ୍ର

**ମୌଳିକ କଥାବସ୍ତୁ ଉପରେ ନିର୍ମିତ ଚଳଚ୍ଚିତ୍ର**
**"ଅନନ୍ତା"**.............................................................. ୫୩

## ଖେଳ ଓ ଖେଳାଳୀ

**ଭାରତୀୟ ଫୁଟବଲର କାଲି, ଆଜି ଓ ଆସନ୍ତାକାଲି**.. ୫୪

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୫

**ପଢ଼ନ୍ତୁ ! ପଢ଼ନ୍ତୁ !**
**ମାସିକ ଓଡ଼ିଆ ପତ୍ରିକା**




**ଯୋଗାଯୋଗ ଠିକଣା**
**ସହଯୋଗୀ ସଂପାଦକ : ସମାରୋହ**
**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**
**ଫୋନ୍ ନମ୍ବର : ୦୬୭୪-୨୩୫୪୮୬୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**
E-mail: thesamaroha@gmail.com

| **ସମାରୋହର ଦେୟ** | |
|---|---|
| | ବାର୍ଷିକ................ଟ. ୩୦୦.୦୦ ଦ୍ୱିବାର୍ଷିକ...............ଟ. ୬୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୯୦୦.୦୦ ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* |

# ସଂ ପା ଦ କୀ ୟ

## ଅନ୍ତିମ ବାନ୍ଧବ

ରଥାରୂଢ଼ ଜଗତର ନାଥ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଜୁଲାଇ ମାସର ସମ୍ପାଦକୀୟ ଲେଖିବାକୁ ପ୍ରଚେଷ୍ଟା କରୁଛି। ଜାଣେନାହିଁ- ଏ କଲମ କେଉଁ ଦିଗକୁ ଗତି କରି ପାରିବ।

ଶୁଣିବାକୁ ପାଇଲି ଅନ୍ତିମ ଶବ୍ଦଟା ସମସ୍ତଙ୍କୁ ଶ୍ରୁତିକଟୁ ହେଲା ଏବଂ ବହୁ ପ୍ରଶ୍ନର ସମ୍ଭାବନା ନିଶ୍ଚିତ ମନକୁ ଆସିଥିବ। ଏ ସଂସାରର ସାମାନ୍ୟ ପିମ୍ପୁଡ଼ି ଠାରୁ ହୀନ ହୋଇ, ରୁଖା ଉପରେ ଚଢ଼ି ନିଜକୁ ପ୍ରତିଷ୍ଠା କରିବାର ଚେଷ୍ଟାରେ ଲାଗି ରହିଛି ନିଶ୍ଚିତ। ଥକି ପଡ଼ିବା ପରେ ଭାବିଥିଲି ମୋର ପାଠକ ଗଣ ମୋତେ ବୁଝିପାରିବେ। ଜାଣେନାହିଁ- ସେମାନଙ୍କର ଉତ୍କଣ୍ଠା ବା ମୋ ମନର ଅହଂଭାବ ମୋତେ ପୁଣି ସମ୍ପାଦକୀୟ ଲେଖିବାର ସୂଚନା ଦେଇ, କଲମ ଦ୍ୱାରା ଲେଖାଇ ଚାଲିଛି।

ବଡ଼ଦାଣ୍ଡରେ ପ୍ରଭୁ ସୁନାବେଶରେ ସଜ୍ଜିତ। କଳ୍ପନାରେ ତାଙ୍କ ରୂପ ଦେଖି ପ୍ରଣାମ କରିଛି। ସେଇ ଏକା ମୋର ନିଜର ଏକାନ୍ତ ଆପଣାର ଅନ୍ତିମ ବାନ୍ଧବ। ତାଙ୍କୁଇ ଆଶ୍ରା କରି ଏପର୍ଯ୍ୟନ୍ତ ଝୁଣ୍ଟି, ପଡ଼ି, ଉଠି କିଛି କରି ଚାଲିଥିଲି। ତେଣୁ ସେହି ମୋତେ ସହାୟ ହୁଅନ୍ତୁ- "ଯଦି ମୁଁ ତାଙ୍କର ପ୍ରକୃତ ପ୍ରିୟ ଭକ୍ତ ହୋଇ ପାରିଥାଏ।"

ବର୍ତ୍ତମାନ ଯୁଗର ପ୍ରିୟ ଭକ୍ତ ହେଲେ ଆଦାନି, ଅମ୍ବାନି ପ୍ରଭୃତି। ତାଙ୍କର ପ୍ରଭୂତ ଅର୍ଥରେ "ଜଗତବାସୀ ଓ ଜଗତର ନାଥ" ପୌଷ୍ଟିକ ପୋଷଣ ପରିତୃପ୍ତ ପ୍ରାଣ ହୋଇ ଆନ୍ତରିକ ଆଶୀର୍ବାଦର ମୁଦ୍ରା ଢାଳି ଚାଲିଥିଲେ ଏବଂ ଆଗକୁ ମଧ୍ୟ ଏହା ଘଟିପାରିବା ସମ୍ଭବ ହୋଇପାରିବ। ପ୍ରଭୁ ଆଉ ଦିନଟିଏ ମଧ୍ୟ ପଣ୍ଡା କିମ୍ବା ସୁଆର ମାନଙ୍କର ମନୋମାଳିନ୍ୟ ନହୋଇ ପରିତୃପ୍ତି ପାଇ ଦେଶବାସୀଙ୍କୁ ସର୍ବ ସମ୍ପଦ ଓ ସୁଖ, ଶାନ୍ତି ଅଜାଡ଼ି ଦେଇ ପାରିବେ। ଆଉ ବନ୍ୟା, ବାତ୍ୟା, ଦୈବ ଦୁର୍ବିପାକ କିଛି ଘଟିବାର ସମ୍ଭାବନା ରହିବ ନାହିଁ। ଜଗତବାସୀ କୋଠା ଉପରେ କୋଠା ତୋଳିବାରେ ବ୍ୟସ୍ତ ରହିବେ ନିଜର ସୁଖ ସୁବିଧା ନିମନ୍ତେ।

ବୋଧହୁଏ କିଛି ବର୍ଷ ତଳେ ଉତ୍ତରପ୍ରଦେଶର କେତେକ ମନ୍ଦିରରେ ସୁନାର ଛାଉଣି କରାଯାଇଥିଲା। ଏବେ ସେ ସବୁ ଅଛି ନା ବର୍ଷା ବାତ୍ୟାରେ ଧୋଇ ହୋଇ ଯାଇ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି, ଜାଣିବା ସମ୍ଭବ ହୋଇନାହିଁ। ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ମନ୍ଦିର ଦ୍ୱାରରେ କିଏ ସବୁ ବ୍ୟକ୍ତିମାନେ ଦାନ କରିଥିବା- ସୁନା ଓ ରୂପାର ଛାଉଣୀ ହୋଇଯାଇଥିବ। ଆମମାନଙ୍କ ପରି ନିଃସ୍ୱ ପାପୀ ମାନଙ୍କୁ ସେସବୁ ଦର୍ଶନ କରିବାର ସୁଯୋଗରୁ ସମ୍ପୂର୍ଣ୍ଣ ବଞ୍ଚିତ କରାଯାଇଛି। ତେଣୁ ପିମ୍ପୁଡ଼ିଟିଏ ହୋଇ ରୁଖା ଉପରେ ବସି ଥିଲେ ମଧ୍ୟ ଆଖି ଖୋଲି ସେ ସମସ୍ତ କାରୁକାର୍ଯ୍ୟ ଦେଖିବାର ସୁଯୋଗ ଆସିପାରିନାହିଁ। ଦର୍ଶନ ହୁଏ ଏହି ରଥଯାତ୍ରା ସମୟରେ- ପହଣ୍ଡି ବିଜେ ଠାରୁ ରଥ ଉପରେ ଆରୂଢ଼ ହୋଇ ଆଗକୁ ଗତି କରିବାର। ସେ ସୁଯୋଗରୁ ମଧ୍ୟ ବଞ୍ଚିତ ହେବାକୁ ବାଧ୍ୟ ହୋଇଛି- ପୁରୁଣା ଟି.ଭି. ଛାଡ଼ିଦେଇ ନୂଆ ଟି.ଭି. ଲାଗିଯାଏ। ତାଙ୍କରି ଇଚ୍ଛାରେ ଜଗତ ଚାଲିଛି। ମୁଁ କ'ଣ ଜଗତ ବାହାରର ଜୀବ? ମୋତେ ଦେଖିବା ନିମନ୍ତେ ସେ ଶୂନ୍ୟରୁ ଓହ୍ଲାଇ ଆସିବେ ଓ ତାଙ୍କ ପାଦତଳେ ପଡ଼ି କରୁଣା ଭିକ୍ଷା କରି ଚାଲୁଥିବି? ଭଜନଟିଏର ପଦଟିଏ ଥିଲା-

"ଜୟ ଶଙ୍ଖ ଗଦାଧର, ନୀଳ କଳେବର
ପାଟ ପୀତାମ୍ବର ଦେହି ପଦଂ
ଜୟ ଭକ୍ତଜନାଶ୍ରୟ ମଙ୍ଗଳ କାରଣ
ଅନ୍ତିମ ବାନ୍ଧବ ଦେହୀ ପଦଂ।"

ବହୁତ କିଛି ବିସ୍ମରଣ ଘଟି ଗଲାଣି। ପୂର୍ବର ବିଦ୍ୟା, ବୁଦ୍ଧିର ଅବକ୍ଷୟ ଘଟି ଚାଲିଛି। ନିଜକୁ ନିଜେ ନିଜ ମାପରେ ତଉଲି ପୂର୍ବ ସମ୍ପାଦକୀୟଟିକୁ ଅନ୍ତିମ ବୋଲି ସ୍ଥିର କରି ଲେଖି ଦେଇଥିଲି। ଆଜି ପୁଣି ମୁଁ ଲେଖିଲି ନିଜର ଅଙ୍ଗେନିଭା ଅନୁଭୂତି। ଆପଣ ଯେଉଁମାନେ ମୋତେ ଭଲପାଇ ଉତ୍ସାହ ଦେଇ ଚାଲିଛନ୍ତି, ତାଙ୍କୁ ସମ୍ପୂର୍ଣ୍ଣ ପ୍ରଣିପାତ ଦେଇ ମୁଁ ନିଜକୁ ବିରତି ଦେଉଛି। ଦୟା ଓ କ୍ଷମାର ପାତ୍ର ହେବା ଚଉରାନବେ ବର୍ଷର ବୃଦ୍ଧା ପାଖରେ କିଛି ଅସମ୍ଭବ ନୁହେଁ। ତେଣୁ ମୋର ପରିସ୍ଥିତିକୁ ସମ୍ମାନ ଦେଇ ମୋତେ ଗ୍ରହଣ କରିବେ। ମୁଁ କେବଳ ଆପଣମାନଙ୍କର ଶୁଭାକାଂକ୍ଷୀ ନୁହେଁ, ଜଗତବାସୀଙ୍କର ମଧ୍ୟ ମଙ୍ଗଳାକାଂକ୍ଷୀ।

ହରି ଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ

ସୌଦାମିଣୀ ମିଶ୍ର

ପ୍ରବନ୍ଧ

# ପଦ୍ମଶ୍ରୀ ସଦାଶିବ ରଥଶର୍ମାଙ୍କର ଅନୁସନ୍ଧାନ ଦୃଷ୍ଟିକୋଣ

**ଦେବୀ ପ୍ରସନ୍ନ ନନ୍ଦ**

ଅନନ୍ତ କୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା, ପାଳକ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କରୁଣା ବଳରେ ତାଙ୍କର ମହିମା ମହାତ୍ମ୍ୟର ପ୍ରଚାର ପ୍ରସାର କରିବାରେ ଯେଉଁ ଆଧାତ୍ମ୍ୟ-ପୁରୁଷମାନେ ସ୍ୱଜୀବନର ପୁରୋଭାଗ ବିନିଯୋଗ କରିଥିଲେ ତନ୍ମଧ୍ୟରେ ପୁରୀଜନ୍ମିତ ଯଶସ୍ୱୀ ପଣ୍ଡିତ ସଦାଶିବ ରଥଶର୍ମା ପଦ୍ମଶ୍ରୀ ଥିଲେ ଅନ୍ୟତମ। ରଥଶର୍ମାଙ୍କ ଜୀବନ ଚରିତ ତଥା କାର୍ଯ୍ୟାବଳୀକୁ ଅବଲୋକନ କଲେ ଜଣାଯାଏ ଯେ ଏଭଳି ଦୈବୀଚେତନା, ବିପୁଳ ଅଧ୍ୟୟନଲବ୍ଧ ପାଣ୍ଡିତ୍ୟ, ବିଦ୍‌ବତ୍ତା ଆଦି ଅର୍ଜନ କରିବାର ସଫଳତା କେବଳ ମହାପ୍ରଭୁଙ୍କ ଶ୍ରୀଚରଣରେ ସଂପୂର୍ଣ୍ଣ ସମର୍ପଣ ଦ୍ୱାରା ହିଁ ସମ୍ଭବ ହୋଇପାରେ। ପ୍ରତ୍ୟେକ ମଣିଷ ଜୀବନରେ ବୌଦ୍ଧିକ ସଫଳତା ହୋଇପାରେ ନିଜସ୍ୱ ସାଧନା ଓ ଅଧ୍ୟବସାୟ ଉପରେ ନିର୍ଭରଶୀଳ ଯାହା ବ୍ୟକ୍ତିର ଜୀବନକାଳ ମଧ୍ୟରେ ତଥା ପରକାଳରେ ସ୍ୱୀକୃତି ଲାଭ କରିବା ସମ୍ଭବ ହୋଇଥାଏ।

ଶୈଶବରେ ମାତୃହରା ସଦାଶିବ ବିଦ୍ୟାର୍ଜନ ବୟସରେ ଫଳଶୂନ୍ୟ ଉପାୟରେ ଅନେକ କାଳ ବ୍ୟୟିତ କରିବାରେ ପିତା ପ୍ରସିଦ୍ଧ କର୍ମକାଣ୍ଡୀ ପଣ୍ଡିତ ରାମଚନ୍ଦ୍ର ଚିନ୍ତାଶୀଳ ଥିଲେ। ହେଲେ ପୁତ୍ରର କୁଣ୍ଡଳୀ ବିଚାର କରି ଭବିଷ୍ୟତ ପାଣ୍ଡିତ୍ୟ କ୍ଷେତ୍ରରେ ଉଜ୍ଜ୍ୱଳମୟ ବୋଲି ଜାଣି ନିଶ୍ଚିତ ଥିଲେ। ବିଭିନ୍ନ ବିଦ୍ୟାଳୟରେ ଭର୍ତ୍ତି ହୋଇ କୌଣସିଥିରେ ବ୍ୟବସ୍ଥିତ ବିଦ୍ୟାଗ୍ରହଣ କ୍ଷେତ୍ରରେ ବିଫଳ ହେଇ ଅନେକ ସମୟ ଇତସ୍ତତଃ ବୁଲି ଯେଗା ଆଖଡ଼ା ସହିତ ସଂପୃକ୍ତ ହେଇ ଖେଳ କସରତ ମଉଜ ମଜଲିସ୍‌ରେ ଅତିବାହିତ କରିବା ପରେ ଦିନେ ରେଳରେ ବ୍ରହ୍ମପୁରରୁ ପୁରୀ ଫେରିବା ବେଳେ ଜଣେ ଖ୍ରୀଷ୍ଟିଆନ ପାଦ୍ରୀଙ୍କ ଦ୍ୱାରା ରଥଯାତ୍ରାରେ ତାହୁକ ତୁଣ୍ଡରେ ଅସଭ୍ୟ ଭାଷା କୁହାଯାଉଥିବା ତଥା ମନ୍ଦିର ଦେହରେ ଅସଭ୍ୟ ଚିତ୍ରଣମାନ ରହିଥିବା କାରଣ ବିଷୟରେ କିଛି ସନ୍ତୋଷଜନକ ଉତ୍ତର ନଦେଇ ପାରି ନିଜକୁ ଲଜ୍ଜିତବୋଧ କଲେ। ବ୍ରାହ୍ମଣ କୂଳରେ ଜନ୍ମନେଇ ପୁରୀର ବାସିନ୍ଦା ହେଇ ଏସବୁ ସାଧାରଣ ବିଷୟରେ ଅଜ୍ଞ ଥିବାରୁ ନିଜକୁ ଧିକ୍କାର କଲେ। ତହୁଁ ବିଭିନ୍ନ ବିଷୟରେ ମନରେ ଶଙ୍କା ଜାତ ହେଲା, ଜିଜ୍ଞାସା ବଢ଼ିଲା। ମନରେ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କୁ ନେଇ ବହୁ ପ୍ରଶ୍ନ ଉଙ୍କି ମାରିଲା। ପଥୁରିଆ ସାହିର ବାସସ୍ଥାନ ନିକଟରେ ରହୁଥିବା ବିଦ୍ୱାନମାନଙ୍କୁ ସାକ୍ଷାତ କରି ପ୍ରଶ୍ନମାନ ପଚାରିଲେ। ସନ୍ତୋଷଜନକ ଉତ୍ତର ନପାଇ ମନ ଆନ୍ଦୋଳିତ ହେଲା। ଆହୁରି ଅଧିକ ଜାଣିବା ପାଇଁ ଅଧ୍ୟୟନ ହିଁ ଏକମାତ୍ର ବିକଳ୍ପ ବୋଲି ମନରେ ହେଜିଲେ। ଦୈବାତ୍ ଭିତରଛ ମହାପାତ୍ରଙ୍କ ସହିତ ସଂପର୍କ ବଢ଼ିଲା। ପ୍ରଶ୍ନୋତ୍ତର ମାଧ୍ୟମରେ କିଛି ଶଙ୍କା ଦୂର ହେଲା। ନିୟମିତ ପ୍ରତ୍ୟୁଷରେ ଶ୍ରୀମନ୍ଦିର ଯିବାରେ ମହାପ୍ରଭୁଙ୍କ ସାନ୍ନିଧ୍ୟ ମିଳିଲା , କ୍ରମେ ଶ୍ରୀମନ୍ଦିର ତାଙ୍କର ବିକଳ୍ପ ଗୃହ ହେଇଗଲା। ଏମିତିକି ଅନେକ ଥର ସେ ଦେଉଳ ଭିତରେ ଲୁଚିରହି ରାତ୍ରିଯାପନ ମଧ୍ୟ କରିଛନ୍ତି ଏବଂ ବହୁ ଅଲୌକିକ ଅନୁଭୂତି ପ୍ରାପ୍ତ ହୋଇଛନ୍ତି।

ପ୍ରତ୍ୟହ ମନ୍ଦିରରେ ଦୁଆରଫିଟା ବେଳକୁ ପହଞ୍ଚି ଯାଉଥିଲେ ଯୁବକ ସଦାଶିବ। ମଙ୍ଗଳଆଳତି ପୂର୍ବରୁ ଜଗମୋହନରେ ଭଜନ କୀର୍ତ୍ତନରେ ନିଜକୁ ହଜାଇ ଦେଉଥିଲେ କିଛି ଭକ୍ତଙ୍କ ସହିତ। ମହାପ୍ରଭୁଙ୍କ ଆଳତି ଅବକାଶ ବଢ଼ିବା ପରେ ଅନେକ ସମୟ କଟିଯାଏ ଶ୍ରୀମନ୍ଦିରରେ ବରିଷ୍ଠ ସେବକ, ପଣ୍ଡିତ, ବିଦ୍ୱାନମାନଙ୍କଠାରୁ ବିଭିନ୍ନ ତତ୍ତ୍ୱ ଓ ତଥ୍ୟ ସଂଗ୍ରହ କରିବାରେ। କ୍ରମେ ଆରମ୍ଭ ହୁଏ ଅଧ୍ୟୟନ ପର୍ବ। ସଦାଶିବ ପହଞ୍ଚନ୍ତି ଏମାର ମଠର ରଘୁନନ୍ଦନ ଲାଇବ୍ରେରୀରେ। ଜ୍ଞାନ ପିପାସୁ ଓ ଜ୍ଞାନର ଭଣ୍ଡାର ମଧ୍ୟରେ ରହିଥିବା ଦୂରତା ଦୂରୀଭୂତ ହୁଏ। ରଘୁନନ୍ଦନ ଲାଇବ୍ରେରୀରେ ରହିଥିବା ସହସ୍ରାଧିକ ଅମୂଲ୍ୟ ପୁସ୍ତକ ତଥା ଶତାଧିକ ପ୍ରାଚୀନ ତାଳପତ୍ର ପୋଥି ସମ୍ଭାର ସହିତ ଅକାତର ଯୋଡ଼ି ହୋଇଯାଆନ୍ତି ସେ। ନିୟମିତ ବହୁ ସମୟ ଧରି ଲାଇବ୍ରେରୀରେ ପଠନରତ ରହି ବିଭିନ୍ନ ତଥ୍ୟ ଟିପି ରଖି ନିଜର ଅଧ୍ୟବସାୟ ଜାରି ରଖନ୍ତି। ତତ୍କାଳୀନ ମହନ୍ତ ମହାରାଜ ଶ୍ରୀନିବାସ ରାମାନୁଜ ଦାସଙ୍କ ଶ୍ରଦ୍ଧାଭାଜନ ହୁଅନ୍ତି ଏବଂ ସମୟ କ୍ରମେ ଲାଇବ୍ରେରୀର ବୁଝାସୁଝା ଦାୟିତ୍ୱ ବହନ କରନ୍ତି। ପୁସ୍ତକ ପଠନ ସହିତ ପୋଥିର ଭାଷା ପଢ଼ି ବୁଝିବା ପାଇଁ ବିପୁଳ ବୌଦ୍ଧିକ ଶ୍ରମ ବିନିମୟରେ ସକ୍ଷମ ହୋଇଛନ୍ତି ପ୍ରଚୁର ପଠନଜନିତ ଆତ୍ମବିଶ୍ୱାସକୁ ପାଥେୟ କଲାପରେ ମନ ବଳାଇଛି ପ୍ରବନ୍ଧ ରଚନା ପାଇଁ। ମହାପ୍ରଭୁଙ୍କ ମହିମା, ଶ୍ରୀମନ୍ଦିରର ଐତିହ୍ୟ ତଥା ଶଙ୍କର, ରାମାନୁଜ ଓ ଚୈତନ୍ୟ ପ୍ରଭୃତି ଧର୍ମଗୁରୁମାନଙ୍କ ଆଗମନରେ ମହାପ୍ରଭୁଙ୍କ ରୀତିନୀତି ଉପରେ ପ୍ରଭାବ ବିଷୟରେ ପଢ଼ାପଢ଼ି କରି ସେ କିଛି ତଥ୍ୟ ସଂଗ୍ରହ ପୂର୍ବକ ନିଜସ୍ୱ ଭାଷାରେ ପ୍ରକାଶ କରନ୍ତି। ପ୍ରଥମ ପ୍ରବନ୍ଧଗୁଡ଼ିକୁ ନେଇ ଅତି

ସନ୍ତର୍ପଣ ସହକାରେ ଯେଉଁ  ବିଦ୍ୱାନମାନଙ୍କୁ ଦେଖାଇଛନ୍ତି ସେଥିରେ ବିଶେଷ ଉତ୍ସାହିତ ହୋଇନାହାନ୍ତି, ମାତ୍ର ସେଥିରେ ସେ ପଶ୍ଚାତ୍‌ପଦ ନହୋଇ ପୁଣି ଆଗକୁ ବଢ଼ିଛନ୍ତି। ଶେଷରେ 'ସହକାର' ପତ୍ରିକାର ସଂପାଦକ ବାଗ୍ମୀ ବାଳକୃଷ୍ଣ କର ମହୋଦୟଙ୍କ ଅନୁଗ୍ରହରୁ ସଦାଶିବଙ୍କ ପ୍ରଥମ ସଂପୂର୍ଣ୍ଣ ପ୍ରବନ୍ଧ 'ଜଗନ୍ନାଥ ମନ୍ଦିରରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରଭାବ' ୧୯୪୭ରେ ପ୍ରକାଶ ପାଇଲା। ସେତେବେଳକୁ ତାଙ୍କ ବୟସ ପ୍ରାୟ ୨୦। ତା'ପରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି ଶତାଧିକ ପ୍ରବନ୍ଧ। ଜଗନ୍ନାଥ ମନ୍ଦିରରେ ବୌଦ୍ଧଧର୍ମର ପ୍ରଭାବ,ରକ୍ତବାହୁ ଆକ୍ରମଣର କୁପ୍ରଭାବ, ପ୍ରାଚୀନ ଉତ୍କଳର ସମରକଳା, ନୌଯୁଦ୍ଧ, ଶ୍ରୀମନ୍ଦିରର ରୀତିନୀତି, ପର୍ବପର୍ବାଣୀ, କଳାସ୍ଥାପତ୍ୟ ଇତ୍ୟାଦି ଅନେକ ବିଷୟ ତାଙ୍କ ପ୍ରବନ୍ଧର ଆଧାର।

ପ୍ରଥମ ପ୍ରକାଶନ ପରେ ଉତ୍ସାହ ବଢ଼ିଛି, ଅନୁସନ୍ଧିତ୍ସା ମଧ୍ୟ ବହୁଗୁଣିତ ହୋଇଛି। ବ୍ରାହ୍ମଣ କର୍ମରେ ପ୍ରବୀଣ ପିତାଙ୍କ ସାଙ୍ଗରେ ଯେତକ ଦିନ ରହିଛନ୍ତି ସେଥିରେ କର୍ମକାଣ୍ଡ ବିଷୟରେ ଜ୍ଞାନ ଆହରଣ କରିଛନ୍ତି। ପଥୁରିଆ ସାହିର ସ୍ୱନାମଧନ୍ୟ ପଣ୍ଡିତ ବାସୁଦେବ ମିଶ୍ରଙ୍କ ପ୍ରାଞ୍ଜଳ ସଂସ୍କୃତ ବ୍ୟାଖ୍ୟାନକୁ ଅନୁକରଣ କରିବାକୁ ଚେଷ୍ଟା କରିଛନ୍ତି। ବିଖ୍ୟାତ ପ୍ରାବନ୍ଧିକ ଜଗବନ୍ଧୁ ସିଂହଙ୍କ ସମ୍ପର୍କରେ ଆସି ଅନେକ ବୌଦ୍ଧିକ ଶଙ୍କା ଦୂର କରିଛନ୍ତି। ବଦଳି ଯାଇଛି ଜୀବନଚର୍ଯ୍ୟା। ପଛରେ ରହିଛି ଯାଇଛି ମଉଜ ମଜ୍‌ଲିସର ଦିନ। କେବଳ ନିଘା ରହିଛି ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ। ମନ ଲାଖିରହିଛି ଶ୍ରୀମନ୍ଦିର ଓ ରଘୁନନ୍ଦନ ପାଠାଗାରରେ। ଗବେଷଣାର ଦ୍ୱାର ଉନ୍ମୁକ୍ତ ହୋଇଛି ତାଙ୍କ ପାଇଁ। ବହି ସବୁ ପଢ଼ାପଢ଼ି କରି ଲେଖି ବସିଲେ ଦିନରାତି ଜଣାପଡ଼େନି। ଏକାଗ୍ର ଚିତ୍ତରେ ସେ ଯାହା ରଚନା କରିଯାଇଛନ୍ତି ସେଗୁଡ଼ିକ ଅନ୍ୟ ଗବେଷକମାନଙ୍କ ପାଇଁ ମାଗଦର୍ଶକ ଭାବେ ଉଭା ହୋଇଛି।

ରଘୁନନ୍ଦନ ପାଠାଗାରରେ ରଥଶର୍ମାଙ୍କ ପୋଥି ସହିତ ସଂପୃକ୍ତି ବିଷୟ ଜଣା ପଡ଼ିବାରେ ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ଡ. ପ୍ରାଣକୃଷ୍ଣ ପରିଜାଙ୍କ ଡାକରାରେ ବିଶ୍ୱବିଦ୍ୟାଳୟର ପାଠାଗାର ପାଇଁ ତାଳପତ୍ର ପୋଥି ସଂଗ୍ରାହକ ଭାବେ ୧୯୪୭ରେ ଯୋଗଦେଲେ। ପାଉଣା ମାସିକ ମାତ୍ର ଶହେଟି ଟଙ୍କା, ବିଭିନ୍ନ ବ୍ରାହ୍ମଣ ଶାସନ ବୁଲି, ଲୋକଙ୍କୁ ବୁଝାଇ ପୋଥି ସବୁ ସଂଗ୍ରହ କରି ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଜମା ଦେବା କାର୍ଯ୍ୟ ପ୍ରାୟ ୧୯୬୯ ପର୍ଯ୍ୟନ୍ତ ବିନା କୌଣସି ସ୍ୱୀକୃତିରେ ଚଳାଇଥିଲେ। ପୋଥି ପାଇଁ ଅଦମ୍ୟ ଦୁର୍ବଳତା ଏବଂ ଐତିହ୍ୟ ସଂରକ୍ଷଣ ପାଇଁ ସଂକଳ୍ପ ଥିଲା ଏ କାର୍ଯ୍ୟର ଆଧାର। ସେତେବେଳେ ସ୍ୱାଧୀନ ଭାରତରେ ଆଧୁନିକତାର ପ୍ରଭାବରେ ଲୋକେ ପୁରୁଣା ପୋଥିରୁ ମୁହଁ ଫେରାଇ ଛପାବହି ପ୍ରତି ବେଶୀ ଆକର୍ଷିତ ଥିଲେ। ପୋଥିସବୁ ଅଧ୍ୟୟନ କରି ପ୍ରାଚୀନ ଶାସ୍ତ୍ର ସମୂହର ଉଦ୍ଧାର ତଥା ବ୍ୟାଖ୍ୟା ଓ ପ୍ରକାଶ କରିବା ତାଙ୍କ ଜୀବନର ଧେୟ ହୋଇଥିଲା। ତା'ଛଡ଼ା ସେ ବହୁ ସଂଖ୍ୟକ ଗୁଣାଗ୍ରାହୀ ଭକ୍ତ ସୃଷ୍ଟି କରି ପାରିଥିଲେ। ଏହି କାର୍ଯ୍ୟ ବଳରେ ସେ ଲେଖକରୁ ଗବେଷକ ଭାବେ ପରିଚିତ ହୋଇଥିଲେ। 'ଜଗନ୍ନାଥ ଐତିହାସିକ ଗବେଷଣା ସମିତି' ପୁରୀରେ ଉତ୍କଳମଣୀଙ୍କ ଉଦ୍ୟମରେ ଗଠିତ ହୋଇ ପଣ୍ଡିତ ନାରାୟଣ ଶିରୋମଣିଙ୍କୁ ମୁଖ୍ୟ କରାଯାଇଥିଲା। ପଣ୍ଡିତ ମହାଶୟ ସେ ସମିତିର ଗବେଷକ ଭାବରେ କାର୍ଯ୍ୟ କରିଥିଲେ।

ନିୟମିତ ପ୍ରତ୍ୟୁଷରୁ ଦେଉଳରେ ଅନେକ ସମୟ କାଟିବା ଭିତରେ ସେ ଦେଖିଲେ ଯେ ଭକ୍ତଗଣ ବିକ୍ଷିପ୍ତ ଭାବରେ ବସି ଜପ ତପ ପ୍ରାର୍ଥନା ଆଦି କରୁଥିଲେ। ସଦାଶିବ ସେମାନଙ୍କୁ ଏକତ୍ର ବସି ଭଜନ ତଥା ପ୍ରଭୁଙ୍କ ଗୁଣଗାନ କରିବା ପାଇଁ ପ୍ରବର୍ତ୍ତାଇଲେ। ପ୍ରଥମେ କିଛି ଲୋକ ଆସିଲେ। କୀର୍ତ୍ତନ ଚକଡ଼ାରେ ବସି 'ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ...' ଗଣ ଗାୟନରେ ପରେ ବହୁ ଲୋକ ଆକର୍ଷିତ ହୋଇ ଆସିଲେ। ସଦାଶିବ ତାଙ୍କ ବକ୍ତବ୍ୟରେ ସେହି ଦିନର ରୀତିନୀତି, ବିଶେଷ ଦିନମାନଙ୍କର ମହାତ୍ମ୍ୟ ଆଦି ବଖାଣିଲେ। ନିଜର ପ୍ରଚଣ୍ଡ ବାକ୍‌ପଟୁତା ବଳରେ ବହୁ ଭକ୍ତଙ୍କୁ ବାନ୍ଧି ରଖି ପାରିଥିଲେ। ଏହି ସତ୍‌ସଙ୍ଗ ନିୟମିତ ହେଲା। ମଙ୍ଗଳଆଳତି ଦର୍ଶନ କରିବା ପରେ ମଧ୍ୟ ଆସର ବହୁ ସମୟ ପର୍ଯ୍ୟନ୍ତ ଚାଲିଲା। ୧୯୫୦ରେ ବିଧିବଦ୍ଧ ଭାବେ 'ନୀଳାଦ୍ରି ସତ୍‌ସଙ୍ଗ' ନାମରେ ନାମିତ ହେଲା। ଆନନ୍ଦର କଥା ସଦାଶିବଙ୍କ ପରେ କନିଷ୍ଠ ପୁତ୍ର ସୂର୍ଯ୍ୟନାରାୟଣ ରଥଶର୍ମା ଏହି ସତ୍‌ସଙ୍ଗ ନିୟମିତ ଚଳାଇ ଆସୁଛନ୍ତି।

ଅଧ୍ୟୟନ, ଗବେଷଣା, ଲିଖନ, ସଂପାଦନା, ପ୍ରକାଶନ, ପ୍ରବଚନ ସବୁ କାର୍ଯ୍ୟ ଏକାଧାରାରେ ଚାଲିଥିଲା। ସଭାସମିତି ମାନଙ୍କରେ ଉଦ୍‌ବୋଧନ ଦେଲାବେଳେ ତାଙ୍କ କଥା ଲୋକଙ୍କ ହୃଦୟକୁ ଛୁଉଁଥିଲା। ଭାଷଣର ବ୍ୟାକରଣ ସେ ଆୟତ କରିପାରିଥିଲେ। ବିଷୟବସ୍ତୁ କେଉଁଠୁ ଆରମ୍ଭ କେଉଁଠି ଶେଷ କଲେ ଭଲ ହେବ ସେ କଥା ସେ ଜାଣିଥିଲେ। ଅନ୍ୟ ଉପାଧିଧାରୀ ପଣ୍ଡିତମାନେ ତତ୍ତ୍ୱର ବ୍ୟାଖ୍ୟା କଲାବେଳେ ସଦାଶିବ ଶ୍ଳୋକଖଣ୍ଡ ଉଦ୍ଧାର କରି ଲୋକଭାଷାରେ ଅତି ସରଳ ଭାବରେ ବୁଝାଇ ପାରୁଥିଲେ, ଏଣୁ ଲୋକପ୍ରିୟତା ବଢ଼ିବା ସହିତ ଅନ୍ୟ ପଣ୍ଡିତମାନଙ୍କ ଅସୂୟାଭାବର ଶିକାର ହୋଇଛନ୍ତି। ଅହେତୁକ ନିନ୍ଦା ଅପଯଶ ଶୁଣିଛନ୍ତି, ହେଲେ ଆକ୍ଷେପକୁ ଭୃକ୍ଷେପ କରିନାହାଁନ୍ତି। ସମାଲୋଚନାକୁ ସଶ୍ରଦ୍ଧ ଗ୍ରହଣ କରିଛନ୍ତି।  ଆତ୍ମନିଷ୍ଠ ହୋଇ ଲକ୍ଷ୍ୟପଥରେ ଆଗେଇ ଥାଆନ୍ତି। ଦିନକୁ ଦିନ ଅଧିକ ସଭାକୁ ନିମନ୍ତ୍ରଣ ଆସେ। ବିଭିନ୍ନ ମଠ ମନ୍ଦିର ଧର୍ମସଭା, ପୂଜାପାର୍ବଣ ଅବସରରେ ଭାଷଣ ମାଧ୍ୟମରେ ମହାପ୍ରଭୁଙ୍କ ଗୁଣଗାନ କରି ଜୀବନକୁ ସାର୍ଥକ ମଣୁଥାନ୍ତି।

ଶ୍ରୀମନ୍ଦିରରେ ପ୍ରାତଃ ଆସରରେ କ୍ରମେ ଭକ୍ତସଂଖ୍ୟା ବଢ଼ିବାରୁ ଆସର କୀର୍ତ୍ତନ ଚକଡ଼ାରୁ ଯାଇ ନିଶାତଳେ ସମ୍ପନ୍ନ ହେଉଥିଲା। ପ୍ରତ୍ୟହ ଗୀତଗୋବିନ୍ଦ ଆଦି ଭଜନ ସହିତ ହନୁମାନ ଚାଳିଶା ପାଠ କରାଯାଉଥିଲା। ଭିତରଛୁ ମହାପାତ୍ରଙ୍କ ପରାମର୍ଶରେ ବିଷ୍ଣୁ ସହସ୍ରନାମ ପାଠ କରାଯିବା ପାଇଁ ସ୍ଥିର ହେଲା, ତେଣୁ 'ସଦ୍‌ଗ୍ରନ୍ଥ ନିକେତନ' କର୍ତ୍ତୃକ 'ପାଠରତ୍ନମ୍' ନାମକ କ୍ଷୁଦ୍ର ବହିଟି ପ୍ରକାଶ ପାଇ ବିପୁଳ ଆଦୃତି ଲାଭ କଲା। ଭକ୍ତଗଣ ହାତରେ ଏହି ପୁସ୍ତିକାଟି ଧରି ପାଠ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହେଲା। ବିଶେଷ କରି କାର୍ତ୍ତିକ ମାସରେ ଏହି ଆସରର କଳେବର ବୃଦ୍ଧି ପାଇ ଏକ ବିଶାଳ ଧର୍ମସଭା ଭାବେ ଉଭା ହେଲା। ବହୁସଂଖ୍ୟାରେ ହବିଷ୍ୟାଳୀ ଏଥିରେ ସଂପୃକ୍ତ ହେଇ ପ୍ରଭୁଙ୍କ ନାମ ନେଇ ଉଦ୍‌ବୁଦ୍ଧ ହେଲେ। ଶତାଧିକ ଭକ୍ତଜନଙ୍କ ସାମୂହିକ 'ଗୋପାଳ ସହସ୍ରନାମ' ପାଠଜନିତ ଦିବ୍ୟ ମୂର୍ଚ୍ଛନା ମନ୍ଦିର ବାଡ଼ରେ ପ୍ରତିଧ୍ୱନିତ

ହୋଇ ପାଟ ଅଗଣାରେ ଆଗନ୍ତୁକ ଭକ୍ତମାନଙ୍କୁ ପ୍ରଭାବିତ କଲା। ଏହି ଭକ୍ତ ସମାବେଶର କେନ୍ଦ୍ରବିନ୍ଦୁ ପଣ୍ଡିତ ରଥଶର୍ମା ପ୍ରତ୍ୟହ ଆସରକୁ ସଂଚାଳନ କରୁଥିଲେ। ମହାପ୍ରଭୁଙ୍କ ଚରଣରେ ଆତ୍ମନିବେଦନ ପୂର୍ବକ ତାଙ୍କର ଗୁଣଗାନ କରିବାର ପ୍ରକୃଷ୍ଟ ଉପାୟ ଆଉ କ'ଣ ବା ହେଇପାରେ !

କେବଳ ଧର୍ମୀୟ ଶାସ୍ତ୍ର ସହିତ ଶିଳ୍ପଶାସ୍ତ୍ର ତଥା ବାସ୍ତୁଶାସ୍ତ୍ର ଉପରେ ମଧ୍ୟ ସଦାଶିବଙ୍କର ନିଜସ୍ୱ ରୁଚି ରହିଥିଲା। ପ୍ରୋକ୍ତ ବିଷୟକ ପ୍ରାଚୀନ ପୋଥି ପ୍ରାପ୍ତ ହେବାରେ ତାଙ୍କୁ ସତେ ଯେପରି କୋଟିନିଧି ମିଳିଗଲା ! ବିସ୍ତୃତ ଅଧ୍ୟୟନ ପୂର୍ବକ କଳା ଓ ସ୍ଥାପତ୍ୟର ଅନ୍ତର୍ନିହିତ ମାପ, ନିୟମ ପ୍ରଭୃତି ବିଷୟକ ନିଗୂଢ଼ ସୂତ୍ରସବୁ ଉଦ୍ଧାର କରିବାରେ ସେ ମନୋନିବେଶ କଲେ। ସୂତ୍ରସବୁର ଗଭୀର ପର୍ଯ୍ୟାଲୋଚନା କରି ତାହାର ପାଠକୁ ଅନୁସୃଜନ କଲେ। ଶ୍ରୀମନ୍ଦିରର ବିଭିନ୍ନ ଅଂଶରେ ଉତ୍କୀର୍ଣ୍ଣ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅନୁଶୀଳନ କରି ଶିଳ୍ପଶାସ୍ତ୍ରର ସୂତ୍ରସବୁକୁ ଦୃଢ଼ୀକରଣ କଲେ ଏବଂ ଗବେଷକ ଓ ଅଧିକାରୀମାନଙ୍କ ଅବଗତି ନିମନ୍ତେ ପରିବେଷଣ କଲେ। ବିଗତ ସତୁରୀ ଦଶକରେ ପ୍ରଥମେ ଲକ୍ଷ୍ମୀ ମନ୍ଦିର ଓ ପରେ ବିମାନରୁ ଚୂନର ଆସ୍ତରଣ ଛଡ଼ାଇବା ଯୋଜନା କାର୍ଯ୍ୟକାରୀ ହେବା ମଧ୍ୟରେ ପ୍ରତ୍ନତତ୍ତ୍ୱ ବିଭାଗର ତୁଙ୍ଗ ଅଧିକାରୀବର୍ଗଙ୍କ ଆଗମନରେ ସେମାନଙ୍କୁ ବିଭିନ୍ନ ଭାସ୍କର୍ଯ୍ୟର ସଠିକ୍ ବ୍ୟାଖ୍ୟା କରିବା ପାଇଁ ଶ୍ରୀମନ୍ଦିର ଗବେଷକ ଭାବରେ ରଥଶର୍ମା ସକ୍ଷମ ହେଲେ।

୧୯୬୫-୬୬ ରେ ରଥଶର୍ମାଙ୍କ ଦ୍ୱାରା ଶ୍ରୀକ୍ଷେତ୍ରକୁ ଶଙ୍ଖକ୍ଷେତ୍ର ଭାବରେ କଳ୍ପିତ ଏକ ପ୍ରାମାଣିକ ନକ୍ସା ଅଙ୍କିତ ହୋଇ ପ୍ରକାଶ ପାଇଲା। ସେଥିରେ ଶ୍ରୀମନ୍ଦିର ତଥା ପରିପାର୍ଶ୍ୱରେ ବିଭିନ୍ନ ଦେବଦେବୀଙ୍କ ମନ୍ଦିରଗୁଡ଼ିକର ସ୍ଥିତି ଦର୍ଶାଯାଇ ଏହାର ଯଥାର୍ଥତା ପ୍ରମାଣିତ ହୋଇଥିଲା। ଶଙ୍ଖକ୍ଷେତ୍ରର ଏକ ବୃହଦାକାର ଚିତ୍ର ସମ୍ବଳିତ ଫଳକ ଜଗମୋହନର ଦକ୍ଷିଣ ପାର୍ଶ୍ୱରେ ଥିବା ବେହରଣ ଦ୍ୱାର ଉପରେ ସ୍ଥାପନ କରାଗଲା।

ସେହି କାଳରେ 'ଶ୍ରୀକ୍ଷେତ୍ର ଶିକ୍ଷା ସାଂସ୍କୃତିକ ସଂସଦ'ଗଠନ କରାଯାଇ ଶ୍ରୀମନ୍ଦିର ପରିସରରେ ସେବାୟତ ପରିବାରର ଯୁବକମାନଙ୍କୁ ସେବା ନୀତି, ଶ୍ରୀମନ୍ଦିରର ଐତିହ୍ୟ ଓ ପରମ୍ପରା ବିଷୟରେ ଶିକ୍ଷିତ ତଥା ସଚେତନ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା। ଏହା ଦ୍ୱାରା ବହୁ ଯୁବ ସେବାୟତ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରି ଉପକୃତ ହେଇଥିଲେ।

୧୯୭୦ ମସିହାରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନାକୁ ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ 'ଚାରଣ ଗୋଷ୍ଠୀ' ଜନ୍ମ ନେଇଥିଲା ଏବଂ ରଥଶର୍ମା ଚାରଣ ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଉକ୍ତ 'ଚାରଣ ଗୋଷ୍ଠୀ'ର କାର୍ଯ୍ୟ କେବଳ ପୁରୀ ଓ କଟକରେ ସୀମିତ ନରହି ପୁରପଲ୍ଲୀକୁ ମଧ୍ୟ ପ୍ରସାରିତ ହେଇଥିଲା। ବିଭିନ୍ନ ସ୍ଥାନରେ ସଭାସମିତିମାନ ଆୟୋଜନ କରି ମହାପ୍ରଭୁଙ୍କ ଗୁଣଗାନ କରିବା ସହିତ ଧର୍ମୀୟ ତଥା ସାଂସ୍କୃତିକ ଜାଗରଣ ପାଇଁ ଚାରଣମାନେ ଏ ପର୍ଯ୍ୟନ୍ତ ସକ୍ରିୟ ରହିଛନ୍ତି। ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ସାରଗର୍ଭକ ପ୍ରବନ୍ଧମାନ ଚାରଣ ଗୋଷ୍ଠୀ ଦ୍ୱାରା ପ୍ରକାଶିତ 'ଉନ୍ମନା' ନାମକ ଏକ ପତ୍ରିକାରେ ପ୍ରକାଶିତ ହୋଇ ବିଶେଷ ଆଦୃତି ଲାଭ କରିଆସୁଛି।

କର୍ମମୟ ଜୀବନକାଳ ମଧ୍ୟରେ ସ୍ୱର୍ଗତଃ ରଥଶର୍ମା ବିଭିନ୍ନ ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମନ୍ଦିର ନିର୍ମାଣରେ ଆଦ୍ୟ ଭୂମିକା ଗ୍ରହଣ କରିଥିଲେ। ୧୯୭୦ରେ କଟକର ଶିଳ୍ପପତି ଇନ୍ଦ୍ରମଣୀ ମହାରଣାଙ୍କ ସହଯୋଗରେ ବଢ଼େଇ ସାହିରେ ଜଗତବନ୍ଧୁ ମନ୍ଦିର ନିର୍ମିତ ହୋଇ ସେଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜନ ଆରମ୍ଭ ହେଇଥିଲା। ଏହା ବ୍ୟତୀତ କଟକରେ ଦୋଳମୁଣ୍ଡେଇ ଓ ଚାଉଳିଆଗଞ୍ଜରେ ପରବର୍ତ୍ତୀ କାଳରେ ଅନୁରୂପ ମନ୍ଦିରମାନ ପ୍ରତିଷ୍ଠା ହେବାରେ ସେ ଉଦ୍ୟକ୍ତା ଥିଲେ। ଜଗନ୍ନାଥଙ୍କ ପରମ ଭକ୍ତ ଇନ୍ଦ୍ରମଣୀ ମହାରଣାଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ ହେବା ପରେ ସେ ମହାଶୟଙ୍କ ସହଯୋଗରେ ଶ୍ରୀମନ୍ଦିରରେ କେତେଗୋଟି ଜନହିତକର କାର୍ଯ୍ୟ ମଧ୍ୟ ସମ୍ପାଦିତ ହୋଇଥିଲା। ଏହା ସହିତ ରଥଶର୍ମାଙ୍କ ରଚିତ କେତେଗୋଟି ଉପାଦେୟ ପୁସ୍ତକ ମଧ୍ୟ ପ୍ରକାଶ ପାଇଥିଲା।

ସମର୍ପିତ ଭାବ ନେଇ ରଥଶର୍ମା ଯେକୌଣସି କାର୍ଯ୍ୟରେ ହାତ ଦେଉଥିଲେ ତାହା ସଫଳ ହେଉଥିଲା। ସୁଦୂର କୋରାପୁଟ ସହରର ଉପକଣ୍ଠରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ ୧୯୭୨ରେ ସ୍ଥାୟୀୟ ଉଦ୍ୟୋକ୍ତା କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା ତାହା ଶାବର ଶ୍ରୀକ୍ଷେତ୍ର ନାମରେ ପରିଚିତ। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ପୂଜା ରୀତିନୀତି ସବୁ କାର୍ଯ୍ୟ ଶ୍ରୀମନ୍ଦିରର ଅନୁକରଣରେ ହୋଇଥାଏ। ଏହା ସହିତ ରଥଶର୍ମା ଅଭିବକ୍ତ କୋରାପୁଟର ଜୟପୁର, ସୁନାବେଡ଼ା, ନବରଙ୍ଗପୁର ଓ ଗୁଣୁପୁର ଆଦି ସ୍ଥାନକୁ ଯାଇ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ବହୁ ସମୟ ବ୍ୟୟିତ କରିଥିଲେ।

ତାଙ୍କ ଜୀବନର ଏକ ଅମୃତ ବେଳାରେ ସୁଦୂର ଜର୍ମାନୀ ଜନ୍ମିତ ପ୍ରାଚ୍ୟ କଳା ଗବେଷିକା ଆଲିସ୍ ବୋନରଙ୍କ ସହିତ ସାକ୍ଷାତ ହେଲା।ଦୁଇଜଣ ଐତିହ୍ୟ ଜିଜ୍ଞାସୁଙ୍କ ବୌଦ୍ଧିକ ସଂହତି ଫଳରେ ଶିଳ୍ପଶାସ୍ତ୍ରର ଇଂରାଜୀ ପୁସ୍ତକ 'ଶିଳ୍ପପ୍ରକାଶ'(Shilpaprakash) ନାମରେ ୧୯୬୬ରେ ପ୍ରକାଶ ପାଇଲା ଯାହା ସଦାଶିବଙ୍କୁ କେବଳ ଭାରତ ନୁହେଁ ଆନ୍ତର୍ଜାତିକ ସ୍ତରରେ ବିପୁଳ ଖ୍ୟାତି ଆଣିଦେଲା। ସେତେବେଳକୁ ତାଙ୍କ ଲିଖିତ ଅନେକ ପୁସ୍ତକ ତଥା ଆଲେଖ୍ୟ ପ୍ରକାଶିତ ହୋଇସାରିଥିଲା। ୧୯୭୬ରେ ମହେଶ୍ୱର ମହାପାତ୍ର କୃତ 'ଅଭିନୟ ଚନ୍ଦ୍ରିକା' ପ୍ରକାଶ ପାଇଲା। ପରବର୍ତ୍ତୀ କାଳରେ ସେହି ଆଲିସ୍ ବୋନରଙ୍କ ସହିତ ଯୁଗ୍ମ ଲେଖକ ଭାବେ 'New Light on the Sun temple of Konark (1972), Vaastu Sutra Upanishad (1982)' ମଧ୍ୟ ପ୍ରକାଶ ପାଇଲା।

ସଫଳ ସାଧନା ସିଦ୍ଧି ଆଣିଥାଏ। ସିଦ୍ଧି ପ୍ରଖର ହେଲେ ପ୍ରସିଦ୍ଧି ଆସେ ଏବଂ ଶେଷରେ ସ୍ୱୀକୃତି ଆସେ ଆପଣାଛାଏଁ। ତାଙ୍କର ଗବେଷଣା, ପ୍ରକାଶନ ଓ ମନୋମୁଗ୍ଧକର ପ୍ରବଚନ ସକାଶେ ଗଜପତି ରାମଚନ୍ଦ୍ର ଦେବ ତାଙ୍କୁ 'ଶ୍ରୀମନ୍ଦିର ଗବେଷକ' ତଥା 'ପ୍ରତ୍ନତତ୍ତ୍ୱାଳଙ୍କାର' ଉପାଧି ସହିତ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ୧୯୫୯ରେ ନିଖିଳ ଉତ୍କଳ ପଣ୍ଡିତ ସମ୍ମେଳନ ଦ୍ୱାରା ସେ 'କଳାକୋଷ ରତ୍ନାକର' ତଥା ୧୯୬୭ରେ ଗଜପତି ବୀରକିଶୋର ଦେବଙ୍କ ଦ୍ୱାରା 'ତଥ୍ୟ ଶିରୋମଣୀ'

ଉପାଧିରେ ଭୂଷିତ ହୋଇଥିଲେ। ସର୍ବଶ୍ରେଷ୍ଠ ସ୍ୱୀକୃତି ଭାବରେ ୧୯୬୯ରେ ଭାରତର ରାଷ୍ଟ୍ରପତି ଜାକିର ହୁସେନଙ୍କଠାରୁ ସମ୍ମାନଜନକ 'ପଦ୍ମଶ୍ରୀ' ଉପାଧି ଗ୍ରହଣ କରିଥିଲେ।

୧୯୬୯ ବର୍ଷଟି ଥିଲା ସଦାଶିବଙ୍କ ପାଇଁ ଅବିସ୍ମରଣୀୟ। ସେହି ବର୍ଷ ଶ୍ରୀମନ୍ଦିର ପରିଚାଳକ ଭାବରେ ପରମାନନ୍ଦ ତ୍ରିପାଠୀ ଯୋଗ ଦେଲେ। ତାଙ୍କ ଦ୍ୱାରା ଶ୍ରୀମନ୍ଦିର ପରିଚାଳନାରେ ଅନେକ ସଂସ୍କାର ଆସିବା ସହିତ ବହୁବିଧ ନୂତନ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ରଥଶର୍ମାଙ୍କ ନିବେଦନରେ ଶ୍ରୀମନ୍ଦିରର ରୀତିନୀତି ତଥା ବିଭିନ୍ନ ତଥ୍ୟ ସମ୍ବଳିତ 'ଶ୍ରୀମନ୍ଦିର ସମାଚାର' ନାମରେ ମୁଖପତ୍ର ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଲା। ସେଥିରେ ପ୍ରକାଶିତ ସମସ୍ତ ପାଠ ରଥଶର୍ମାଙ୍କ ଦ୍ୱାରା ଲିଖିତ ଅଥବା ସଂଗୃହିତ ହୋଇଥିଲା ଏବଂ ଲୋକଙ୍କ ଦ୍ୱାରା ବିପୁଳ ଆଦୃତି ଲାଭ କଲା। ଅନେକ ବର୍ଷ ଧରି ସେଇ ମୁଖପତ୍ର ପ୍ରକାଶ ପାଇବା ପରେ ବିଭିନ୍ନ କାରଣରୁ କିଛି କାଳ ବନ୍ଦ ହେଇଗଲା। ସୁଖର କଥା ସଂପ୍ରତି ଏହାର ପୁନଃ ପ୍ରକାଶନ ନିୟମିତ କରାଯାଉଛି।

ଶ୍ରୀମନ୍ଦିର ପରିସରରେ 'ନୀଳାଦ୍ରି ବିହାର ସଂଗ୍ରହାଳୟ'ର ପରିକଳ୍ପନା ସେଇ କାଳରେ ରଥଶର୍ମାଙ୍କ ଦ୍ୱାରା କରାଯାଇ ତାହାର ସଫଳ ରୂପାୟନ ସଫଳ ହେଇଥିଲା। ଉକ୍ତ ସଂଗ୍ରହାଳୟରେ ମହାପ୍ରଭୁଙ୍କ ଆବିର୍ଭାବ ତଥା ବିଭିନ୍ନ କିମ୍ବଦନ୍ତୀ ଓ ପୌରାଣିକ କଥାବସ୍ତୁ ଆଧାରିତ ମୂର୍ତ୍ତି ସମୂହ ମାଧ୍ୟମରେ ଲୋକଙ୍କୁ ଆମ ଧର୍ମ ସଂସ୍କୃତି ବିଷୟରେ ଅବଗତ କରାଇବା ପାଇଁ ପ୍ରଦର୍ଶନୀ କରାଯାଇଥିଲା। ଏହା ଏକ ମାହାଲରେ ପରିଣତ ହୋଇ ପ୍ରଶାସନ ପାଇଁ ଆୟର ପନ୍ଥା ଉନ୍ମୋଚନ କରିଥିଲା। ନିକଟ ଅତୀତରେ ଏହି ସଂଗ୍ରହାଳୟର ନବକଳେବର ପ୍ରକ୍ରିୟା ଜାରିରହିଛି।ଏହାର ନୂତନ ରୂପରେଖ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିନାହିଁ।

ଶ୍ରୀକ୍ଷେତ୍ରରେ ହନୁମାନଙ୍କୁ କେନ୍ଦ୍ର କରି ମହାନ ସାମରିକ ଶକ୍ତି ସୁଦୂର ଅତୀତରେ ଗଢ଼ି ଉଠିଥିଲା। ଶ୍ରୀମନ୍ଦିରକୁ କେନ୍ଦ୍ର କରି ବହୁ ଜେଗା ଆଖଡ଼ା, କୋଟ ପ୍ରଭୃତି ସୃଷ୍ଟି କରାଯାଇ ଯୁବଗୋଷ୍ଠୀଙ୍କୁ ଶରୀର ଚର୍ଚ୍ଚା ପାଇଁ ସୁଯୋଗ ରହିଥିଲା। ପୁରୀର ପ୍ରସିଦ୍ଧ ସାହିଯାତ୍ରା ଏହି ସଂସ୍କୃତିର ଜୀବନ୍ତ ଉଦାହରଣ। ଏହି ସାଂସ୍କୃତିକ ବିଭବର ମଞ୍ଚ ପ୍ରଦର୍ଶନ ନିମନ୍ତେ ପ୍ରତି ବର୍ଷ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ଦୁଇଦିନ ବ୍ୟାପୀ ଏକ ସାଂସ୍କୃତିକ ମହୋତ୍ସବର ପରିକଳ୍ପନା କରି ୧୯୮୦ରେ ରଥଶର୍ମାଙ୍କ ଉଦ୍ୟମରେ 'ଶ୍ରୀକ୍ଷେତ୍ର ହନୁମାନ ଜୟନ୍ତୀ କମିଟି' ଗଠନ କରାଗଲା। ଏହି ଆୟୋଜନ ସହିତ ଚାରଣ ଗୋଷ୍ଠୀ ଓ ନୀଳାଦ୍ରି ସତସଙ୍ଗର ସଦସ୍ୟମାନଙ୍କର ପ୍ରଗାଢ଼ ସହଯୋଗ ରହିଥିଲା। ତାଙ୍କର ଅବର୍ତ୍ତମାନରେ ମଧ୍ୟ ଏହି ଆୟୋଜନ ନିୟମିତ କରାଯାଇ ଶ୍ରୀକ୍ଷେତ୍ରରେ ଯୁବଗୋଷ୍ଠୀଙ୍କୁ ପାରମ୍ପରିକ କଳାପ୍ରତି ଆକୃଷ୍ଟ କରାଯାଇ ପାରୁଛି।

ପଣ୍ଡିତ ରଥଶର୍ମାଙ୍କର ସାଙ୍ଗଠନିକ ଉତ୍କର୍ଷ ପ୍ରତିପାଦିତ ହୋଇଥିଲା ୧୯୮୪ରେ କଟକଠାରେ ଅନୁଷ୍ଠିତ 'ଶ୍ରୀଜଗନ୍ନାଥ ଚେତନା ମହାଧିବେଶନ'ରେ। ସେହି ବର୍ଷ ଡିସେମ୍ବର ମାସ ତା ୨୭ରୁ ୩୧ ପାଞ୍ଚ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଓଡ଼ିଶା ପାଇଁ ବିରଳ ଥିଲା। ବିପୁଳ ଜନ ଚେତନା ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କୁ ଜନତା ଦନାର୍ଦ୍ଦନଙ୍କ ସହିତ ସଂଯୁକ୍ତ କରିବା ଏହି ବିଶାଳ ଆୟୋଜନର ଉଦ୍ଦେଶ୍ୟ ରହିଥିଲା। ଏଥିରେ ମୁଖ୍ୟ ଆକର୍ଷଣ ଭାବରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସହିତ ସଦ୍‌ଗୁରୁ ଶ୍ରୀ ଚିଦାନନ୍ଦ ସରସ୍ୱତୀ ଭବ୍ୟ ଶୋଭାଯାତ୍ରାରେ ସଂପୃକ୍ତ ହୋଇ ଆୟୋଜିତ ମହାବିଷ୍ଣୁ ଯଜ୍ଞରେ ପୂର୍ଣ୍ଣାହୂତି ଦେଇଥିଲେ। ଏହା ବ୍ୟତୀତ ଉକ୍ତ କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କ ସମସ୍ତ ବେଶଗୁଡ଼ିକର ଅବିକଳ ନକଲ ସୃଷ୍ଟି କରାଯାଇ ଆକର୍ଷଣୀୟ ଭାବେ ପ୍ରଦର୍ଶିତ ହୋଇଥିଲା। ଏଥି ସହିତ ଧର୍ମୀୟ ପ୍ରବଚନ, ବୌଦ୍ଧିକ ଶିକ୍ଷା ଶିବିର, ସେବାୟତଙ୍କୁ ସମ୍ମାନ ପ୍ରଦର୍ଶନ ତଥା ଅନେକ ଗୁଡ଼ିଏ ଉପାଦେୟ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା। ମହାଧିବେଶନରେ ଦେଶର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ସାଧୁସନ୍ଥ ମହାତ୍ମାମାନଙ୍କର ଯୋଗଦାନ ରହିଥିଲା। ସମଗ୍ର କାର୍ଯ୍ୟକ୍ରମରେ ବିପୁଳ ଜନ ସଂପୃକ୍ତି ସହିତ ମହାପ୍ରଭୁଙ୍କ ମହିମା ପ୍ରସାର ସାଧାରଣରେ ଯଥେଷ୍ଟ ପ୍ରଭାବ ସୃଷ୍ଟି କରିଥିଲା।

ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ସ୍ୱର୍ଗତଃ ସଦାଶିବ ରଥଶର୍ମାଙ୍କ ସାମଗ୍ରୀକ ଅବଦାନ ଅତୁଳନୀୟ। ଜ୍ଞାନଗର୍ଭକ ପୁସ୍ତକ ସମୂହର ପ୍ରକାଶନ ତାଙ୍କ ଜୀବନରେ ଅଗ୍ରାଧିକାର ଲାଭ କରିଥିଲା। ଅନେକ ବିରଳ ତଥ୍ୟ ଓ ତତ୍ତ୍ୱାଦି ସେ ଗବେଷଣା ମାଧ୍ୟମରେ ଉଦ୍ଧାର କରି ପ୍ରକାଶିତ କରିଯାଇଛନ୍ତି, ତାହା ଅନେକଙ୍କ ପାଇଁ ଆଲୋକବର୍ତ୍ତିକା ରୂପେ ଗୃହୀତ ହୋଇଛି। ପୁସ୍ତକ ରଚନା ବ୍ୟତୀତ ମହାପ୍ରଭୁଙ୍କ ରୂପଚିତ୍ରଣରେ ମଧ୍ୟ ତାଙ୍କର ଦକ୍ଷତା ରହିଥିଲା। ଅନେକ ଚିତ୍ର ମାଧ୍ୟମରେ ମହାପ୍ରଭୁଙ୍କ ରୂପର ତାତ୍ତ୍ୱିକ ବ୍ୟାଖ୍ୟା ସେ ଯଥାର୍ଥ ଭାବେ ପରିବେଷଣ କରିଛନ୍ତି। ଏହି ବହୁ ପ୍ରତିଭାସମ୍ପନ୍ନ ଯଶସ୍ୱୀ ସାଧକଙ୍କର ମହାପ୍ରୟାଣ ୧୯୮୯ ମାର୍ଚ୍ଚ ୧୩ ପାପନାଶିନୀ ଏକାଦଶୀ ଦିନ ଘଟିଥିଲା। ରଥଶର୍ମାଙ୍କ ଦ୍ୱାରା ପ୍ରଦତ୍ତ ମହାପ୍ରଭୁଙ୍କୁ ସ୍ମରଣ କରିବାର ସହଜ ଓ ସରଳ ମନ୍ତ୍ର ସମୂହ ସାଧାରଣ ଭକ୍ତଜନଙ୍କ ତୁଣ୍ଡରେ ପ୍ରତ୍ୟହ ଉଚ୍ଚାରିତ ହେଉଥିବ।

*କୁଞ୍ଜେଇବେଣ୍ଟ ସାହି, ପୁରୀ-୭୫୨୦୦୧*
*ମୋ- ୯୪୩୭୧୬୬୩୬୯*

# କବିତାର ସ୍ୱର

## ବିଭୂତି ଭୂଷଣ ସେନାପତି

ସାହିତ୍ୟ ଓ କବିତାର ଯୁଗଳ ବନ୍ଧୀରେ ଛନ ଛନ ହୁଏ କବିତାର ଧାରା। ଶବ୍ଦ ଓ ନୀରବତାର ଶୂନ୍ୟସ୍ଥାନ ଭିତରେ କବି ଗୁମ୍ ହୋଇ ବସିଯାଏ । ତାର ଗୋଟିଏ ଆଖିରେ ଜୀବନର ଚୂନା ଚୂନା ହସ ଆଉ କେତେବେଳେ ମୃତ୍ୟୁର ଅବଶୋଷ । କାକର ଭିଜା ସଜ କିଶଳୟରୁ ଗଡି ପଡ଼େ କବିର ଉଚ୍ଛ୍ୱାସ । ସେ ହୁଏ ଫୁଲେଇ ଫଗୁଣ,ଅମାନିଆ ଝରଣା ଆଉ ଦୁଷ୍ଟ ପ୍ରଜାପତି "ଶରତଜହ୍ନର ଆଲୁଅରେ ତୁମେ କମନୀୟ କଇଁ ଫୁଲ ଶିଶିରର ଭିଜା ଓଠ ପାଖୁଡାରେ ହସତା ଅମୂଲ ମୂଲ ।"ଜନ୍ମ ଜନ୍ମାନ୍ତରେ ପୂଣ୍ୟ ଫଳରୁ କବିର ଜନ୍ମ । ପ୍ରତ୍ୟେକ ମଣିଷ ଜଣେ ଜଣେ କବି । ହୃଦୟ ଅନୁଭବ ଶବ୍ଦ ରୂପ ଦେଇ ନ ପାରିଲେ ସେ ସାରସ୍ୱତ ପ୍ରାଣୀ ହେଇ ପାରିବ ନାହିଁ । ଅନ୍ୱେଷା ଓ ଆଶାର ସଘନ ମୁହୂର୍ତ୍ତରେ କବିତା ଅଙ୍ଗୀକାର ବଦ୍ଧ ହୁଏ । ସେଥି ପାଇଁ କହନ୍ତି କବି ହସିଲେ କବିତା ହସେ ପ୍ରତିଟି କବିତା ସାହିତ୍ୟର ଲୁକ୍ କାୟିତ ସୌନ୍ଦର୍ଯ୍ୟ ମଧ୍ୟରେ ଜହ୍ନ ରାଇଜର ସ୍ୱପ୍ନ ଦେଖେ । ପ୍ରେମ,ପ୍ରକୃତି ଓ ପ୍ରତିବାଦ ସାହିତ୍ୟର ତ୍ରିବେଣୀ ସନ୍ଧ୍ୟା କିନ୍ତୁ କବି ପାଖରେ ଶବ୍ଦ ଲୁଚକାଳି ଖେଳେ । ଶବ୍ଦ ମାନେ ଲୁଚିବାକୁ ଭଲ ପାଆନ୍ତି,ମନେଇ ପାରିଲେ ସେମାନେ ଧରା ଦିଅନ୍ତି । ମିଥ୍ ସୃଷ୍ଟି କରନ୍ତି ।ପ୍ରତୀକ ଓ ଆର୍କିଟାଇପ୍ ରେ ଚିତ୍ର କଳ୍ପକୁ ଏ ପରି ସଜାନ୍ତି ଯେ କେହି କବିତାକୁ ପଢିଲେ ଆତ୍ମବିଭୋର ହୋଇ ଉଠନ୍ତି । କେତେବେଳେ ସେ ବିଦ୍ରୋହର ଶାଳବଣର ନିଆଁକୁ ଚହଲାଇ ଦିଏ ଆଉ କେତେବେଳେ ଜହ୍ନ ରାତିରେ ମରଣର ଶ୍ରୀକ୍ଷେତ୍ର ପରିଦର୍ଶନ କରେ । ସେଥିପାଇଁ କହନ୍ତି କବିତା ଲେଖା ଯାଏ ନାହିଁ । ଆଜିର ମଣିଷ ପାଇଁ କବିତା ସ୍ୱର୍ଗ ଦ୍ୱାର । ଭାନୁଜୀ ରାଓଙ୍କ ଭାଷାରେ -ଅକ୍ଷତ ଯୋନିରେ ଥାପି ଦିଏ ଗର୍ଭପାତ,ପୁଂଜି ପାଇଁ ବିକିଦିଏ ଗଣତନ୍ତ୍ର ।"ଲୁହ ଆଷାଢ ହୁଏ ଆଖିର କୋଣରେ ଶୋଷ ଫାଟି ଚୂନା ହୁଏ ଶ୍ରାବଣ ଦାଣ୍ଡରେ ।" ପ୍ରତ୍ୟେକ ମନୁଷ୍ୟର ପଶୁ ସୁଲଭ ଗୁଣ ମଧ୍ୟରେ କିଛି ଦିବ୍ୟତା ଥାଏ ।

ହିଂସା,ଦ୍ୱେଷ,କାମ,କ୍ରୋଧ ଓ ପରଶ୍ରୀକାତରତା ପରି ଅମାନବୀୟ ଆଚରଣକ୍ଷଣେ କାଳ ମଧ୍ୟରେ ଆପେ ଆପେ ଦୂରେଇ ଯାଏ । କବିଟିଏ ମହତ୍ୱର ଆଦର୍ଶକୁ ଆପଣାର କରି ଲେଖନୀ ଚାଳନା କଲେ ଆପେ ଆପେ ଶବ୍ଦ ଗୁଡ଼ିକ ଦିବ୍ୟ ଶକ୍ତିର ପ୍ରତିଭୂ ଭାବେ ପ୍ରେମ,ତ୍ୟାଗ,ମାୟା,ସଂବେଦନା ଓ ଆକୁଳତାର ଆବେଦନକୁ ପାଥେୟ କରି ବସେ । ସଂସାର ଦାଣ୍ଡରେ ଲୋଟି ପଡି ଥିବା କିଛି ଧୂଳି ଧୂସରିତ ଫୁଲକୁ ସାଉଁଟି ଆଣିଛନ୍ତି କବି ସଚ୍ଚି ରାଉତରାୟ । (୧୯୨୮) ଯେଉଁଠି ଅଛି ସାମ୍ୟ ବାଦର ଜୟ ଯାତ୍ରା ,ଆଧୁନିକତା ପ୍ରତି କଟାକ୍ଷ ଓ ଜୀବନ ଜିଜ୍ଞାସା ମଧ୍ୟରେ ମାନବୀୟ ଚେତନା ସେଇଠି କବିର କଲମମୂନ ଚଳ ଚଂଚଳ । "ସତେ କେଡ଼େ ଭୟଙ୍କର ମଣିଷର ପରଜନ୍ମ,ଆଜିମୁଁ ଆସିଛି ପଶୁ,ନିଶାଚର ମଣିଷର ଦାବି ଲାଗି ।ପଶୁ-୧୯୩୭"।ମୃତ୍ତିକାର ମୁଁ ସେହି ମଣିଷ ,ମୁଁ ନୁହେଁ ବୈଷ୍ଣବ ଜନ ଅଥବା ଫ୍ରାନ୍ସ (କ୍ଷୁଧାର କବିତା-୧୮୮୯)।"ମଣିଷ ଭିତରେ ଦେବତ୍ୱ ଓ ଆସୁରିକ ଭାବଧାରା ସବୁବେଳେ ରହିଛି ।ସେ କେତେବେଳେ ଶାନ୍ତ କାନ୍ତ ଶ୍ରଦ୍ଧାଶୀଳ ଆଉ କେତେବେଳେ ରାକ୍ଷସ ପ୍ରବୃତ୍ତିଧାରୀ ମହିସାସୁର ।

କବିଙ୍କୁ ବିଦ୍ରୋହୀ କରାଇଥିଲା ତାଙ୍କର କବିତ୍ୱ ପଣିଆ । ଯୌବନରେ ରୋମାଂଟିକ ସ୍ୱୈରିବାଦ ହୃଦଦୟରେ ବସା ବାନ୍ଧିଥିଲା କିନ୍ତୁ ଶ୍ରମିକ ବସ୍ତିରେ ବୁଭୁକ୍ଷୁର ଆର୍ତ୍ତଚିତ୍କାର ଶୁଣିବାପରେ କାହିଁକି କେଜାଣି ରକ୍ତ ମାଂସ ଶରୀର ପ୍ରତିହିଂସା ପ୍ରବଣ ହୋଇ ଉଠିଛି । ସାମ୍ୟବାଦ ଚେତନାରେ ସେ ଚେତନଶୀଳ କବି । ତାଙ୍କ ଉକ୍ତି ହେଲା ସାହିତ୍ୟ ଏକ ଶ୍ରେଣୀୟ ସଙ୍ଘର୍ଷ ସାହିତ୍ୟ ଜନ ସାଧାରଣଙ୍କର । ସ୍ୱତ ପ୍ରବୃତ୍ତ ଭାବେ ଜନତାଙ୍କର ଆର୍ତ୍ତଚିତ୍କାର ଶୁଣିଲେ କଲମ ମୂନ ଚଳ ଚଂଚଳ ହୋଇ ଉଠେ । କବିତା ଲେଖା ଯାଏ ନାହିଁ କିନ୍ତୁ ସୃଷ୍ଟିହୁଏ । "ଧରଣୀର ରାଜ ପଥେ ଚାଲୁ ଚାଲୁ ମୁହିଁ,ଯେବ୍ୟଥା ପାଇଛି ବୁକେ ମଣିଷର ଅପମାନ ଛୁଇଁ । ତାକୁଇ ଦେଇଛି ବାଣୀ କହିଛି ସେ ସାଧାରଣ କଥା,ଭାଷାର କପଟ ଜାଲେ ରଚନାହିଁ ମାୟାଜାଲ ତଥା ।"

ସବୁବେଳେ ପ୍ରଜ୍ଞାଶୀଳ କବି ଶବ୍ଦର ଆତ୍ମୀୟତାକୁ ଆନ୍ତରିକତା ସହ ବିଚାର କରି କବିତାକୁ ନୂଆ ରୂପ ଦିଏ । କାରଣ କବିତା କବିର ମନ୍ମୟ ସ୍ଫୁରଣ । ଶବ୍ଦ କେବଳ ମିତ୍ର ଭଳି ହୃଦୟ କୋଠରୀରେ ଆସ୍ଥାନ ଜମେଇ କବିର ଭାବନାକୁ ଗତିଶୀଳ କରାଏ । ତାହା ସୃଷ୍ଟି ହୁଏ କିନ୍ତୁ ରଚନା କରାଯାଏ ନାହିଁ । କବି ସଚ୍ଚିରାଉତ ରାୟ ମନୁଷ୍ୟର ଚାଲି ଚଳନକୁ ଦେଖି ଗଭୀର ଭାବେ ବ୍ୟଥିତ ।

ଦୂଷିତ ପବନ ଯୁକ୍ତ ପୃଥିବୀରେ ନିଶ୍ୱାସ ନେବାକୁ ସେ କଷ୍ଟ ଅନୁଭବ

କରିଛନ୍ତି । ହତ୍ୟା,ଶୋଷଣ ଓ ଲୁଣ୍ଠନରେ ମଣିଷ ପଶୁର ହେଂଟାଳ ଛାଡୁଛି । ପୃଥିବୀ ଆତ୍ମୀୟତାର ଆଲିଙ୍ଗନରେ ତାଙ୍କୁ ଜାବୁଡ଼ି ଧରିଛି ସେତେବେଳେ ତାଙ୍କ କବିତ୍ୱ ଆପେ ଆପେ ସ୍ଫୁରଣ ହୋଇଛି – "ଅନ୍ତରଙ୍ଗ ଏହି ପୃଥିବୀକୁ ଛାଡ଼ି ଯିବା ପାଇଁ ମନେ ଜାଗେ କୋହ ଦେଖେ ପୁଣି ମୋହ ମୁଗ୍ଧ ମଣିଷ ସନ୍ତାନ ଟାଣେ ମୋତେ ଗୁଢ଼ ଆକର୍ଷଣ ।"କଳା ଓ ସାହିତ୍ୟ ଦୁଇଟି ଭିନ୍ନ ହେଲେ ମଧ୍ୟ କବିତା ଏକ ସ୍ୱତନ୍ତ୍ର ସ୍ଥାନ । ଯାହା କବିର ପ୍ରଜ୍ଞା ମାନସରେ ବିରାଜିତ ହୋଇ ଲେଖନୀକୁ ପ୍ରୟାସ କରେ କବିତା ରଚନା କରିବା ପାଇଁ । କାରଣ କବିତାର ଶବ୍ଦ କଢି ଶୁନ୍ ଶାନ୍ ଯନ୍ତ୍ରଣାର ଜଉ ଘର । ସେ ରଚିତ ହୁଏନି କିନ୍ତୁ ସୃଷ୍ଟିର ପଥ ଖୋଜିଦିଏ । ଆଜୀବନ ଶ୍ମଶାନର ଧୂ ଧୂ ପାଉଁଶର ଶ୍ମଶାନ ଘାଟରେ ଲୁହ ଲହୁ ଭିଜା ମାଟିକୁ ଦେଖି କବିତା କାନ୍ଦି ଉଠେ । ତା' ଉପରେ ଆର୍ତ୍ତନାଦଭରା ଆକାଶର ପବନ,ଲୁଣ୍ଠିତ ନାରୀତ୍ୱ,ବନ୍ଧ୍ୟା ମାତୃତ୍ୱ,ବିଳପିତ ପତ୍ନୀତ୍ୱ ଏବଂ ଅନାଥ ଶିଶୁତ୍ୱ ଗୋଟଏ ଗୋଟିଏ ଭାବନାର ଆକର୍ଷଣ । ଶବ୍ଦର ଯାଦୁଗରୀ ବିଦ୍ୟାରେ ତାହା ଆପେ ଆପେ ସୃଷ୍ଟି ହୋଇ ଯାଏ ଆକାଶରୁ ମାଟି ଓ ମାଟିରୁ ଆକାଶ ସାମାଜିକ ଚଳଣୀ ଓ ବ୍ୟବସ୍ଥାରେ ବ୍ୟତିକ୍ରମ ହେଲେ କବିଟିଏ ବିଶ୍ୱମୁକ୍ତି ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରେ ଶବ୍ଦର କାଉଁରୀ ବିଦ୍ୟାରେ । କବି ସୀତା କାନ୍ତ ମହାପାତ୍ରଙ୍କ ଦୀପ୍ତି ଓ ଦ୍ୟୁତି( ୧ ୯ ୬୩) ପାଠ କଲେ ଆଖି ଆଗକୁ ଆସେ – "କବିତା ମାଧ୍ୟମରେ ମଣିଷର କ୍ରୋଧ,ଜ୍ଞାନ,ଚିନ୍ତା ଓ ଚେତନାର ଦୀପ୍ତି କିପରି ମୁଖ ମଣ୍ଡଳରେ ଝଲସି ଉଠୁଛି । ଜୀବନଟା ସାହାରା ମରୁଭୂମି ନୁହେଁ କିମ୍ବା ସାଇବେରିଆର ଦିଗ ଦିଗନ୍ତ ବିସ୍ତୃତ୍ୱ ସବୁଜ ଯେତ୍ର ନୁହେଁ,ଆଲୁଅ ଓ ଅନ୍ଧାରର ଫେଂଟା ଫେଂଟି ଏକ ରଙ୍ଗ । ତୁମେ ନୁହଁ କାଶ୍ମୀରିର ଡାଲ ହ୍ରଦ ପାଇନ ଜଙ୍ଗଲ/ଉଟି ଅବା ଦୂର ନୈନିତାଲ/ତୁମେ ଗୋଟେ ପରିଚିତ ଗାଉଁଲି ସକାଳ ଆଉ ରଣ ହୀନସବୁଜ ନୂତନ/ହଏଦର ବିଡ଼ି ପିଇ ଓ ଗୁଡ଼ାଖୁ ଘସି ମଧୁ ଭୋଇ କୁଶା ଡେରା ହାଡ଼ି ବିଶ୍ୱାଳ/ତୁମେ କିଂଚିତ୍ ସ୍ୱପ୍ନ ଟିକିଏ ସ୍ୱାଦ /ଟୋପାଏ ଅଶ୍ରୁ ଚେନାଏ ଆହ୍ଲାଦ ।" ଜୀବନର ବାସ୍ତବ ନିଷ୍ଠୁର ପରିଣତି ମିଥ୍ରେ ପ୍ରକଟିତ ।କେଉଁଠି ମେଘରେ ପାଣି ନାହିଁ ଆଉ କେଉଁଠି ଶୁଖିଲା ଟକ୍ ଠକ୍ ବଉଦ ମାଳ ପୁଣି ଗଛର ମଧୁର ରସ ଓ ଘାସର ସବୁଜିମା ଶେଷ ହୋଇ ଯାଇଛି ଏବଂ ଅନନ୍ତ ତୃଷ୍ଣାରେ ଜଳି ଯାଇଛି ମାଟି ବିଲ ଓ ହୃଦୟର ଝିଲ୍ଲି ।

କବିତା କେବଳ କାବ୍ୟ ପୁରୁଷ ଚାହେଁ ନାହିଁ ସେ ଚାହେଁ କର୍ମୀ ପୁରୁଷ । ବ୍ୟକ୍ତି ସତ୍ତା କବି ସତ୍ତା ନିକଟରେ ଆତ୍ମ ସମର୍ପଣ କରେ । ଯେତେବେଳେ ପୁଂଜୀବାଦୀ ସଭ୍ୟତାର ଆକ୍ରମଣରେ ସମାଜ ପଙ୍ଗୁ ଓ ଅଥର୍ବ ହୁଏସମଗ୍ର ଭାରତ ବର୍ଷରେ ଆଧ୍ୟାତ୍ମିକ ଓ ସାମାଜିକ ଜୀବନର ଅବକ୍ଷୟ ଘଟେ ,ଦାରିଦ୍ର୍ୟ,ଅନ୍ୟାୟ ଓ ହତାସର କୁହୁଡ଼ିରେ ଅଶିକ୍ଷା ରାଜତ୍ୱ କରେ ସେତେବେଳେ ଯୁଗ ଯନ୍ତ୍ରଣାରେ ଜର୍ଜରିତ ହୋଇ କବି ତାର କବିତା ମାଧ୍ୟମରେ ବାର୍ତ୍ତାଦିଏ –ସ୍ନେହ,ମମତା,କ୍ଷମା ଓ ସାନ୍ତ୍ୱନାର ଆଧାର କବି କଲମ ମୂନର ସୃଷ୍ଟ ଶାବ୍ଦିକ ପରିପାଟୀ ।

ସକାଳର ଶୁଭ୍ରତାରେ ଚନ୍ଦ୍ରମାର ଶୀତଳ ଜ୍ୟୋତ୍ସ୍ନାରେ ନିରନ୍ତର ଶବ୍ଦ ପ୍ରେମିକ କବି ଓ ତା'ର ମୁଖ ଉଚ୍ଚାରିତ ସ୍ୱତସ୍ଫୂର୍ତ୍ତ ରଚିତ ଅକ୍ଷର ବିନ୍ୟାସ । କବି ଗୁରୁ ପ୍ରସାଦ ଜଣେ ପ୍ରକୃତି ପ୍ରେମୀ କବି କିନ୍ତୁ ତାଙ୍କ ମାନବୀୟ ଚିନ୍ତାଧାରା ମଧ୍ୟରେ ବ୍ୟକ୍ତି ଚରିତ୍ର ସତେ ଯେପରି ଏକ ନୂଆ ଯୁଗର ନୂଆ ସକାଳ । ତାଙ୍କର ଜୀବନୀଧର୍ମୀ କବିତା ଗୁଡ଼ିକ ପାଠକଙ୍କ ଅନ୍ତରରେ ଅପୂର୍ବ ଭାବାବେଗ ସୃଷ୍ଟି କରେ ।

ପଉଷର କୁହୁଡ଼ିରେ ତାରା ହଜେ ଜହ୍ନ ଲୁଚି ଯାଏ /ଜୀବନରୁ ବର୍ଷଟିଏ ଖସିଯାଏ,ଆସ୍ତେ ଖସି ଯାଏ ।(ସୁନାର ଝରଣା ) ପ୍ରତିଟି କବିତା ମଧ୍ୟରେ ରୋମାଂଟିକ ଆବେଗତା ଆଉ ତାହା ଭିତରେ ଥାଏ ସମାଜ ପ୍ରତି ବାସ୍ତବତା । ବାସ୍ତବ ସତ୍ୟ ମୃତ୍ୟୁ । ଜନ୍ମଠାରୁ ମୃତ୍ୟୁ ଯାଏ ଏହି ଜୀବନ ରହସ୍ୟ ଭରା ।ତଥାପି ମଣିଷ ବାଂଟି ଦିଏ ମାୟା ସଂସାରରେ କିଛି ଚୂନା ଚୂନା ଅନୁଭୂତି ଯାହାକୁ କବିଟିଏ ପାଥେୟ କରି ଆଗକୁ ଆଗକୁ ମାଡ଼ି ଚାଲେ କଲମ କାଳିକୁ ଆପଣାର କରି । ଧର୍ମ,ପ୍ରେମ ଓ କବିର ଆବେଗତା କବିତାର ମୁଖ୍ୟ ଉପାଦାନ । ତାହା ସହିତ ଥାଏ ଧର୍ମ,ଦର୍ଶନ ଓ ସମାଜତତ୍ୱ । ବ୍ୟକ୍ତି ସତ୍ତା ଯଦି ଜୀବାତ୍ମା ହୁଏ ,କାବ୍ୟ ସତ୍ତା ତାର ପରମାତ୍ମା ।କାବ୍ୟ ପୁରୁଷର ଶରୀର ପ୍ରସନ୍ନ ଓ ଉଦାର ପୁଣି ଓଜସ୍ୱୀ ଓ ନିରପେକ୍ଷ ।କବିଟିଏ ତାର ବୁଦ୍ଧି, ଜ୍ଞାନ,ଅନୁଭୂତି ଓ ଭାଷାକୁ ଆପଣାର କରି ନିଜ ଭିତରେ ଥିବା ନିଶବ୍ଦ ଭାବନାକୁ ସଦା ସର୍ବଦା ଉଜ୍ଜୀବୀତ କରିବାକୁ ଚାହେଁ ସ୍ୱୀୟ ରଚନାର କ୍ୟାନଭାସରେ । ସମୟକୁ ଝରାପତ୍ର କହିଲା ବେଳେ ଜୀବନର ବାସ୍ତବତା ସହ କିଛି ଗଭୀର ଅନ୍ୱେଷଣ ଲୁକ୍କାୟିତ ଭାବରେ ରହିଛି ।

କବି ଆମ ପରି ଜଣେ ସାଧାରଣ ମଣିଷ କିନ୍ତୁ ତାର ନୈସର୍ଗିକ ଭାବନା ଲମ୍ବି ଯାଇଛି ବହୁ ଦୂରକୁ । କବିତା କବିର ଭାଗ୍ୟ ମୁକ୍ତିର ମଶାଳ । କେତେବେଳେ ସେ ଶୈଶବର ଦୋଳି,ଯୌବନର ପ୍ରମୋଦ ଉଦ୍ୟାନ,ଆଉ କେତେବେଳେ ପବିତ୍ର ସ୍ୱର୍ଗ ଅଥବା ବୃଦ୍ଧାବସ୍ଥାର ବାରଣାସୀ। ମସ୍ତିଷ୍କର ଆୟାମୀ କେନ୍ଦ୍ରରୁ ଆପେ ଆପେ ନିର୍ଗତ ହୁଏ କଲମ କାଳିର ରୂପ ନେବେ ପର୍ଯ୍ୟନ୍ତ । ସେଥିପାଇଁ କହନ୍ତି କବିତା ଲେଖା ଯାଏ ନାହିଁ ମାତ୍ର ସୃଷ୍ଟି ହୁଏ । ଆତ୍ମାର କପୋତ ବିଷୟରେ କବି ଗୁରୁ ପ୍ରସାଦ କହନ୍ତି– "ତୁମେ ପୁଣି ଭଲ ପାଅ ତୁମେ ପୁଣି ହାତ ଧରି ଡାକ,ତୁମର ବା ଆତ୍ମା କାହିଁ,ମୋ ଦେହ ବା ଜୀବନ୍ତକେଉଁଠି ?"ମେଘର ଇସ୍ପାତ ଦେହ ସ୍ଥିର,ପୁଣି ବାଧା ପାଏ ସେଠି ମନର କପୋତ ।"ନାୟିକା ଯେଉଁଠି ଆତ୍ମାହୀନ,ନାୟକ ଯେଉଁଠି ଜଡ,ଜୀବନ ଯେଉଁଠି ନିଥର ସେଠାରେ ପୁଣି ପୁରୁଷ ପାଇଁ ନାରୀର ପ୍ରେମର ଝଙ୍କାର ମର୍ମଦାହୀ ।

ସାଂପ୍ରତିକ ସମୟ ବିଭବ, ପ୍ରେମ, ଭାଗ୍ୟ, ଭବିତବ୍ୟ, ମୃତ୍ୟୁଚେତନା ପ୍ରଭୃତିକୁ ନେଇ ଗୁରୁପ୍ରସାଦ ମହାନ୍ତିଙ୍କ କବିତା ପାହାଡି ଝରଣା ପରି ବହି ଆସେ ସମସ୍ତ ବନ୍ଧ ବାଡ ଡେଇଁ । ଏଥିରୁ ସ୍ୱଷ୍ଟ ଭାବେ ଅନୁଭୂତ ହୁଏ କବିଟିଏ ଜିଜ୍ଞାସୁ ଚିର କାଳ । ସେ ଦିବ୍ୟ ଦ୍ରଷ୍ଟାର ପ୍ରତିଭୂ। ତାର କଲମ ମୂନ ଦୁର୍ଭିକ୍ଷର କଳା ଛାଇ ଭିତରେ ହଳଦୀ ବସନ୍ତକୁ ଖୋଜେ । ସତ୍ୟର ମୁକ୍ତି,ସୂକ୍ଷ୍ମତାରୁ ପ୍ରେମ ଏବଂ ବିପ୍ଳବରୁ ଖସଡା ଖୋଜେ କବିର କବିତା । ଯାହା ସୃଷ୍ଟିର ଆୟାମୀ କେନ୍ଦ୍ରରୁ ନିରନ୍ତର ନିର୍ଗତ ହେଉଥାଏ । କବିତାର ଶୈଳୀ,ଭାଷା,କାରିଗରୀ,କୌଶଳ ଓ ଶବ୍ଦ ସଂଯୋଜନା ଆପେ ଆପେ ଆସେ । କବି ରାଜେନ୍ଦ୍ର ପଣ୍ଡା,କେତେବେଳେ ଘୃଣାକ୍ଷର,ଚଉକାଠରେ ଚିରକାଳ ରାଜେନ୍ଦ୍ର,ଶୈଳ କକ୍ଷରେ ରାଜେନ୍ଦ୍ର ପୁଣି ଅନ୍ୟାୟର ପ୍ରତିବାଦକାରୀ ରାଜେନ୍ଦ୍ର । ଟି.ଏସ୍.ଏଲିୟଟ୍ ଙ୍କ ଭାଷାରେ

କବି ମନ ପ୍ଲାଟିନମ୍ ର ସୂକ୍ଷ୍ମ ତନ୍ତୁ । ସେ କହନ୍ତି– " ନା,ମୁକୁଳି ଯାଇ ପାରେନା ତୋର ପୃଥିବୀରୁ/ତାର ଦ୍ୱୈତ ମୁକୁଳର ସଂଗୁଆସିରୁ/ପହିଲି ବର୍ଷାର ଅତର ମହକରୁ,ଶାଗୁଆ ଶାଢ଼ୀରୁ/ନୀଳ ଘଂଚ କୁନ୍ତଳରୁ,ମୃଣାଳ ବାହୁରୁ/କୋଟି କୋଟି ବାଳୁତଙ୍କ କୁନି କୁନି ପାପୁଲିର ଜୀବନରୁ/ମୁକୁଳି ପାରେନା ତୋର ସୀମାରୁ/ଏହି ଶ୍ୟାମଳ ପୃଥିବୀର ମାଧ୍ୟାକର୍ଷଣରେ ରହିଯାଏ ମୁଁ/ନିଜେ ମାଧ୍ୟା କର୍ଷଣ ହୋଇ ।"

ଜୀବନର ଯାତ୍ରା ଏକ ମାୟା ଭୂମି ।ତେଣୁ କବି ପ୍ରାର୍ଥନା କରନ୍ତି– "ତୁ ଏମିତି ଆସି ଯାଉଥା'ବେଳେ ବେଳେ ଯାତ୍ରା ପଥରେ । ମୋର କବିତା କିନ୍ତୁ ରଚନାରେ ଅବ୍ୟାହତ । ପଶୁ ଓହ୍ଲାଇ ଯାଉଛି ଗୁହ୍ୟାଭ୍ୟନ୍ତରକୁ,ପକ୍ଷୀ ଉଡି ଯାଉଛି ଆକାଶକୁ,ମଣିଷ ଭେଟୁଛି ନିଜକୁ,କି ଅଦ୍ଭୁତ କି ଉଚ୍ଛ୍ୱାସମୟ ଏହି ପରିଚୟ । ଟେଡ୍ ହିଉଗ୍‌ସଙ୍କ ସହ କବିଙ୍କ ସଂପର୍କ ନିଗୁଢ଼ ।"ବିଚାର କ୍ଷେତ୍ରରେ ବ୍ୟବଧାନ ଅନେକ । ସେ ପର୍ବତରେ ଇଭିଲ ଆଇ ଆବିଷ୍କାର କରନ୍ତି ।ଯାହା ମଣିଷକୁ ବିପର୍ଯ୍ୟସ୍ତ କରିଦିଏ। ମୃତଲୋକ କିନ୍ତୁ ସରଳ । ଏ କଥା କହିବା ପଛରେ ସମାଜରେ ଚାଲିଥିବା କିଛି କୁତ୍ସିତ ବିଧିବଧାନ ପ୍ରତି ତାଂକର କଟାକ୍ଷ ରହିଛି । ସେହି ବିଧି ବିଧାନରୁ ଜନ୍ମ ନେଇଛି ତାଙ୍କର କବିତା ତାହା ରଚନା ନୁହେଁ ସୃଷ୍ଟି । ମନେ ରଖିବା ଉଚିତ୍ କବିତା ଲେଖିବା ଏକ ସ୍ୱୟଂ କ୍ରିୟା ପ୍ରକ୍ରିୟା ଯାହା ଆପେ ଆପେସଂଘଟିତ ହୁଏ କିନ୍ତୁ ଲେଖିବାକୁ ପଡେନାହିଁ । ଚେତନାର ଗର୍ଭ ଗୃହରେ ଆପଣାଛାଏଁ ଆଲୋଡନ ସୃଷ୍ଟି କରେ । ଅବଶ୍ୟ ଏଥିପାଇଁ ଶବ୍ଦହିଁ ଲୋଡା । ଯାହା କବିତା ରୂପରେ ଜନ୍ମ ନିଏ କବିର ସରଳ ଓ ସାବଲୀଳ ଲେଖନୀ ମୂନରୁ ।

କବିଙ୍କ ହୃଦୟରେ ଦାରୁଣ ରେଖା ପାତ କରେ ଦାଦନର ଦୁଃଖ,ଦଳିତର ନଷ୍ଟେଷିତ ଭାବ,ଅସହାୟ ଦରିଦ୍ର ଚାଷୀର ଆତ୍ମହତ୍ୟା,ନାରୀର ଗଣ ଦୁଷ୍କର୍ମ,ଶିଶୁ ନିର୍ଯ୍ୟାତନା,ବିସ୍ଥାପନ ଓ ଶିଳ୍ପାୟନ। କବିତା ସରଳ ଓ ବୋଧଗମ୍ୟ ହେଲେ ପାଠକଙ୍କ ହୃଦୟକୁ ଆପେ ଆପେ ସ୍ପର୍ଶ କରିଯାଏ । କବି ସତ୍ତା ଓ ବ୍ୟକ୍ତି ସତ୍ତା ଦୁଇଟି ସଂପୂର୍ଣ୍ଣ ଭିନ୍ନ । ମଣିଷକୁ ଭଲ ପାଇବା ଓ କବିତାକୁ ଭଲ ପାଇବା ଦୁଇଟି ଭିନ୍ନ କିନ୍ତୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । କବିତାର ଧାରା ତ୍ରିବିଧା ତାହା ଅନୁଭବତା,ଆବେଗତା ଓ ଅନ୍ୱେଷଣତା,ଏହିପରି ଏକ ସ୍ତମ୍ଭ ଉପରେ ଛିଡାହୁଏ କବି ତାର ମନର ଭାବନାକୁ ସାକାର ରୂପ ଦେବାପାଇଁ । ଆଗାମୀ ସକାଳ ପାଇଁ ତାହା ହୁଏ ସୃଜନର ଧାରା । ସେହି ସୃଜନତାର ନାନ୍ଦନିକ ସୌନ୍ଦର୍ଯ୍ୟ କବିର ଭାବନାକୁ ନିରନ୍ତର ପ୍ରେରଣା ଦିଏ କବିତା ରଚନା କରିବାକୁ ଆଉ ସୃଷ୍ଟିକୁ ବାର୍ତ୍ତା ଦେବାକୁ ।

କବି ଭୀମ ଭୋଇ ପ୍ରାଣୀଙ୍କ ଆରତକୁ ଦୂର କରିବା ପାଇଁ ଜୀବନକୁ ନର୍କରେ ଫୋପାଡି ଦେଲେ,ରାଧାନାଥ କରୁଣ ରସ ପ୍ରାଧାନ୍ୟ କାବ୍ୟ ରଚନା କଲେ,ଫକୀର ମୋହନ କବିତା ମାଧ୍ୟମରେ ଭାଷା ଆନ୍ଦୋଳନ ଜାହିର ରଖିଲେ, ଗଙ୍ଗାଧରଙ୍କର ନୂଆ ଜୀବନ ଧାରାର ପ୍ରସାର ଗଢିଲା,ପଲ୍ଲୀ ପ୍ରାଣ ନନ୍ଦକିଶୋର ପଲ୍ଲୀ ଜୀବନକୁ କାବ୍ୟ ପ୍ରାଣ କଲେ ଏବଂ ମଧୁସୂଦନ ଉପନିଷଦୀୟ ଆଲୋକ ବାଂଟିଲେ । ଏହି ସବୁ ମୂଳରେ ଗୋଟିଏ ସ୍ଫୂର୍ତ୍ତି ବିଦ୍ୟମାନ ଥିଲା ତାହା ହେଉଛି ଜୀବନର ବାସ୍ତବତା ଛୁଇଁବା ପାଇଁ କଲମ ଚାଳନା କରି ବିଦ୍ରୋହୀ ପ୍ରାଣକୁ ଶବ୍ଦର କାରିଗର ସଜାଇବା । କବି ପ୍ରସନ୍ନ ପାଟ୍ଟସାହାଣୀ ଙ୍କ କବିତାରେ ଆଉ ଏକ ଭାବାବେଗ ଦୃଷ୍ଟିଗୋଚର ହୁଏ ,ଯେଉଁଠି ଏକ ନିଚ୍ଛକ ଆବେଗତା ଅଛି– "ମୁଁ ଦେଖୁଛି ଏକ ନିବିଡ଼ ଅରଣ୍ୟ ତଳେ ଅନାହାର ଶ୍ମଶାନରେ ଦୁଃଖର ଅଙ୍ଗାର ତଳେ ମୁଁ ଦେଖୁଛି ଶବୁଜ ଶସ୍ୟର ପଣତରେ ସଡିଯାଏ ଆନନ୍ଦର ଫଳନ୍ତି ମାଉଁସ ଶୋଷଣ ବିଷ ଶୋକର କେନାଲରେ ଭାସେ ଫଲିଡଲବିଲେ ଦୁଗ୍ଧ କୃଷକର ପ୍ରାଣ ।"

ଦୁଃଖର ଅଙ୍ଗାର ତଳେ ବାଘ ଆଁ ଭିତରେ ପିକ୍‌ନିକ ।( କବି ପ୍ରସନ୍ନ ପାଟ୍ଟଶାଣୀ ପୃ-୧୫ ) ମାଟିକୁ ଫଟାଏ ଯିଏ ସିଏ ଜାଣଇ ଭୋକର ବେଦନା ପଥର ଭାଙ୍ଗଇ ଯିଏ ସେ ଜାଣିଛି ଅଭାବର କଥା ଶୋଷିତ ସମାଜ ଜାଣେ ଗଣ ଯୁଦ୍ଧ ଏକ ନ୍ୟାୟ ପନ୍ଥା ।"(ନିର୍ଦ୍ଦେଶ ନାମା –ଉତ୍ତର ପର୍ବ କବି ସଦାଶିବ ଦାସ) ଦାର୍ଶନିକ ହେଗେଲ କହନ୍ତି–"ଆତ୍ମାର ବିକାଶ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଓ ପ୍ରସଙ୍ଗ । ଏହାର ବିକାଶ ଘଟିଲେ ପ୍ରକୃତିର ବିକାଶ ଘଟେ । ପ୍ରକୃତିର ବିକାଶରେ ସମାଜ ବିକଶିତ ହୁଏ । ସମାଜକୁ ବିକଶିତ କରିବା ପାଇଁ କବିର କଲମ ମୂନ ବଲମ ପରି ଟାଣ।

ସବୁବେଳେ କବିର ଗୋଟିଏ ଆଖି ନିରୁତା ପ୍ରେମ ପ୍ରତି ଧାବମାନ ହେଲାବେଳେ ଅନ୍ୟ ଆଖିଟି ଆପେ ଆପେ ବିପ୍ଳବ ଆଡ଼କୁ ଚହଲିଯାଏ। ବିଭୁଦ ମିଶ୍ରଙ୍କ କବିତାରେ କବିର ଭାବନା ପହଁଚି ଯାଇଛି ସ୍ମୃତିର ଆୟାମି କେନ୍ଦ୍ରରେ,ଯେଉଁଠି ଅଛି ସ୍ୱତସ୍ଫୂର୍ତ୍ତ ରଚନାର ନିବୁଜ କୋଠରୀ । ତାହା ବାଧ୍ୟ ବାଧକତାରେ ଆସେ ନାହିଁ ମନ ଇଚ୍ଛା ଖୋଲିଦିଏ ଲୁହାର କବାଟକୁ। ସେଥିପାଇଁ ଓାର୍ଡସ ଓାର୍ଥ କବିତାକୁ କହିଲେ– "ଏହା ଏକ ସ୍ମରଣୀୟ ସଂଜ୍ଞା । ପଏଟ୍ରି ଇଜ୍ ଦି ସ୍ୱଂଟାନିୟସ୍ ଓଭର ଫ୍ଲୋ ଅଫ୍ ପାଓାର ଫୁଲ୍ ଫିଲିଙ୍ଗସ୍ ।"କ୍ରାନ୍ତି ଦର୍ଶୀ ସେଲି କହିଲେ– " କଳ୍ପନାର ଅଭିବ୍ୟକ୍ତିହିଁ କବିତା । ସୌନ୍ଦର୍ଯ୍ୟର ଛନ୍ଦିତ ସୃଜନ ।"କବି ଟି.ଏସ୍. ଇଲିୟଟ୍ କିନ୍ତୁ ଭିନ୍ନ ଭାବରେ ବ୍ୟକ୍ତ କଲେ – "କବିତା ଆବେଗର ମୁକ୍ତ ଅଭିବ୍ୟକ୍ତି ନୁହେଁ,ପରନ୍ତୁ ଆବେଗରୁ ମୁକ୍ତି ଲାଗି ଏକ ପ୍ରୟାସ । ଏହା ବ୍ୟକ୍ତିର ଆତ୍ମାଭିବ୍ୟକ୍ତି ନୁହେଁ,ସାମୁହିକ ଚେତନାର ଅଭିବ୍ୟକ୍ତି ।"

କାର୍ତ୍ତିକର ଶେଷ ଜହ୍ନ,ଶୀତ ଆଉ ପାଉଁଶ କୁହୁଡ଼ି ମହାନଦୀ ନଈ ପଠା,କାଶ ତଣ୍ଡୀ କଂଚା ନେଳି ପାଣି ଚୁପ୍ ଚୁପ୍ କେତେ କଥା,ଅଦୂରରେ କଟକ ସହର ଆମେ ଦୁହେଁ ଯାଇ ଥିଲେ ସାତ ତାଳ ସପନରେ ବୁଡ଼ି । (ବିଭୂଦତ୍ତ ମିଶ୍ର ବାଲିଯାତ୍ରା) ଏ ଦେହରେ ଏତେ ଫୁଲ,ସେ ଫୁଲରେ ଏତେ ପ୍ରଜାପତି ବାଲି ଯାତ୍ରା ଗହଳିରେ,ଗୋଡ଼ା ଗୋଡ଼ି,ପୁଣି ଭେଟା ଭେଟି"। କବିଟିଏ ଚିରନ୍ତନୀର ବାର୍ତ୍ତାବହ । ଶବ୍ଦର ଚାତୁର୍ଯ୍ୟରେ ସେ କୈବଲ୍ୟ ପ୍ରାପ୍ତି ହୁଏ । ବୁନ୍ଦାଏ ଜଳକୁ ସେ ମହା ସମୁଦ୍ରରେ ପରିଣତ କରେ । ଚାଖଣ୍ଡେ ଭୂମିରେ ଭୂମାର ଭାବ ସ୍ପନ୍ଦନ କରିପାରେ ,ସାମାନ୍ୟ ପଥର ଖଣ୍ଡରେ ମହାମେରୁର ସୃଷ୍ଟିକୁ ଉପଲବ୍ଧି କରେ ଓ ନିର୍ଜନ ଉପତ୍ୟକାରେ ଉପଲବ୍ଧ କଳାକୁ କଳାରେଉତରଚନା କରେ । କବିର ଗର୍ଭ ବେଦନାରୁ ଜନ୍ମି ଥିବା କବିତା ଅନୁକୃତି ମୂଳକ କଳା,ଶିକ୍ଷା ଦେବା ଓ ଆନନ୍ଦ ଦେବା ନିଥର ଶବ୍ଦର ଚାତୁର୍ଯ୍ୟତା । ଅଭିଜ୍ଞତାର କାଳକୁ ନେଇ କବିତାର ଭିତ୍ତି ଓ ଭୂତ୍ତି ସୃଷ୍ଟି ହୁଏ ।

ସ୍ୱାଧୀନତା ପ୍ରାପ୍ତି ପରେ ସମାଜର ଅବକ୍ଷୟକୁ ଦେଖି କବି ବ୍ରଜନାଥ ରଥ ମନର ଭାଷାକୁ କଲମ କାଳିରେ ପ୍ରକାଶ କଲେ -ସ୍ୱାଧୀନତା ଆଜି କୁଲି ମଜୁରିଆ ଚିରା କନା ଉଡେ ଫର ଫର ।" ନାରୀର ନଗ୍ନତାକୁ ଦେଖି କବିତାର ଶବ୍ଦ ଆଗକୁ ଆଗକୁ ମାଡି ଚାଲିଲା -ନାରୀର ନଗ୍ନତା ଅନ୍ଧାରରୁ ଜଳୁଥାଏ ଯେମିତି ମନ୍ଦାର,ବୁଝିରହେ,ନାରୀ ହେଲା ସାଢେ ପାଂଚ କପ୍ ଅଭିମାନ ଆଉ ଦେଢ ଲିଟର ଅଶ୍ରୁର ସମାହାର ।"(ଭାନୁଜୀ ରାଓ) ସତରେ ଓଠ ଫାଙ୍କରେ ପବନର ଭେଳିକି ସୃଷ୍ଟିକରେ କବି ଶବ୍ଦର ପ୍ରିୟତମ ଯାଦୁକର । ଅଭିଆଡି ଝିଅର ମୁରୁକି ହସରେ ଈଶ୍ୱରଙ୍କର ହଜିଲା ଠିକଣାକୁ କବି ଠାବ କରିଦିଏ । ସେଥିପାଇଁ କବି ପ୍ରଜାପତି,ତାର ତୃତୀୟ ନୟନ । କବିତାର ତୁଳୀର ମୂର୍ଚ୍ଛନାରେ କେତେବେଳେ ଜୀବନର ହସ ଆଉ କେତେ ବେଳେ ମୃତ୍ୟୁର ଅବସୋସକୁ କେଉଁ ଏକ ଅନ୍ତରଙ୍ଗ ମୁହୂର୍ତ୍ତରେ ଆଖିର ଲୁହ କରି ଗଡାଇ ଦିଏ ।

ପ୍ରିୟତମର ବିଚ୍ଛେଦକୁ କବିତାର ମର୍ମେ ମର୍ମେଜୀବନର ଖେଳ ବୋଲି ଭାବି ମନର ଭାବନାକୁ କବି ପ୍ରକାଶ କରେ କବିତା ମାଧ୍ୟମରେ ଯାହା ରଚନା ନୁହେଁ ମାତ୍ର ସୃଷ୍ଟିର ସ୍ୱାକ୍ଷର । "ବେଳ ଗଡି ଯାଏ ସୁଖ ସରିଯାଏ ସରୁଛି ଜୀବନ ଖେଳ ବଉଳ ଗଛର ଗହଳ ଛାଇରେ ପ୍ରିୟା ବସି କରେ ରୋଳ ।"(ଅରୁଣ ଚନ୍ଦ୍ର ମହାନ୍ତି,ଫଗୁଣ ଫେରୁଛି)"ଯେତେବେଳେ କବି ଜୀବନରେ ଆଶା,ଉଲ୍ଲାସ,ଦୁଃଖ ଓ ପ୍ରଳାପାଦି ପ୍ରକାଶ ପାଏ ସେତେବେଳେ ସେହି କବିତା କବିଙ୍କ କଲମ ମୂନରେ ଭିନ୍ନ ରୂପ ନେଇଛି- "ପଉଷ ଶେଯରେ ଝରା ପତର ମୁଁ ତୁମେ ତ ହଳଦୀ ବସନ୍ତ ମୋ ପାଇଁ ଚାହିଁଛି ଧୂସର ଧରଣୀ ତୁମକୁ ଅସୀମ ବସନ୍ତ ।"(ହୃଷିକେଶ ପଣ୍ଡା) କବି ଜଣେ ସାଧାରଣ ମଣିଷ ହୋଇପାରନ୍ତି ମାତ୍ର ଅସାଧାରଣ ତାର ପରିକଳ୍ପନା । ତାହା ଶାଶ୍ୱତ ସୃଷ୍ଟିର ପ୍ରମୋଦ ଉଦ୍ୟାନ ଓ ଫୁଙ୍ଗୁଳା ପୃଥିବୀ । ଶବ୍ଦ ସହିତ ଆତ୍ମୀୟତା କରି ତା'ଝାଳର ଝରଣାରେ ପଡିଆ ଜମିକୁ ଜଙ୍ଗଲ ଓ ଜଙ୍ଗଲକୁ ଶ୍ୟାମଳ ବନାନୀ କରିଦେଇପାରେ ।ବୈରାଗ୍ୟ ମିଳନ,ବରହ ବିଚ୍ଛେଦ ଓ ବିପ୍ଳବ ଶାନ୍ତିକୁ ନେଇ ଯିଏ ବାଉଁଶକୁ ବଂଶୀ ଓ ପଥରକୁ ନାୟିକା କରିପାରେ ସେ ହେଉଛି କେବଳ କବି ।

କବିତାର ସୌନ୍ଦର୍ଯ୍ୟ ନିର୍ଭର କରେ ନନ୍ଦନତ୍ୱ ଉପରେ । ସ୍ଥିତିବାଦୀ ଦାର୍ଶନିକ ସୋରେନ୍ କିରିକେଗାର୍ଡ କହନ୍ତି – "କବିତାରେ ଗୋଟିଏ ଲୁକ୍କାୟିତ ସୌନ୍ଦର୍ଯ୍ୟ ନିହିତ ଥାଏ ଯାହା ସୃଷ୍ଟିକୁ କାଳଜୟୀ କରାଏ ।"ତାହା ଲେଖା ଯାଏ ନାହିଁ କିନ୍ତୁ ସୃଷ୍ଟିହୁଏ । କବି ପକ୍ଷୀଟିଏ ପରି ଡେଣା ମେଲାଇ ଅନନ୍ତ ସୌନ୍ଦର୍ଯ୍ୟ ଉପଭୋଗ କରେ । ପଲ୍ଲୀ ଓ ପ୍ରକୃତି କବି ସତ୍ତାର ମୁଖ୍ୟ ଆକର୍ଷଣ । ମାଟିର ଆକର୍ଷଣ ଏକ ନିଚ୍ଛକ ମାୟା । ସେ କେତେବେଳେ ବିପ୍ଳବର ମଂଜି ପୋତିଦେଇ କବିକୁ ବିପ୍ଳବୀ କରାଏ ସେତେବେଳେ ତାର ହୃଦୟର ଅଭିବ୍ୟକ୍ତି ସମାଜକୁ ବାର୍ତ୍ତା ଦିଏ । କବିତା ଲେଖା ଯାଏନାହିଁ ମାତ୍ର ସୃଷ୍ଟି ହୁଏ । ।

ମହକାଏ । ଲେଖା ଯାଏ ନାହିଁ କବିତା ଝରଣା ଆପେ ଆପେ ସୃଷ୍ଟି ହୁଏ । ବିଶ୍ୱକବି ଫ୍ରେଦେରିକ୍ ଗ୍ରାସିଆ ଲରକା ସ୍ପେନ ଗୃହ ଯୁଦ୍ଧରେ ନାୟକ ସାଜି ଶେଷରେ ଫାସିଷ୍ଟିବାଦୀ ଶାସକ ହାତରେ ମୃତ୍ୟୁ ବରଣ କଲେ ।ଭିଡେନାମ ମୁକ୍ତି ସଙ୍ଗ୍ରାମର ପ୍ରଧାନ ଯୋଦ୍ଧା ହୋଚିମିନ ବିପ୍ଳବୀ କବିତା ରଚନା କରି ବହୁ ବାର କାରାବାସ ଭୋଗ କଲେ । ଆମେରିକାର ଏକ ଗରିବ ପରିବାରର ଜନ୍ମିତ ଆବ୍ରାହମ୍ ଲିଙ୍କନ ଦାସ ପ୍ରଥାକୁ ବିରୋଧ କରି ଶେଷରେ ମୃତ୍ୟୁବରଣ କଲେ । ତେଣି କବିଟିଏ କବିତାକୁ ଜୀବନ ଦାନ କରେ । କବିର ଦୁଃଖରେ କବିତା କାନ୍ଦେ ଓ ସୁଖରେ ଆପେ ଆପେ ହସେ । ପ୍ରତୀକ,ମିଥ୍,ଆର୍କିଟାଇ୍ ଓ ଚିତ୍ରକଳ୍ପକୁ ସେ ଆଦରି ନିଏ କବିତା ରଚନା କରିବା ପାଇଁ । କାରଣ କବିର ଉଚ୍ଛ୍ୱାସ କବିତା । କବିତା ଲେଖା ଯାଏ ନାହିଁ କିନ୍ତୁ କବିର ଆୟାମୀ କେନ୍ଦ୍ରରୁ ଜନ୍ମ ନିଏ । ଫୁଲ ଫଗୁଣର ସୁରଭି ପବନେ ମହକେ ରଜନୀଗନ୍ଧା/କବିତା ଜହ୍ନର ଭରା ଯୌବନ ସପନେ ପିଆସୀ ବନ୍ଧା । ସପନ ସାଗରେ ଭାସି ବୁଲି ନିତି କରେ ମୁକ ଅଭିନୟ/ କବିର ଉଚ୍ଛ୍ୱାସ ସପନ କୁହୁଡ଼ି ବାଉଳା ଝରଣା ଝିଅ ।"

କବିର ଦିବ୍ୟ ଚେତନାରେ ଅମୃତ୍ୱର ଧାରା ନିହିତ ଥାଏ । କବିର ମନ ଚୈତନ୍ୟରୁ ଯେଉଁ ଦିବ୍ୟ ଚେତନା ଉଦ୍ରେକ ହୁଏ ତାହା ହିଁ କବିତା। କବିର କବିତାରେ ଥାଏ ଆଶା ଓ ବିଶ୍ୱାସର ମଧୁର ସମନ୍ୱୟ । ଜୀବନର ଅନୁଭବକୁ ପ୍ରକାଶ କରିଲେ କବିତା ହୁଏ ଜୀବନ ଧର୍ମୀ । କବିତା ଶବ୍ଦର ମାଧ୍ୟମରେ ଲେଖା ହୁଏ ମାତ୍ର ଭାବର ନୁହେଁ । କବିର ରକ୍ତରେ, ମେଦରେ ଓ ମାଂସରେ କବିତା ଲେଖାହୁଏ । କବି ଜୀବନର ସମସ୍ତ ଅନୁଭବ କବିତାର ସ୍ୱରରେ ଲିପିବଦ୍ଧ ହୋଇ ରହିଯାଏ । ଆଧୁନିକ ଜୀବନ ଜିଜ୍ଞାସାର କବି ଦୀପକ ମିଶ୍ର । ସେ ଭାରତୀୟ ସଂସ୍କୃତିରଉପାସକ । ଆଉ ମଧ୍ୟ ମଣିଷ ଜୀବନକୁ ଆଧାର କରି ସେ କବିତା ଲେଖନ୍ତି 'ମିଥ୍' ର ପ୍ରୟୋଗ ମାଧ୍ୟମରେ ।

ଡଃ ପଂଚାନନ ମିଶ୍ରଙ୍କ ଉକ୍ତିରେ – "କବିତାର ମାଧ୍ୟମ ଓ କଥିତ ଭାଷା ହେଉଛି ଶବ୍ଦ ଏହି ଶବ୍ଦ ମାନଙ୍କ ରୂପାନ୍ତକରଣରେ କବିତା ହୃଦୟକୁ ସ୍ପର୍ଶ କରେ ।"କବିତାର ଚାରିଟି ତତ୍ତ୍ୱ ନିହିତ ଥାଏ । ତାହା ହେଉଛି ଭାବ, କଳ୍ପନା.ବୁଦ୍ଧି ଓ ଶୈଳୀ । ମୁଖ୍ୟତଃ କବିତାରେ ତିନି ଗୋଟି ରୂପ ପ୍ରକଟିତ ହୋଇଥାଏ ତାହା ହେଉଛି ପ୍ରବନ୍ଧକାବ୍ୟ, ମୁକ୍ତକ ଓ ଗୀତିକାବ୍ୟ। ପ୍ରବନ୍ଧ କାବ୍ୟରେ ଓ ମୁକ୍ତକରେ ଗୀତିକାବ୍ୟ ଅପେକ୍ଷା କଥାବସ୍ତୁ, ଚରିତ୍ର ଚିତ୍ରଣ,ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା,ନାନାପ୍ରକାର ସମସ୍ୟା, ବିଚାର ଧାରା ସହିତ ନାନା ପ୍ରକାର ଜୀବନ ଦର୍ଶନର କଥା ମିଳିଥାଏ । ମୁକ୍ତକ କାବ୍ୟରେ ଏକ ରୂପତା ଦେଖାଯାଏ । ଗୀତିକାବ୍ୟରେ ଭାବତ୍ମକତା, ସାଙ୍ଗୀତିକତା, ବୈୟକ୍ତିକତା, ସଂକ୍ଷିପ୍ତତା ଓ କୋମଳତା ଭାବ ପରିଲକ୍ଷିତ ହୁଏ । ସୁତରାଂ କବିତା ଜୀବନର ପରିଭାଷା । କଳ୍ପନା ଓ ଭାବନା ଦ୍ୱାରା ଜୀବନକୁ ସେ ବ୍ୟାଖ୍ୟା କରେ । ସେଥିପାଇଁ କୁହା ଯାଇଛି କବିତା ସତ୍ୟ ଓ ଆନନ୍ଦର ମିଶ୍ରିତ କଳା । ସେଥିପାଇଁ ଓାଡସ୍ ଓାର୍ଥ କହିଲେ-" କାବିତା ଇଜ୍ ଦି ସ୍ପଂଟାନିୟସ ପ୍ଲୋ ଅଫ୍ ପାଓାର ଫୁଲ ରାଇଟିଂସ୍ ।"

***ସଭାପତି,ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ,***
***କୋହ୍ଲ, ତିହିଡ଼ି, ଭଦ୍ରକ***
***ଦୂରଭାଷ: ୯୪୩୭୫୭୪୪୬୨***

# ଶ୍ରୀଜଗନ୍ନାଥଙ୍କ ନୀତିରେ ନୃସିଂହଙ୍କ ଉପାସନା

ବିଜୟଲକ୍ଷ୍ମୀ ସାହୁ

ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଅଧିପତି ପୁରୁଷୋତ୍ତମ ପତି କ୍ଷେତ୍ରାଧିପତି ଦାରୁରୂପୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ବିଚିତ୍ରଲୀଳା ସର୍ବବ୍ୟାପୀ, ସେ କେତେବେଳେ କେଉଁ ରୂପ ଧାରଣ କରି ସୃଷ୍ଟି ପାଳନ କରନ୍ତି ତାହା ଅବର୍ଣ୍ଣନୀୟ । ବିଶ୍ୱବ୍ରହ୍ମାଣ୍ଡ ତାଙ୍କଠାରୁ ସୃଷ୍ଟି ଏବଂ ତାଙ୍କଠାରେ ହିଁ ବିଲୟ ହୋଇଥାଏ। ସ୍କନ୍ଦପୁରାଣର ପୁରୁଷୋତ୍ତମ ମହାତ୍ମ୍ୟରେ ଉଲ୍ଲେଖ ଅଛି ଯେ ବ୍ରହ୍ମା ଯେତେବେଳେ ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠା କଲେ ତାଙ୍କର ରୂପ ଅନ୍ତର୍ହିତ ହୋଇ ଏକ ଭୀଷଣାକୃତି ନୃସିଂହ ରୂପରେ ଆବିର୍ଭାବ ଘଟିଲା। ତାଙ୍କ ଶରୀରରୁ ଅଗ୍ନିଶିଖା ସୃଷ୍ଟି ହେବା ସହ ସେ ପ୍ରଳୟକାଳୀନ ରୁଦ୍ର ପରି ଦେଖାଯାଉଥିଲେ। ଏପରି ଦୃଶ୍ୟ ଦେଖି ରାଜା ଇନ୍ଦ୍ରଦ୍ୟୁମ୍ନ ଆଶ୍ଚର୍ଯ୍ୟ ହୋଇ ବ୍ରହ୍ମାଙ୍କୁ ଏହାର କାରଣ ପଚାରିଲେ। ବ୍ରହ୍ମା ଉତ୍ତର ଦେଇ କହିଲେ ହେ ରାଜା ଭଗବାନଙ୍କର ମୌଳିକ ରୂପ ବର୍ତ୍ତମାନ ନରସିଂହ ରୂପରେ। ତୁମ୍ଭ ପ୍ରତି ଅନୁଗ୍ରହ ଯୋଗୁଁ ବିଷ୍ଣୁ ନରସିଂହ ରୂପରେ ଲୁକ୍କାୟିତ। ସେ ଦାରୁ ପ୍ରତିମା ନୁହନ୍ତି। ସେ ସାକ୍ଷାତ ପରଂବ୍ରହ୍ମ। ତାଙ୍କୁ ମନ୍ତ୍ରରାଜ ନୃସିଂହ ମନ୍ତ୍ରରେ ପୂଜା କରିବା ପାଇଁ ବ୍ରହ୍ମା  ରାଜାଙ୍କୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ କାଳରେ ବ୍ରହ୍ମା ନୃସିଂହ ଯନ୍ତ୍ର ଆଙ୍କି ସେଥିରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ବସାଇ ନରସିଂହ ମନ୍ତ୍ରରାଜ ପାଠ କରିବା ସହ ଏହାର ଅଲୌକିକ ପ୍ରଭାବ ସମ୍ପର୍କରେ ରାଜାଙ୍କୁ ବୁଝାଇଥିଲେ। ନରସିଂହ ମନ୍ତ୍ରରେ ଦୀକ୍ଷିତ ହେବା ପରେ ରାଜା ଇନ୍ଦ୍ରଦ୍ୟୁମ୍ନ ନୃସିଂହଙ୍କର ଏକ ମଙ୍ଗଳ ମୂର୍ତ୍ତି ଯୋଗୀନରସିଂହ ରୂପେ ଦର୍ଶନ କଲେ। ବତ୍ରିଶ ପାଖୁଡ଼ା ଯୁକ୍ତ ପଦ୍ମମନ୍ତ ଉପରେ ନରସିଂହ ଉପବେଶନ କରିଥିଲେ। ଯୋଗୀ ଭାବେ ତାଙ୍କ ହାତ ଦୁଇଟିକୁ ଆଣ୍ଠୁ ଉପରେ ରଖି ବସିଥିଲେ ବାମ କ୍ରୋଡ଼ରେ ଲକ୍ଷ୍ମୀ ଏବଂ ପୃଷ୍ଠଭାଗରେ ବଳଭଦ୍ର ସହସ୍ର ଫଣାଯୁକ୍ତ ଶେଷ ନାଗ ରୂପେ ଆବିର୍ଭାବ ହୋଇଥିଲେ। ଏହି ରୂପ ଦେଖି ରାଜା ସନ୍ତୁଷ୍ଟ ହୋଇଥିଲେ। ଏହି ଦୃଷ୍ଟିରୁ ଜଗନ୍ନାଥଙ୍କ ପୂଜା ପଦ୍ଧତିରେ ଓଁ ଶ୍ରୀଜଗନ୍ନାଥ ଧର୍ମରେ ନୃସିଂହଙ୍କ ଉପାସନାର ପ୍ରାଧାନ୍ୟ ଦେଖାଯାଏ। କବି ଜଗନ୍ନାଥ ଦାସଙ୍କ ଭାଗବତ ରଚନାର ଆରମ୍ଭରେ ନୃସିଂହଙ୍କୁ ଆରାଧନା କରି ଲେଖିଛନ୍ତି -

"ନମଇଁ ନୃସିଂହ ଚରଣ
ଅନାଦି ପରମ କାରଣ।"

ଶ୍ରୀକ୍ଷେତ୍ରରେ ନୃସିଂହ ମହାପ୍ରଭୁଙ୍କୁ ଆଦି ଦେବ ରୂପେ ଗ୍ରହଣ କରାଯାଇଅଛି। କେତେକଙ୍କ ମତରେ ନୃସିଂହ ପ୍ରଥମେ ଗିରି ଗୁହାରୁ ଜାତ ହୋଇଥିବାରୁ ସେ ଗିରିଜା ନୃସିଂହ। ଅନ୍ୟ କେତେକଙ୍କ ମତରେ ସତ୍ୟ ଯୁଗରେ ହିରଣ୍ୟକଶିପୁକୁ ବଧ କରିବା ପାଇଁ ପ୍ରାସାଦ ଖମ୍ବରୁ ଆବିର୍ଭାବ ହୋଇଥିଲେ। ଶୈବମାନେ ଖମ୍ବ ନୃସିଂହଙ୍କୁ ଶିବ ଲିଙ୍ଗ ରୂପେ ଓ ଶୈବ ଦେବତା ଗ୍ରହଣ କରିଥିଲେ ମଧ୍ୟ ପରବର୍ତ୍ତୀ କାଳରେ ବୈଷ୍ଣବ ଦେବତା ରୂପେ ଗ୍ରହଣ କରାଗଲା। ନୃସିଂହ ହେଉଛନ୍ତି ବିଷ୍ଣୁଙ୍କର ଚତୁର୍ଥ ଅବତାର। ସେ ଅନାଦି, ଅସିମ ଓ ସଚ୍ଚିଦାନନ୍ଦ ସ୍ୱରୂପ। ଆଚାର୍ଯ୍ୟ ଶଙ୍କରଙ୍କର ଲକ୍ଷ୍ମୀ-ନୃସିଂହ ଉପାସନା ଓ ଲକ୍ଷ୍ମୀ-ନୃସିଂହାଷ୍ଟକରେ ପ୍ରଭାବିତ ହୋଇ ଶ୍ରୀକ୍ଷେତ୍ର ଶଙ୍କରାନନ୍ଦ ମଠରେ ମହନ୍ତ ମହାରାଜ ଶ୍ରୀଧର ଗୋସ୍ୱାମୀ ଶ୍ରୀମଦ ଭାଗବତ ଟିକାରେ ନୃସିଂହଙ୍କୁ ବର୍ଣ୍ଣନା କରିଛନ୍ତି।

"ବାଗୀଷା ଯସ୍ୟ ବଦନେ, ଲକ୍ଷ୍ମୀର୍ଯସ୍ୟ ଚବକ୍ଷସି
ଯସ୍ୟାସ୍ତେ ଉଦୟେ ସମ୍ୱିତ ତଂ ନୃସିଂହ ମହ୍ୟମ ଭଜେ।

ଗଙ୍ଗବଂଶର ରାଜା ଚୋଳଗଙ୍ଗ ଦେବ ୧୧୧୩ ଖ୍ରୀ.ଅ.ରେ ସୀମାଚଳଠାରେ ନୃସିଂହନାଥଙ୍କ ମନ୍ଦିର ନିର୍ମାଣ କରିଥିଲେ। ଗଙ୍ଗବଂଶ ରାଜତ୍ୱ ସମୟରେ ଏକାମ୍ର କ୍ଷେତ୍ର ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ବେଢାରେ ଲକ୍ଷ୍ମୀନୃସିଂହ ମନ୍ଦିର ନିର୍ମାଣ କରାଯାଇଥିଲା। ତେଣୁ ନୃସିଂହ ହେଉଛନ୍ତି ବୈଷ୍ଣବ ଓ ଶୈବ ଉପାସନାର ଆରାଧ ଦେବତା ରୂପେ ସ୍ୱୀକୃତ ଓ ପଶ୍ଚିମ ଓଡ଼ିଶାର ପାଇକମାଳସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତର ନୃସିଂହ ନାଥ କିମ୍ବା ବଡାଳ ନୃସିଂହ କିମ୍ବା ମାର୍ଜର କେଶରୀ ମନ୍ଦିର ନିର୍ମାଣ ହୋଇଥିଲା। ଶ୍ରୀକ୍ଷେତ୍ରରେ ନୃସିଂହ ଉପାସନା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇଅଛି। ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ ନୀଳାଚଳର ନୀଳପର୍ବତର ଏକ କୃଷ୍ଣାଗୁରୁ ବୃକ୍ଷ ମୂଳରେ ନୃସିଂହ ରୂପୀ ଜଗନ୍ନାଥ ବିରାଜମାନ କରୁଥିଲେ। ରାଜା ଇନ୍ଦ୍ରଦ୍ୟୁମ୍ନ ଏହାଙ୍କୁ ଦର୍ଶନ କରି ପ୍ରତିଷ୍ଠା କରିବା ପରେ ଆଦେଶ ପ୍ରାପ୍ତ ହୋଇ ସ୍ୱୟଂ ବ୍ରହ୍ମାଙ୍କ ଦ୍ୱାରା ଯଜ୍ଞ କରିବାରୁ ଯଜ୍ଞ ନୃସିଂହ ଆବିର୍ଭାବ ହୋଇଥିଲେ। ଏହି ଯଜ୍ଞ ନୃସିଂହଙ୍କ ଚିତ୍ର ଶ୍ରୀମନ୍ଦିର ଜଗମୋହନର ଗରୁଡ଼ ସ୍ତମ୍ଭର ବାମ ପାର୍ଶ୍ୱ କାନ୍ଥ ଉପରେ ଅଙ୍କିତ ହୋଇଅଛି। ଯଜ୍ଞ ନୃସିଂହଙ୍କ ଆଶୀର୍ବାଦ ହେବା ପରେ ନୃସିଂହ ମନ୍ତ୍ରରାଜ

ଦ୍ୱାରା ଅଭିମନ୍ତ୍ରିତ ହୋଇଥିଲେ। ତେଣୁ ନୃସିଂହ ହେଉଛନ୍ତି ଜଗନ୍ନାଥଙ୍କର ଆଦି ରୂପ। ଆଦ୍ୟ ପ୍ରକାଶ ନୃସିଂହଙ୍କ ଉପାସନା ଶ୍ରୀଜଗନ୍ନାଙ୍କ ନୀତି, ପୂଜା ଓ ଯାତ୍ରା ଇତ୍ୟାଦିରେ ପ୍ରଚଳିତ ହୋଇଆସୁଅଛି। ଶ୍ରୀମନ୍ଦିରରେ ବିଗ୍ରହମାନଙ୍କର ନବକଳେବର, ଅଣସର, ରଥଯାତ୍ରା, ରୋଷ, ପୂଜାବିଧି ପ୍ରଭୃତିରେ ନୃସିଂହଙ୍କୁ ଆବାହନ କରାଯାଏ। ନବ କଳେବର ନିମିତ୍ତ ବନଯାଗ ଯାତ୍ରା ସମୟରେ କାକଟପୁର ମା' ମଙ୍ଗଳାଙ୍କ ଠାରୁ ସ୍ୱପ୍ନାଦେଶ ପାଇବା ପରେ ଦାରୁ ସନ୍ଧାନ ପାଇଁ ଯାତ୍ରା ଆରମ୍ଭ କରାଯାଏ। ଦାରୁ ସନ୍ଧାନ ପରେ ନୃସିଂହ ମନ୍ତ୍ରରାଜରେ ଯଜ୍ଞ କରାଯାଏ। ପତି ମହାପାତ୍ର ଓ ବାଡ଼ଗ୍ରାହି, ଦଇତା ଯଜ୍ଞଶାଳ ମଧ୍ୟରେ ପାତାଳ ନୃସିଂହ ମନ୍ତ୍ର ଜପ କରୁଥାନ୍ତି। ଆହୂତି ବେଳେ ମଧ୍ୟ ନୃସିଂହ ମନ୍ତ୍ର ଉଚ୍ଚାରଣ କରନ୍ତି। ଦାରୁ ପ୍ରତିଷ୍ଠା ବେଳେ ନ୍ୟାସ ଦାରୁ ରୂପେ ଏହାଙ୍କୁ ନୃସିଂହ ମନ୍ତ୍ରରେ ପ୍ରତିଷ୍ଠା କରାଯାଇ ନୃସିଂହ ଗାୟତ୍ରୀ ମନ୍ତ୍ର ପାଠ କରାଯାଇ ନ୍ୟାସ ଦାରୁଙ୍କୁ ଅଭିଷେକ କରାଯାଏ। ଏହି ଦାରୁ ଉପରେ ନ୍ୟାସ କରାଯିବା ସମୟରେ ନୃସିଂହ ମନ୍ତ୍ରରାଜରେ ଅଭିମନ୍ତ୍ରିତ କରାଯାଏ।

"ଓଁ - ଉଗ୍ର ବୀରଂ ମହାବିଷ୍ଣୁ ଜଳନ୍ତଂ ସର୍ବତୋ ମୁଖମ୍
ନୃସିଂହ ଭୀଷଣଂ ଭଦ୍ର ମୃତ୍ୟୋ ମୃତ୍ୟୁଂ ନମାମ୍ୟହମ୍ ॥"

ମହାପ୍ରଭୁ ନୃସିଂହ ତମେ ଉଗ୍ର ତଥା ବୀର, ତମେ ମହାବିଷ୍ଣୁ, ତମେ ଦ୍ୱନ୍ଦ୍ୱାତୀତ ତମର ପ୍ରଭୁ ମୁଖମଣ୍ଡଳ ସବୁ ଦିଗକୁ ପରିବ୍ୟାପ୍ତ, ପ୍ରଭୁ ତୁମ୍ଭେ ନୃସିଂହ ଭୀଷଣ ଓ କଲ୍ୟାଣପ୍ରଦ ତୁମେ ମୃତ୍ୟୁର ମୃତ୍ୟୁ। ମୁଁ ତୁମ୍ଭ ନିକଟରେ ଶରଣ ଯାଉଚି ପ୍ରଣାମ ଜଣାଉଚି। ଅଣସର ସମୟରେ ମହାପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତି ଅଣସର ପିଣ୍ଡିରେ ଥିଲା ବେଳେ ନୃସିଂହ ରୂପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରାଯାଏ। ନୃସିଂହ ମହାପ୍ରଭୁଙ୍କୁ ନୈବିଦ୍ୟ ଅର୍ପଣ କରାଯାଇ ବିମଳା ମା'ଙ୍କୁ ସମର୍ପଣ କରାଯାଇ ମହାପ୍ରସାଦ ହୁଏ।

ରଥଯାତ୍ରା ସମୟରେ ନୃସିଂହ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରରେ ପୂଜା କରାଯାଏ। ରଥ ଅନୁକୂଳ, ରଥ ପ୍ରତିଷ୍ଠାରେ ନୃସିଂହ ମନ୍ତ୍ର ପାଠକରାଯାଏ। ପୁଷ୍ପାଳକମାନେ ଚନ୍ଦନ ଦାରୁ ନିର୍ମିତ ନୃସିଂହଙ୍କ ବିଗ୍ରହକୁ ରଥଯାତ୍ରା ସମୟରେ ନନ୍ଦିଘୋଷ ରଥରେ ଅବସ୍ଥାନ କରାନ୍ତି। ରଥଯାତ୍ରା ସମୟରେ ଦାରୁ ରଥ ପ୍ରତିଷ୍ଠାରେ ଲକ୍ଷ୍ମୀନୃସିଂହଙ୍କ ଚଳନ୍ତି ପ୍ରତିମା ବିଜେ ହୁଅନ୍ତି। ଏହାଙ୍କୁ କଳେବର ନୃସିଂହ କୁହାଯାଏ। ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶ୍ରୀମନ୍ଦିରରେ ନୃସିଂହ-ଜନ୍ମ ପାଳିତ ହୁଏ, ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଚକ୍ର କ୍ଷେତ୍ର ନିକଟରେ ଥିବା ଚକ୍ର ନୃସିଂହଙ୍କ ନିକଟକୁ ଯାଏ ଦକ୍ଷିଣ ଘରୁ ନୃସିଂହ ପ୍ରଭୁଙ୍କୁ ଅଣାଯାଇ ମୁକ୍ତି ମଣ୍ଡ ଉପରେ ତଥା ନୃସିଂହ ମନ୍ଦିର ସମ୍ମୁଖରେ ଖଟୁଲିରେ ବିଜେ କରାଇ ମହାସ୍ନାନ ପଞ୍ଚୋପଚାର, ଶୀତଳ ଭୋଗ ଓ ବନ୍ଦାପନା କରାଯାଇ ଜନ୍ମ ନୀତି ପାଳନ କରାଯାଏ। ଏହାପରେ ନୃସିଂହ ପ୍ରଭୁଙ୍କୁ ବିମାନରେ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥାଆନ୍ତି। ସେଠାରୁ ବାହୁଡ଼ା ବିଜେ ପରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆଲଟ ଚାମର ନୀତି ଓ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୁଏ। ଶ୍ରାବଣ ଶୁକ୍ଳ ପଞ୍ଚମୀ ଦିନ ଦକ୍ଷିଣ ଘରୁ ନୃସିଂହ ମହାପ୍ରଭୁଙ୍କ ବିଜେ ପ୍ରତିମା ବିମାନ ଯୋଗେ ମାର୍କଣ୍ଡେ, ଭୃଗୁ, ଅଙ୍ଗିରା ଓ ପଣ୍ଡୁ ଆଶ୍ରମକୁ ଯାଇଥାନ୍ତି। ଏହାକୁ ବାଡ଼ି-ନୃସିଂହଙ୍କ ରୂପେ ପୂଜା କରାଯାଏ। ଶ୍ରୀକ୍ଷେତ୍ରରେ ମହାମାରୀର ବିନାଶ ପାଇଁ ନୃସିଂହ ଦକ୍ଷିଣ ଘରେ ପୂଜା ପାଉଛନ୍ତି। ପଣ୍ଡୁ ପୂର୍ଣ୍ଣିମା ଦିନ ଅର୍ଥାତ୍ ମାର୍ଗଶୀର ପୂର୍ଣ୍ଣିମା ଦିନ ବାଡ଼ି ନୃସିଂହ ମହାପ୍ରଭୁଙ୍କୁ ଦକ୍ଷିଣ ଘରୁ ବାହାରି ମାର୍କଣ୍ଡେୟ, ଭୃଗୁ, ଅଙ୍ଗିରା ଓ ପଣ୍ଡୁ ଆଶ୍ରମକୁ ବିଜେ ହୁଅନ୍ତି। କାର୍ତ୍ତିକ ପଞ୍ଚୁକରେ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶ୍ରୀଜଗନ୍ନାଥଙ୍କର ନୃସିଂହ ବା ଡାଳିକିଆ ବେଶ ହୁଏ। ଜ୍ୟୋତିର୍ମୟ ସୁଦର୍ଶନ ଚକ୍ରରେ ମଧ୍ୟ ନୃସିଂହ ପ୍ରଭୁ ବିରାଜମାନ କରିଥାନ୍ତି। ଶ୍ରୀମନ୍ଦିରର ପନ୍ଦରଗୋଟି ସ୍ଥାନରେ ଷୋହଳ ଗୋଟି ନୃସିଂହଙ୍କ ବିଗ୍ରହ ପୂଜା ପାଉଛନ୍ତି। ସିଂହ ଦ୍ୱାର ଗୁମୁଟ, ବାଇଶି ପାହାଚ, ପ୍ଲଟ ନମ୍ବର ୨୧୪ ନୃସିଂହ ମନ୍ଦିର, ପ୍ଲଟ ନଂ ୨୬୬ରେ ନୃସିଂହ ନାଥ ମନ୍ଦିର ଜଗମୋହନ, ଭୋଗ ମଣ୍ଡପ, ଦକ୍ଷିଣ ଘର, ଲକ୍ଷ୍ମୀ ମନ୍ଦିର, ମଣୋହୀ ଘର, ନିଶା ନୃସିଂହ ମନ୍ଦିର ଏବଂ ଅନ୍ୟ ଦୁଇଟି ମନ୍ଦିର ରହିଛି।

ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା କରାଯାଇଥିବା ବ୍ରହ୍ମଯଜ୍ଞ ଓ ଅଶ୍ୱମେଧ ଯଜ୍ଞରେ ଯଜ୍ଞର ଅଧିପତି ଦେବତା ଯଜ୍ଞ ନାରାୟଣ ଅଗ୍ନି ମଧ୍ୟରେ ସହସ୍ରଶୀର୍ଷ ପୁରୁଷ ନୃସିଂହ ରୂପରେ ଆବିର୍ଭାବ ହୋଇଥିଲେ। ତେଣୁ ଗୁଣ୍ଡିଚା ମନ୍ଦିର ପୀଠରେ ଯଜ୍ଞନୃସିଂହ ସେହି ନୃସିଂହଙ୍କ ପ୍ରତିକଳ୍ପ ବା ଅନୁକଳ୍ପ ମୂର୍ତ୍ତି ହେଉଛନ୍ତି ଦାରୁବ୍ରହ୍ମ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ମା ସୁଭଦ୍ରା।

"ମହାମ୍ଭୋଧେସ୍ତୀରେ କନକ ରୁଚିରେ ନୀଳ ଶିଖରେ
ବସନ ପ୍ରସାଦାନ୍ତଃ ସହଜ ବଳଭଦ୍ରେଣ ବଳିନା"
ସୁଭଦ୍ରମଧ୍ୟସଃ ସକଳ ସୁର ସେବା ବସରଦୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁମେ।

ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ବହୁ ପ୍ରାଚୀନ କାଳରୁ ନୃସିଂହ ପ୍ରଭୁଙ୍କର ଉପାସନା ଧାରା ଅବ୍ୟାହତ ରହିଛି । ଶ୍ରୀଜଗନ୍ନାଥ ଯେ ନୃସିଂହ ରୂପୀ ବ୍ୟକ୍ତି ଦାରୁବ୍ରହ୍ମ, ଏହା ଶ୍ରୀଜଗନ୍ନାଥଙ୍କର ପୂର୍ବ ସୂଚିତ ନୀତି, ଯାତ୍ରା ଓ ପୂଜା ପଦ୍ଧତିରୁ ସ୍ପଷ୍ଟ ଜଣାପଡ଼େ। ନୀଳାଦ୍ରି ମହୋଦୟ, ବାମଦେବ ସଂହିତା ପ୍ରଭୃତିରେ ଉଲ୍ଲେଖ ଅଛି ଯେ ଶ୍ରୀଜଗନ୍ନାଥଙ୍କୁ ନୃସିଂହ ମନ୍ତ୍ରରେ ପୂଜା କରିବା ଆବଶ୍ୟକ। ଯଦି ଏହା ନହୁଏ ତାହାହେଲେ ଅଷ୍ଟାଦଶାକ୍ଷର ଗୋପାଳ ମନ୍ତ୍ରରେ ପୂଜା କରାଯିବ। ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ନୃସିଂହନାଥ ମନ୍ଦିରରେ ଅନ୍ନପ୍ରସାଦ ଭୋଗ କରାଯାଏ। ନବଦିନ କରିଥିବା ବ୍ରତଧାରୀମାନେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ କରି ନୃସିଂହନାଥଙ୍କୁ ଦର୍ଶନ କରି ଗୁଣ୍ଡିଚା ମନ୍ଦିରରେ ପ୍ରସାଦ ସେବନ କରି ଆଳତୀ ଦର୍ଶନ କରନ୍ତି ଏବଂ ପ୍ରତ୍ୟେକ ଭକ୍ତ ନବଦିନ ଦର୍ଶନ ପୂରଣ କରନ୍ତି ।

॥ ଜୟ ଜଗନ୍ନାଥ ॥

*ଷ୍ଟେଟବ୍ୟାଙ୍କ କଲୋନୀ,*
*କେଶୁରା ଏଚଆଇଜି ୨/୩୦୩, ଭୁବନେଶ୍ୱର*
*ଦୂରଭାଷ: ୮୮୯୫୪୯୫୧୭୦*




# ସାମ୍ନାରେ ସତ୍ୟଭାମା

## ପ୍ରଫେସର ଉପେନ୍ଦ୍ର ନାୟକ

ଦୀର୍ଘବର୍ଷର ଅତୀତ ଲୁଚି ଲୁଚି ରହିଥିବାବେଳେ ପୁଣି ଏତେଦିନ ପରେ ସେ ସ୍ମୃତି ଏମିତି ସାମ୍ନାରେ ଦୃଶ୍ୟାୟିତ ହେବ, ଭାବି ପାରୁନଥିଲେ ଦେବେନ୍ଦ୍ର ବାବୁ।

ଦେବେନ୍ଦ୍ର କୁମାର ଜଗଦେବ। ବରିଷ୍ଠ ଆଇ.ଏ.ଏସ୍ ଅଫିସର୍। ରାଜ୍ୟର ବହୁ ପଦପଦବୀରେ ଥାଇ ଏବେ ମୁଖ୍ୟମନ୍ତ୍ରୀଙ୍କର ମହାମାନ୍ୟ ସଚିବ।

ମୁଖ୍ୟମନ୍ତ୍ରୀଙ୍କ ସଚିବ ଥାଇ ବାସ୍ତବରେ ସେ ହିଁ ମୁଖ୍ୟମନ୍ତ୍ରୀଙ୍କୁ ସୁପରାମର୍ଶ ଦେଇ ରାଜ୍ୟକୁ ସୁଚାରୁ ରୂପେ ଚଳାଉଛନ୍ତି।

ଜଣେ ଭାରତୀୟ ପ୍ରଶାସନିକ ସେବାର ଉଚ୍ଚ ପଦାଧିକାରୀ ଭାବେ ତାଙ୍କର ବିନ୍ଦୁଏ ବି ପ୍ରୌଢ଼ୀ ନାହିଁ। ସ୍ପର୍ଦ୍ଧା କି ଆସ୍ଫାଳନ ନାହିଁ। ଆଜିଯାଏ ସତ୍ୟ ଧର୍ମକୁ କେବେ ବି ସେ ହାତଛଡ଼ା କରିନାହାନ୍ତି।

ଜୀବନ ଆଗେଇ ଚାଲିଛି।

ମୁଖ୍ୟମନ୍ତ୍ରୀ ସପ୍ତାହରେ ଗୋଟିଏ ଦିନ ପ୍ରତ୍ୟେକ ସୋମବାର ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବା ପାଇଁଧାର୍ଯ୍ୟ କରିଛନ୍ତି। ସାରା ରାଜ୍ୟର ଲୋକ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ସେହି ମୁକ୍ତ ଜନ ଦରବାରରେ ସାକ୍ଷାତ କରି ନିଜର ହାରିଗୁହାରୀ ଜଣାଇ ପାରିବେ।

ମୁଖ୍ୟମନ୍ତ୍ରୀଙ୍କର ଏହି ଦରବାରରେ ପ୍ରକୃତ ପକ୍ଷେ ତାଙ୍କର ସଚିବ ଅର୍ଥାତ୍ ଦେବେନ୍ଦ୍ର ବାବୁହିଁ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା କରନ୍ତି।

ସେଦିନ ବି ଥିଲା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ଦିନ। ଯେଉଁମାନେ ଭେଟିବେ ବୋଲିପୂର୍ବରୁ ଆବେଦନ କରିଥାନ୍ତି, ସେହି ଅନୁସାରେ ନାମ ପଂଜୀକରଣ କରାଯାଇ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଡକାଯାଇଥାଏ।

ସମ୍ପୃକ୍ତ କିରାଣୀ କ୍ରମାନ୍ୱୟରେ ଗୋଟିକ ପରେ ଗୋଟିଏ ଆବେଦନକାରୀଙ୍କୁ ଡାକି ଚାଲିଥିଲେ।

ଜଣକ ପରେ ଜଣେ ଆସି ସାକ୍ଷାତ କରି ନିଜ ନିଜର ଅଳି ଅଭିଯୋଗ ଶୁଣାଇବା ପରେ ଯାହାର ଯାହା ଯଥାସମ୍ଭବ କାର୍ଯ୍ୟାନୁଷ୍ଠାନ କରାଯାଇପାରିବ କରାଯାଉଥାଏ। ସେଦିନ କେତେଜଣଙ୍କ ନାମ ଡକାଯିବା ପରେ ସତ୍ୟଭାମା ପରିଡ଼ାଙ୍କ ନାମ ଡକାଯାଇଥିଲା।

ସତ୍ୟଭାମା ପରିଡା ନାମଟା ଶୁଣି ପ୍ରଥମେ ଚମକି ପଡ଼ିଥିଲେ ସଚିବ ଦେବେନ୍ଦ୍ର ବାବୁ। ତା'ପରେ ଭାବିଲେ ଏ ଜଗରେ ଏକା ନାମରେ ଅନେକ ଲୋକଙ୍କର ଆବିର୍ଭାବ। ଯେ ସେମିତି କେହି ଜଣେ ସତ୍ୟଭାମା ପରିଡା ହୋଇଥିବେ।

ନମ୍ବର ଅନୁସାରେ ଡାକ ଶୁଣି ଆସି ପହଞ୍ଚିଲେ ସତ୍ୟଭାମା ପରିଡା। ତଳକୁ ନଥି ଉପରେ ଆଖି ରଖି କ'ଣ ସବୁ ଦାୟିତ୍ୱପୂର୍ଣ୍ଣ ବିଷୟ ଲେଖିବାରେ ନିମଗ୍ନ ଥିଲେ ସଚିବ ଦେବେନ୍ଦ୍ର ଜଗଦେବ।

ତା'ପରେ ମୁଖ୍ୟମନ୍ତ୍ରୀଙ୍କ ପି.ଏ. ପଚାରିଲେ - ଆପଣ ସତ୍ୟଭାମା ପରିଡ଼ା ?

ଆଜ୍ଞା ହଁ, ମୁଁ ସତ୍ୟଭାମା ପରିଡ଼ା।

ସ୍ୱରଟା ଚିହ୍ନା ଚିହ୍ନା ଲାଗିଲା ସଚିବ ଦେବେନ୍ଦ୍ର ବାବୁଙ୍କୁ। ଦୃଷ୍ଟି ପଡ଼ିଗଲା ସତ୍ୟଭାମା ପରିଡ଼ାଙ୍କ ଉପରେ।

ଇଏ ସେହି ସତ୍ୟଭାମା ପରିଡ଼ା ନୁହେଁ ତ ?

ଶରୀରର ରୁଗଣତା ସତ୍ତ୍ୱେ ଓ ଭଗ୍ନ ଚେହେରାରେ ବି ସତ୍ୟଭାମା ମୁଖମଣ୍ଡଳ ଗଠନରୁ ଚିହ୍ନି ହୋଇ ଯାଉଛି।

ଏହି ସେହି ସତ୍ୟଭାମା ପରିଡ଼ା।

ଦେବେନ୍ଦ୍ର ବାବୁ ରାଜନୀତି ବିଜ୍ଞାନରେ ଏମ୍.ଏ. ପଢୁଥିବାବେଳେ ଏହି ସତ୍ୟଭାମା ପଢୁଥିଲା ବି.ଏ.।

ସେହି ସତ୍ୟଭାମା ହିଁ ଥିଲା ଆଇ.ଏ.ଏସ୍ ଅଫିସର ଦେବେନ୍ଦ୍ରଙ୍କର ଆଦ୍ୟ ପ୍ରେମିକା। ପ୍ରଥମ ପ୍ରେମର ନିଛକ ନାୟିକା।

ସମୟ ସବୁ କିଛି ଓଲଟପାଲଟ କରିଦେଇଥିଲା। ସେହି ସତ୍ୟଭାମା ଆଜି ମୁଖ୍ୟମନ୍ତ୍ରୀଙ୍କର ଦ୍ୱାରସ୍ଥ। ସତ୍ୟଭାମା ବୋଧେ ତାଙ୍କର କିଛି ବି ଖୋଜ ଖବର ରଖି ନଥିବ। କିନ୍ତୁ ଏଇ ମୁହୂର୍ତ୍ତରେ ସତ୍ୟଭାମାକୁ ଏପରି ଅବସ୍ଥାରେ ଦେଖି ସାରିଲା ପରେ ସତ୍ୟଭାମା ତାଙ୍କୁ ଚିହ୍ନୁ ବା ନଚିହ୍ନୁ ବୋଧେ ଆଦ୍ୟ ପୁରୁଷକୁ ରହିଁପାରୁନି ସାହସ କରି। କ'ଣ ତେବେ ଅଭାବ ଅସୁବିଧା ହୋଇଛି ସତ୍ୟଭାମାର। କି ନ୍ୟାୟ ତାକୁ ଆଜି ଦେଇ ପାରିବେ ଆଇ.ଏ.ଏ.ସ ଅଫିସର ଦେବେନ୍ଦ୍ର ଜଗଦେବ।

ସେହି ପ୍ରେମିକା ସତ୍ୟଭାମା ଯଦି ଶେଷ ପର୍ଯ୍ୟନ୍ତ ଦେବେନ୍ଦ୍ର ଜଗଦ୍ଦେବ ବାବୁଙ୍କ ପ୍ରେମର ଗୋଲାପ ହୋଇ ରହିଥାନ୍ତା ସିଏ ହୁଏତ ଦେବେନ୍ଦ୍ର ବାବୁଙ୍କ ତୁଳୀତଳ୍ପ ପଲଙ୍କର ଶଯ୍ୟାସଂଗିନୀ ହୋଇ ସାହେବାଣୀ ପାଲଟି ଯାଇଥାନ୍ତା। କିନ୍ତୁ ତାହା ହୋଇପାରିନଥିଲା।

ପଲକ ମଧ୍ୟରେ ଅତୀତର ପ୍ରତିଟି ପୃଷ୍ଠା ଲେଉଟି ଯାଉଥିଲା ଫର୍ଦ୍ଦ ଫର୍ଦ୍ଦ ହୋଇ ମୁଖ୍ୟମନ୍ତ୍ରୀଙ୍କ ସଚିବ ଦେବେନ୍ଦ୍ରଙ୍କ ଚକ୍ଷୁ ସାମ୍ନାରେ।

ସେ ପର୍ଯ୍ୟନ୍ତ ସତ୍ୟଭାମାର ଦୃଷ୍ଟି ନିବଦ୍ଧ ହୋଇନଥିଲା ଦେବେନ୍ଦ୍ର ବାବୁଙ୍କ ଉପରେ।

ମୁଖ୍ୟମନ୍ତ୍ରୀ ହେଉଛନ୍ତି ମନ୍ଦିରର ଅଟଳ ଦେବତା। ସେ କେବଳ ସାମ୍ନାକୁ ଚାହିଁ ବସିଥାନ୍ତି ଦାରୁଭୂତ ମୁରାରୀ ପରି।

ମୁଖ୍ୟମନ୍ତ୍ରୀଙ୍କ ପି.ଏ. ପଚାରିଲା ସତ୍ୟଭାମାକୁ –

– ଆପଣ ସତ୍ୟଭାମା ପରିଡା

– ଆଜ୍ଞା

– ଆପଣଙ୍କ ସ୍ୱାମୀ ଦେବଦତ୍ତ ସ୍ୱାଇଁ

–ଆଜ୍ଞା

– ଆପଣଙ୍କ ଘର କେନ୍ଦ୍ରାପଡା

– ଆଜ୍ଞା

– ଏଥର ସ୍ପଷ୍ଟ କରି ଚାହିଁଲେ ସତ୍ୟଭାମାକୁ ଦେବେନ୍ଦ୍ର ବାବୁ।

ଆଉ ସନ୍ଦେହର ପ୍ରଶ୍ନ ନାହିଁ। ଏଇ ତେବେ ତାଙ୍କର ସେହି ଆଦ୍ୟ ଯୌବନର ରଂଗରାଗଭରା ପ୍ରେମର ଫୁଲ ସତ୍ୟଭାମା। ସାହସ କରି ଭରସି ଚାହିଁ ପାରୁନି ବୋଧେ ଆଦ୍ୟ ପୁରୁଷକୁ। ତାଙ୍କର ସମଗ୍ର ମାନସକେନ୍ଦ୍ରଟି ଭୀଷଣ ଭାବେ ଆନ୍ଦୋଳିତ ହେବାକୁ ଲାଗିଲା।

କ'ଣ କରାଯାଇପାରିବ ସତ୍ୟଭାମା ପାଇଁ?

କ'ଣ ସେ ଆବେଦନ କରିଛି ? କ'ଣ ଚାହୁଁଛି ସେ।

ଏଥର ଦେବେନ୍ଦ୍ର ବାବୁ ସତ୍ୟଭାମାକୁ ନ ଚାହିଁ ତା'ର ଆବେଦନପତ୍ରଟିକୁ ନେଇ ନିବିଷ୍ଟ ଚିତ୍ତରେ ଯାଞ୍ଚ କଲେ।

ନିବେଦନ ପତ୍ରଟିକୁ ପଢ଼ିସାରିବା ପରେ ଦୁଃଖରେ ବିଗଳିତ ହୋଇଉଠିଲା ଦେବେନ୍ଦ୍ର ଦାସଙ୍କ ମନ ଓ ହୃଦୟ।

ସତ୍ୟଭାମା ଲେଖିଛି ତା'ର ସ୍ୱାମୀ ଦେବଦତ୍ତ ସ୍ୱାଇଁ ସତ୍ୟରାଜପୁର ବ୍ଲକର କିରାଣୀ କର୍କଟ ରୋଗରେ ଆକ୍ରାନ୍ତ। ତା'ର ବ୍ୟୟବହୁଳ ଚିକିତ୍ସା ସରକାର ବହନ କରିବାକୁ ଅନୁରୋଧ ଜଣାଇଛି ସେ।

ସତ୍ୟଭାମା ପରିଡାର ସ୍ୱାମୀ ଦେବେଦତ୍ତ ସ୍ୱାଇଁଙ୍କ କର୍କଟ ରୋଗର ଚିକିତ୍ସା ସରକାରଙ୍କ ଦ୍ୱାରା ବହନ କରାଯାଇପାରେ ବୋଲି ତାଙ୍କ ଆବେଦନପତ୍ରରେ ଏକ ନୋଟ୍ ଲେଖି ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଏକ ନିର୍ଦ୍ଦେଶନାମା ସ୍ୱାସ୍ଥ୍ୟ ସଚିବଙ୍କ ପାଖକୁ ପଠାଇ ଦେଲେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଦେବେନ୍ଦ୍ର ଜଗଦ୍ଦେବ। ଅର୍ଜେଣ୍ଟ ବୋଲି ଉଲ୍ଲେଖ କରି ଚିଠିଟି ଶୀଘ୍ର ପଠାଇବାର ବ୍ୟବସ୍ଥା କରିଦେଲେ ମଧ୍ୟ ପ୍ରଶାସକ ଦେବେନ୍ଦ୍ର ଜଗଦ୍ଦେବ ସହଜ ଓ ସ୍ଥିର ହୋଇ ପାରୁନଥିଲେ।

ଅତୀତର ସବୁ ଚିତ୍ର ଗୋଟି ଗୋଟି ହୋଇ ଆଖି ଆଗରେ ନାଚି ଯାଉଥିଲା ଦେବେନ୍ଦ୍ର ବାବୁଙ୍କର।

କଲେଜରେ ପଢୁଥିବାବେଳେ କେଉଁ ଏକ ମଧୁମୟ ମୁହୂର୍ତ୍ତରେ ଦେବେନ୍ଦ୍ର ବାବୁ ଓ ସତ୍ୟଭାମା ଉଭୟ ଉଭୟଙ୍କୁ ଭଲ ପାଇ ବସିଥିଲେ। ସତ୍ୟଭାମା ଦେବେନ୍ଦ୍ର ବାବୁଙ୍କଠାରୁ ଦୁଇ ବର୍ଷ ଜୁନିୟର। କ୍ଲାସରେ ସେଦିନ କଲେଜ କ୍ୟାଣ୍ଟିନରେ ଛାତ୍ରଛାତ୍ରୀମାନେ ବସି ଜଳଯୋଗ କରୁଥିଲେ। କିଏ କଟ୍‌ଲେଟ ଓ କିଏ ଆମଲେଟ୍ କିଏ ବରା ତ କିଏ ସିଙ୍ଗଡା, କିଏ ରସଗୋଲା ତ କିଏ ରାଜଭୋଗ ଖାଉଥିଲେ।

ସମସ୍ତେ ଖାଇ ସାରି କ୍ଲାସକୁ ଯିବା ପରେ ଶେଷକୁ ରହି ଯାଇଥିଲେ ସତ୍ୟଭାମା ଓ ଦେବେନ୍ଦ୍ର ଜଗଦ୍ଦେବ। ଖାଇ ସାରିବା ପରେ ଦେବେନ୍ଦ୍ର ବାବୁ ସତ୍ୟଭାମାର ବିଲ୍ ବି ଦେଇଦେଲେ।

– ନାହିଁ ମୁଁ ଦେଉଛି, ଆପଣ ମୋ ପାଇଁ

– ସେଥିରେ କ'ଣ ଅଛି ?

ଆଉ କିଛି ଉତ୍ତର ଦେଇ ପାରିନଥିଲା ସତ୍ୟଭାମା। ସେହି ଦିନରୁ ଦେବେନ୍ଦ୍ର ବାବୁ ଓ ସତ୍ୟଭାମାଙ୍କ ମଧ୍ୟରେ ଭଲ ପାଇବାର ଯୋଗ ଘଣ୍ଟା ବାଜିଥିଲା।

ସତ୍ୟଭାମା ଥିଲା ଅସମ୍ଭବ ସୁନ୍ଦରୀ। ଯାହା କୁହାଯାଏ ସତେ ଯେପରି ଗୋଟିଏ ଚାଉଳରେ ଗଢ଼ା। ଚମ୍ପାଫୁଲ ପରି ଗୋରା କେତକୀ ବର୍ଣ୍ଣର ତରୁଣୀଙ୍କର ମୁଖମଣ୍ଡଳର ଗଢ଼ଣ ଅତି ଲୋଭନୀୟ।

ଏପରି କି ଏକ ସୁନ୍ଦରୀ ତରୁଣୀ ସହିତ ପରିଚୟ ହେଲା ଦେବେନ୍ଦ୍ରବାବୁଙ୍କର। ଦେବେନ୍ଦ୍ର ବାବୁଙ୍କର ସେ ଆଦ୍ୟଯୌବନର ତାରୁଣ୍ୟ କିଛି କମ୍ ନଥିଲା କିମ୍ବା ସୌନ୍ଦର୍ଯ୍ୟର ଅରୁଣିମା ତଥା ମୁଖମଣ୍ଡଳର ଜ୍ୟୋତିରେ ପଟାନ୍ତର ନଥିଲା।

ଦୁହିଁଙ୍କ ଭିତରେ ଭଲ ପାଇବାର ଅଙ୍କୁରଟିଏ ସୃଷ୍ଟି ହୋଇ ଧୀରେ ଧୀରେ ପକ୍ଷ ମେଲି ଚାଲିଲା। ପ୍ରତିଦିନ କଲେଜ ଲାଇବ୍ରେରୀରେ କିମ୍ବା କଲେଜ କ୍ୟାଣ୍ଟିନରେ କେତେବେଳେ ପୁଣି କମନ୍‌ରୁମ୍ କରିଡୋରରେ ସାକ୍ଷାତ, ଗପସପ ଓ ଆନ୍ତରିକାର ସଂବୃଦ୍ଧି ଘଟି ଚାଲିଥିଲା।

ତାରୁଣ୍ୟରେ ଭଲ ପାଇବାର ଆବେଗ ଥାଏ ଅକଳନୀୟ। ସେ ପ୍ରକାର ଅନୁଭବ ଦୁହିଁଙ୍କୁ କ୍ରମଶଃ ବିଶେଷ ଆବେଗାୟିତ କରିଥିଲା।

ପାଠପଢ଼ା ସହିତ, କଲେଜରେ କ୍ଲାସରେ ଶିକ୍ଷା ସଂଗ୍ରହକୁ ବାଦ୍ ଦେଲେ ପ୍ରେମାଚ୍ଛନ୍ନ ହେଇ ମନର ଉଦ୍‌ବେଳନ ଥିଲା ଅକଳନ। ଗୋଟାଏ ଦିନ କୌଣସି କାରଣରୁ ଦୁହିଁଙ୍କ ମଧ୍ୟରୁ କେହି ଜଣେ କଲେଜ ନ ଆସିଲେ ଦେଖା ସାକ୍ଷାତ ନ ହେଲେ ଆବେଗ ଓ ଉତ୍କଣ୍ଠା ଏତେ ପ୍ରବଳ ବେଗଗାମୀ ମନେ ହୁଏ ଯାହକୁ ଦମନ କରିବା ସହଜ ନଥିଲା।

ତା'ପରେ ଆରମ୍ଭ ହୋଇଥିଲା ଚିଠିପତ୍ରର ଆଦାନ ପ୍ରଦାନ। ସେ ଚିଠିକୁ ପ୍ରେମପତ୍ର ଛଡା ଅନ୍ୟ କିଛି ଆଖ୍ୟା ଦିଆଯାଇନପାରେ। ଉଭୟ ଉଭୟଙ୍କଠାରୁ ଚିଠି ଖଣ୍ଡିଏପାଇବା ପାଇଁ କି ପ୍ରବଳ ଉତ୍କଣ୍ଠା।

ସେଦିନର ସେ ଉଦ୍‌ବେଳନକୁ ସ୍ମରଣ କରୁଥିଲେ – ପ୍ରଶାସକ ଦେବେନ୍ଦ୍ର ଜଗଦ୍ଦେବ।

ସେହି ଭଲ ପାଇବାର ଗତାନୁଗତିକ ସ୍ରୋତରେ ଅଗତ୍ୟା ପ୍ରତିକୂଳର ବନ୍ଧ ପଡ଼ିଗଲା।

ଦେବେନ୍ଦ୍ର ଜଗଦ୍ଦେବଙ୍କର ଏମ.ଏ.ଶେଷ ବର୍ଷ। ସତ୍ୟଭାମା ବି.ଏ.

ପରୀକ୍ଷା ସାରି ଘରକୁ ଫେରିବା ପରେ ଜାଣିବାକୁ ପାଇଲା ଯେ ତା'ର ବାପା ମାଆ ଏବଂ ପରିବାର ଲୋକେ ତା'ର ବାହାଘର ଶେଷ କରିଦେବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି।

ପରେ ଚାଲିଲା କନ୍ୟା ଦେଖା ପର୍ବ।

ଗୋଟାକ ପରେ ଗୋଟାଏ ବର ପିତା ଓ ପରିବାର ଆସି କଣ୍ଢେଇକୁ ମାପଚୁପ କଲାପ ରି ଦେଖି ଯାଉଥାନ୍ତି। ପାନ ଥାଳିଆ ଧରି ଆସିବା, ସେମାନଙ୍କ ସମ୍ମୁଖରେ ବସି ସେମାନଙ୍କର ନାନାଦି ପ୍ରଶ୍ନର ଉତ୍ତର ଦେବା ସତ୍ୟଭାମା ପାଇଁ ବଡ଼ ଅସ୍ୱସ୍ତିକର ଥିଲେ ମଧ୍ୟ ସେ ଅଭିନୟକୁ ପ୍ରତିରୋଧ କରିବାକୁ ବାଟ କିଛି ନଥିଲା ସତ୍ୟଭାମା ପାଖରେ।

ଏସବୁ କନ୍ୟାଦେଖା ପର୍ବ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପତ୍ର ପଠାଇଥିଲା ଦେବେନ୍ଦ୍ରଙ୍କ ପାଖକୁ। ଚଠିଟିରେ ଲେଖାଥିଲା।

ସମ୍ମାନସ୍ପଦ ପ୍ରିୟତମ!

ଆଶାକରେ କୁଶଳରେ ଥିବ। ମୁଁ ଏଠି ମୁର୍ହୁମୁର୍ହୁ ଜଳୁଛି। ମୁଁ ପରୀକ୍ଷା ଦେଇ ସାରି ଘରକୁ ଫେରିବା ପରେ ଏମାନେ ମୋ ବିବାହ ସାରିଦେବାର ପ୍ରଚେଷ୍ଟା ଅବ୍ୟାହତ ରଖିଛନ୍ତି। ଚାଲିଛି ନିୟମିତ କନ୍ୟା ଦେଖା ପର୍ବ। ଏଠି ଏହି କଣ୍ଢେଇର ଅଭିନୟ କରି କରି ମୁଁ ଅଣନିଶ୍ୱାସୀ ହୋଇଗଲଣି। ତୁମେ ଶୀଘ୍ର ମୋତେ ଏଠୁ ମୁକ୍ତି ଦିଅ। ନ ହେଲେ ସେମାନେ ମୋତେ ଅନ୍ୟ କେଉଁଠି ବିବାହ କରାଇଦେବେ।

ତୁମର ପ୍ରାଣର ସତ୍ୟଭାମା।

ଚିଠିଟି ପଢ଼ିସାରି ଦେବେନ୍ଦ୍ର ବାବୁ ସ୍ନାତକୋତ୍ତର ଛାତ୍ରାବାସରେ ନିଜ କୋଠରୀରେ ନିଜ ବିଛଣାରେ ମୁହଁ ମାଡ଼ି ଶୋଇ ଶୋଇ କେତେକଣ ଭାବି ଯାଉଥିଲେ।

କେମିତିବା ସେ ଯାଇ ସତ୍ୟଭାମାକୁ ଉଦ୍ଧାର କରିପାରିବେ ତାଙ୍କ ପରିବାର ଭିତରୁ?

ଏବେ ତ ସେ ନିଜେ ଏକ ପରାଂଭୋଗୀ ମଲାଙ୍ଗ। ମାସିକିଆ ପିତୃଦତ୍ତ ଅର୍ଥରେ ସେ ନିଜେ କେବଳ ଚଳୁଛି। ଏବେ ସେ ବିବାହ କରିପାରିବ କେମିତି?

କ'ଣ କରିବ ସେ?

କ'ଣ ହେବ ତା'ର ଶେଷ ନିଷ୍ପତ୍ତି?

ସତ୍ୟଭାମା ପତ୍ରର ମଧ୍ୟ ଉତ୍ତର ଦେଇ ପାରିଲେ ନାହିଁ ଦେବେନ୍ଦ୍ର ବାବୁ।

ସମୟ ଅପେକ୍ଷା କରେ ନାହିଁ କାହାକୁ

ସମୟର ପ୍ରବାହରେ ବରପାତ୍ର ସାବ୍ୟସ୍ତ ହୋଇ ସତ୍ୟଭାମାର ବିବାହ ଲଗ୍ନ ଧାର୍ଯ୍ୟ ହୋଇଗଲା। ସେ ସମ୍ବାଦ ମଧ୍ୟ ସତ୍ୟଭାମା ପତ୍ର ମାଧ୍ୟମରେ ଜଣାଇଦେଲା ଦେବେନ୍ଦ୍ର ଜଗଦେବଙ୍କୁ।

ସେ ପତ୍ର ପାଇ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଶକ୍ତି ନଥିଲା ଦେବେନ୍ଦ୍ରଙ୍କର।

ଦେବେନ୍ଦ୍ର ଜଗଦେବଙ୍କ ନୀରବତାରେ ଦାରୁଣ ଆଘାତ ପାଇଥିଲା ସତ୍ୟଭାମା।

ସତ୍ୟଭାମାର ବିବାହ ସରିଗଲା ଏକ ନିମ୍ନ ମଧ୍ୟବିତ୍ତ ପରିବାରର କୃଷକପୁତ୍ର ସ୍ଥାନୀୟ ବ୍ଲକ ଅଫିସର କନିଷ୍ଠ କିରାଣୀ ଦେବେଦତ୍ତ ସ୍ୱାଇଁଙ୍କ ସହିତ।

ଏ ବିବାହରେ ସତ୍ୟଭାମା ଯେତିକି ଦୁଃଖ ଓ ଯନ୍ତ୍ରଣା ଅନୁଭବ କଲା, ଦେବେନ୍ଦ୍ର ବାବୁ ମଧ୍ୟ କିଛି କମ୍ ଯନ୍ତ୍ରଣା ଭୋଗ କରିନାହାନ୍ତି।

ତା'ପରେ ସମୟର ପ୍ରବାହ ସ୍ଥିତାବସ୍ଥାକୁ ମଂଜୁର ଦେବାକୁ ବାଧ୍ୟ ହୋଇଛି।

ସତ୍ୟଭାମା କ୍ରମଶଃ ଦେବେନ୍ଦ୍ରକୁ ଭୁଲି ଦେବଦତ୍ତର କୃଷିଭିତ୍ତିକ ପରିବାର ଭିତରେ ଛଂଦି ହୋଇ କିରାଣୀ ସ୍ୱାମୀର ସ୍ୱଳ୍ପାର୍ଜନ ମଧ୍ୟରେ ଦୁଇଟି ସଂତାନର ଜନନୀ ହୋଇଛି।

ଦେବେନ୍ଦ୍ର ଜଗଦେବ ଏମ.ଏ. ପ୍ରଥମ ଶ୍ରେଣୀରେ ପାସ୍ କରି କିଛି ଦିନ ଅଧ୍ୟାପନା କରି ତାପରେ ଆଇ.ଏ.ଏସ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ଓଡ଼ିଶା କ୍ୟାଡରରେ ବିଭିନ୍ନ ପଦପଦବୀରେ ରହି ଏବେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସଚିବ ପଦବରେ ଅଧିଷ୍ଠିତ ହୋଇଛନ୍ତି।

ସମୟକ୍ରମେ ସତ୍ୟଭାମାର ପ୍ରତିଟି ସ୍ମୃତି ଧୀରେ ଧୀରେ ପୋଛି ହେଇଯାଇଛି।

ଅନେକ ଦିନ ପରେ ଆଜି ଏଭଳି ଭାବେ ସତ୍ୟଭାମା ସହିତ ଦେଖାହେଲା। ସତ୍ୟଭାମା ଦେବେନ୍ଦ୍ରକୁ ଲକ୍ଷ କରିନାହିଁ। କିମ୍ବା ଚିହ୍ନିପାରିନାହିଁ। ଚିହ୍ନିଥିଲେ ବି ଅଭିମାନ କରି ଦୋଷାରୋପର ହାତ ଲମ୍ବାଇ ପାରିନଥାନ୍ତା। ନିଜ ଆଡୁ ନିଷ୍ଠାର ସହ ଚେଷ୍ଟା କରି ଦେବେନ୍ଦ୍ର ଜଗଦେବ ସତ୍ୟଭାମାର ସ୍ୱାମୀର ସମ୍ପୂର୍ଣ୍ଣ ଚିକିତ୍ସା ନିମନ୍ତେ ସହକାରୀ ସାହାଯ୍ୟର ଆଦେଶନାମା ନେଇ ଯାଇ ପହଞ୍ଚିଥିଲେ ସତ୍ୟଭାମାର ଶାଶୁଘରେ, ସତ୍ୟରାଜପୁରର ଚଷା ସାହିରେ। ସମସ୍ତ ଚିକିତ୍ସା ସରକାର ବହନ କରିବା ସହିତ ସତ୍ୟଭାମାର ସ୍ୱାମୀ ଛୁଟିରେ ରହି ବି ମାସକୁ ମାସ ନିୟମିତ ଦରମା ପାଇବେ।

ସତ୍ୟଭାମାର ଗାଁରେ ଆଜବେଷ୍ଟସ୍ ଘର। କବାଟ ଠକ୍ ଠକ୍ କଲେ ଦେବେନ୍ଦ୍ର ବାବୁ।

କବାଟ ଖୋଲିଦେଲା ସତ୍ୟଭାମା।

ଚିହ୍ନିପାରିଲା ନାହିଁ ଦେବେନ୍ଦ୍ରଙ୍କୁ।

ବିସ୍ମିତ ଭାବେ ସ୍ତବ୍‌ଧ ହୋଇ ଚାହିଁ ରହିବା ପରେ ପାଟି ଖୋଲିଲେ ଦେବେନ୍ଦ୍ର ବାବୁ କ'ଣ ଚିହ୍ନିପାରୁନ ଭାମା?

ପରିଚିତ କଣ୍ଠସ୍ୱର ସତ୍ୟଭାମାକୁ ଟାଣି ନେଇ ଯାଉଥିଲା ଢେର ଦିନ ତଳକୁ।

ତଥାପି ବି କିଛି କହିପାରିଲା ନାହିଁ ସତ୍ୟଭାମା। ପୁଣି ଆରମ୍ଭ କଲେ ଦେବେନ୍ଦ୍ର ବାବୁ। ସେଦିନ ଦରଖାସ୍ତ ନେଇ ଯାଇଥିଲ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ସେଠାରେ ମୁଁ ବି ଥିଲି। ମୁଁ ଆଇ.ଏ.ଏସ୍ ପାଇବା ପରେ ଅନେକ ପଦ ପଦବୀରେ ରହି ଏବେମୁଖ୍ୟମନ୍ତ୍ରୀଙ୍କ ସଚିବ ଭାବେ କାର୍ଯ୍ୟ କରୁଛି। ତୁମ ସ୍ୱାମୀଙ୍କର ସମସ୍ତ ଚିକିତ୍ସା ସରକାର ବହନ କରିବେ ଏବଂ ତୁମ ସ୍ୱାମୀ ଛୁଟିରେ ଥାଇ ବି ନିୟମିତ ଦରମା ପାଇବେ।

ସତ୍ୟଭାମାକୁ ନିର୍ଦ୍ଦେଶନାମା ବଢ଼ାଇ ଦେଲେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଦେବେନ୍ଦ୍ର ଜଗଦେବ।

ତଥାପି କିଛି ପାଟି ଖୋଲିନଥିଲା ସତ୍ୟଭାମା । ତା'ପରେ ଦେବେନ୍ଦ୍ର ବାବୁ କହିଲେ ମୋତେ ତୁମ ଘର ଭିତରକୁ ଡାକିବ ନାହିଁ ? ତୁମ ଅସୁସ୍ଥ ସ୍ୱାମୀଙ୍କୁ ଦେଖାଇବ ନାହିଁ ?

କଇଁକଇଁ କାନ୍ଦି ଉଠିଲା ସତ୍ୟଭାମା । ଯୋଗ ଓ ଭାଗ୍ୟର ନିର୍ଦ୍ଦେଶ ଉପରେ କାହାର ହାତ ନାହିଁ ଭାମା । କାହାର ହାତନାହିଁ ଜୀବନର । ଅନେକ ଘନଘଟାକୁ ଆଖି ବୁଜି ସହିନେବାକୁ ପଡ଼େ ।

ଏଥର ଦେବେନ୍ଦ୍ରଙ୍କୁ ଭିତରକୁ ଡାକିଲା ସତ୍ୟଭାମା – ଆସ ଭିତରକୁ ଏ ଦରିଦ୍ର ଘରେ ପାଦ ଦବାକୁ ଘୃଣାଜାତ ହେଉଥିବ ନିଶ୍ଚୟ ।

– ନା, ସେପରି କୁହନାହିଁ ଭାମା ! ସେପରି କୁହନାହିଁ । ତୁମକୁ ଦେଖିବି, ତୁମ ଅସୁସ୍ଥ ସ୍ୱାମୀଙ୍କ ଆରୋଗ୍ୟ କାମନା କରି ଦେଇଯିବି ବୋଲି ତ ମୁଁ ଏକା ଏକା ତୁମ ଘରକୁ ଆସିଛି ।

ମୁହୂର୍ତ୍ତଟିଏ ନୀରବ ରହି ପୁଣି ଆରମ୍ଭ କଲେ ଦେବେନ୍ଦ୍ର ବାବୁ – ଅତୀତ କଥା ବର୍ଣ୍ଣନା କରିବାର ଏ ବେଳ ନୁହେଁ । ତୁମକୁ ହରେଇ ଯେଉଁ ଦୁଃଖ ମୁଁ ପାଇଛି – ସେ କଥା ଏବେ ଏଠି ଭାଷାରେ ପ୍ରକାଶ କରିପାରୁନି ।

ତୁମ ପାଇଁ ଲେଖିଛି ମୁଁ ଅନେକ କବିତା । ସେ ଲୁହଭିଜା ମୁହୂର୍ତ୍ତକୁ ଏବେ ସ୍ମରଣ କରିବାକୁ ମୋର ସାହସ ହେଉନାହିଁ ।

ଘରେ ମୁଁ ସବୁ ତୁମକୁ ଗୋଟି ଗୋଟି କହିବି । ମୋର କିଛି ଦୋଷ ନଥାଇ ବି ତୁମ ପାଖରେ ମୁଁ ଦୋଷୀରେ ଗଣା ।

– ଥାଉ ସେ ସବୁ ମୁଁ କିଛି ବି ପଚାରୁନାହିଁ । ରୋଗୀଙ୍କୁ ଦେଖିବେ ପରା ଆସନ୍ତୁ ।

ଘର ଭିତରକୁ ଗଲେ ଦେବେନ୍ଦ୍ର ବାବୁ ।

ସତ୍ୟଭାମା ଯାହାଙ୍କ ନିକଟକୁ ନେଇକି ଗଲେ ଦେବେନ୍ଦ୍ର ବାବୁ ଦେଖିଲେ – ଏକ ଜଣିକିଆ ପଟା ଖଟରେ ଶୋଇଥିବା ବ୍ୟକ୍ତି ଜଣକ ଜୀର୍ଣ୍ଣଶୀର୍ଣ୍ଣ, ଚକ୍ଷୁ କୋଟରାଗତ । ହନୁହାଡ ସ୍ୱଷ୍ଟ ଦୃଶ୍ୟମାନ ।

ତାଙ୍କୁ ଚିହ୍ନେଇ ଦେଇ କହିଲେ ଯେ ହେଉଛନ୍ତି ଦେବେନ୍ଦ୍ର ଜଗଦେବ । ଆଇ.ଏ.ଏସ୍ । ମୁଖ୍ୟମନ୍ତ୍ରୀଙ୍କ ମାନ୍ୟବର ସଚିବ । ତାଙ୍କରି ଦୟାରୁ ତୁମ ସରକାରୀ ଚିକିତ୍ସା ନିର୍ଦ୍ଦେଶନାମାଟି ଆମେ ପାଇଛୁ । ଏବେ ତୁମ ଦରମା ବି ତୁମେ ନିୟମିତ ମାସକୁ ମାସ ପାଇପାରିବ ।

ସତ୍ୟଭାମାଠାରୁ ଏତିକି ଶୁଣିବା ପରେ ଦେବେନ୍ଦ୍ର ବାବୁଙ୍କୁ ହାତ ଯୋଡ଼ି ନମସ୍କାର ଜଣେଇଲେ ଦେବଦତ୍ତ ସ୍ୱାଇଁ । ଥରଥର କଣ୍ଠରେ ସେ କହିଲେ – ସାର୍‌ଙ୍କୁ ଚା' ଟିକେ ଦେବା ବ୍ୟବସ୍ଥା କର ।

ସତ୍ୟଭାମା ପ୍ରକୃତିସ୍ଥ ହେଲା ।

ପୁଣି ପାଟି ଖୋଲିଲେ ଦେବଦତ୍ତ – ମୁଁ ଜାଣେ ତୁମକୁ ଏତେ କାମ କରିବାକୁ ଅନେକ କଷ୍ଟ ହେଉଥିବ । କିନ୍ତୁ କ'ଣ କରିବି । ସବୁ ଭାଗ୍ୟ । ତୁମକୁ ଟିକିଏ ବି ମୁଁ ଶାନ୍ତି ଦେଇପାରିଲି ନାହିଁ । ବେଦିରେ ବସି ବାହାହୋଇ ଆଣିଥିଲି ସୁନା ମୁଣ୍ଡାଟେ ହେଲେ ସେ ସୁନାମୁଣ୍ଡାକୁ ପରିବର୍ତ୍ତନ କରିଦେଇଛି ଆଜି ଖଣ୍ଡେ କଳା ଖପରାରେ ।

କହୁ କହୁ କାନ୍ଦି ପକାଇଲେ ଦେବଦତ୍ତ ।

ସତ୍ୟଭାମା ବି ଭେଁ ଭେଁ ହୋଇ କାନ୍ଦି ଉଠିଲେ । ଦୁଃଖ ଓ ଅନୁଶୋଚନାରେ ମ୍ରିୟମାଣ ହୋଇ ଉଠୁଥିଲେ ପ୍ରଶାସକ ଦେବେନ୍ଦ୍ର କୁମାର ଜଗଦେବ ।

*ଚିତ୍ରକଳା, ଏଲ୍ – ୧୦୨, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ*
*ଭୁବନେଶ୍ୱର – ୭୫୧୦୦୩*
*ଦୂରଭାଷ: ୬୩୭୦୨୪୪୮୦୯*

**ପ୍ରକାଶ ପାଇଲା !**

କବି **ପ୍ରଫେସର ଉପେନ୍ଦ୍ର ନାୟକ** ଙ୍କ

**ଛନ୍ଦକାବ୍ୟ ସମଗ୍ର**
**(ପ୍ରଥମ ଭାଗ)**

ପ୍ରକାଶକ – ଗାୟତ୍ରୀ, ଭୁବନେଶ୍ୱର
ମୂଲ୍ୟ – ସାତଶହ ଟଙ୍କା ମାତ୍ର

# ସୁନ୍ଦର ମୋଡ ଜୀବନର..

ମୂଳ ହିନ୍ଦୀ-ସୁଧା କସେରା
ଅନୁବାଦ-ନୃସିଂହ ଚରଣ ବେହେରା

'ସମୟ ତିଳେ ମାତ୍ର ବଦଳେଇ ପାରିନଥିଲା ଆମର ଭାବନାକୁ । ମାତ୍ର ପରିସ୍ଥିତି ଆମ ଓଠକୁ ସଂଯମିତ ପୂର୍ଣ୍ଣ ଶବ୍ଦର ଚୟନ କରିବାକୁ ଦେଇଥିଲା ଅନୁମତି। ସେଥିପାଇଁ ତ ସମ୍ଭାଳି-ସମ୍ଭାଳି କରି କହିଥିଲି ଶବ୍ଦ ସବୁକୁ, ଯେମିତି ସେମାନେ ସବୁ ରହିପାରିବେ ବନ୍ଧୁତାର ପରିଧି ଭିତରେ। ସତରେ କେତେ କଷ୍ଟାୟକ ଥିଲା ସେତେବେଳର ପରିସ୍ଥିତି..ଯେତେବେଳେ ବୟସ ହିଁ ଏମିତି ଥିଲା କି ନିଜର ଭାବନାକୁ ବ୍ୟକ୍ତ କରିବା ପାଇଁ ଅସମ୍ପୂର୍ଣ୍ଣ ଥିଲା ଶବ୍ଦର ଜ୍ଞାନ । ଆଉ ଏବେ..ଅପାର ଜ୍ଞାନ ଶବ୍ଦର ଥିଲେ ମଧ୍ୟା ତାକୁ ବଥକ୍ତ କରିବା ପାଇଁ ନଥିଲା ସ୍ୱାଧୀନତା' ।

ମୋବଇଲ୍ ସ୍କ୍ରିନ୍‌ରେ ସୁନୀଲ୍ ପଠେଇଥିବା ଧାଡିଏ ଗୀତ ଦୃଶ୍ୟମାନ ହେଉଥିଲା । କି ଯାଦୁ ଥିଲା କେଜାଣି ସେହି ଗୀତରେ କିଛି ନ କହି ମଧ୍ୟ ସବୁକିଛି କହି ଦେଇଥିଲା ସେ । କିଛି ବି ତ ଭୂଲି ନଥିଲା ସେ..। ଆମର ପନ୍ଦର ଦିନର ମିଳାମିଶାରେ ସେହି ଗୀତ ହିଁ ତ ଥିଲା,ଯାହାକୁ ଗୁଣୁ ଗୁଣେଇ ବ୍ୟକ୍ତ କରି ଦେଉଥିଲା ସେ ନିଜର ଭାବନାକୁ ଆଉ ମୁଁ ମଧ୍ୟ ସେହି ଗୀତର ଅର୍ଥ ଭିତରେ ନଜିକୁ ଖୋଜି ଖୋଜି,ଶବ୍ଦ ହୀନ ହୋଇ ସ୍ୱୀକାର କରି ନେଇଥିଲି ତା'ର ମୌନ ନିମନ୍ତ୍ରଣକୁ ନିଜର ହାବ-ଭାବ ଦ୍ୱାରା ।

ତିରିଶ ବର୍ଷ ପରେ ହଠାତ୍ ସୋସିଆଲ୍ ମିଡିଆରେ ତା' ନାଁ ଆଉ ଔପଚାରିକତା ପୂର୍ଣ୍ଣ ସନ୍ଦେଶ,ହ୍ୟାଲୋ ପୂଜା କେମିତି ଅଛ ? ପ୍ରଥମେ ଝଡ ସୃଷ୍ଟି କରିଦେଲା ମୋ ମନ ଭିତରେ । ପରିସ୍ଥିତି ଆଉ ସମୟର ମୋଟା ଚାଦର ତଳେ ଚାପି ହୋଇ ତା'ର ଅସ୍ତିତ୍ୱ ସମାପ୍ତ ହୋଇ ଯାଇଥିଲା ମୋ ପାଇଁ । ମୁଁ ପୁରା ଭୂଲି ଯାଇଥିଲି ତାକୁ ସମୟ ସହିତ ତାଳ ଦେଇ । କଥାରେ ନାହିଁ,ଠିକ୍ ଭାବରେ ରକ୍ଷଣା ବେକ୍ଷଣା ନକରାଗଲେ ମହଲ ମଧ୍ୟ ଦିନେ ଭଗ୍ନସ୍ତୁପରେ ପରିଣତ ହେଇଯାଏ । ତା'ଛଡା ସେତେବେଳେ ବୟସଟା ମଧ୍ୟ ଏମିତି ଥିଲା,ଯେଉଁଥିରେ ନା' ତ ଥିଲା ଭବିଷ୍ୟତ ପାଇଁ କିଛି ସ୍ୱପ୍ନ,ନା' କୌଣସି କଥା ଦିଆ-ନିଆ..ବାସ୍ ଥିଲା ସେଠି କିଛିଟା କାହାର ମୂକ ପ୍ରଶଂସାପୂର୍ଣ୍ଣ ଆଖି ସହିତ ଆଖି ମିଶିବାର ରୋମାଞ୍ଚ । ସେହି ଅନୁଭବ ଏତେ ସୁନ୍ଦର ଥିଲା ଯେ ମନ ସାଙ୍ଗେ ସାଙ୍ଗେ ରଙ୍ଗୀନ ସ୍ୱପ୍ନ ସବୁ ସଜେଇବାରେ ଲାଗି ପଡୁଥିଲା । ସମୟ ପ୍ରକୃତରେ ବହୁତ ବଳବାନ । ଭଲ ମନ୍ଦ ସବୁ ସ୍ମୃତିକୁ ଭୂଲିଯିବା ପାଇଁ ଔଷଧର କାମ କରେ ସମୟ । ହେଲେ ଏହି ନୂତନ ଟେକ୍‌ନୋଲଜି ତ ମୋର ଅତୀତକୁ ସାକ୍ଷାତ୍ ମୋ ସାମ୍ନାରେ ଆଣି ଛିଡା କରିଦେଲା । ଆଉ ଝଡ ସୃଷ୍ଟି କରିଦେଲା ଶାନ୍ତ ସମୁଦ୍ରରେ ।

ମୋ ପାଇଁ ଏହା ଅଭିଶାପ ନା' ବରଦାନ କିଛିକ୍ଷଣ ପାଇଁ ଚିନ୍ତାରେ ପଡିଗଲି ମୁଁ । ବର୍ତ୍ତମାନର ପରିସ୍ଥିତିରେ ଏହା ମୂଲ୍ୟହୀନ ହେଲେ ମଧ୍ୟ ବିଚଳିତ କରି ଅସ୍ଥିର କରି ପକେଇଲା ମନକୁ । ପ୍ରଥମେ ଔପଚାରିକ କଥାବାର୍ତ୍ତାରୁ ଜଣା ପଡିଲା କି ସେ ଭୋପାଳରେ ଆଉ ମୁଁ ମୁମ୍ବାଇରେ ନିଜ ନିଜ ପରିବାର ସହିତ ଜୀବନ ବ୍ୟତୀତ କରୁଛୁ । ତା'ପରେ ହଠାତ୍ ଦିନେ ମୋବାଇଲ୍ ସ୍କ୍ରିନ୍‌ରେ ଏହି ଗୀତ ଧାଡିକୁ ପଢି ମୋତେ ଏମିତି ଲାଗିଲା ଯେମିତି ପ୍ରଥମ ଥର ପାଇଁ ସେ ମୋତେ ପ୍ରେମ ନିବେଦନ କରୁଛି । ତା'ହେଲେ ସେ କ'ଣ ଏତେ ବର୍ଷ ଭିତରେ କିଛି ବି ଭୁଲି ନାହିଁ ? ସେହି ଗୀତ ଧାଡିକରି ପ୍ରତିକ୍ରିୟା ସ୍ୱରୂପ ମୁଁ ତିରିଶ ବର୍ଷ ପୂର୍ବର ଅବ୍ୟକ୍ତ ଭାବନାର ସ୍ରୋତରେ ନିଜକୁ ଭାସିବାରୁ ଅଟକେଇ ପାରଲି ନାହିଁ। ଆଉ ବ୍ୟଗ୍ର ହୋଇ ପଡିଲା ମନ ତଳର ଅକୁହା କଥାକୁ ବ୍ୟକ୍ତ କରିବା ପାଇଁ ।

ମୁଁ ମେସେଜ୍‌ର ଉତ୍ତରରେ ଲେଖିଲି, 'କ'ଣ ସବୁକଥା ତୁମର ଏବେବି ମନେ ଅଛି..ପରିସ୍ଥିତି ଏବେ ଅନୁକୂଳ ନୁହେଁ, ବରଂ ଆମେ ବନ୍ଧୁ ଭାବରେ କଥାବାର୍ତ୍ତା କରିପାରିବା' । ଏବେ ଆମେ ଦୁହେଁ ନିଜ ନିଜ ଦାୟିତ୍ୱରୁ ମୁକ୍ତ । ତେଣୁ ବୋଧ ହୁଏ ଆମ ସମ୍ପର୍କର ଏହି ନୂଆ ମୋଡ ଆମର ନିଜ ନିଜ ପରିବାର ପ୍ରତି ଥିବା କର୍ତ୍ତବ୍ୟରେ ହେଳା ହେବାକୁ ଦେବନାହିଁ । ବରଂ ବୟସର ସାୟାହ୍ନରେ ଆମ ଜୀବନରେ ଆସିଥିବା ଶୂନ୍ୟତାକୁ ଏହା ପୂରଣ କରିବ । ଏମିତିରେ କହିବାକୁ ଗଲେ ତୁମଠୁ ଦୂରେଇ ଗଲା ପରେ ମୋ ଜୀବନରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ତ

କେବେବି ପୂରଣ ହୋଇ ପାରିନାହିଁ । କାହିଁକିନା ହୃଦୟର ସେହି କୋଣଟି ସେମିତି ଖାଲି ରହିଯାଇଛି ଆଜିଯାଏଁ । ମେସେଜ୍ ପଠେଇ ସାରିଲା ପରେ କାହିଁକି କେଜାଣି ମୋତେ ଅଦ୍‌ଭୁତ ପ୍ରକାରର ଗ୍ଲାନିର ଅନୁଭବ ହେବାକୁ ଲାଗିଲା । ଏ ମୁଁ କ'ଣ କରିଦେଲି ? ସେ ତ କେବଳ ଗୀତ ପଦେ ଲେଖିଥିଲା । ତା' ପଛରେ ଥିବା ତା'ର ଅଭିପ୍ରାୟ କ'ଣ ଥିଲା ସେ ସବୁ ନଜାଣି ନବୁଝି ମୁଁ ଏ କ'ଣ କଲି..? ଆଗପଛ କିଛି ଚିନ୍ତା ନକରି କେମିତି ଏତେ ସବୁ କଥା ଲେଖିଦେଲି ମେସେଜ୍‌ରେ..

ଏତେ ବର୍ଷ ଭିତରେ ତା'ର ବ୍ୟକ୍ତିତ୍ୱରେ କି ପରିବର୍ତ୍ତନ ଆସିଥିବ କିଏ ଜାଣେ ? କେମିତିଆ ହେଇଥିବ ତା'ର ଭାବନା ? କ'ଣ ଭାବିବ ସେ ମୋ ମେସେଜ୍‌କୁ ପଢି ? ଜଣେ ବିବାହିତା ମହିଳା ବିବାହ ପରେ ମଧ୍ୟ ସମ୍ପର୍କ ରଖିବାକୁ ଚାହୁଁଛି ପରପୁରୁଷ ସହିତ । ହଁ..ସେ ପରପୁରୁଷ ହିଁ ତ ଥିଲା..କେବଳ ପନ୍ଦର ଦିନର ସୌଜନ୍ୟପୂର୍ଣ୍ଣ ଦେଖା ସାକ୍ଷାତ ଆଉ ତ'ାପରେ..ଏତେ ବର୍ଷର ଅନ୍ତରାଳ..କୌଣସି ଆନ୍ତରିକ ସମ୍ପର୍କ ଆଡେ ଇଙ୍ଗିତ କରୁନାହିଁ । ଏହି ପୁରୁଷ ପ୍ରଧାନ ସମାଜରେ ଏମିତିରେ ମହିଳା ମାନଙ୍କର ଉନ୍ମୁକ୍ତତାକୁ ନିର୍ଲଜତାର ଆଖ୍ୟା ଦିଆଯାଏ..ଆଉ ଏଇଟା ହେଉଛି ସେତେବେଳର କଥା ଯେତେବେଳେ ଆମେ ପ୍ରଥମେ ଭେଟିଥିଲୁ ପରସ୍ପରକୁ । ଆଉ ସଂସ୍କାର ମଧ୍ୟ ସେତେବେଳେ ଏହା ହିଁ କହୁଥିଲା ।

ହଁ..ଯଦି ଏପରି କୌଣସି ବଟନ୍ ଥାନ୍ତା ଯାହାକୁ ଚିପିଦେଲେ ପଠେଇଥିବା ମେସେଜ୍ ଡିଲିଟ୍ ହୋଇଯାନ୍ତା ତା'ହେଲେ ସେ ନିଶ୍ଚୟ ଚିପି ଦେଇଥାନ୍ତା ସେହି ବଟନ୍‌କୁ । ନିଜ ମୋବଇଲ୍ ଫୋନ୍‌ର ପରଦାରୁ ତ ବିକଳ ହୋଇ ତୁରନ୍ତ ଡିଲିଟ୍ କରି ଦେଇଥିଲା ମେସେଜ୍‌କୁ । ମୋର ଆତ୍ମଗ୍ଲାନି ଆହୁରି ବଢିଗଲା ତା'ର ଉତ୍ତର ଆସିବା ପରେ । ସେ ପ୍ରତ୍ୟୁତ୍ତରରେ ଲେଖିଥିଲା, ମୁଁ କେବଳ ତୁମର ବନ୍ଧୁତା ଚାହେଁ, ଏତେ ଭାବ ପ୍ରବଣ ହେବା ଠିକ୍ ନୁହେଁ..। ଏହାର ଉତ୍ତରରେ ମୁଁ ଲେଖିଲି, ମୋତେ କିଛି ସମୟ ଦରକାର..

ବହୁତ ବିଚଳିତ ହେଇ ଯାଇଥିଲା ମୋର ମନଟା । ମୁଁ ଭୁଲି ଯାଇଥିଲି ସବୁକିଛି । ନିଜର ନୀରସ ବୈବାହିକ ଜୀବନ ସହିତ ସାଲିସ୍ କରି ଜୀଇଁବା ଶିଖି ଯାଇଥିଲି । ତା'ହେଲେ ଏବେ ଏସବୁ କାହିଁକି ? ପୁଣି ଏ ବୟସରେ ? ଏବେ ବୟସର ଯେଉଁ ସୋପାନରେ ମୁଁ ପହଞ୍ଚିଲିଣି ସେଠି ଶାରିରୀକ ଶକ୍ତି କ୍ଷୀଣ ହୋଇଆସେ । କେବଳ ଟିକିଏ ସୁସ୍ଥ ରହିବା ପାଇଁ ଲୋଡା ପଡେ ମାନସିକ ଖୁସି ଟିକିଏ..ଯେଉଁଥି ପାଇଁ ମଣିଷ ହୁଏ ଦିଗଭ୍ରଷ୍ଟ ଆଉ ଯେଉଁଠି ତାକୁ କାଣିଚାଏ ସ୍ନେହ, ପ୍ରେମ ମିଳିଯାଏ ସେ ସେଇଠିକୁ ଚାଲିଯାଏ ଆପେ ଆପେ । ଅର୍ଥାତ୍ ଚପଳ ବୟସର ଚପଳାମି ଆଉ ବୟସର ସାୟାହ୍ନରେ ଦାୟିତ୍ୱରୁ ମୁକ୍ତ ମାନସିକ ସ୍ଥିତି ଏବଂ ଆବଶ୍ୟକତା ଭିତରେ ବିଶେଷ ଅନ୍ତର ନଥାଏ ।

ମୋ ନିଜ ମତରେ ପ୍ରେମ କେବେବି ପରିବର୍ତ୍ତିତ ହୋଇ ପାରିବନାହିଁ ବନ୍ଧୁତାରେ । ପ୍ରେମ ଏବଂ ବନ୍ଧୁତା ଭିତରେ ସୀମାରେଖା ଟାଣିବା ହେଉଛି ଅସମ୍ଭବ । ମୁଁ ମନେ ମନେ ସ୍ଥିର କରି ସାରିଥିଲି କି ନିଜର ଭାବନାକୁ ନିୟନ୍ତ୍ରଣ କରିବି ଆଉ ତା' ଆଗରେ ମୋ ମନର ଭାବନାକୁ ଉଜାଗର ହେବାକୁ ଦେବି ନାହିଁ । କିନ୍ତୁ ଔପଚାରିକ ଚାଟିଙ୍ଗ୍ କରିବା ବେଳେ ମନ ଟିକିଏ ଚାହୁଁଥିଲା କି ସେ ଟିକିଏ ଭାବ ପ୍ରବଣ କଥା ଲେଖନ୍ତା କି ? ତା'ର ପ୍ରତ୍ୟେକଟି ବାକ୍ୟରେ ମୁଁ ଖୋଜୁଥାଏ ମୋ ମନ ଚାହୁଁଥିବା ଅର୍ଥକୁ । ଆଉ ବେଳେବେଳେ ଯେତେବେଳେ ମୁଁ ଅସ'ଳ ହେଇଯାଏ ମୋର ଅତୃପ୍ତ ମନ..ଅସୁରକ୍ଷାର ଭାବନା ତାକୁ ଘେରିଯାଇ କରିଦିଅନ୍ତି ଆହୁରି ଅସହାୟ । ମନ ମୋର ବାଧ୍ୟ ହୁଏ ଭାବିବା ପାଇଁ କି ଏହି ସମ୍ପର୍କ ପୂର୍ବଭଳି ଅସ୍ଥାୟୀ ନୁହେଁ ତେବେ ପ୍ରତିକୂଳ ପରିସ୍ଥିତିରେ କେତେ ଦୂର ଯାଇ ପାରିବ ?କେମିତି ନିର୍ବାହ ହେବ ଏହି ନୂଆ ସମ୍ପର୍କର..?

ଚାଟିଙ୍ଗ୍‌ରେ ସନ୍ତୁଷ୍ଟ ରହିବାକୁ ଚାହୁଁଥିଲି ମୁଁ । କିନ୍ତୁ ମୋ କଣ୍ଠସ୍ୱର ଶୁଣିବା ପାଇଁ ସେ ଦେଇଥିବା ପ୍ରସ୍ତାବର ସମ୍ମୋହନଠାରୁ ବଞ୍ଚିତ କରିପାରିଲି ନାହିଁ ନିଜକୁ ମୁଁ । ଫୋନ୍ କରିବା ମାତ୍ରେ ମୋର ପ୍ରଥମ ବାକ୍ୟ ଥିଲା, କ'ଣ ଏବେ ମୁଁ ତୁମର ମନେ ଅଛି ?

ତାକୁ ମନେପକାଯାଏ, ଯାହାକୁ ଆମେ ଭୁଲେଇ ଦେଇଥାଉ । ମୁଁ ତ ଆଦୌ ଭୁଲି ନାହିଁ ତୁମକୁ । ତୁମ ସ୍ମୃତି ସହିତ ବଞ୍ଚିବା ମୁଁ ଶିଖି ଯାଇଥିଲି । ମୋତେ କେତେବେଳେ ବି ଏମିତି ଲାଗିନାହିଁ କି ତୁମେ ମୋ ଠାରୁ ଦୂରେଇ ଯାଇଛ । ଏମିତି ଭାବରେ ଆମର ନିର୍ବାକ୍ ସ୍ମୃତିକୁ ସେ ଆଉ ମୁଁ ମିଶି ଜାମା ପନ୍ଧେଇଲୁ ଶବ୍ଦର..। ତଥାପି ଏମିତି ଲାଗୁଥିଲା ଯେମିତି କମ୍ ପଡୁଛନ୍ତି ଶବ୍ଦ ସବୁ ଆମ ମନର ଭାବନାକୁ ବ୍ୟକ୍ତ କରିବା ପାଇଁ ।

ସମୟ ଟିକେ ମାତ୍ର ବଦଳେଇ ପାରିନଥିଲା ଆମର ଭାବନାକୁ । ମାତ୍ର ପରିସ୍ଥିତି ଆମ ଓଠକୁ ସଂଯମତା ପୂର୍ଣ୍ଣ ଶବ୍ଦର ଚୟନ କରିବାକୁ ଦେଇଥିଲା ଅନୁମତି । ସେଥିପାଇଁ ତ ସମ୍ଭାଳି ସମ୍ଭାଳି କରି କହୁଥିଲି ଶବ୍ଦ ସବୁ ଯେମିତିକି ସେମାନେ ସବୁ ରହି ପାରିବେ ବନ୍ଧୁତାର ପରିଧି ଭିତରେ । ସତରେ କେତେ କଷ୍ଟ ଦାୟକ ଥିଲା ସେତେବେଳର ପରିସ୍ଥିତି..ଯେତେବେଳେ ବୟସ ହିଁ ଏମିତି ଥିଲା କି ନିଜର ଭାବନାକୁ ବ୍ୟକ୍ତ କରିବା ପାଇଁ ଅସମ୍ପୂର୍ଣ୍ଣ ଥିଲା ଶବ୍ଦର ଜ୍ଞାନ । ଆଉ ଏବେ ଅପାର ଜ୍ଞାନ ଶବ୍ଦର ଥିଲେ ମଧ୍ୟ ବ୍ୟକ୍ତ କରିବା ପାଇଁ ନଥିଲା ସ୍ୱାଧିନତା..

କଥାର ପରିସମାପ୍ତି ଘଟିଲା ପରେ ମଧ୍ୟ ଏକ ଅପରିପୂର୍ଣ୍ଣ ତୃଷ୍ଣାରେ ବ୍ୟାକୁଳ ହେଉଥିଲା ମନ ମୋର । ତାକୁ ହରେଇବାକୁ ଚାହୁଁ ନଥିଲି ମୁଁ । ମନେମନେ ସବୁ କିଛି ମୁଁ ଛାଡି ଦେଇଥିଲି ଭଗବାନଙ୍କ ଉପରେ । ତା' ସହ ଭେଟ ହେବା ପାଇଁ ମୁଁ ତ କିଛି ପ୍ରୟାସ କରିନଥିଲି,ଏସବୁ ତ ଥିଲା ଈଶ୍ୱରଙ୍କର ଯୋଜନା । କଥାରେ ନାହିଁ, 'ଜୀବନରେ କାହା ସହିତ ଅଚାନକ ଭେଟ ହେବା ପଛରେ ମଧ୍ୟ ଥାଏ କିଛିଟା ଉଦ୍ଦେଶ୍ୟ । ବୋଧହୁଏ ମୋର ପ୍ରେମ ପାଇଁ ଅତୃପ୍ତ ବୈରାଗୀ, ନିଶ୍ଚଳ ମନକୁ ସାହାରା ଦେବା ପାଇଁ ଭଗବାନ ତା' ସହିତ ମୋର ଭେଟ କରାଇ ଦେଲେ' ।

ବିଗତ ପନ୍ଦର ଦିନର ଦେଖା ସାକ୍ଷାତରୁ ମୁଁ ଜାଣି ସାରିଥିଲି କି ସେ ଆମର ମୂକ ପ୍ରେମ ପ୍ରତି ବହୁତ ଗମ୍ଭୀର ଥିଲା । କିନ୍ତୁ ଆମର ସାମାଜିକ ସମ୍ପର୍କ ଏମିତି ଥିଲା, ଯାହା ଫଳରେ ଏ ସମ୍ପର୍କର କୌଣସି ଭବିଷ୍ୟତ

ନଥିଲା । ତା' ସହିତ କଥା ହେଲା ପରେ ମୁଁ ଜାଣିଲି ଯେ ଅତୀତରେ ମୋ ଦ୍ୱାରା ଲିଖିତ ଗୋଟିଏ ପତ୍ର ତା' ବଡଭାଇଙ୍କର ହସ୍ତଗତ ହେବା ଯୋଗୁଁ ଆମର ପତ୍ର ବ୍ୟବହାର ଉପରେ ପୂର୍ଣ୍ଣ ବିରାମ ଲଗାଇ ଦିଆ ଯାଇଥିଲା । ଆଉ ମୁଁ ବୋକୀ ତା' ପତ୍ର ନ ଆସିବାର ପ୍ରକୃତ କାରଣ ନଜାଣି ସେ ଦେଇଥିବା ପତ୍ରଗୁଡିକୁ ପାତାଳି କରି ଦେଇଥିଲି ସଦା ସର୍ବଦା ପାଇଁ । ସବୁଦିନ ପାଇଁ ଧରାଶାୟୀ କରି ଦେଇଥିଲି ଆମର ଏହି ସୁନ୍ଦର ସମ୍ପର୍କକୁ । ମାତ୍ର ବାଦଲର ଚାଦର ତଳୁ ବିଜୁଳି ଯେମିତି ଚମକି ନିଜ ଅସ୍ତିତ୍ୱକୁ ପରି ପ୍ରକାଶ କରିଦିଏ, ଠିକ୍ ସେମିତି ସେ ମଧ୍ୟ ନିଜର ଅସ୍ପଷ୍ଟ ଉପସ୍ଥିତିକୁ ଜାହିର କରି ଦେଉଥିଲା ମୋ ମାନସ ପଟଳରେ ବେଳେ-ବେଳେ । ଆଉ ଯେତେବେଳେ ଅନ୍ଧକାରର ବାଦଲ ଅପସରି ଯାଉଥିଲା ମାନସ ପଠଳରୁ ସେତେବେଳେ ସ୍ପଷ୍ଟ ହେଇ ଯାଉଥିଲା ସବୁକିଛି।

ଦିନେ ଛଡା ଦିନେ ଚାଲିଲା କଥାବାର୍ତ୍ତା । ସେଥିପାଇଁ ସମୟ ନିର୍ଦ୍ଧାରିତ କରାଗଲା । ଅଦ୍‌ଭୁତ ପ୍ରକାରର ବ୍ୟସ୍ତତା ଅନୁଭୂତ ହେଉଥିଲା ଫୋନ୍ ଆସିବା ପୂର୍ବରୁ । ଆଉ ଫୋନ୍ କଲା ବେଳେ ଅନୁଭବ ହେଉଥିଲା ଗୋଟିଏ ଅଲଗା ପ୍ରକାରର ରୋମାଞ୍ଚର । ମୁଁ ଏମିତି ଜାଗାକୁ ଯାଇ କଥା ହେଉଥିଲି, ଯେଉଁଠୁ କେହି ଦେଖି ପାରିବେ ନାହିଁ ଆମକୁ । ସବୁବେଳେ ଅପରାଧର ଭାବନା ଦଂଶୁଥାଏ ମନକୁ । ଭାବେ ମୁଁ ଏମିତି କି ପାପ କରୁଛି, ଯାହା ଫଳରେ ମୋତେ ସ୍ୱାମୀଙ୍କଠୁ ଲୁଚି ଲୁଚି ଫୋନ୍ କରିବାକୁ ପଡୁଛି । କେବଳ କଥା ହିଁ ତ ହେଉଛି..ଏହା କେମିତିକା ସମ୍ପର୍କ.., ଯାହା ଏତେ ପବିତ୍ର ହେବା ସତ୍ତ୍ୱେ, ଅନୈତିକ ସମ୍ପର୍କ ଭାବରେ ବିବେଚିତ ହେଉଛି ବିବାହ ପରେ !

ରାଧା-କୃଷ୍ଣଙ୍କର ଆଲୌକିକ ପ୍ରେମର ଗାଥା ଗାଇ-ଗାଇ ଆମେମାନେ ଆଦୌ ଥକୁ ନାହୁଁ । ଯେଉଁଠି ସମଗ୍ର ବୃନ୍ଦାବନ ନଗରୀ ରାଧାଙ୍କ ନାମରେ ଗୁଞ୍ଜରିତ ହୁଏ ସେଇଠି ଏଭଳିଆ ଲୌକିକ ପ୍ରେମକୁ ବ୍ୟଭିଚାରର ଆଖ୍ୟା ଦିଅନ୍ତି ଲୋକମାନେ । ଏହା କେମିତିକା ମାନସିକତା ଲୋକଙ୍କର ? ଯେମିତି ବହୁରୂପୀ ଏଣ୍ଡୁଅଟିଏ ସ୍ଥାନ ହିସାବରେ ରଙ୍ଗ ପରିବର୍ତ୍ତନ କରେ ସେମିତି ପରିସ୍ଥିତିକୁ ନେଇ ମାନସିକତା ବଦଳିଯାଏ ଆମ ସମାଜରେ ଲୋକମାନଙ୍କର । କ'ଣ ବିବାହ ସମୟରେ ନିଆ ଯାଇଥିବା ସାତ-ବଚନ, ସାତଟି ପ୍ରଣ ସବୁ ଖୁସି ଦେଇ ଦିଅନ୍ତି ମଣିଷକୁ ଯାହା ଏହି ଅନାମ ସମ୍ପର୍କରୁ ମିଳୁଛି ଆମକୁ ? କ'ଣ ବିବାହ ଗୋଟିଏ ଶିକୁଳି ନୁହେଁ ? ବଞ୍ଚିବା ପାଇଁ କ'ଣ ଆର୍ଥିକ, ଶାରିରୀକ ସୁରକ୍ଷା ସହିତ ଭାବନାତ୍ମକ ସୁରକ୍ଷାର ଆବଶ୍ୟକତା ନାହିଁ ? ଏହି ଆବଶ୍ୟକତା ଅଧିକାଂଶ ବୈବାହିକ ଜୀବନରେ ଅସ୍ତିତ୍ୱହୀନ ହୋଇଥାନ୍ତି । ଯାହା ଫଳରେ ବୈବାହିକ ଜୀବନଟା ସୁଖମୟ ନହେଇ ହୋଇଯାଏ ଦୁଃଖମୟ ।

ଆମ ମନର ଭାବନାକୁ ଯଦି ଆମର ସ୍ୱାମୀମାନେ ନବୁଝି ପାରିବେ, ତା'ହେଲେ ଆମେ ବାଧ୍ୟ ହେଉ ତିଳ ତିଳ ମରି ମରି ବଞ୍ଚିବାକୁ । ଜୀବନ କ'ଣ କେବଳ ନିଃଶ୍ୱାସ ପ୍ରଶ୍ୱାସ ନେବାକୁ ବୁଝାଏ ? ଏହା ସମାଜ ଦ୍ୱାରା ପ୍ରସ୍ତୁତ କରା ଯାଇଥିବା ନିୟମ ଦ୍ୱାରା ନାରୀର ମାନସିକ ଶୋଷଣ ନୁହେଁ ତ ଆଉ କ'ଣ ? ଏହି ଆକ୍ରୋଶ ସିଲ୍‌ସିଲା ଚଳଚିତ୍ରରେ ଅମିତାଭ ବଚ୍ଚନଙ୍କ ଦ୍ୱାରା କୁହା ଯାଇଥିବା ଶବ୍ଦରୁ ସ୍ପଷ୍ଟ ହେଇଯାଉଛି-" ଦିଲ୍ କେହତା ହୈ, ଦୁନିଆକି ହର୍ ରସମ୍ ଉଠା ଦେ,ଦିୱାର ଯୋ ହମ୍ ଦୋନୋଁ ମେଁ ହୈ ଆଜ ଗିରା ଦେ..କ୍ୟୁଁ ଦିଲ୍ ମେଁ ସୁଲଗତେ ରହେ,ଦୁନିଆ କୋ ବତା ଦେ..ହାଁ..ହାମକୋ ମୋହବତ୍ ହୈ.." (ହୃଦୟ କହୁଛି କି ଦୁନିଆର ସବୁ ନୀତି ନିୟମକୁ ଉଠେଇ ଦେବା, ଯେଉଁ କାନ୍ଥ ଆମ ଦୁହିଁଙ୍କ ଭିତରେ ଅଛି ତାକୁ ଆଜି ଭାଙ୍ଗି ଦେବା..କାହିଁକି ଜଳୁଥିବା ଭିତରେ ଭିତରେ ଦୁନିଆକୁ ଜଣେଇ ଦେବା..ହଁ ଆମ ଭିତରେ ଅଛି ଭଲ ପାଇବା) । ସତରେ କେମିତିକା ସମ୍ପର୍କ ଏହା, ଯାହା ଜୀବନ ଦାୟିନୀ ହୋଇ ମଧ୍ୟ ଅସାମାଜିକ ବୋଲାଇ ଥାଏ ସମାଜରେ ।

ଯେତେବେଳେ ଫୋନ୍‌ରେ ଆମର ବାର୍ତ୍ତାଳପ ହୁଏ ସେତେବେଳେ ମୁଁ ତା'କଥାର ସ୍ରୋତରେ ଭାସୁଥାଏ । ସେ ସବୁବେଳେ ମୋତେ ମନେ ପକେଇ ଦେଉଥିଲା କି ଆଜିର ସାକ୍ଷାତ କେବଳ ଏତିକି ସମୟ ପାଇଁ । ଥରେ ନିଶ୍ଚିତ ସମୟରେ ଆସିଲାନି ତା' ଫୋନ୍ । ଅଜଣା ଆଶଙ୍କାରେ ମନ ଆତଙ୍କିତ ହେଇଗଲା କି ଆଉ ତା' ସ୍ତ୍ରୀ ଆମର କଥାବାର୍ତ୍ତା ଶୁଣି ଆମର ଏମିତି କଥା ହେବା ଉପରେ ପୂର୍ଣ୍ଣ ବିରାମ ଲଗେଇ ଦେଇନାହିଁ ତ ? ପରେ କଥାବାର୍ତ୍ତା ହେଲା ପରେ ଜଣା ପଡିଲା କି ବ୍ୟସ୍ତ ଥିଲା ସେ। ତା'ପରେ ଏମିତି ଘଟଣାର ପୁନରାବୃତ୍ତି ହେଲା ଅନେକ ଥର । ମନ ଅସୁରକ୍ଷିତ ସମ୍ପର୍କର ସନ୍ଦେହରେ ବ୍ୟାକୁଳ ହେବାକୁ ଲାଗିଲା ।

କଥାବାର୍ତ୍ତା କରିବା ଅନ୍ତରାଳ ବଢିବାକୁ ଲାଗିଲା ଧୀରେ ଧୀରେ । ଏହାର କାରଣ ପଚାରିବାରୁ ସେ ମୋତେ ବୁଝେଇଲା," ଆମ ସମ୍ପର୍କରେ ଏମିତି ଅନ୍ତରାଳ ରଖିବା ହେଉଛି ଭଲ । କଥା ତ ଅନ୍ତହୀନ ଅଛି..ଯେତେ କହିଲେ ମଧ୍ୟ ସରିବ ନାହିଁ । ମୁଁ ଚାହୁଁଛି କି ଆମର ଭାବନା ଏତେ ସ୍ୱାଭାବିକ ହେଇଯାଉ କି ସମ୍ପର୍କରେ ଆଉ ବ୍ୟସ୍ତ-ବିବ୍ରତତା ନରହୁ" । ପ୍ରଥମେ ପ୍ରଥମେ, ତା' କଥା ଟିକିଏ ଅଖାଡୁଆ ଲାଗିଲା ମୋତେ,ହେଲେ ଧୀରେ ଧୀରେ ତା' ଫୋନ୍ ପାଇଁ ଅପେକ୍ଷା କମିବାକୁ ଲାଗିଲା । ଆଉ ଜୀବନ ବ୍ୟବସ୍ଥିତ ହେବାକୁ ଲାଗିଲା । ଏହି ସ୍ଥିତି ସେମିତି ଥିଲା ଯେମିତି ପ୍ରେମ ଅବା ବିବାହର ପ୍ରାରମ୍ଭିକ ଦିନର ରୋମାଞ୍ଚ ଧୀରେ ଧୀରେ ସମାପ୍ତ ହୋଇ ସାମାନ୍ୟ ହୋଇଯାଏ ଜୀବନ କିଛି ଦିନ ପରେ । ସମ୍ପର୍କର ଉଷ୍ଣତା ଧୀରେ ଧୀରେ ଭୀଷଣ ଗ୍ରୀଷ୍ମ ଋତୁରେ ପ୍ରଥମ ବର୍ଷାର ଓଦା ମାଟିର ବାସ୍ନା ସହିତ ଶୀତଳତା ପ୍ରଦାନ କରେ । ବହୁତ ସୁଖଦ ଅନୁଭୂତି ଥିଲା ଏହା, ଯାହାକୁ ଶବ୍ଦରେ ପରିପ୍ରକାଶ କରାଯାଇ ପାରେନା ।

ଆମେ ଦୁହେଁ ପରସ୍ପରକୁ ଭେଟି ଜୀବନର ସାୟାହ୍ନରେ ଆସିଥିବା ପରିବର୍ତ୍ତନକୁ ଦେଖିବାକୁ ଚାହୁଁଥିଲୁ । ଇଛା ଥିଲେ ଉପାୟ ଆପେ ଆପେ ଆସେ। ଏହି ଉକ୍ତିଟି ଚରିତାର୍ଥ ହେଲା ଆଉ ଗୋଟିଏ ପାରିବାରିକ ସମାରୋହରେ ତା' ସହରକୁ ନିଜ ସ୍ୱାମୀଙ୍କ ସହିତ ଯାଇ ତାକୁ ଦେଖା କରିବାକୁ ସୁଯୋଗ ମିଳିଲା । ତା' ଘର ଲୋକ ଜାଣିଥିଲେ ଆମ ସମ୍ପର୍କ ବିଷୟରେ । ତଥାପି ସେ ମୋତେ ନିଜ ଘରକୁ ଆସିବା ପାଇଁ ନିମନ୍ତ୍ରଣ

ଦେଇ ମୋହର ଲଗେଇ ଦେଲା ଆମର ଏହି ଅନାମ ସମ୍ପର୍କରେ । ମୋତେ ଏହା ଦେଖି ଆଶ୍ଚର୍ଯ୍ୟ ହେଲା ଆଉ ଏଇଆ ଭାବି ଭାରି ଗର୍ବ ଲାଗିଲା କି ଆଜି ମଧ୍ୟ ତା' ଜୀବନରେ ମୋର ଗୋଟିଏ ବିଶେଷ ସ୍ଥାନ ଅଛି ।

ରାସ୍ତାରେ ରଖା ଯାଇଥିବା ଦୀପକୁ ମନ୍ଦିରରେ ରଖା ଯାଇଥିବା ଦୀପ ଯାଗାରେ ରଖି ଦେଇଥିଲା ସେ । ବହୁତ କଷ୍ଟରେ ତା'ପରେ ଏକ ଘଣ୍ଟାର ସାମୁହିକ ଦେଖା ସାକ୍ଷାତରେ ତଟସ୍ଥ ହେବାର ନାଟକ ସିନା ଆମେ କରୁଥିଲୁ । କିନ୍ତୁ ମୂକ ଭାଷାର ଆଦାନ ପ୍ରଦାନ ଚାଲିଥିଲା ମନକୁ ମନ ସମସ୍ତଙ୍କର ଦୃଷ୍ଟି ଆଢୁଆଳରୁ । ତା'ର ସୁଖୀ ଗୃହସ୍ଥୀକୁ ଦେଖି ବହୁତ ଖୁସି ଲାଗିଲା ମୋତେ । ଏହି ସମ୍ପର୍କର ଏତେ ସୁନ୍ଦର ଆଉ ସଭ୍ୟ ସ୍ୱରୂପ ପୁରା ଶ୍ରେୟ ଯାଇଥିଲା ତାକୁ । ମୁଁ ତ ଥିଲି ଠିକ୍ ଉତ୍ତାଳ ସାଗର ପରି ଯାହାର ବନ୍ଧକୁ ଅଚାନକ ଖୋଲି ଦେବା ଫଳରେ ନିର୍ବୋଧ ଗତିରେ ବହିବା ପାଇଁ ବ୍ୟାକୁଳ ହେଇ ଯାଇଥିଲି । ମୋ ମନର ଏହି ଅବାଧ ଗତିକୁ ନିୟନ୍ତ୍ରଣ କରିଥିଲା ସେ, କାହିଁକିନା ଅତିର ପରିଣାମ ସବୁବେଳେ ଭୟଙ୍କର ତାଣ୍ଡବ ହୋଇଥାଏ । ତା' ସହିତ କଥାବାର୍ତ୍ତା କଲାପରେ ମୁଁ ଜାଣିଲି କି ପୁରୁଷଙ୍କର ଯେ କେବଳ ବାସନାପୂର୍ଣ୍ଣ ରୂପ ଥାଏ, ତାହା ମିଥ୍ୟା । ଆମ ସମସ୍ତଙ୍କ ମନରେ ପୁରୁଷ ଜାତି ପାଇଁ ଏହି ଯେଉଁ ଘର କରି ଦେଇଛି,ତାହା ହେଉଛି ସମ୍ପୂର୍ଣ୍ଣ ଭୁଲ୍ ଆଉ ଭିତ୍ତିହୀନ ।

ଫେରିବା ସମୟରେ ସୁନୀଲ୍‌ର ଦେହ ସିନା ଦୂର ହୋଇଗଲା ମୋ ଠାରୁ..ହେଲେ ସାଙ୍ଗରେ ଆସିଥିଲା କେବଳ ଗୋଟିଏ ଅନୁଭୂତି କି ତା' ଶରୀର ହେଉଛି ନଶ୍ୱର ଆଉ ଅନୁଭବ ରୂପୀ ଆତ୍ମା ହେଉଛି ଅମର..ଯାହା ରହିବ ମୋ ସହିତ ସଦା ସର୍ବଦା ପାଇଁ । କେହି ଜଣେ ମୋତେ ଭଲ ପାଉଛି, ତା' ହୃଦୟରୁ ନିଭୃତ କୋଣରୁ ମୋତେ ଖୁସିରେ ଦେଖିବାକୁ ଚାହୁଁଛି,ଏହି ଅନୁଭୂତି ଟିକକ ଯଥେଷ୍ଟ ଥିଲା ମୋ ପାଇଁ ବାକି ଜୀବନକୁ ଖୁସିରେ କାଟିବା ପାଇଁ । ସାୟର ସାହିର ଲୁଧିୟାନବୀ ଏମିତି ଅନାମ ସମ୍ପର୍କ ବହୁତ ସୁନ୍ଦର ଭାବରେ ପରିଭାଷିତ କରିଥିଲେ,"ବୋ ଅଫସାନା ଜିସେ ଅଂଜାମ୍ ତକ୍ ଲାନା ନା' ହୋ ମୁମ୍‌କିନ୍ ମୋଡ୍ ଦେକର ଛୋଡନା ଆଚ୍ଛା"..ସତରେ କେତେ ବଡ ଗହନ କଥାଟିଏ କହିଛନ୍ତି ସେ,"ଯେଉଁ ସମ୍ପର୍କକୁ ଅନ୍ତ ପର୍ଯ୍ୟନ୍ତ ନେବା ଅସମ୍ଭବ ତାକୁ ଗୋଟିଏ ସୁନ୍ଦର ମୋଡ ଦେଇ ଛାଡି ଦେବା ଭଲ" । ଆଜିର ବିକଶିତ ଟେକ୍‌ନୋଲଜି ସନ୍ଦର୍ଭରେ ଯେତେବେଳେ ସମ୍ପର୍କ ସ୍ଥାପନ କରିବା ପାଇଁ ଏତେ ସାଧନ ଅଛି ସେତେବେଳେ ସ୍ତ୍ରୀ ପୁରୁଷମାନଙ୍କର ସମ୍ପର୍କ ବିଷୟରେ ସମାଜରେ ଲୋକଙ୍କ ଚିନ୍ତାଧାରରେ ଆସିଥିବା ପରିବର୍ତ୍ତନ ଯୋଗୁଁ ଏହାର ପରିଭାଷାକୁ ପରିବର୍ତ୍ତିତ କରାଯାଇ ପାରିବ । ଭାଙ୍ଗିବା ସ୍ଥାନରେ ଯଦି ଆମେ ଯୋଡିବା ଲେଖିବା ତା'ହେଲେ ଯାଇ ଏମିତିଆ ସୁନ୍ଦର ସମ୍ପର୍କ ସାର୍ଥକ ହେବ ।

*ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,*
*ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨*
*ଦୂରଭାଷ: ୯୦୯୦୪୫୯୭୪୫*


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ'ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଇ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ

9437163002

# ମୁଖା

ଲେଖିକା- ମମତା କାଲିୟା
ଅନୁବାଦ- ସୁବାସିନୀ ରଥ

*(ମୋର ମିଛ ମୋ ପାଇଁ ଜୀବନର ଦ୍ୱାର ଖୋଲିଦେଇଥିଲା, ସେଇ ମିଛ ଏବେ ଦୁଆର ବନ୍ଦ କରିବା ଆରମ୍ଭ କରି ଦେଇଥିଲା । ସତ ଓ ମିଛ ଏବେ ତା ଜୀବନରେ ଫେଣ୍ଟା ଫେଣ୍ଟି ହେଇ ଯାଉଥିଲେ ।)*

ଏବେ ଭଗବାନଙ୍କୁ ବଡ଼ ବଡ଼ ଜେନେରାଲ ପ୍ରାର୍ଥନା କରିବାକୁ ସମୟ ନଥିଲା । ତାଙ୍କର ପ୍ରଶଂସା ବା ସ୍ତୁତିକୁ ଲମ୍ବା ଚଉଡ଼ା ନକରି ସଂକ୍ଷିପ୍ତରେ ନିଜକଥା କହିଦିଅ । ଉପରେ ତ ଦରଖାସ୍ତର ପାହାଡ଼ ଗଦା ହେଉଚି । ଗୋଟେ ଗୋଟେ ଅପିଲରେ ଯଦି ଭଗବାନ ଏମିତି ଫସିଯିବେ ତାହାଲେ ତ ହେଇ ଗଲା କାମ !

ମା'କୁ ବି ଏକଥା ବୁଝେଇ ଦେଇଚି । ସେଥିପାଇଁ ସେ ଧୂପ, ଦୀପ, ନୈବେଦ୍ୟରେ ସମୟ ବରବାଦ ନ କରି ଖାଲି ଗୋଟେ ଧୂପ କାଠି ଜଳେଇ ମୁଣ୍ଡ ନୂଆଁଇ ଛୋଟ ଛୋଟ ଜିନିଷ ମାଗି ନିଅନ୍ତି । ଯେମିତି କି " ହେ ପ୍ରଭୁ ଆଜି ରାତିରେ କରେଣ୍ଟ ନ ଯାଉ । ବଡ଼ ର କାଲି ବିଜିନେସ୍ ମ୍ୟାଥର ପରୀକ୍ଷା ଅଛି ।"

"ହେ ଭଗବାନ୍ ଆଜି ପାଞ୍ଚ ଟଙ୍କାରେ ରିକ୍ସା ମିଳିଯାଉ ବ୍ୟାଙ୍କକୁ ଯିବାର ଅଛି ।"

"ହେ ଭଗବାନ ଜଳଖିଆରେ ପରଟା ଦେଖି ଅସିତ୍ ଯେମିତି ନ ରାଗୁ । ଆଜି ବ୍ରେଡ୍ ସରିଯାଇଛି ।"

ତଥାସ୍ତୁ । ଭଗବାନ୍ ତାର ମିଡିଲ୍ କ୍ଲାସ ପ୍ରାର୍ଥନାକୁ ଗୁରୁତ୍ୱ ଦିଅନ୍ତି । ଦିନଗୁଡ଼ିକ ନିର୍ବିଘ୍ନରେ ପାର ହେଇଯାଏ । ଅସିତ୍ ଆରାମ୍ ଚେୟାରରେ ବସି ଅର୍ନ୍ତରାଷ୍ଟ୍ରୀୟ ପ୍ରଶ୍ନରେ ନିଜର ଲିଡ୍ ଖୋଜୁ ଥାଆନ୍ତି । ମା ହିଟିଂ ରଡ୍‌ର ଲିଡ୍‌କୁ ନେଇ ଚିନ୍ତାଗ୍ରସ୍ତ । ଅର୍ନ୍ତରାଷ୍ଟ୍ରୀୟ ଅଧ୍ୟୟନରେ ମା ଏମ୍.ଏ. କରିଛି । କିନ୍ତୁ ତାଙ୍କ ମୁଣ୍ଡ ସ୍ଥାନୀୟ ସମସ୍ୟାରେ ଭରିଯାଇଛି । ଇଲେକ୍‌ଟ୍ରିକ୍, ପାଣି, ଗ୍ୟାସ୍ ପିଲାଙ୍କ ପାଠ ପଢ଼ା ପରି ସମସ୍ୟାରେ ସେ ବିକ୍ଷିପ୍ତ ।

ବଜାର ସବୁଦିନ ପରି ରଙ୍ଗୀନ୍ । ଏ ଟମାଟରକୁ କଣ ହେଇଯାଇଚି । ଏତେ ବଡ଼ ଲାଲ, ଲାଲ ରସ ଟଳ ଟଳ ଦୂରରୁ ଦେଖିଲେ ପ୍ଲାଷ୍ଟିକ୍ ପରି ଲାଗୁଛି । ପାଖକୁ ଆସିଲେ ଜଣାପଡୁଛି ଅସଲି ବୋଲି ।

୧୦୦ ଗ୍ରାମ୍‌କୁ ପାଞ୍ଚ ଟଙ୍କା, ଧନିଆ ଆଠ ଟଙ୍କାରେ ଋରିଟା ଡାଙ୍ଗ । କାହିଁକି ଭାଇ ଏତେ ଦାମ୍ କରିଛ । ବାହାରୁ ଆସିଛି ଆଜ୍ଞା କଣ କରିବି ।

ଆମେରିକାରେ ଥିବା ଭାଉଜଙ୍କ କଥା ମନେପଡ଼ିଲା । ସେ କହନ୍ତି ଗୋଟେ ଡଲାରରେ ଗୋଟେ ଟମାଟୋ ମିଳେ ସେଠି । ଲାଗୁଚି ଟମାଟୋ ବି ଏନ୍.ଆର୍.ଆଇ. ହେଇଗଲାଣି । "ପ୍ରବାସୀ" ଆଜିର ଯୁଗରେ ଜାଦୁଇ ତିନି ଅକ୍ଷର ଏନ୍.ଆର୍.ଆଇ. ।

ବଡ଼ପୁଅ ମୁଣ୍ଡ କୋଡୁଡ଼ି, ତାର ରେଜଲ୍ଟ ବାହାରିଚି । ପଞ୍ଚସ୍ତରୀ ପର୍ସେଣ୍ଟ ପାଇଚି । କୋଉଠି ବି ଆଡ଼ମିଶନ୍ ହଉନି । "ମାମା, ସବୁଠି ଏନ୍.ଆର୍.ଆଇ. କୋଟାରେ ଆଡ଼ମିଶନ୍ ହଉଚି ନହେଲେ ଓ.ବି.ସି. କୋଟାରେ । ଏ ଓ.ବି.ସି.ବି. ଜାଦୁବାଲା ଅକ୍ଷର ହେବାକୁ ଯାଉଚି । "

"ହେ ଭଗବାନ ମତେ ଏନ୍.ଆର୍.ଆଇ. କରିଦେ ନହେଲେ ଓ.ବି.ସି. କରିଦେ । ବଡ଼ପୁଅ ଜଗଜିତ୍ ସିଂହଙ୍କ ଅନ୍ଦାଜରେ ଯେ ଦୌଲତ୍ ଭି ଲେ ଲୋ । ଯେ ଶୋହରତ ଭି ଲେ ଲୋ । ଗୁହାରୀ କରୁଛି । ହେ ଭଗବାନ୍ ମୋ ଜାତି ହି ନେଇଯା ଓ ପାନ୍ତି ବି ନେଇଯା, ମୋ ଖାନଦାନୀ ସରନେମ୍ ନେଇଯା, ଏ ସରନେମ୍ ରୁ ମୋତେ ଆଡ଼ିମିଶନ୍ ମିଳିବ ନା ଋକିରୀ ମିଳିବ । ଏ ସର୍‌ନେମ୍ ନୁହଁ ଗୋଟେ ମୁଣ୍ଡ ବିନ୍ଧା ।

ଭଗବାନ ଏ ଦୁଇଟା ରୁ ଗୋଟେ କୁ ମଞ୍ଜୁର କଲେ । ଏନ୍.ଆର୍.ଆଇ. କାକା ତ ଠିକ୍ ସମୟରେ ମୁହଁ ବୁଲେଇ ନେଲେ । କିନ୍ତୁ ଘରଲୋକଙ୍କୁ ନକହି ବଡ଼୍‌କା ସହରର ଏସ୍.ପି.ଙ୍କ ମାଧ୍ୟମରେ ଓ.ବି.ସି. (ଅଫିସିଆଲି ବ୍ୟାକ୍‌ୱାର୍ଡ କାଷ୍ଟ) ସାର୍ଟିଫିକେଟ୍ ପାଇଗଲା । ମା'କୁ କିଛି ଅନୁମାନ ହଉଥିଲା କିନ୍ତୁ ପୂର୍ଣ୍ଣ ରୂପେ କିଛି ଜାଣିନଥିଲା । ବଡ଼୍‌କା ବି କିଛି ଜଣେଇଲାନି । ହଠାତ୍ ଆଡ଼ମିଶନ୍ ମିଳିବାରେ ଘରର ଟେନ୍‌ସନ୍ କିଛି କମ୍ ହେଲା ।

ଅଜଣା ସହରକୁ ପିଲାମାନେ ନିଜର ଜାତି ନୁହଁ, ଆଟାଚି ଓ ମ୍ୟୁଜିକ୍ ସିଷ୍ଟମ୍ ନେଇ ହଷ୍ଟେଲ୍‌ରେ ପହଞ୍ଚନ୍ତି । ବାକିଥିବା ଡର ଓ ଅସୁବିଧା ହଷ୍ଟେଲରେ ସମାପ୍ତ ହେଇଯାଏ । ର୍‍ୟାଗିଙ୍ଗ ସମୟରେ ସାମ୍ରାଜ୍ୟବାଦରୁ ଆରମ୍ଭ କରି ସାମ୍ୟବାଦ ପର୍ଯ୍ୟନ୍ତ ଦର୍ଶନ ହେଇଯାଏ ।

ବେଳେବେଳେ ଡର ମାଡ଼େ । ନିର୍ଦ୍ଦେଶକଙ୍କୁ ଯଦି ଜଣାପଡ଼ିଯିବ ଯେ ମୁଁ ବ୍ରାହ୍ମଣ ତେବେ ତଡ଼ିପାର୍ କରିଦେବେ । ଜୋରିମାନା ଅଲଗା ଲାଗିବ । କିନ୍ତୁ ଭଗବାନଙ୍କ ପାଖରେ ଗୋଟେ ଛୋଟ ସାର ଗର୍ଭିତ ଅପିଲ୍ କାମରେ ଆସିଲା । ଏ ଘଟଣା ଘଟିଲାନି ।

ପାଠକ୍ ସାର୍ ଦିନେ କ୍ଲାସ୍‌ରେ କହିଲେ "ତୁ ପଛୁଆ ବର୍ଗର କିନ୍ତୁ ତୋ ଦିମାଗ୍ ତେଜ୍ ଅଛି।" ଏଇଟା ତା ମିଥ୍ୟାଚରଣର ସାର୍ବଜନିକ ସ୍ଥାପନା ଥିଲା। ମନେ ମନେ ଶ୍ରବଣ ଖୁସି ହେଲା ପ୍ରକଟରେ ଶହୀଦ ହେବା ପରି ମୁହଁ ଭାରି କରି କହିଲା "ସାର୍ ପଛୁଆ ଜାତିରେ ଜନ୍ମ ହେଲେ କଣ, ବୁଦ୍ଧି ଓ ଭାବନା ସବୁ ପଛୁଆ ହେଇଯାଏ।" କ୍ଲାସର ଝିଅମାନେ ସହାନୁଭୂତିରେ ଦେଖିବାକୁ ଲାଗିଲେ। ସବୁଠୁ ତେଜସ୍ୱିନୀ ଓ ସାହସୀଭାବନା ଦେଖାଇ ଏହି ବାକ୍ୟରେ କୁର୍ବାନ୍ ହେଇଗଲା।

ସେ ତା ପର ମାସରେ ଶ୍ରବଣକୁ ସାନୁ ଡାକିବାକୁ ଲାଗିଲା। ଶ୍ରବଣ ତାକୁ ସେତେଟା ପତ୍ତା ଦଉ ନଥିଲା। ସେ ତାର ସମସ୍ତ ଚେଷ୍ଟା ଦେଖି ମନେ ମନେ ହସୁଥିଲା। "ମନେ ହେଉଚି ଆସନ୍ତା ସମୟରେ ତୁ ସମାଜ ସୁଧାରକ ହେଇ ବହୁତ ନା କମେଇବୁ।"

"ତତେ ସିନିସିଜମ୍ ସୁଟ କରେନି। ଏହାଠୁ ଭଲ ତୁ ରାଗ ଦେଖା। ପ୍ରକୃତ କଠୋର ରାଗ। କିଛି ଭାବନା କଥାରେ ପଡ଼ି କିଛି ଜାଣି ଶୁଣି ଶ୍ରବଣ ନିଜ ଚାଲି ଚଳନ ଓ ବ୍ୟବହାରରେ କଠୋରତା ନେଇ ଆସିଲା। ଯେମିତିକି କେହି ତା ପରସନାଲ୍ ଜୀବନରେ ସିନ୍ଧି ମାରି ପଶିବାର ସାହସ ନ କରେ।"

ପିଲାମାନେ ତାକୁ ଭୟ କରିବାକୁ ଲାଗିଲେ। ପଢ଼ାପଢ଼ିରେ ସେ ଆଗୁଆ ଥିଲା। ତା ପିଠି ପଛରେ ସେମାନେ ସେ କଥା କହିପାରୁନଥିଲେ ଯାହା ଅନ୍ୟମାନଙ୍କ ପାଇଁ କହୁଥିଲେ। "ଆରେ ଭାଇ ଇଏ ତ ସରକାରୀ ମେହ୍‌ମାନ୍। ଯାର କ'ଣ ଅଛି। ଖାଲି ପେପର୍ ଜମା କରି ବି ଡିଗ୍ରୀ ନେଇ ଚାଲିଯିବେ।"

ହଷ୍ଟେଲ୍‌ରେ ତିନିଜଣ ସରଦାର ଛାତ୍ର ବି ଥିଲେ। ପୁଷ୍ପିନ୍ଦର୍, ସତିନ୍ଦର୍, ରବୀନ୍ଦର୍। ଯୋଉଦିନ ସେମାନେ ମୁଣ୍ଡ ଧୂଅନ୍ତି ବାଳ ସବୁ କାନ୍ଧ ଉପରେ ଛାଟି ଦିଅନ୍ତି। ପିଲାମାନେ ତାଙ୍କୁ ଧରି ଛାତ ଉପରେ ନାଚ ଆରମ୍ଭ କରିଦିଅନ୍ତି। ୬୦୦ ଓ୍ୱାଟ୍ ର ମ୍ୟୁଜିକ୍ ସିଷ୍ଟମ ପୂରା ହଷ୍ଟେଲ୍‌କୁ ଗୁଞ୍ଜରି ଯାଏ। ପଢୁଆ ପିଲାମାନେ ପବନ ଖାଇବା ବାହାନାରେ ଛାତ ଉପରକୁ ଚାଲିଆସନ୍ତି।

ପଡ଼ିଶାରେ ଥିବା କମଳା ନେହେରୁ ଓ୍ୱମେନ୍ସ ହଷ୍ଟେଲର ଓ୍ୱାର୍ଡେନ୍ ଝରକା ବାଟେ ଉଙ୍କି ମାରି ଦେଖେ। ତାଙ୍କୁ ଲାଗେ କାନ୍ଧ ପର୍ଯ୍ୟନ୍ତ ବାଳ ଖେଳାଇ ନାଚୁଥିବା ପିଲାମାନେ ବୋଧହୁଏ ତାଙ୍କରି ହଷ୍ଟେଲ୍‌ର କୋଉ ଝିଅ। ସେ ସାଙ୍ଗେ ସାଙ୍ଗେ ରେଜିଷ୍ଟର ନେଇ ରୋଲ୍ କଲ୍‌ରେ ଲାଗିଯାଆନ୍ତି।

ଓ୍ୱିମେନ୍ସରେ ହଷ୍ଟେଲ୍‌ର ଝିଅମାନଙ୍କୁ ଲାଇନ୍ ହେଇ କରିଡର୍‌ରେ ଠିଆ ହେବା ଦେଖି ଆମ ପିଲାମାନେ ଗୀତ ଚେଞ୍ଜକରି ଲଗେଇ ଦିଅନ୍ତି, "ବଚନା ଓ ହସିନୋ ଲୋ ମୈ ଆଗୟା।"

ଘରକୁ ଆସି ବଡ଼କା ମା ଆଗରେ ଏସବୁ ଘଟଣା ବର୍ଣ୍ଣନା କଲାବେଳେ ମା ପୁଣି ଭଗବାନଙ୍କ ଆଗରେ ତା ଅଳି ରଖିଦିଏ। "ହେ ଭଗବାନ୍ ମୋ ପୁଅ ସେଠି କୌଣସି ଝିଅ ଫିଅ ଚକ୍କରରେ ନପଡୁ। ସିଧା ସିଧା ପାଠପଢ଼ା ସାରି ଧୂଆ ପୋଛା ହେଇ ଘରକୁ ଚାଲିଆସୁ।"

ଲାଗେ "ତଥାସ୍ତୁ"କୁ ଭଗବାନ ନିଜ ପଲିସି ମ୍ୟାଟର କର ନେଇଚନ୍ତି। ସବୁ ଅପିଲକୁ ମଞ୍ଜୁର କରି ଦେଉଛନ୍ତି।

ଶ୍ରବଣ ଦୁଇବର୍ଷ ପରେ ଘରକୁ ଫେରିଚି କିନ୍ତୁ ଏକେଲା ନୁହେଁ। ସାଙ୍ଗରେ ଚାକିରୀ ଅଛି। ମାସ ଶେଷରେ ତାକୁ ଗୁଜୁରାଟ ଯିବାର ଅଛି କୃପାଲୁ ପେଷ୍ଟସ୍‌ରେ ଜଏନ୍ କରିବା ପାଇଁ। ରୋଜଗାରିଆ ପୁଅର ମାର ଷ୍ଟାଟସ୍ ଟିକେ ବଢ଼ିଗଲା। ଏତେ କମ୍ ବୟସରୁ ପଢ଼ାପଢ଼ି ସାରି ଚାକିରୀ ପାଇଗଲା! ପିଲାଟି ମୂଳରୁ ବ୍ରିଲିଆଣ୍ଟ ଥିଲା ଆମେ ଜାଣିଥିଲୁ ଏଇଆ ହିଁ ହେବ।

ବି.ଏ.ଏସ୍.ଏ. କରିଥିବା ଝିଅଙ୍କର ମା'ମାନେ ଲାଳ ବୁହାଇବାକୁ ଲାଗିଲେ। ଏସବୁ ଦେଖି ଶ୍ରବଣ ଓ ତା ମା ଖୁସି ହେଉଥିଲେ। ବାପା ଅମିତ୍ ଆଉ ଟିକେ ଛାତି ଫୁଲେଇ ଚଳ ପ୍ରଚଳ ହେଲେ।

ତା'ପର ମାସରେ ଶ୍ରବଣ ରାଜକୋଟ୍‌ରେ ରହିବା ପାଇଁ ଆସିଲା। ହିନ୍ଦୁସ୍ଥାନରେ ସବୁଠାରୁ ବଡ଼ ପେଷ୍ଟସ୍ କମ୍ପାନୀରେ ତା'ପରି ଡର୍ଜନେ ପିଲା ପ୍ରବନ୍ଧକ କାର୍ଯ୍ୟର ପ୍ରଶିକ୍ଷଣ ନେଉଥିଲେ। ସେମାନଙ୍କୁ କମ୍ପାନୀର ଆଚାର ସଂହିତା କାର୍ଯ୍ୟନୀତି, ବିକ୍ରୟ ସଂଚାଳନ ଓ କାର୍ମିକ ପ୍ରଶାସନ ସବୁ ସ୍ତରରେ ଶିଖା ଯାଉଥିଲା। ପ୍ରତିଭା ଓ ଓ ପ୍ରଯତ୍ନରେ ଯୁକ୍ତ ଏମାନଙ୍କୁ କେତେବେଳେ ଅହମଦାବାଦ୍, କେତେବେଳେ ସୁରଟ ବା ବମ୍ବେ ପଠାଯାଉଥିଲା। ସେମିନାର୍ ଓ କନ୍‌ଫେରେନ୍‌ସ ପାଇଁ। ବର୍ଷକ ଭିତରେ ସେମାନଙ୍କ ମସ୍ତିଷ୍କ କମ୍ପାନୀ ଚାହିଦା ଅନୁଯାୟୀ ଉପଯୁକ୍ତ ହେଇଯାଇଥିଲା। ଶୟନେ ସପନେ ସେମାନଙ୍କ ସମ୍ମୁଖରେ ଗୋଟିଏ ଉଦ୍ଦେଶ୍ୟ ଥିଲା କୃପାଳ ପେଷ୍ଟସ୍‌ର ଉତ୍କର୍ଷ ଆଉ ବିସ୍ତାର। ଶିବେନ୍ଦ୍ର ଆଉ ଜୟେଶ୍ ସାଙ୍ଗ ହୋଇ ଗୋଟେ ଫ୍ଲାଟ୍ ଭଡ଼ାରେ ନେଲେ। ଜୀବନ ଚାଲିବାକୁ ଲାଗିଲା।

ସକାଳ ନଅଟାରୁ ରାତି ନଅଟା ପର୍ଯ୍ୟନ୍ତ ଅଫିସ୍ କିମ୍ବା ଫିଲ୍ଡରେ ବିତିଯାଏ। ଦି'ପ୍ରହର ଲଞ୍ଚ୍ ଅଫିସ୍ ଟେବଲ୍‌ରେ। ରାତି ଖାଇବା ମାଉସୀ ପାଖରେ।

ପ୍ରଥମେ ପ୍ରଥମେ ଶ୍ରବଣ ଜାଣି ନଥିଲା ସେ ପ୍ରଥମେ ଯୋଉ କଲିଗ୍ ପାଖରେ ରହୁଥିଲା ସଞ୍ଜୟ ତାକୁ "ଖାଇବା କୋଉଠି ଖାଉଛୁ? ବୋଲି ପଚାରିଲା।"

"ମାଉସୀ ପାଖରେ।"

ସେ କଣ୍ଟେଶ୍‌କୁ ପଚାରିଲା "ଆଉ ତୋ ଖାଇବା ବ୍ୟବସ୍ଥା?"

"ମାଉସୀର ଖାଉଚି।"

ଅମର, ଗୀତ୍, ଅମିତ୍, ବିବେକ୍ ସବୁ ମାଉସୀ ପାଖରେ ଖାଆନ୍ତି। ହେ ଭଗବାନ! କ'ଣ ସମସ୍ତଙ୍କ ମାଉସୀ ରାଜକୋଟ୍‌ରେ ରୁହନ୍ତି? କିଛିଦିନ ପରେ ଜାଣିଲି ସହରରେ ଘରେ ଘରେ ମାସିକିଆ ହିସାବରେ ଖାଇବା ପହଞ୍ଚେଇବାର ଦାୟିତ୍ୱ ମହିଳାମାନେ ସମ୍ଭାଳି ନେଇଛନ୍ତି। ଏଇ ମହିଳା ମାନଙ୍କୁ ମାଉସୀ କୁହନ୍ତି। ତାଙ୍କ ବୟସ ସବୁ ପଚିଶ୍ ହେଉ କି ପଚାଶ୍। ରାତି ସାଢ଼େ ନ'ଟା ପରେ ଖାଇବା ମିଳେନି। ଷ୍ଟୁଲ୍ ଉପରେ ଥାଳି ରଖି ଛୋଟ ଛୋଟ ଚୌକିରେ ବସି ପିଲାମାନେ ଏମାନଙ୍କ ଘରକୁ ଯାଇ ରୁଟି, ତରକାରୀ ଖାଆନ୍ତି। ନା ଥାଏ ଭାତ, ଡାଲି ନା ସାଲାଡ୍। ଚଟଣୀ କି ରାଇତା।

ଶ୍ରବଣ ବି ଜଣେ ମାଉସୀ ଘରେ ନିଜର ଖାଇବାର ବ୍ୟବସ୍ଥା କରିନେଲା।

ପ୍ରଥମେ ପ୍ରଥମେ ଘର କଥା ବହୁତ ମନେ ପଡୁଥିଲା। ରାତି ନ'ଟା ପରେ ପି.ସି.ଓ ରେ ବହୁତ ଭିଡ଼ ହୁଏ। ଏତିକି ବେଳେ ଯଦି କୋଉ ମାଲଦାର୍ ସେଠ୍ ଏସ୍.ଟି.ଡି. ରେ ନିଜର ବିଜିନେସ୍ ବିଷୟରେ କଥା ଆରମ୍ଭ କରିଦିଏ ତେବେ ପିଲାମାନେ ଅପେକ୍ଷା କରି ବ୍ୟସ୍ତ ହୋଇଯାଆନ୍ତି।

କିଏ ଗର୍ଲଫ୍ରେଣ୍ଡ ସାଙ୍ଗେ କଥା ହେବାକୁ ଅପେକ୍ଷା କରିଥାଏ ତ କିଏ ବାବାଙ୍କ ସାଙ୍ଗେ ଫୋନ୍‌ର ଧୁକ ଧୁକି ନାଡ଼ି ଠୁ ବି ତେଜ୍। "କେମିତି ଅଛ ?" "କେମିତି ଅଛୁ ?" କଥା ଚାଲୁ ଚାଲୁ ବତିଶ୍ ଟଙ୍କା ନବେ ପଇସା ଖର୍ଚ୍ଚ ହେଇଯାଏ। ଏତେବେଳେ ଯଦି ମା ପଚାରିଦିଏ ଗଦି ତିଆରି କଲୁ ? ତେବେ ହଁ ବୋଲି କହିବାକୁ ହୁଏ। ନହେଲେ ଗଦି କାହିଁକି ହେଇନି ବୋଲି ସଫେଇ ଦଉ ଦଉ ଆଉ ବତିଶ୍ ଟଙ୍କା ଖର୍ଚ୍ଚ ହେଇଯିବ।

ଶିବର ବାହାଘର କାନପୁର୍‌ରେ ଠିକ୍ ହେଇଛି। ୱ୍ୟାଲେଟ୍‌ରେ ନିଜ ଭାବି ସ୍ତ୍ରୀର ଫଟୋ ରଖିଛି। ତା ସବୁ ବାଧା ପାର କରି ଝିଅ ପର୍ଯ୍ୟନ୍ତ ପହଞ୍ଚିବାକୁ ହୁଏ।

"ମେନି ହାପି ରିଟର୍ନ୍‌ସ ଅଫ୍ ଦି ଡେ"

"ଥାଙ୍କ୍ୟୁ !"

"କେମିତି ଅଛୁ ? ମତେ ମନେ ପକଉଛୁ ?"

"କରିବି, ପରେ"

"ଚିଠି କାହିଁକି ଲେଖୁନୁ ?"

"ଲେଖିବି ପରେ।"

"ତୋର ଗୋଟେ ନୂଆ ଫଟୋ ପଠା"

"ପଠେଇବି ପରେ"

ତାପରେ ଫୋନ୍ ସେନ୍‌ସର ବୋର୍ଡ଼ ହାତକୁ ଚାଲିଯାଏ। ଶିବେନ୍ଦ୍ର ସମାପନ ନମସ୍କାର କରେ। ସାଙ୍ଗମାନଙ୍କ ସାଙ୍ଗେ ବସି ଶିବେନ୍ଦ୍ର ବିରକ୍ତ ହୁଏ "ତିନି ଶହ ଟଙ୍କା ଖର୍ଚ୍ଚ ହେଇଗଲା ଅଥଚ ଝିଅ ଯେ ଖାଲି ପରେ, ପରେ ଛଡ଼ା କିଛି କହିଲାନି।" ସଞ୍ଜୟ ଓ ଅନୁପମକୁ ଚିଡ଼େଇବାର ବାହାନା ମିଳିଗଲା ଚାହା ତିଆରି ହଉଚି। ଶିବକୁ କହିବା ଏତେ ମିଳିବ ଯେ ଟିକେ ପରେ। ଦିନେ ଦିନେ ପିଲାମାନଙ୍କୁ ଘର ଖାଇବା ମନେପଡ଼େ। ଅନୁପମ ଓଲଟା ପ୍ଲେଟରେ ଗୋଲ୍ ଗୋଲ୍ ରୁଟି ବେଲି ଦେଖେଇଦିଏ। ସଞ୍ଜୟ ତାକୁ ଚିଡ଼େଇ କହେ "ତୋ ନା ଅନୁପମ୍ ନହୋଇ ଅନୁପମା ହେଇଥିଲେ ଭଲ ହେଇ ଥାଆନ୍ତା।"

ଅନୁପମ ପୂରା ଦେଶୀ ବିହାରୀ ଷ୍ଟାଇଲ୍‌ରେ କହେ " ମୁଁ ଆମ ସି.ଏସ୍ ଲାଲୁ ଯାଦବଙ୍କୁ ଚିଠି ଲେଖି କହିବି ଗୋଟେ ନିରୀହ ବିହାରୀ ଲୋକକୁ ଏଠି ସମସ୍ତେ ହଇରାଣ କରୁଛନ୍ତି।"

ଶତାବ୍ଦୀର ଶେଷ ଦଶକରେ ପିଲାଙ୍କର କାମ ଓ ବିଶ୍ରାମ ନେବା ଢଙ୍ଗ ସମ୍ପୂର୍ଣ୍ଣ ରୂପେ ଅଲଗା ଥିଲା। ସକାଳ ନଅଟାରୁ ରାତି ନଅଟା ପର୍ଯ୍ୟନ୍ତ ଅବିଶ୍ରାନ୍ତ ଭାବରେ କମ୍ପାନୀ ପାଇଁ ଫୋନ୍। ଫ୍ୟାକ୍ସ ଆଉ ଫିଲ୍ଡ ୱ୍ୱର୍କ। ନଅଟା ପରେ ନିଜ ଜୀବନ ସହ ଜଡ଼ିତ ଅହମ୍ ପ୍ରଶ୍ନର ଅନୁସନ୍ଧାନ।

ଜୟେଶ ବାହା ହେବାକୁ ଚାହେଁ ବାର୍ଷିକ ଆୟ ଦେଢ଼ ଲକ୍ଷ। ସବୁ କଟ କଟ ହାତକୁ ଆସେ ୮୨୨୫ ଟଙ୍କା ବ୍ୟାଙ୍କ ଖାତାରେ ୧୮୦୦୦ ଟଙ୍କା। ବାହାଘର ପରେ ଗୃହସ୍ଥିରେ ଜରୁରୀ ଖର୍ଚ୍ଚ କ'ଣ ହେବ? ଲିଷ୍ଟ କରାଯାଏ। ଘରର ଯାବତୀୟ ସରଞ୍ଜାମ ପାଇଁ ୬୦୦୦୦ ଲାଗିବ। ସାଙ୍ଗେ ସାଙ୍ଗେ କାଗଜକୁ ଜେରକ୍ସ କରାଯାଏ। ସମସ୍ତଙ୍କର କାମରେ ଆସିବ। ଅନୁପମ କହିଲା "ମୋ ମମ୍ମି କହିଚନ୍ତି। ଏବେ ପାଞ୍ଚବର୍ଷ ପର୍ଯ୍ୟନ୍ତ କିଛି ବାହାଘର ଫାହାଘର ହେବନି। ହେ ଭଗବାନ ! ମୋ ମମ୍ମିକୁ ଟିକେ ସୁବୁଦ୍ଧି ଦିଅନ୍ତୁ।"

ସବୁଠୁ ରୋମାଞ୍ଚକ ହେଲା କୌଣସି ପିଲା ଚାହାଁନ୍ତିନି ଯେ ଝିଅ ନିଜ ସାଙ୍ଗେ କିଛି ଯୌତୁକ ଜିନିଷ ନେଇ ଆସୁ। ସଞ୍ଜୟ ତ କୁହେ, "ଯଦି ବାହାଘରରେ ମୋତେ ଗୋଟିଏ ବାଜେ ମ୍ୟୁଜିକ୍ ସିଷ୍ଟମ ଦେଇ ଦିଅନ୍ତି ମୋର ତ ସବୁ ଖରାପ ହେଇଯିବ। ପୂରା ଜୀବନଟା ନଷ୍ଟ ହେଇଯିବ।"

ସବୁ ପିଲା ନିଜ ସ୍ତରରେ ଜୀବନ ବଞ୍ଚିବାକୁ ଚାହାନ୍ତି। କାହାରି ମନରେ ଯୌତୁକ ଲୋଭ ନାହିଁ। ନିଜ ବଳରେ ବଞ୍ଚିବାକୁ ଚାହାଁନ୍ତି।

ଅଫିସ୍‌ରେ ଶ୍ରବଣକୁ ଅପର୍ଣ୍ଣା ଆକର୍ଷିତ କରେ। ବଡ଼ ବଡ଼ ଆଖି ଫୁଲ ପକା ମିଡ଼ି ଉନ୍ମୁକ୍ତ ହସ ଓ କଥାବାର୍ତ୍ତାରେ ବବି ପରି ଷ୍ଟାଇଲ୍। ତା ଆଖି ସବୁବେଳେ ଅପର୍ଣ୍ଣାର ପିଛା କରୁଥାଏ। କମ୍ପ୍ୟୁଟର ସର୍ଭେ କରୁଥିବା ଅପର୍ଣ୍ଣା, ଫ୍ୟାକ୍ସ କରୁଥିବା ଅପର୍ଣ୍ଣା, ବସ୍‌ର ରୁମ୍‌କୁ କନ୍‌ଫରେନ୍ସ ପାଇଁ ଯାଉଥିବା ଅପର୍ଣ୍ଣା।

"ଅପର୍ଣ୍ଣା ମୁଁ ତ ରୋଜ୍ ଲାଇଫ୍‌ବୟ ପ୍ଲସରେ ଗାଧାଏ। ତତେ ଘର ପର୍ଯ୍ୟନ୍ତ ଲିଫ୍ଟ ଦେଇ ଦେବି ?"

"ଚାଲ୍।"

ସ୍ୱପ୍ନ କେବଳ ବିଜ୍ଞାପନରେ ନୁହେଁ ସତରେ ବି ସାକାର ହୋଇପାରେ। ଅପର୍ଣ୍ଣାର କୌଣସି କୁଣ୍ଠା ନାହିଁ। ସେ ନିଜର ରକ୍ଷା ନିଜେ କରିପାରେ। ତା ସାଙ୍ଗେ ଶିବମ୍‌ରେ ବସି ଆଇସକ୍ରିମ୍ ଖିଆଯାଇପାରେ। "କରନ୍ ଦକ୍ଷିଣୀ" ରେ ଏତେବଡ଼ ଦୋସା ଦିଏ ଯେ ତା ସାଙ୍ଗେ ଚାଳିଶ୍ ମିନିଟ୍ ବସିପାରିବା କିଛି ଅସମ୍ଭବ ମନେ ହୁଏନି।

ଶ୍ରବଣ କହେ, "ମତେ ଗୁଜୁରାଟି ଶିଖେଇ ଦେ ନା।"

"କାଇଁକି ?" " ତୋ ସାଙ୍ଗେ ତୋ ଭାଷାରେ କଥା ହେବାକୁ ଚାହେଁ।"

"ମୁଁ ଗୁଜୁରାଟ୍ ରୁ ଆସିଛି କିନ୍ତୁ ଗୁଜୁରାଟି ନୁହେଁ। ୟୁ.ପି. ର ଦୀକ୍ଷିତ। ପାଠ, ଶାଠ ଏଇଠି ପଢ଼ିଛି ସେଥିପାଇଁ ତତେ ଗୁଜୁରାଟି ଲାଗୁଚି।"

"ମତେ ବି ଏଇଠିକାର କରିଦେ।"

ଅପର୍ଣ୍ଣା ଖିଲ୍ ଖିଲ୍ କରି ହସି କହିଲା, "ଦି ଚାରିଥର ଢୋକଲା, ଥେପଲା ମୋ ମା ହାତର ଖାଇବୁ ଯଦି ତୁ ବି ଏଇଠିକାର ହେଇଯିବୁ।"

ଶ୍ରବଣର ମନ ଉପବନ ପ୍ରଫୁଲ୍ଲିତ ହେଇଯାଏ। ସଞ୍ଜୟ କୁହେ, "ଭାରତ ଗ୍ୟାସ କମ୍ପାନୀରେ ଏଠାରୁ ଅଧିକ ଦରମା ମିଳେ। ପ୍ରଥମେ ବର୍ଷରେ ଲକ୍ଷେ ପଞ୍ଚସ୍ତରୀ ହଜାର।"

କିନ୍ତୁ ଶ୍ରବଣ କୁଆଡ଼େ ଯିବନି ଏଇ କୃପାଳ ପେଷ୍ଟସ୍‌ରେ ହିଁ ରହିବ। ଏଇଠି ଅପର୍ଣ୍ଣା ପାଖରେ। ଅପର୍ଣ୍ଣାର ହସ ପାଖରେ।

କିନ୍ତୁ ଅପର୍ଣ୍ଣା କହେ ଉନ୍ନତି ତ ହେବା କଥା। "ତୁ ବି ଜି.ସି. କୁ ନିଜ ବାୟୋଡାଟା ପଠଉନୁ କାହିଁକି ? ଶୀଘ୍ର ଶୀଘ୍ର ନିଜ ବାୟୋଡାଟା ତିଆରି କରିବାକୁ ଲାଗେ।" ଗୋଟେ ସର୍ତ୍ତରେ ଯିବି ତୁ ମତେ ଅଫିସରୁ ବାହାର କରିପାରୁ କିନ୍ତୁ ହୃଦୟ ରୁ ନୁହଁ। ପୁଣି ହସ ଖିଲ୍ ଖିଲ୍।

ବି.ଜି.ସି. କୃପାଳ ପେଷ୍ଟସ୍‌ରୁ ଚାରିଟା ପିଲାଙ୍କୁ ନେଲା। ଶ୍ରବଣ ପଞ୍ଚମରେ ଥିଲା।

"ତୁ କେମିତି ରହିଗଲୁ ଶ୍ରବଣ ?"

"ମୁଁ ଯିବା ପାଇଁ ବେଶୀ ଇଚ୍ଛୁକ ନଥିଲି।"

"କାହିଁକି ଚାହୁଁ ନଥିଲୁ। ଏମିତି ହେଲେ ତ ସବୁ କଥାରେ ପଛେଇ ଯିବୁ।"

ସେଇ ସନ୍ଧ୍ୟାରେ ସେମାନେ କୁଆଡ଼େ ବି ଗଲେନି ନା "ଶିବମ୍" ନା "କରଣ୍" ସିଧା ଯାଇ ଘରେ ପହଞ୍ଚିଲେ।

ମା ସେଦିନ ଢୋକଲା କି ଥେପ୍‌ଲା କିଛି ବି କରି ନଥିଲେ ଖାଲି ବିସ୍କୁଟ୍ ଓ ଚା।

ଦିନେ ଶ୍ରବଣ ଶୁଣିଲା ଅପର୍ଣ୍ଣା ଜୟେଶଙ୍କୁ ପଚାରୁ ଥିଲା "ଏଇଟା କଣ ସତ କଥା ? ଟିକେ ଖବର ନେଇ କହିବୁ ତ ?" କଣ ଖବର ଦେବୁ ? ଶ୍ରବଣ ଜୟେଶଙ୍କୁ ପଚାରିଲା।

ଜୟେଶ କହିଲା, "କିଏ କିଏ କହୁଥିଲେ ତୁ ପଛୁଆ ଜାତି ବର୍ଗର ବୋଲି।"

ଶ୍ରବଣକୁ ଡଙ୍କା ମାରିଲା ପରି ଲାଗିଲା। କୃପାଳ ପେଣ୍ଟସ୍‌ରେ ଚାକିରୀ କଲାପରେ ସେ ଭୁଲି ଯାଇଥିଲା ଯେ ସେ କେମିତି ଏମ୍.ବି.ଏ. ରେ ପଢ଼ିବା ପାଇଁ ଆଡ୍‌ମିଶନ ନେଇଥିଲା। ତାର ପ୍ରମାଣପତ୍ରର ଡୁପ୍ଲିକେଟ୍ ସବୁ ଅଫିସରେ ଜମା ଅଛି। ତାକୁ ଲୁଚେଇବାକୁ କିମ୍ବା ଅସ୍ୱୀକାର କରିବାକୁ କେବେ ମୌକା ହିଁ ଖୋଜିନି। ସେ ଭୁଲି ଯାଇଥିଲା କେମିତି ଏ ଅବସର ରୁ ଲାଭ ଉଠେଇଛି ବୋଲି। ନିଜ ଦୃଷ୍ଟିରେ ସେ ଏବେବି ଶ୍ରବଣ କୁମାର ଥିଲା। ଯେକି ସରଯୂ ବ୍ରାହ୍ମଣ ଯେ ଅପର୍ଣ୍ଣା ଦୀକ୍ଷିତର ହସକୁ ନିଜ ଜନ୍ମପତ୍ରୀରେ ଲେଖେଇ ନବାକୁ ଚାହୁଁଥିଲା।

ଯେମିତି କମ୍ପ୍ୟୁଟରକୁ ଗୋଟେ ଭାଇରସ୍ ଆସିଗଲା। ଛୋଟ ଛୋଟ କଥା ସବୁ ତାକୁ କଣ୍ଟା ପରି ଫୋଡ଼ି ହେବାକୁ ଲାଗିଲା।

ଅପର୍ଣ୍ଣା କୁହେ, "ଶ୍ରବଣ ଟିକେ ଏ ବାରଟା ପେଜ୍ ଫ୍ୟାକ୍ସ କରିଦେ, ମୁଁ ମିଟିଂରେ ବିଜିଅଛି।"

"କରଣ୍"ରେ ବସି ସେ କୁହେ, "ମୋ ପିଜା ଟିକେ ଚାଖି କି ଦେଖେ, ତୋ ଇଡ୍‌ଲିଠୁ ବେଶୀ ମଜେଦାର୍।"

ଅପର୍ଣ୍ଣା ମନା କରିଦିଏ, "ନା ବାବା, ତୁଇ ଖା, ମୁଁ ଅଇଁଠା ଖାଏନି। ଘରେ ଢୋକଲା, ଥେପଲା ସହ, ଚା, ବିସ୍କୁଟ୍ ବି ବନ୍ଦ ହେଇଯାଇଥିଲା।"

ଆଗରୁ ଯୋଉ କାମ ଶ୍ରବଣ ଖୁସି ହେଇ କରି ଦଉଥିଲା ଏବେ ସେ ସବୁରୁ ତାକୁ ଅଧିନତାର ଗନ୍ଧ ଆସୁଥିଲା।

"ଜାମ୍ ନଗର ଯାଉଚୁ, ମୋ ପାଇଁ ଲାଗ ଆଣିଦବୁ। କିନ୍ତୁ ଡିଜାଇନ୍ ଏକଦମ୍ ମଡ୍ ହେଇଥିବ। ପଛ ବର୍ଷ ପରି ନୁହଁ।"

"ତୋ ସାଙ୍ଗେ ଆଉ କେବେ ଯିବି। ତୋ ଟିକେଟ୍ ଟା ଦେ ଟିକେ ମା'କୁ ଫିଲ୍ମ ଦେଖେଇ ଆଣିବି।"

ବେଳେବେଳେ ଶ୍ରବଣ ଭାବେ ଅପର୍ଣ୍ଣାକୁ କହିଦେବ କେମିତି ସରକାରୀ ଅବସରରୁ ଲାଭ ଉଠେଇବା ପାଇଁ ସେ ସବର୍ଣରୁ ଅସବର୍ଣ୍ଣ ହେଇ ଯାଇଥିଲା। ସେ ତାକୁ ନିଜ ଘରଲୋକଙ୍କ ସହ ସାକ୍ଷାତ କରେଇ ଦେବ। ତାପରେ ଲାଗେ ଏବେ ଯାହା ଅଛି ସବୁ ହାତରୁ ଚାଲିଯିବ। ଡିଗ୍ରୀ, ଚାକିରୀ, ପଦ ପ୍ରତିଷ୍ଠା ସବୁ। ଏଇଟା ଠିକ୍ ଯେ ପ୍ରାଇଭେଟ୍ ସେକ୍ଟରରେ ଏସବୁ କଥାର କିଛି ପାର୍ଥକ୍ୟ ଆସିବନି କିନ୍ତୁ ଡିଗ୍ରୀ ଉପରେ ପ୍ରଶ୍ନ ଚିହ୍ନ ଆସିଲେ ଏଠୁ ବି ଛୁଟୀ ମିଳିଯିବ। ୪୨୦ ର କେଶ୍ ଚାଲିବ ସେ ଆଉ ଏକ କଥା।

ଅପର୍ଣ୍ଣା ଦୃଷ୍ଟିରେ ବି ସେ ଆଗ ପରି ରହିବନି। ଅପର୍ଣ୍ଣା ପଚାରେ, "ତୁମ ଘରେ କଣ ଗାଈ, ମଇଁଷିର ବେପାର ହୁଏ।" ରାତିରେ ଶ୍ରବଣକୁ ନିଦ ହୁଏନି। ଜାତକର ପୃଷ୍ଠା ଓଲଟାଏ। ଯୋଉ ମିଛ କଥା ତା ପାଇଁ ଜୀବନର କବାଟ ଖୋଲିଥିଲା, ସେଇ ମିଛ ଏବେ ଧୀରେ ଧୀରେ କବାଟ ସବୁ ବନ୍ଦ କରିବାକୁ ଆରମ୍ଭ କରିଛି। ସତ ଓ ମିଛ ଏବେ ତା ଜୀବନରେ ଗୋଳା ଗୋଳି ହେଇଯାଇଚି। ଅପର୍ଣ୍ଣା ଏବେ ସଞ୍ଜୟ ପ୍ରତି ଆକର୍ଷିତ ହେଉଚି।

ଆହତ ପକ୍ଷୀ ପରି ଶ୍ରବଣ ଘରକୁ ଫେରିଥିଲା ଦଶ ଦିନର ଲିଭ୍ ନେଇ। ମା ଶ୍ରବଣର ପସନ୍ଦ ଅନୁଯାୟୀ ସବୁ ରାନ୍ଧି ଥିଲେ। କିନ୍ତୁ ଶ୍ରବଣ ଅନ୍ୟ ମନସ୍କ।

"କଥା କଣ ? ବହୁତ ପରିଶ୍ରମ କରିବାକୁ ପଡୁଚି କିରେ ?"

"ନା"

"ତେବେ ଏଠି କ'ଣ ତତେ ଭଲ ଲାଗୁନି ?"

"ହଁ !"

"କଣ କୋଉ ଝିଅ, ଫିଅ, ଚକ୍କରରେ ପଡ଼ିଲୁକି ?"

"ନାହିଁ।"

ଏ ବସ୍ତୁ ନିଷ୍ଠ ପ୍ରଶ୍ନର ଉତ୍ତର ବେଶୀ ହଁ, ନାହିଁ ସମ୍ବାଦରେ ବେଶୀ ସମୟ ଚାଲି ପାରିଲାନି।

ସାଙ୍ଗେ ସାଙ୍ଗେ ସ୍ୱାମୀଙ୍କୁ ଯାଇ କହିଲେ ପୁଅ ବଡ଼ ହେଲାଣି। ଏକେଲା ରହୁଚି। ଉଦାସ ତ ହେବ। ଜଲ୍‌ଦି ତା ବାହାଘର କଥା ଚିନ୍ତା କର।

ଶ୍ରବଣକୁ ତା ମା କହିଲେ, "ମୁଁ ଏତେ ଭଲ ଭଲ ଝିଅ ସବୁ ଦେଖି ରଖିଚି କିନ୍ତୁ କୋଉଠି ବି ହଁ କହିନି। ଆଗ ତୁ ଦେଖିନେ, ଦଶଦିନରେ ଜମା ପାଞ୍ଚଜଣଙ୍କୁ ଦେଖିବାର ଅଛି।"

ପ୍ରସ୍ତାବ ସବୁ ଟେବୁଲ ଉପରେ ପଡ଼ିଚି ଆଉ ମା'ର ମୁହଁରେ। କିଏ ବାଜପେୟୀ କିଏ ଦୁବେ ତ କିଏ ତ୍ରିବେଦୀ।

ଶ୍ରବଣର ଆଖିରେ ଅପର୍ଣ୍ଣା ଦିକ୍ଷୀତର, ଅନିଚ୍ଛା ଓ ଆପତ୍ତି ସାକାର ହେଇଯାଏ।

ଯେ ସବୁ ବ୍ରାହ୍ମଣୀମାନେ କଣ ତା ସହ ସୁଖୀ ରହିପାରିବେ। ଯେତେବେଳେ ଜାଣିବେ ଯେ ସେ ଘୋଷିତ ପଛୁଆ ବର୍ଗର ପିଲା। ଜୀବନଯାକ ଦୁଇଟିକିଆ ମିଛରୁ ଭଲ ସେ ଗୋଟିଏ ସତ ଉପରେ ଚାଲିବ।

ମିଳୁଥିବା ଅବସରରୁ ଲାଭ ତ ଉଠେଇନେଲ। ଏବେ କ୍ଷତି ସହିବାର ବେଳ ଆସିଛି। ତାକୁ ଲାଗୁଛି କୃପାଳ ପେଣ୍ଟସ୍‌ର ମାର୍କେଟିଙ୍ଗସ୍ ରୁ ଅଧିକ କଷ୍ଟ ତା ନିଜର ମାର୍କେଟିଙ୍ଗ କରିବା।

ଶ୍ରବଣ ମନେ ମନେ ପ୍ରାର୍ଥନା କରେ "ହେ ଭଗବାନ ମୋତେ ସାହସ ଦିଅ।"

# ପୁତ୍ର ପିଣ୍ଡ ପ୍ରୟୋଜନେ..

ସୁଷମା ପରିଡ଼ା

ନମିତା ଦାସ୍, ଜଣେ ସ୍ୱେଚ୍ଛାସେବୀ। ସମମାନସିକତାର କିଛି ବନ୍ଧୁ ମାନଙ୍କୁ ନେଇ "ସେବା ବନ୍ଧୁ" ନାମରେ ଏକ ଅନୁଷ୍ଠାନ ଗଢିଛି ସେ। କଟକର ବଡ଼ ମେଡ଼ିକାଲ ସାମନାରେ ତାଙ୍କର ଘର। ବାପା ଥିଲେ ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀ। ଐଶ୍ୱର୍ଯ୍ୟର ପ୍ରାଚୁର୍ଯ୍ୟ ମଧ୍ୟରେ କଟିଥିଲା ନମିତାର ପିଲାଦିନ। ଘର ସାମନାରେ ଖେଳିବା ବେଳେ ସକାଳରୁ ସଞ୍ଜ ଯାଏଁ ପ୍ରତିଦିନ ବଡ଼ ମେଡ଼ିକାଲ୍‌କୁ ଆସୁଥିବା ଶହ ଶହ ରୋଗୀ ଏବଂ ସେମାନଙ୍କ ଆତ୍ମୀୟ ମାନଙ୍କ ଦୁଃଖ ଦୁର୍ଦ୍ଦଶା ଦେଖୁଥିଲା ସେ। ତା'ର ଟିକି ମନଟି ସେମାନଙ୍କ ପାଇଁ ଦୁଃଖରେ ଦ୍ରବୀଭୂତ ହେଉଥିଲା। ସେମାନଙ୍କ ପାଇଁ କିଛି କରିବାକୁ ମନ ଭିତରେ ଇଚ୍ଛାଟିଏ ସବୁବେଳେ ଆସୁଥିଲା। ସ୍କୁଲରେ ପାଠପଢ଼ା ବେଳରୁ କେମିତି ଗୋଟିଏ ସେବା ମନୋବୃତ୍ତି ଦୃଢ଼ିଭୂତ ହୋଇଥିଲା ନମିତାର ଅନ୍ତଃକରଣରେ। ସ୍କୁଲରେ ଏନ୍.ସି.ସି., ସ୍କାଉଟ୍‌ରେ ଭାଗ ନେବାପରେ ସେ ଇଚ୍ଛା ଆହୁରି ବଳବତ୍ତର ହୋଇଥିଲା। କେବେ କେଉଁ ଗରିବ ରୋଗୀକୁ ଔଷଧ ପାଇଁ ମାଆଙ୍କ ପାଖରୁ ଟଙ୍କା ମାଗିନେଇ ଦେଉଥିଲା ତ ଆଉ କେବେ କାହାକୁ ଖାଇବାକୁ ଦେବା ପାଇଁ ମାଆଙ୍କ ପାଖରେ ଅଳି କରୁଥିଲା। ଏମିତି କିଛି କଥା ବାବାଙ୍କ କାନରେ ପଡ଼ିଲେ ସେ ମଧ୍ୟ ଖୁବ୍ ଖୁସିରେ ନମିତାକୁ ସହଯୋଗ କରୁଥିଲେ। ସେଇ ପିଲା ବେଳରୁ ହିଁ ସଂକଳ୍ପ କରିଥିଲା ସେ ଚିର କୁମାରୀ ରହି ଏମିତି ଦୀନ ଦୁଃଖୀ ମାନଙ୍କ ସେବାରେ ଜୀବନ କାଟିଦେବ ବୋଲି। ବୟସ ବଢ଼ିବା ସହ ତା'ସେବା କାର୍ଯ୍ୟର ପରିସର ବଢ଼ିଥିଲା। ଖୁବ୍ ଭଲ ପାଠ ପଢୁଥିଲା ସେ। ସ୍ନାତକ ପରେ ବ୍ୟାଙ୍କ୍ ଚାକିରି ମିଳିଗଲା। ଆର୍ଥିକ ସ୍ୱଚ୍ଛଳତା ତା'ର ସେବା କାର୍ଯ୍ୟରେ ଦ୍ରବକ ଭଳି କାମ କରିଥିଲା। ସମମାନସିକତାର କିଛି ବନ୍ଧୁମାନଙ୍କୁ ନେଇ "ସେବା ବନ୍ଧୁ" ନାମରେ ଏକ ଅନୁଷ୍ଠାନ ଗଢ଼ିଥିଲା ସେ। ଦରିଦ୍ର ଅସହାୟ ଅବସ୍ଥାରେ ଥିବା ରୋଗୀଙ୍କର ସେବା କରିବା, ସେମାନଙ୍କ ଖାଦ୍ୟପେୟ ଔଷଧପତ୍ର ତଥା ଚିକିତ୍ସାରେ ସହାୟତା ଯୋଗାଇବା, ରକ୍ତଦାନ ଶିବିର ଆୟୋଜନ କରି ରକ୍ତଦାନ କରିବା ଇତ୍ୟାଦି ଇତ୍ୟାଦି ତାଙ୍କର ଅନୁଷ୍ଠାନର କାର୍ଯ୍ୟ ଥିଲା। ଧୀରେ ଧୀରେ ସେଥିରେ ସାମିଲ ହୋଇଥିଲା ଅନାଥାଳୟରେ ରହୁଥିବା ପିଲାଙ୍କ ପାଠପଢ଼ା, ପରିବାର ଦ୍ୱାରା ପରିତ୍ୟକ୍ତ, ଅସହାୟ ପୁରୁଷ ଏବଂ ମହିଳାଙ୍କୁ ଆଶ୍ରୟ ଦେବା, ସେମାନଙ୍କ ସେବା ଶୁଶ୍ରୁଷା କରିବା ଭଳି ଅନେକ ଅନେକ କାର୍ଯ୍ୟକ୍ରମ। ଏଥିପାଇଁ କିଛି ସହୃଦୟ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗ ମଧ୍ୟ ମିଳୁଥିଲା। ସେମାନଙ୍କ ନିଷ୍ଠାପର ସେବା ମନୋବୃତ୍ତି ପାଇଁ ଆଜି "ସେବା ବନ୍ଧୁ" କେବଳ କଟକରେ ନୁହେଁ ଓଡ଼ିଶାରେ ଏକ ସମ୍ମାନଜନକ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ଏବେ ବଡ଼ ଡାକ୍ତରଖାନାରେ ହେଉ ବା ଅନ୍ୟ କୌଣସି ସ୍ଥାନରେ ହେଉ କୌଣସି ଅସହାୟ ଅବସ୍ଥାରେ ଥିବା ମଣିଷକୁ ସାହାଯ୍ୟ କରିବାକୁ ଦରକାର ହେଲେ "ସେବା ବନ୍ଧୁ"ର ସଂଚାଳିକା ନମିତା ଦାସ୍‌କୁ ଖୋଜା ପଡ଼େ।

ଦିଦି ! କେହି ଜଣେ ଆପଣଙ୍କୁ ଦେଖା କରିବାକୁ ଆସିଛନ୍ତି, ଭିତରକୁ ଡ଼ାକିବି କି ? ଆଶ୍ରମ ଅଫିସ୍‌ର ପରିଚାଳିକା ଗୀତାର ସ୍ୱର ଶୁଣି ଅଳସ ଭାଙ୍ଗି ଚାହିଁଲା ନମିତା। ଅନ୍ୟମନସ୍କ ଭାବରେ "ହଁ, ଡ଼ାକ..." ବୋଲି କହି ଚେୟାର ଉପରେ ସଜାଡ଼ି ହୋଇ ବସିଲା ସେ। ଭିତରକୁ ଆସିଥିଲେ ଯୁବକ ଟିଏ। ନମ୍ରତାର ସହ ମୁଣ୍ଡ ନୁଆଇଁ କହିଥିଲେ " ଆଜ୍ଞା, ନମସ୍କାର, ମୁଁ ବିନୋଦ ଶତପଥୀଙ୍କ ପୁଅ। ବହୁତ ଦିନ ହେଲା ଦେଶ ବାହାରେ ରହୁଥିବାରୁ ନନାଙ୍କ ସହ ଯୋଗାଯୋଗ ନଥିଲା। ଦୁଇ ତିନି ଦିନ ତଳେ ଜାଣିବାକୁ ପାଇଲି ଯେ ନନା ଚାଲିଗଲେ ବୋଲି। ଏଠାକୁ ଆସି ଜାଣିଲି, ଶେଷ ସମୟରେ ସେ କାଳେ ଆପଣଙ୍କର ଏଇ "ସେବା ବନ୍ଧୁ" ଆଶ୍ରମରେ ରହୁଥିଲେ। ସେଥିପାଇଁ ଏଠାକୁ ଆସିଛି ମୁଁ। ଆପଣ ଦୟାକରି ନନାଙ୍କର ମୃତ୍ୟୁ ସମ୍ବନ୍ଧୀୟ କାଗଜପତ୍ର ଦେଲେ ମୁଁ ସେଇ ଅନୁସାରେ ଗାଆଁରେ ତାଙ୍କର କ୍ରିୟା କର୍ମ କରିଥା'ନ୍ତି।

ଏଥରକ ମୁହଁ ଉଠାଇ ଲୋକଟିର ମୁହଁକୁ ସିଧା ଚାହିଁଲା ନମିତା। ତା'ର ମନେହେଲା ଯେମିତି ଏଇ ଲୋକଟାକୁ ସଙ୍ଗେ ସେ କେଉଁଠି ଆଗରୁ ଭେଟିଛି, ହେଲେ ସେ ମନେ ପକାଇ ପାରୁନଥିଲା ଠିକ୍ କେଉଁଠି ? କେଉଁ ପରିସ୍ଥିତିରେ ଭେଟିଥିଲା ତା'କୁ। ନମିତାର ମନେ ପଡୁଥିଲା ବିନୋଦ ଶତପଥୀଙ୍କୁ କଟକ ବଡ଼ ମେଡ଼ିକାଲ୍‌ରେ ଭେଟିବା ଦିନ ଠାରୁ ଆରମ୍ଭ କରି ତାଙ୍କର ଦୁଃଖଦ ଅନ୍ତ ପର୍ଯ୍ୟନ୍ତ ପ୍ରତ୍ୟେକ ମୁହୂର୍ତ୍ତର କଥା। ଶେଷ ସମୟରେ ତାଙ୍କର ଲୁହ ଭିଜା ଆଖିରେ ନିଜ ପରିବାର କି ଆତ୍ମୀୟ ସ୍ୱଜନମାନଙ୍କ ମଧ୍ୟରୁ କାହାରିକୁ ଦେଖିବାର ଅନ୍ୱେଷା। ଖନି ମାରିଯାଉଥିବା ପାଟିରେ ମିଟୁରେ.. ମିଟୁରେ.. ବୋଲି ଡାକିବାର ଆକୁଳ ଶବ୍ଦ କେତୋଟି...। ଟଣ୍ ଟଣ୍ ହୋଇ ବିନ୍ଧି ଉଠୁଥିଲା ନମିତାର ମୁଣ୍ଡ। ଭିତରେ ଥିବା ସମସ୍ତ ଚେତନାକୁ ଠୁଳ କରି ମନେ ପକାଇବାକୁ ଚେଷ୍ଟା କଲା ସେ।

ହଠାତ୍ ତା'ର ମନେପଡ଼ିଗଲା କିଛି ବର୍ଷ ତଳର କଥା। ସେଦିନ

ଅଫିସ୍‌ରୁ ଫେରି ନିଜର ଅଳସ ଦେହଟାକୁ ଟିକିଏ ଶେଯରେ ଲୋଟାଇ ଦେଲା ବେଳକୁ ଫୋନ୍ ରିଂ ହେଲା। ସେପଟରୁ ଡାକ୍ତର ମହାପାତ୍ରଙ୍କ କଣ୍ଠସ୍ୱର... " କ'ଣ କରିବା ନମିତା ! ଜେରିଆଟିକ୍ ୱାର୍ଡ୍ ର ସେ ପେସେଣ୍ଟ କଥା କ'ଣ ବୁଝିଲ ? ପାଖାପାଖି ବର୍ଷେ ହେଲାଣି.. କେତେ ଦିନ ଆଉ ତାଙ୍କୁ ରଖିବା ହସ୍ପିଟାଲ୍‌ରେ ? ? ଇଟ୍‌ସ ଠୁ ଡିଲେଡ୍, ପ୍ଲିଜ୍ ଡୁ ସମ୍ ଥିଙ୍ଗ୍..." । "ହଁ ସାର ଦେଖୁଛି" କହିବା ପରେ ସେପଟୁ ଧନ୍ୟବାଦ ସହିତ ଫୋନ୍ କାଟିବାର ଶବ୍ଦ। ଏଥର ଭିଡ଼ି ମୋଡ଼ି ହୋଇ ଶେଜରୁ ଉଠିଲା ନମିତା। କିଛି ଗୋଟାଏ ତ' ନିଶ୍ଚୟ କରିବାକୁ ହେବ ସେ ପେସେଣ୍ଟ୍ ପାଇଁ।

ଜେରିଆଟିକ୍ ୱାର୍ଡ୍ ର ସେ ପେସେଣ୍ଟ୍ ଅର୍ଥାତ୍ ବିନୋଦ ଶତପଥୀ ବାବୁଙ୍କୁ ଦିନେ ରାତି ଅଧରେ ଅତ୍ୟନ୍ତ ଗୁରୁତର ଅସୁସ୍ଥ ଅବସ୍ଥାରେ କେହି ଜଣେ ଆଣି କାଜୁଆଲିଟିରେ ଆଡ୍‌ମିଶନ କରିଥିଲେ, ସେତେବେଳକୁ ତାଙ୍କର ଚେତା ନଥିଲା। ତା'ପରେ ଆଉ ସେ ଆଡ୍‌ମିଶନ କରିଥିବା ଲୋକଙ୍କର ପତ୍ତା ମିଳି ନଥିଲା। ସ୍ଥାନୀୟ ପୋଲିସ ଥାନାରେ ଖବର ଦେବା ପରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। କିଛିଦିନର ନିୟମିତ ଚିକିତ୍ସା ପରେ ସାମାନ୍ୟ ଆରୋଗ୍ୟ ହୋଇଥିଲେ ଶତପଥୀ ବାବୁ। ତାଙ୍କର ନାମ, ଘର ଠିକଣା ଇତ୍ୟାଦି ପୋଲିସ୍‌କୁ କହିବାରୁ ତାଙ୍କ ଘରକୁ ଖବର ପଠାଇଥିଲେ ସେମାନେ, ହେଲେ ସେପଟରୁ କୌଣସି ପ୍ରତ୍ୟୁତ୍ତର ମିଳିନଥିଲା। କେହି ଆସିନଥିଲେ ଶତପଥୀ ବାବୁଙ୍କୁ ଘରକୁ ଫେରାଇନେବାକୁ। ତା'ପରେ ଶତପଥୀ ବାବୁଙ୍କୁ ମେଡ଼ିସିନ୍ ବିଭାଗରୁ ପଠାଇ ଦିଆଯାଇଥିଲା ଜେରିଆଟିକ୍ ବା ବାର୍ଦ୍ଧକ୍ୟ ଜନିତ ରୋଗ ବିଭାଗକୁ। ସେଠାରେ ତାଙ୍କର କେହି ଆଟେଣ୍ଡାଣ୍ଟ୍ ନଥିବାରୁ ନମିତାର ସାଥୀମାନେ ତାଙ୍କର ଦେଖାଶୁଣା କରୁଥିଲେ। ବିନୋଦ ଶତପଥୀଙ୍କ ସହ ଆଳାପ ଆଲୋଚନା ଭିତରେ ସେ ଜାଣିପାରିଥିଲା ଯେ ସେ ଜଣେ ଅବସରପ୍ରାପ୍ତ ଅଫିସର। ତାଙ୍କର ଏକମାତ୍ର ପୁଅ ନିଜ ଇଚ୍ଛାରେ ବାହା ହୋଇ ପରିବାର ସହ ବିଦେଶରେ ରହେ। ଘରକୁ ମୋଟେ ଆସେନି। ଦୁଇ ବର୍ଷ ପୂର୍ବେ ପତ୍ନୀଙ୍କ ଦେହାନ୍ତ ହୋଇ ଯିବାରୁ ଏକାନ୍ତ ନିଃସଙ୍ଗତା ଭୋଗ କରୁଛନ୍ତି ସେ। ରୋଗାକ୍ରାନ୍ତ ଦେହ ଏବଂ ମନ ନେଇ ତାଙ୍କର ଏ ଅବସ୍ଥା। ନମିତାର ମନରେ ତାଙ୍କ ପ୍ରତି ଦୟା ଆସିଥିଲା। ଆଃ... ସବୁ ଥାଇ ମଧ୍ୟ କେଡ଼େ ଅସହାୟ ମଣିଷଟିଏ ସେ ! ! ! ସେଦିନ ସେ ନିଜେ ଯାଇ ହସ୍ପିଟାଲ୍‌ରେ ବିନୋଦ ଶତପଥୀଙ୍କ ହସ୍ତାନ୍ତର ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଦସ୍ତଖତ କରି ତାଙ୍କୁ ଆମ୍ବୁଲାନ୍ସରେ ଆଶ୍ରମକୁ ଆଣି ଆସିଥିଲା। ସେଇ ଦିନଠାରୁ "ସେବା ବନ୍ଧୁ" ଆଶ୍ରମ ହିଁ ହୋଇଥିଲା ବିନୋଦ ଶତପଥୀଙ୍କ ନିଜ ଘର।

ନମିତାର ମନେ ପଡ଼ିଲା ଯେ ବିନୋଦ ଶତପଥୀ ନୂଆ ହୋଇ ଆଶ୍ରମକୁ ଆସିବାର କିଛି ଦିନ ପରେ ଏଇ ଲୋକଟି ଆସିଥିଲା ତାଙ୍କ ପାଖକୁ ଏବଂ ବିନୋଦ ଶତପଥୀଙ୍କ ପଡ଼ୋଶୀ ବୋଲି ନିଜର ପରିଚୟ ଦେଇଥିଲା। ବିନୋଦ ଶତପଥୀଙ୍କ କଳଙ୍କିତ ଚରିତ୍ରର ବହୁତ କାହାଣୀ କହି ତାଙ୍କୁ ଏଠାରେ ଆଶ୍ରୟ ନଦେବା ପାଇଁ କହିଥିଲା। ହେଲେ ତା'ର କୌଣସି କଥାକୁ ଧ୍ୟାନ ନଦେଇ ତାଙ୍କୁ କହିଥିଲେ "ନିରାଶ୍ରୟକୁ ଆଶ୍ରୟ ଦେବା ପାଇଁ ଆମର ଧର୍ମ, ଆମେ ସେଇ ଧର୍ମ ହିଁ ପାଳନ କରୁଛୁ।" ସେଦିନ "ରଖିଥାନ୍ତୁ, ଫଳ ନିଜେ ଭୋଗିବେ।" କହି ଅସନ୍ତୁଷ୍ଟ ହୋଇ ଫେରି ଯାଇଥିଲା ସେ ଲୋକଟି। ବିନୋଦ ଶତପଥୀଙ୍କୁ "ସେବା ବନ୍ଧୁ"ରେ ନିର୍ଭୟ ଆଶ୍ରୟ ଦେଇଥିଲେ ନମିତା।

ଆଶ୍ରମରେ ତିନି ବର୍ଷ ରହିବା ଭିତରେ ନମିତା ଅନେକ ଭଲଗୁଣ ଲକ୍ଷ୍ୟ କରିଥିଲା ବିନୋଦ ବାବୁଙ୍କ ମଧ୍ୟରେ। ଆଶ୍ରମର ସମସ୍ତଙ୍କ ପ୍ରତି ତାଙ୍କର ସ୍ନେହ ଶ୍ରଦ୍ଧା ସମ୍ମାନ ରହିଥିଲା, କାହାକୁ ମା' କାହାକୁ ଝିଅ କାହାକୁ ଭଉଣୀ ବୋଲି ସମ୍ବୋଧନ କରୁଥିଲେ। ସେମିତି ପୁରୁଷମାନଙ୍କୁ ମଧ୍ୟ ତାଙ୍କର ନିଜ ପରିବାରର ସଦସ୍ୟ ବୋଲି ଭାବୁଥିଲେ। କେହି ଜଣେ ଅନ୍ତେବାସୀର ଶରୀର ଅସୁସ୍ଥ ହେଲେ ସେ ତା'ର ପାଖରେ ରହି ତା'ର ସେବା ଶୁଶ୍ରୂଷା କରିବା ସହ ଦିନରାତି ଏକାକାର କରି ଜଗି ବସୁଥିଲେ, ଯଥାସାଧ୍ୟ ଚେଷ୍ଟା କରୁଥିଲେ ତାଙ୍କ ମନ ଖୁସି ରଖିବା ପାଇଁ। ରୋଗୀ ଦୁଃଖୀ କାହାରି ପ୍ରତି କୌଣସି ବିକାର ନଥିଲା ତାଙ୍କର ମନରେ, ଆଶ୍ରମରେ ସମସ୍ତେ ତାଙ୍କୁ ଦେବତା ତୁଲ୍ୟ ସମ୍ମାନ କରୁଥିଲେ। ତାଙ୍କର ଶେଷ ସମୟରେ ସମସ୍ତେ ନିଜ ପରିବାର ଭଳି ତାଙ୍କର ସେବା ଶୁଶ୍ରୂଷା କରିବା ସହ ତାଙ୍କର ଜୀବନ ଶେଷରେ ଆଖିରେ ଲୁହ ନେଇ ତାଙ୍କର ଶେଷକୃତ୍ୟ ସଂପର୍ଣ୍ଣ କରିଥିଲେ। ସେତେବେଳେ ଏଇ ପୁଅ ବୋଲାଉଥିବା ମଣିଷଟି କୁଆଡ଼େ ଥିଲା ? ହୁଏତ ନିଜ ପରିବାର ସହିତ ବିଦେଶରେ ରହି ଖୁବ୍ ଆୟସରେ ଦିନ କାଟୁଥିବ। ବାପର ମୃତ୍ୟୁ ପରେ ଆପେ ଆପେ ତାଙ୍କର ଉତ୍ତରାଧିକାରୀ ଭାବରେ ସମସ୍ତ ସଂପତ୍ତିର ମାଲିକ ହେବ ବୋଲି ଖୁସି ହେଉଥିବ। ଏଠାରେ ସଂପତ୍ତି ବାଡ଼ି ବିକ୍ରି କରି ଚାଲିଯିବ ବିଦେଶକୁ ଆୟସ କରିବାକୁ। ଧିକ୍ ସେ ପୁଅ କୁ...। ଛିଃ... ଛିଃ...

ପ୍ରଚଣ୍ଡ କ୍ରୋଧରେ ନମିତାର ଗୋଡ଼ରୁ ମୁଣ୍ଡ ଯାଏଁ ତାତି ଉଠୁଥିଲା, ତା'ର ସମସ୍ତ ସ୍ନାୟୁ ଶିରା ଧମନୀ ଫାଟି ପଡୁଥିଲା। ସେ ଚିତ୍କାର କରି ଉଠିଲା... "ତମକୁ ବିନୋଦ ଶତପଥୀଙ୍କ ପୁଅ ବୋଲି କହିବାକୁ ଲଜ୍ୟା ଲାଗୁନି, ଆସିଛ ମୃତ୍ୟୁ ପ୍ରମାଣପତ୍ର ନେଇ ଲୋକ ଦେଖାଣିଆ ଶୁଦ୍ଧିକ୍ରିୟା କରି ସାଇ ଭାଇଙ୍କୁ ଭୋଜିଭାତ ଦେଇ ତାଙ୍କର ସଂପତ୍ତି ହାତେଇବାକୁ ? ହଇହୋ ! ତମେ ବିନୋଦ ଶତପଥୀଙ୍କ ଔରସରୁ ଜନ୍ମିତ ପୁଅଟି ? ଯେତେବେଳେ ଅସୁସ୍ଥ ଅବସ୍ଥାରେ ସେ ଏକୁଟିଆ ସେ ଘରେ ସଢୁଥିଲେ, ଯେତେବେଳେ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ରାମୁଲୁ ରିକ୍ସାବାଲା ଆଣି ବଡ଼ ମେଡ଼ିକାଲ୍‌ରେ ଆଡ୍‌ମିଶନ୍ କଲା, ସେଠାରେ ସୁସ୍ଥ ହେବା ପରେ ଯେତେବେଳେ ତାଙ୍କୁ ଲାୱାରିସ୍ ରୋଗୀ ବିବେଚନା କରି ଆମ ଆଶ୍ରମରେ ଆଶ୍ରୟ ଦେବାକୁ ଡାକରା ଆସିଥିଲା, ଶେଷ ସମୟରେ ଯେତେବେଳେ ସେ ଆକୁଳ ହୋଇ ମିଟୁ ମିଟୁ ଡାକୁଥିଲେ ଆଉ ତାଙ୍କ ଆଖି ତମକୁ ଖୋଜି ବୁଲୁଥିଲା ଯେତେବେଳେ ସେତେବେଳେ କେଉଁଠି ଥିଲ ତୁମେ ? ସେ ହୁଏତ ସେ ପୁରରେ ଥାଇ କ୍ଷମା କରିଦେଇ ପାରନ୍ତି ତୁମକୁ, ହେଲେ ଏ ସମାଜ ତୁମ ଭଳି ଅକୃତଜ୍ଞ ପୁଅକୁ କେବେହେଲେ କ୍ଷମା କରିବ ନାହିଁ। ବିନୋଦ ବାବୁଙ୍କ ମୃତ୍ୟୁ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଯେଉଁଠି ଦାଖଲ କରିବାର ଥିଲା ମୁଁ ସେଠାରେ ଦାଖଲ କରିଦେଇଛି। ତୁମକୁ କୌଣସି ସାହାଯ୍ୟ କରିପାରିବି ନାହିଁ। ଯାଅ..ବାହାରି ଯାଅ ଏଠୁ। ନମିତା ଆଖିରୁ ଲୁହ ନୁହେଁ ନିଆଁ ବର୍ଷୁଥିଲା।

ଆଗନ୍ତୁକ ଯୁବକଟି ଚୁପ୍ ଚାପ୍ ହୋଇ ତଳକୁ ମୁଁହ ପୋତି ବାହାରି ଯାଉଥିଲା ଅଫିସ୍‌ରୁ। ନମିତା ଆଖିରୁ ଲୁହ ପୋଛି ଉପରକୁ ଚାହିଁ ଦୁଇହାତ ଯୋଡ଼ିଲା।

*ଶାରଳା ଭବନ, ପୋତା ପୋଖରୀ, କଟକ-୪*
*ଦୂରଭାଷ: ୮୨୪୯୦୭୭୩୮୧*

# "କଣ୍ଟାକ୍ଟସ୍"

**ମୂଳ ହିନ୍ଦୀ- ପୁନମ୍ ଅହମଦ୍**
**ଅନୁବାଦ- ମନୋଜ କୁମାର ବେହେରା**

'ଆଜି ମୋତେ ଜଣା ପଡିଲା କି କଣ୍ଟାକ୍ଟସ୍ କେବଳ ଚାକିରୀ କରି ଅଥବା ଘରୁ ବାହାରକୁ ଯାଇ ବନା ଯାଏନାହିଁ । ଏହା ତ ଘରେ ରହି ଅନ୍ୟମାନଙ୍କ ପ୍ରତି ନିଜ ହୃଦୟରେ କୋମଳ ଭାବନା ଆଉ ନରମ ଅନୁଭୂତିକୁ ଗୋଟାଇ,ଅନ୍ୟର ଦୁଃଖ-କଷ୍ଟରେ କାନ୍ଧରେ କାନ୍ଧ ମିଳାଇ,ଯେଉଁ କଣ୍ଟାକ୍ଟସ୍ ବନା ଯାଏ ତା'ର କୌଣସି ମୂଲ୍ୟ ନାହିଁ..ସେମିତିଆ କଣ୍ଟାକ୍ଟସ୍ ହେଇଥାଏ ଅମୂଲ୍ୟ' ।

ମୁଁ ନିଜ ଦେଶଠୁ ହଜାର ହଜାର ମାଇଲ୍ ଦୂର ପ୍ୟାରିସ୍‌ରେ ନିଜ କଲେଜର ହଷ୍ଟେଲ୍ ରୁମ୍‌ରେ ପାଗଳଙ୍କ ପରି ଏପଟ-ସେପଟ ପଦଚାରଣ କରୁଥିଲି । ରାତିସାରା ଶୋଇ ପାରିନଥିଲି ଠିକ୍‌ରେ । ଇର୍ଣ୍ଟନ୍‌ସିପ୍‌ର ଇଣ୍ଟରଭିୟୁ ଦେଇଥିଲି । ତା'ର ରେଜାଲ୍ଟର ମେଲ୍ ଆସିବାକୁ ଅଛି । ଏହି ଇର୍ଣ୍ଟନ୍‌ସିପ୍‌ର ବହୁତ ଆବଶ୍ୟକତା ଅଛି ମୋତେ । ଏମ.ଆଇ.ଏମ୍ କରିବା ପାଇଁ ପ୍ୟାରିସ୍‌କୁ ଆସିବାର ପ୍ରାୟ ଚାରିମାସ ହେଇଗଲାଣି । ଇଣ୍ଡିଆରୁ ମା, ବାପା ଆଉ ତନ୍‌ଭୀ ଦିଦି ଫୋନ୍‌ରେ ବହୁତ ଆଶ୍ୱସନା ଦେଉଛନ୍ତି କି ଇଣ୍ଟରଭିୟୁ ଭଲ ହେଇଛି, ତୋ ଚୟନ ହେଇଯିବ । ହେଲେ ମୋର ସ୍ୱଭାବ ଏମିତିଆ କି ଯେତେବେଳେ ଯାଏଁ ମୋ କାମ ପୁରା ନ ହେଇଛି ସେତେବେଳେ ଯାଏଁ ମୁଁ ବସି ପାରେ ନାହିଁ ଶାନ୍ତିରେ ।

ବାପା ତ ମୋ ଇର୍ଣ୍ଟନ୍‌ସିପ୍ ପାଇଁ କେତେଦିନ ହେଲାଣି କଥାବାର୍ତ୍ତା ହେଉଛନ୍ତି କେତେ ଲୋକଙ୍କ ସାଙ୍ଗରେ । ନିଜର କଣ୍ଟାକ୍ଟସ୍‌କୁ ଖୋଜୁଥିଲେ, ହେଲେ କେଉଁଠି ମଧ୍ୟ କଥା ଜମୁ ନଥିଲା । ମୋ କୋର୍ସ ପାଇଁ ଏହି ଇର୍ଣ୍ଟନ୍‌ସିପ୍‌ଥିଲା ବହୁତ ଜରୁରୀ ଆଉ ଯଦି ମୁଁ ଚାହୁଁଥିବା ଏହି କମ୍ପାନୀରେ ମିଳି ଯାଆନ୍ତା ତେବେ ସହଜ ହେଇଯାନ୍ତା ମୋ ଭବିଷ୍ୟତର ରାସ୍ତା ।

ବହୁତ ଚେଷ୍ଟା କଲେ ବାପା, ହେଲେ କେଉଁଠି ବି କିଛି ହେଇ ପାରିଲା ନାହିଁ । ଦିଦିର ତ ବେଶୀ କଣ୍ଟାକ୍ଟସ୍ ନାହିଁ । ସେ ମଧ୍ୟ ଚାକିରୀ କରେ ହେଲେ ଅର୍ନ୍ତମୁଖୀ ସ୍ୱଭାବ ଯୋଗୁଁ ବେଶୀ ଲୋକଙ୍କ ସହିତ ମିଶି ପାରେ ନାହିଁ । ସେ ତ ମୋତେ ସାହାଯ୍ୟ କରିପାରିବ ନାହିଁ । ତେଣୁ ମୁଁ ତା' ଉପରେ ଅଧିକ ଆଶା ରଖି ନଥିଲି । ଆଉ ଶେଷରେ ବଳିଲେ ମା' । ମୋ ମା' ! ସାଧା-ସିଧା ଗୃହିଣୀ, ତାଙ୍କର ଅବା କ'ଣ କଣ୍ଟାକ୍ଟସ୍ ଥିବ । ହେଲେ କଥାରେ ନାହିଁ, ଜୀବନ ଆମକୁ ଅନେକ ଥର ଏମିତି କିଛି ଶିକ୍ଷା ଦେଇଯାଏ କି ଆମେ ଆଶ୍ଚର୍ଯ୍ୟ ଚକିତ ହୋଇ ସ୍ଥାଣୁ ପାଲଟିଯାଉ । ଆମେ କଳ୍ପନା ମଧ୍ୟ କରିପାରୁନା କି ଯାହାକୁ ଆମେ ଅତି ସାଧାରଣ, ମାମୁଲି ବୋଲି ଭାବୁଛେ ଆମ ଜୀବନରେ ତା'ର ବିଶାଳ ଭୂମିକା ମଧ୍ୟ ହେଇପାରେ ।

ଇଣ୍ଟରଭିୟୁ କର୍ତ୍ତା କହିଥିଲେ, ଏଗାରଟା ଭିତରେ ମେଲ୍ କରିବେ,ଆଉ ଦଶଟା ପଇଁଚାଳିଶ ବାଜିଥିଲା । ଆରେ ବାଃ..ମେଲ୍ ଆସିଗଲା । ଚାରି ଡିଗ୍ରୀ ତାପମାନରେ ମଧ୍ୟ କପାଳରେ ଝଲସି ଉଠିଲା ଝାଳର କେଇ ବୁନ୍ଦା । ଏହି ଇର୍ଣ୍ଟନ୍‌ସିପ୍ ମୋର ଦରକାର । ଈଶ୍ୱରଙ୍କୁ ମନେ ପକେଇ ମେଲ୍ ପଢିଲି ମୁଁ । ମୋର ସିଲେକ୍ସନ୍ ହେଇ ଯାଇଥିଲା । ପନ୍ଦର ଦିନ ପରେ ମୋତେ ଅଫିସ୍ ଯିବାକୁ ହେବ । ମୋ ଜୀବନର ଗୋଟିଏ ବହୁତ ବଡ ଇଚ୍ଛା ପୁରା ହେଇ ଯାଇଥିଲା ଆଜି । ଉତ୍ସାହପୂର୍ଣ୍ଣ ଖୁସିରେ ମୋ ଆଖି ଭରିଗଲା ଲୁହରେ । ନିଜ ଆଖିର ଲୁହକୁ ଦେଖି ମୁଁ ନିଜେ ମଧ୍ୟ ଆଶ୍ଚର୍ଯ୍ୟ ଚକିତ ହେଇ ଯାଇଥିଲି । ଏମିତି କେଉଁଠି ଲୁହ ଜକେଇ ଆସେ ମୋ ଆଖିରେ । ଆରେ ମସ୍ତ ରହୁଥିବା ପୁଅ ପିଲାଟେ ମୁଁ, ହେଲେ ଏବେ..। ଓଃ ମା' ! ମୋ ମା' ! ଏ କ'ଣ..ମୁଁ ତ ଭୋ ଭୋ ହେଇ କାନ୍ଦୁଛି । ମା'ଙ୍କ କଥା ମନେ ପଡିବାରୁ ତାଙ୍କ କୋଳରେ ମୁଣ୍ଡ ରଖିବା ପାଇଁ ମନ ହେଲା । କିଛି ସମୟ କାନ୍ଦିବା ପରେ ହାଲକା ହେଇଗଲା ମନ । ତା'ପରେ ଆଗ ମୁଁ ଫୋନ୍ କଲି ମା'ଙ୍କୁ । ମା' ମଧ୍ୟ ସତେ ଯେମିତି ମୋ ଫୋନ୍‌କୁ ଅପେକ୍ଷା କରି ନିଜ ମୋବାଇଲ୍‌କୁ ହାତରେ ଧରି ବସିଥିଲେ । ବୋଧହୁଏ ମୋ ଫୋନ୍‌କୁ ଚାହିଁ ବସିଥିଲେ ମା' ।

ମୁଁ କହିଲି, 'ମା' ହେଇଗଲା । ଖୁସିରେ ଥର ଥର କଣ୍ଠସ୍ୱର ମା'ଙ୍କର ତାଙ୍କ ଆଖିରୁ ଝରୁଥିବା ଲୁହ ବିଷୟରେ ବଖାଣୁଥିଲା ଯାହାକୁ ମୁଁ ଏତେ ଦୂର ପ୍ୟାରିସ୍‌ରେ ମଧ୍ୟ ଅନୁଭବ କରି ପାରୁଥିଲି । ମା' ମାନେ ତ ଏମିତି ହେଇଥାନ୍ତି,ଖୁସିରେ ବି ସେତିକି କାନ୍ଦନ୍ତି ଯେତିକି ଦୁଃଖରେ କାନ୍ଦନ୍ତି' । ମୁଁ ଯେତେବେଳେ କହିଲି, 'ଥ୍ୟାଙ୍କ୍ୟୁ ମା' ! ହସିଦେଲେ ସେ, ବାଇଆଟା, ମା'କୁ ଥ୍ୟାଙ୍କ୍ୟୁ କହିବୁ' ? ମୁଁ ମଧ୍ୟ ଟିକିଏ ହସି ଦେଇ କହିଲି,'ମା..ତୁମର କଣ୍ଟାକ୍ଟ ହିଁ ତ କାମରେ ଆସିଲା' ।

ମା' ଏବେ ହସୁଥିଲେ, 'ଆଛା ? ମୋର କି କଣ୍ଟାକ୍ଟ, ମୁଁ ତ ସାଧାରଣ ମହିଳା ଜଣେ..ସାଧାରଣ ଗୃହିଣୀଟିଏ..ଯାହାର ଦୁନିଆ ହେଲା ତା'ର ଘର ସଂସାର' ।

ମୁଁ ତାଙ୍କୁ ଟିକିଏ ଚିଡେଇବା ପାଇଁ କହିଲି,'ନା' ମା'..ତୁମେ ପୁଣି ସାଧାରଣ ? ଆରେ ଇଣ୍ଡିଆରେ ରହି ମଧ୍ୟ ତୁମେ ପ୍ୟାରିସ୍‌ରେ ମୋର କାମ କରିଦେଲ' ।

ବହୁତ ଖୁସି ଥିଲେ ମା'..ହସୁଥିଲେ ମଧ୍ୟ, ତା'ପରେ କହିଲେ,ଠିକ୍ ଅଛି, ଆଜି ମିଠା ନେଇ ଯାଉଛି ମାୟା ଆଣ୍ଟିଙ୍କ ଘରକୁ ।

ମୁଁ କହିଲି, 'ଆଣ୍ଟିଙ୍କୁ ମୋ ତରଫରୁ ଧନ୍ୟବାଦ ଜଣେଇ ଦେବ ମା' । ଆଉ କିଛି ସମୟ କଥା ହେଲା ପରେ ଫୋନ୍ ରଖିଦେଲି ମୁଁ । ବାପା ଆଉ ଦିଦିଙ୍କୁ ଫୋନ୍ କରି ଜଣେଇବାରୁ ଦୁହେଁ ବହୁତ ଖୁସି ହେଇଗଲେ । ବାପା

ତ ଶାନ୍ତିରେ ନିଃଶ୍ୱାସ ମାରିଲେ । ସେ ମୋଠୁ କିଛି କମ୍ ବ୍ୟସ୍ତ ବିବ୍ରତ ହେଉ ନଥିଲେ। ତାଙ୍କଠୁ ହିଁ ତ ମୋତେ ଏହି ସ୍ୱଭାବ ମିଳିଛି ଉତ୍ତରାଧିକାରୀ ସୂତ୍ରରେ କି ଯେପର୍ଯ୍ୟନ୍ତ କାମ ନହେଇଛି ଶାନ୍ତି ମିଳିବନି । ହେଲେ ଜଣା ନାହିଁ କେମିତି ଏତେ ଶାନ୍ତିରେ ମା' ସବୁ କାମରେ କେବଳ ଏଇଆ କହନ୍ତି କି ଚିନ୍ତା କରନାହିଁ , ସବୁ ଠିକ୍ ହେଇଯିବ, 'ହେଭ୍ ପେସେନ୍ସ', ସବୁ ଠିକ୍ ହେବ । ତା'ପରେ କାମ ହେଇଗଲେ,ମା' କହନ୍ତି, 'ବାପ-ପୁଅ ଏତେ ଜଲ୍‌ଦି ଅଧର୍ଯ୍ୟ ହେଇ ଯାଉଛ' । ଆରେ ସମୟକୁ ମଧ୍ୟ କିଛି ସମୟ ଦିଅ। ଆମେ ତିନି ଜଣ କେତେବେଳେ ତାଙ୍କ କଥାରେ ହସୁ ଆଉ କେବେ ରାଗିଯାଉ । ଆଉ ବେଳେବେଳେ ଆଶ୍ଚର୍ଯ୍ୟ ହେଇକି ସବୁ ଘଡି ସନ୍ଧି ମୁହୂର୍ତ୍ତରେ ସବୁ ଅସୁବିଧା ବେଳେ ସେ ଏତେ ଧୈର୍ଯ୍ୟ ଆଣନ୍ତି କେଉଁଠୁ ?

ଦିଦିକୁ କହିବାରୁ, ସେ ସବୁଥର ପରି ମାପିଚୁପି କହିଲା ପରି ସୀମିତ ଶବ୍ଦରେ କେବଳ ଏତିକି କହିଲା, 'ଦେଖିଲୁ..କାହାର କଣ୍ଟାକ୍ଟସ୍ କାମରେ ଆସିଲା ?ମୁଁ ହସି ଦେଲି ତାଙ୍କ କଥାରେ' । ଆମେ କିଛି ସମୟ କଥା ହେଲୁ, ନୂଆ ଅଫିସ୍ ଆଉ ନୂଆ କମ୍ପାନୀ ବିଷୟରେ । ତା'ପରେ ଅତିଶୟ ଉତ୍ସାହରେ ଏପଟ-ସେପଟ ମୁଁ ବୁଲିଲି ହସ ହସ ମୁହଁରେ । ଏହି ବଡ ମଲ୍‌ଟିନ୍ୟାସନାଲ୍ କମ୍ପାନୀରେ ଇର୍ଣ୍ଣନ୍‌ସିପ୍ ମିଳିବା ଅର୍ଥ ପୂର୍ଣ୍ଣ ହେବାକୁ ଥିଲା ଭବିଷ୍ୟତର ସ୍ୱପ୍ନ ସବୁ।

ଅଚାନକ ମୁଁ ଟିକିଏ ଗଡି ପଡିଲି ବେଡ୍‌ରେ ।ଦିଦିଙ୍କ କଥା ଗୁଞ୍ଜରିତ ହେଉଥିଲା କାନରେ । ଦେଖିଲୁ..କାହାର କଣ୍ଟାକ୍ଟସ୍ କାମରେ ଆସିଲା ?ସତ ତ କହିଥିଲା ଦିଦି ! ମା'ଙ୍କର କଣ୍ଟାକ୍ଟସ୍‌ରେ ମିଳିଛି ମୋତେ ଏହି ଇର୍ଣ୍ଣନ୍‌ସିପ୍। କିଏ ଭାବିଥିଲା ଏକଥା ! ଯଶ୍ ଭାଇ ଏହି କମ୍ପାନୀରେ ସିଙ୍ଗାପୁରରେ ଉଚ୍ଚପଦରେ କାର୍ଯ୍ୟରତ ଅଛନ୍ତି । ମାୟା ଆଣ୍ଟିଙ୍କ କହିବା ଯୋଗୁଁ ଯଶ୍ ଭାଇଙ୍କର ରେଫେରେନ୍ସରେ ମିଳିଛି ମୋତେ ଏହି ଇର୍ଣ୍ଣନ୍‌ସିପ୍ ।

ମୁଁ ପନ୍ଦର ବର୍ଷ ତଳର କଥା ସବୁ ମନେ ପକେଇବାକୁ ଲାଗିଲି,ଯେତେବେଳେ ଆମେ ନୂଆ-ନୂଆ ଆସିଥିଲୁ ବମ୍ବେକୁ । ଆମେ ବାପାଙ୍କ କମ୍ପାନୀର ଯେଉଁ ଫ୍ଲାଟ୍‌ରେ ରହୁଥିଲୁ, ସେହି ଫ୍ଲାଟ୍‌ର ଉପରବାଲା ଫ୍ଲାଟ୍ ଥିଲା ମାୟା ଆଣ୍ଟିଙ୍କର । ତାଙ୍କର ଥିଲେ ଦୁଇଟି ଛୁଆ, ଯଶ୍ ଭାଇ ଆଉ ସୁରଭି ଦିଦି । ଦୁହେଁ ବହୁତ ବଡ ଥିଲେ ମୋଠୁ । ମାୟା ଆଣ୍ଟିଙ୍କ ସହିତ ମା'ଙ୍କର ପ୍ରାତଃ ଭ୍ରମଣ କଲାବେଳେ ଦେଖା ହେଇଥିଲା । ଆମର ନୂଆ ଫ୍ଲାଟ୍‌କୁ ଆସିବା ମାତ୍ର ପନ୍ଦର ଦିନ ହେଇଥିଲା । ଅଚାନକ ଗୋଟିଏ ସଡକ ଦୁର୍ଘଟଣାରେ ଅଙ୍କଲ୍‌ଙ୍କର ମୃତ୍ୟୁ ହେଇଗଲା । ମାୟା ଆଣ୍ଟି ସେହି ସୋସାଇଟିରେ ବହୁତ ବର୍ଷ ତଳୁ ରହୁଥିଲେ । ମାତ୍ର ଯେମିତିକି ପ୍ରଥା ମାହାନଗରରେ ପ୍ରଥା ଥାଏ, ଅଳ୍ପ କିଛି ଔପଚାରିକତା ପରେ ସମସ୍ତେ ବ୍ୟସ୍ତ ହେଇ ଯାଆନ୍ତି ନିଜ ନିଜ ଜୀବନରେ । ହେଲେ ମା' ତାଙ୍କର ଜଳଖିଆ, ଲଞ୍ଚ, ଡିନର୍ ସବୁ ସେ ପର୍ଯ୍ୟନ୍ତ ପ୍ରସ୍ତୁତ କରି ନେଇ ଯାଉଥିଲେ, ଯେ ପର୍ଯ୍ୟନ୍ତ ତାଙ୍କ ବନ୍ଧୁ ବାନ୍ଧବ ଆସି ପହଞ୍ଚି ନଥିଲେ ।

ଆମ ନୂଆ ଘରକୁ ସଜେଇବା ସହିତ ମା' ଆଣ୍ଟିଙ୍କର ଦୁଃଖ ସମୟରେ ପ୍ରତି ମୁହୂର୍ତ୍ତରେ ଥିଲେ ତାଙ୍କ ସାଙ୍ଗରେ । ମା'ଙ୍କ ମନରେ ଆଣ୍ଟିଙ୍କ ପାଇଁ ବହୁତ ସ୍ନେହ ଆଉ ସମ୍ମାନ ଅଛି । ଆଣ୍ଟି ବୟସରେ ମା'ଠୁ ବହୁତ ବଡ । ଆଣ୍ଟିଙ୍କର ଦୁଇ ସନ୍ତାନ ବିଦେଶରେ କାର୍ଯ୍ୟରତ । ଆଣ୍ଟି ଏକୁଟିଆ ରହନ୍ତି ତାଙ୍କ ଫ୍ଲାଟ୍‌ରେ। ଚାରି ବର୍ଷ ପରେ ଆମେ ତାଙ୍କଠୁ ଅଳ୍ପ ଦୂରରେ ଥିବା ସୋସାଇଟିରେ ନିଜର ଘର କିଣି ଶିଫ୍ଟ କରିଗଲୁ । ହେଲେ ଆଣ୍ଟି ଆଉ ମା'ଙ୍କର ସମ୍ପର୍କର ମଧୁରତା ଆଜି ମଧ୍ୟ ସେମିତି ଅଛି ଯେମିତି ଆଗରୁ ଥିଲା । ଯେତେବେଳେ ଅଙ୍କଲ୍‌ଙ୍କର ମୃତ୍ୟୁ ହେଇଥିଲା,ସେତେବେଳେ ମା' ଅସୁସ୍ଥ ଥିଲେ । ଚାକରାଣୀ ମଧ୍ୟ ଯୋଗାଡ ହେଇ ପାରିନଥିଲା । ତଥାପି ମା'ଙ୍କ ଦ୍ୱାରା ଯେତିକି ସମ୍ଭବ ହେଇ ପାରିଲା ସେ ତା'ଠୁ ଅଧିକ କରୁଥିଲେ ମାୟା ଆଣ୍ଟିଙ୍କ ପାଇଁ ।

ଆମେମାନେ ଦିନେ କହିଥିଲୁ, ଟିକିଏ ଆରାମ କର ମା',ଆଜିକାଲି ଏମିତି ବି ତୁମ ଉପରେ ବହୁତ କାମ ଅଛି..ହସି ଦେଇ ମା' କହିଥିଲେ, ଆରାମ ତ ପରେ କରି ହେବ,ତାଙ୍କ ଦୁଃଖ କମ୍ ସିନା କରି ପାରିବି ନାହିଁ, ହେଲେ ବାଣ୍ଟି ତ ପାରିବି । ଆମେମାନେ କେବେବି ମା'ଙ୍କୁ ଏସବୁ କାମ କରିବା ପାଇଁ ଅଟକେଇ ପାରିଲୁ ନାହିଁ । କେତେଥର ନିଜର ଅସୁସ୍ଥତାକୁ ଲୁଚେଇ ଲୋକଙ୍କର ଦୁଃଖ-କଷ୍ଟରେ ତାଙ୍କୁ ସେମାନଙ୍କ ସହିତ ଛିଡା ହେବାର ଦେଖିଛୁ ଆମେମାନେ । କିଛି କଲେ ମଧ୍ୟ ସେହି ଶାନ୍ତ ଉତ୍ତର, 'ଅନ୍ୟମାନଙ୍କ ସୁଖରେ ନହେଲେ ନାହିଁ, କିନ୍ତୁ ଦୁଃଖରେ ନିଶ୍ଚୟ ତାଙ୍କ ସହିତ ରହିବା ଉଚିତ୍' । ଏହି ଦୁନିଆରେ ଜଣା ନାହିଁ କେତେବେଳେ କାହାକୁ କାହାର ଆବଶ୍ୟକତା ପଡି ପାରେ । ଯେତେ ଦୂର ସମ୍ଭବ,ସମସ୍ତଙ୍କର କାମରେ ଆସିବା ଅଭ୍ୟାସକୁ ନିଜର ସ୍ୱଭାବ ବନେଇ ନେବା ଦରକାର । ଠିକ୍ ତ କହୁଥିଲେ ମା' କି ଜଣାନାହିଁ କେବେ କାହାକୁ କାହାର ଆବଶ୍ୟକତା ପଡି ପାରେ ।

ଆଜି ଯଶ୍ ଭାଇ ମୋତେ ସାହାଯ୍ୟ କଲେ,ଏହା କ'ଣ କିଏ ଭାବିଥିଲା। ତାଙ୍କ ସହିତ ତ ମୋର ଅନେକ ବର୍ଷ ହେଲାଣି ଦେଖା ମଧ୍ୟ ହେଇନାହିଁ । ହେଲେ ମାୟା ଆଣ୍ଟି ମା'କୁ ମୋର ଇର୍ଣ୍ଣନ୍‌ସିପ୍ ପାଇଁ ଚିନ୍ତିତ ଥିବା ଦେଖି,ଯଶ୍ ଭାଇଙ୍କୁ ମୋତେ ସାହାଯ୍ୟ କରିବା ପାଇଁ କହିଲେ । ଏହା କେବଳ ଏକମାତ୍ର ଉଦାହରଣ ନଥିଲା । ଆଜି ତ ଜଣା ନାହିଁ ମା'ଙ୍କର କେତେ କଥା ମନେ ପଡୁଥିଲା ଯେତେବେଳେ ସେ ନିଃସ୍ୱାର୍ଥ ଭାବରେ ସମସ୍ତଙ୍କର ଦରକାର ବେଳେ ସହଯୋଗ କରୁଥିଲେ ।

ଏବେ ମୁଁ ବୁଝି ପାରୁଥିଲି କି ଯେତେବେଳେ ମା' ଅସୁସ୍ଥ ହୁଅନ୍ତି କିମ୍ବା ଆଇଙ୍କ ଘରକୁ ଆମକୁ ଛାଡି କରି ଯାଆନ୍ତି, ସେତେବେଳେ କାହିଁକି ଆମକୁ କିଛି କଷ୍ଟ ଭୋଗିବାକୁ ପଡେ ନାହିଁ । କାହିଁକିନା ତାଙ୍କର ବାନ୍ଧବୀମାନେ ଦିନ-ରାତି ଆମର ଧ୍ୟାନ ରଖନ୍ତି । ତାଙ୍କ ଦେହ ଖରାପ ହେଲେ କାହିଁକି ଦିନ ସାରା ଏତେ ଫୋନ୍ ଆସେ କି ଆମେ ସମସ୍ତେ ଚିଡିଯାଉ । ଏ ସବୁ ତ ମା'ଙ୍କର କଣ୍ଟାକ୍ଟସ୍-ପ୍ରେମର, ସ୍ନେହର, ସହଯୋଗର । ଆଜି ମୋତେ ଜଣା ପଡିଲା କି କଣ୍ଟାକ୍ଟସ୍ କେବଳ ଚାକିରୀ କରି ଅଥବା ଘରୁ ବାହାରକୁ ଯାଇ ବନା ଯାଏନାହିଁ। ଏହା ତ ଘରେ ରହି ଅନ୍ୟମାନଙ୍କ ପ୍ରତି ନିଜ ହୃଦୟରେ କୋମଳ ଭାବନା ଆଉ ନରମ ଅନୁଭୂତିକୁ ଗୋଟାଇ,ଅନ୍ୟର ଦୁଃଖ-କଷ୍ଟରେ କାନ୍ଧରେ କାନ୍ଧ ମିଳାଇ, ଯେଉଁ କଣ୍ଟାକ୍ଟସ୍ ବନାଯାଏ ତା'ର କୌଣସି ମୂଲ୍ୟ ନାହିଁ । ସେମିତିଆ କଣ୍ଟାକ୍ଟସ୍ ହେଇଥାଏ ଅମୂଲ୍ୟ । ଆଉ ମୁଁ ସଦା ସର୍ବଦା ଏହି କଥାକୁ ମନରେ ରଖିବି । ମା'ଙ୍କର ଏହି କଣ୍ଟାକ୍ଟସ୍‌ର ଗଭୀରତାରୁ ଶିକ୍ଷା ନେଇ ମୁଁ ଆଗକୁ ବଢିବି ଜୀବନରେ । ପ୍ରେମ-ସହଯୋଗର ପୃଷ୍ଠଭୂମି ଉପରେ ତିଆରି ହୋଇଥିବା କଣ୍ଟାକ୍ଟସ୍‌ର ମୂଲ୍ୟ କ'ଣ ତାହା ଏବେ ଜାଣି ଯାଇଥିଲି ମୁଁ !

*ଫ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,*
*ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨*
*ଦୂରଭାଷ: ୭୯୭୮୮୩୦୬୧୧*

# ଓଲଟି ଯାଉଥିବା ପୃଷ୍ଠା...

## ଡକ୍ଟର ବୈଜୟନ୍ତୀ ମିଶ୍ର

ଆଖପାଖ ଗାଁ ଠାରୁ ଆରମ୍ଭ କରି ଦୂର ଗାଁ ମାନଙ୍କରେ ପ୍ରଭାକର ତ୍ରିପାଠୀଙ୍କର ନାଁ ଯଜମାନ କାର୍ଯ୍ୟ ପାଇଁ ବେଶ୍ ଖ୍ୟାତି ଅର୍ଜନ କରିଥିଲା। ତାଙ୍କର ମନ୍ତ୍ର ଉଚ୍ଚାରଣ ଖୁବ୍ ଶୁଦ୍ଧ। ନିଷ୍ଠାର ସହ ଶ୍ରାଦ୍ଧ କ୍ରିୟା ଠାରୁ ଆରମ୍ଭ କରି ବିବାହ, ବ୍ରତ କର୍ମ ଏପରିକି ସତ୍ୟନାରାୟଣ ପୂଜା, ଶନିଶ୍ଚର ମେଳା ପର୍ଯ୍ୟନ୍ତ ସେ ସମ୍ପାଦନ କରନ୍ତି। ଅନ୍ୟ ବ୍ରାହ୍ମଣ ମାନଙ୍କ ପରି ସେ ଝିକିଝିକିଆ ପ୍ରକୃତିର ନଥିଲେ। ଯିଏ ଯାହା ଦେଲା ବିନା ପ୍ରତିବାଦରେ ଗ୍ରହଣ କରୁଥିଲେ। ନିହାତି ଉଦାର ମଣିଷଟିଏ, ନିଜେ ଜମି କିଛି ବିକ୍ରି କରି ସାନଭାଇକୁ ସହରକୁ ପଠେଇଥିଲେ ଅବଶ୍ୟ ସାନଭାଇ ଥିଲା ମେଧାବୀ। ନିଜ ଗାଁର ହାଇସ୍କୁଲରେ ପାଠପଢ଼ି ମଧ୍ୟ ମାଟ୍ରିକ୍‌ରେ ପଞ୍ଚମ ସ୍ଥାନ ଲାଭ କରିଥିଲେ। ପ୍ରଭାକରଙ୍କ ମତରେ "ଚୁଲିଲେ ଖାଲି ନିଆଁ ଖଣ୍ଡେ ପକେଇଦେଲେ ହେବନାହିଁ ଏଥିପାଇଁ ଭଲ ଜାଳେଣୀ କାଠର ଆବଶ୍ୟକତା ରହିଛି"। ତେଣୁ ଜମି ବିକ୍ରି ପଛେ ହେଉ ସାନଭାଇ ପାଇଁ ଯେତେ ଟଙ୍କା ଦରକାର ସେ ଖର୍ଚ୍ଚ କରିବାରେ କାର୍ପଣ୍ୟ କରିବେନାହିଁ। ଚୁଲି ଭଲ ଜଳୁଥିଲେ ଖାଦ୍ୟ ପ୍ରସ୍ତୁତି ସହଜ ହେବାଭଳି ସାନଭାଇ ନିଶାକରର ସାମର୍ଥ୍ୟ ବଢିଲେ ସେ ନିଜ ପରିବାର ସହିତ ଭବିଷ୍ୟତ ବଂଶଧରଙ୍କୁ ଦେଖିବ। ଜମି ଥିଲେ ହେବ କ'ଣ ? ଚାଷ ସମସ୍ୟା ଯାହା ଭାଗଚାଷ ଦେଇ ଲାଭ ନାହିଁ।

ପିଲାଦିନରୁ ବାପାଙ୍କୁ ହରେଇଥିବା ପ୍ରଭାକର ବାପା ତଥା ବଡଭାଇର ସବୁ ସ୍ନେହ ଅଜାଡ଼ି ଦେଇଥିଲେ ନିଶାକର ଉପରେ। ଗାଁ ଲୋକେ କୁହନ୍ତି ଦେଖିବ ତ ଦେଖ ଭାଇଭାଇର ସ୍ନେହକୁ ପ୍ରଭାକର ତ୍ରିପାଠୀଙ୍କ ଘରେ ଦେଖ। ବଡ଼ଭାଇ ସାମନାରେ ମୁହଁଟେକି କଥାକୁହନ୍ତି ନାହିଁ ନିଶାକର। ଖୁବ୍ ସମ୍ମାନ କରନ୍ତି। କେବଳ 'ହଁ' 'ନାହିଁ'ରେ ଉତ୍ତର ଦିଅନ୍ତି। ପାଠ ପଢ଼ିବାବେଳେ ଟଙ୍କା ଦରକାର ହେଲେ ଭାଇନାଙ୍କୁ ସିଧାସଳଖ ମାଗି ପାରନ୍ତି ନାହିଁ ବୋଲି ଭାଉଜଙ୍କ ଜରିଆରେ ଆବେଦନ ପତ୍ର ଦାଖଲ କରନ୍ତି। ଯଥା "ରାବଣସ୍ୟ ମନ୍ଦୋଦରୀ" ପରି ସୁଶିଳା ମଧ୍ୟ ଦିଅରଙ୍କୁ ସ୍ନେହ ଶ୍ରଦ୍ଧା ଦେବାରେ ଅବହେଳା କରି ନାହାନ୍ତି। ବରଂ ଯୁକ୍ତି ବାଢ଼ନ୍ତି - "ପୁଅ କିଏ ଦିଅର କିଏ ?"

ଦ୍ୱିତୀୟା ଚନ୍ଦ୍ର ପୂର୍ଣ୍ଣଚନ୍ଦ୍ରରେ ପରିଣତ ହେବାଭଳି ଜ୍ଞାନ, ବୁଦ୍ଧି, ଯଶରେ ବଢ଼ି ଚାଲିଥିଲେ ନିଶାକର। ମାଟ୍ରିକ୍ ପାସ୍ ପରଠାରୁ ଗାଁ ଛାଡ଼ିଥିବା ନିଶାକର ଭିନ୍ନ ଢାଞ୍ଚାରେ ପରିବର୍ତ୍ତିତ ହେବା ସ୍ୱାଭାବିକ୍। ଅବଶ୍ୟ ଏଥିପାଇଁ ମଝିରେ ମଝିରେ ସ୍ୱାମୀ ଓ ଶାଶୁଙ୍କ ସାଙ୍ଗରେ ଯୁକ୍ତିତର୍କ କରନ୍ତି ସୁଶିଳା। ପ୍ରଥମ ତର୍କ ଆରମ୍ଭ ହୋଇଥିଲା ଯେତେବେଳେ ନିଶାକର ନାମଟା ଆପିଡେଭିଟ୍ କରି ନିଶାନ୍ତରେ ବଦଳି ଯାଇଥିଲା। ଶାଶୁ ଲୁହ ଛଳଛଳ ଆଖିରେ କହିଥିଲେ ବାପଟା ବାଛି ବାଛି ନାଁ ଦେଇଥିଲା ପୁଅ ଆଜି ପାଠପଢ଼ି ବଡ଼ ହେଲାବୋଲି ବାପା ଦେବା ନାଁଟାକୁ ବଦଳେଇ ଦେଲା ? ପ୍ରଭାକର ବି ଅଭିମାନ କରି ଦି'ପଦ ଶୁଣେଇ ଦେଇଥିଲେ ନିଶାକରଙ୍କୁ। ନିଶାକର ତ କେବେ ଜବାବ ଦିଅନ୍ତି ନାହିଁ ତେଣୁ ନିବରରେ ଭାଇଙ୍କର ଅଭିମାନିଆ କଥା ଶୁଣି ମଧ୍ୟ 'ନିଶାନ୍ତ' ନାମରେ ରହିଗଲେ।

ସୁଶିଳା ବୁଝେଇଥିଲେ - "ବଡ଼ ସହରରେ ରହୁଛନ୍ତି, ଅଣଓଡ଼ିଆ ଛାତ୍ରଙ୍କ ସହିତ ମିଶୁଛନ୍ତି ଦେଶ ବାହାରକୁ ଯାଇ ଅଧିକ ଜ୍ଞାନ କୌଶଳ ହାସଲ କରିବାପାଇଁ ଉଦ୍ୟମ କରୁଛନ୍ତି ଯେତେବେଳେ ନାଁଟା ବଦଳେଇ କ'ଣ ଗୋଟାଏ ଗୁରୁତର ଅପରାଧ କରିପକେଇଲେ ଯେ। ଆମ ନିଶାନ୍ତ ଭଳିଆ ପିଲା କେତେଟା ପରିବାରରେ ଅଛନ୍ତି ?"

ଭାଉଜଙ୍କ ପାଟିରୁ ଶୁଣି ଶୁଣି ବନ୍ଧୁବାନ୍ଧବ, ସାଇପଡ଼ିଶା ସମସ୍ତେ ନିଶାନ୍ତ ନାମପ୍ରତି ଅଭ୍ୟସ୍ତ ହୋଇଗଲେ। ବିଦେଶରୁ ଉଚ୍ଚଶିକ୍ଷା ହାସଲ କରି ଦିଲ୍ଲୀ ଫେରିଆସିଲେ ନିଶାନ୍ତ। ବିବାହ ବୟସ ହୋଇଥିବାରୁ ପ୍ରଭାକର ଭାରି ବ୍ୟସ୍ତ ଥିଲେ। ବାଟରେ ଘାଟରେ ସୁନ୍ଦର ଝିଅଟିଏ ଦେଖିଲେ କିମ୍ବା କୌଣସି ଯଜମାନ ଘରେ ସୁନ୍ଦର ଝିଅଟିଏ ଦେଖିଲେ ଭାଇ ସମ୍ବନ୍ଧରେ ପ୍ରସ୍ତାବ ପକାଇବାର ଲାଳସାକୁ ଲୁଚେଇ ପାରୁନଥିଲେ। ନିଜର କୌଳିକ ବୃତ୍ତି ପାଇଁ ଜାତକ ଉପରେ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ଦେଉଥିଲେ। କୋଉଠି ଝିଅ ପସନ୍ଦ ହେଲେ ଜାତକ ପଡୁନଥିଲା କୋଉଠି ଜାତକ ପଡିଲେ ଝିଅର ଶିକ୍ଷାଗତ ଯୋଗ୍ୟତା ନିଶାନ୍ତଙ୍କୁ ପସନ୍ଦ ହେଉନଥିଲା। ଗଡି ଯାଉଥିଲା ସମୟ କେବଳ ଟିପଣା ଶୁଝା ଓ କନ୍ୟା ଦେଖା ଦେଖିକୁ ନେଇ।

ଚୁପଚାପ୍ ପ୍ରକୃତିର ନିଶାନ୍ତ ନିଜେ ଦିନେ ଭାଉଜଙ୍କୁ ଜଣେଇ ଦେଇଥିଲେ ମନକଥା। ସେ ବାଛିଛନ୍ତି ତାଙ୍କ ଚଲାପଥର ସାଥିଟିଏ।

କିନ୍ତୁ ଭାଇନାଙ୍କର ସ୍ୱୀକୃତି ବିନା ସେ ବିବାହ କରିବେନାହିଁ। ଏ ପ୍ରସଙ୍ଗକୁ ନେଇ ଦିନେ ସୁଶିଳା ଆରମ୍ଭ କଲେ ଗୌରଚନ୍ଦ୍ରିକା। ସେଦିନ ନ'ଟିଅଣ ଛ ଭଜା କରି ଶାଶୁ ଆଉ ସ୍ୱାମୀଙ୍କୁ ପରଶି ସାରି ପାଖରେ ବସି ମିଠା ମିଠା ସ୍ୱରରେ କହିଲେ– 'ଆମେ ପାରିବାନି। ଆମ ନିଶାନ୍ତ ପାଇଁ ଝିଅ ଏ ଆଖପାଖ ତିରିଶଖଣ୍ଡ ଗ୍ରାମରେ ନାହାନ୍ତି। ଏଥର ମୁଁ ତାଙ୍କୁ କହିଦେବି ସେ ନିଜେ ଯୋଗାଡ କରନ୍ତୁ।' ଶାଶୁଙ୍କ ହାତଟା ଅଟକି ଗଲା ଭାତଥାଳିରେ। ସ୍ୱାମୀ କଟମଟ ହେଇ ଚାହିଁଲେ ସୁଶିଳାଙ୍କ ମୁହଁକୁ। ସତେଯେମିତି ପୁରାଣ ଅଶୁଦ୍ଧ ବାକ୍ୟ ପ୍ରୟୋଗ କରିଛନ୍ତି ସୁଶିଳା। ସେତେବେଳକୁ ପୁଅ ତାଙ୍କର ନବମ ଶ୍ରେଣୀରେ ପଢିଲାଣି। ତେଣୁ ସୁଶିଳାଙ୍କ ମନ୍ତବ୍ୟଟାକୁ ଯଥାସମ୍ଭବ ଚାପି ଦେବାକୁ ଚାହିଁଲେ ପ୍ରଭାକର। ଏସବୁ ତାଙ୍କ ପୁଅ ନବୀନ୍ ଶୁଣି ନଦେଉ। ଏଭଳି କଥା ଶୁଣିଲେ କାଳେ ତା ଉପରେ କିଛି କୁପ୍ରଭାବ ପଡ଼ିଯିବ। କଥାଟା ଛପି ରହିଲା ଛ'ମାସ ଯାଏ। କିନ୍ତୁ ସୁଶିଳା ରୀତିମତ ଫୋନ୍‌ରେ ଚୁପିଚୁପି କଥା ହେଉଥିଲେ ନିଶାନ୍ତ ଓ ତାଙ୍କର ଭାବିପତ୍ନୀ ରେଖା ସହିତ। ସାବାସ୍ ଜଣାଉଥିଲେ ନିଶାନ୍ତର ପସନ୍ଦକୁ। କାରଣ ବିଶେ ଫେରନ୍ତା ଦିଅର ତାଙ୍କ ଅନ୍ୟଜାତିର ନୁହେଁ ନିଜ ଜାତିର ରୂପର ଗୁଣରେ ଝିଅଟିଏ ପସନ୍ଦ କରିଛି। ରେଖା ମଧ୍ୟ ଶେ ମିଷ୍ଟଭାଷୀ ଝିଅଟିଏ। ବେଶ୍ ମେଳାପୀ। ତା ବ୍ୟବହାର ସ୍ୱପ୍ନ ବିଭୋର କରିଦେଇଥିଲା ସୁଶିଳାଙ୍କୁ।

ତଥାପି... ପ୍ରଭାକରଙ୍କୁ ବୁଝେଇବ କିଏ ? ଶେଷରେ ପୋଖତ ଅଭିନେତ୍ରୀର ଭୂମିକାରେ ଅଭିନୟ କରିଥିଲେ ସୁଶିଳା। ତାଙ୍କ ପିଇସୀ ପୁଅ ଭାଇ ଦିଲ୍ଲୀରେ ରୁହେ। ତାକୁ କଥାରେ କଥାରେ ପଟେଇ ତା'ରି ଜରିଆରେ ପ୍ରସ୍ତାବ ଆଗତ ହେଲା ପ୍ରଭାକରଙ୍କ ପାଖରେ। ପ୍ରଥମେ ଫଟୋ ଦେଖି ପ୍ରଭାକର ରାଜି ହେଲେ ସତ କିନ୍ତୁ ଜାତକ ପ୍ରସଙ୍ଗଟା ମାଛଖିଆ ତଣ୍ଟିରେ କଣ୍ଟାଭଳି ଲାଖିଗଲା। ସେଥିରେ ମଧ୍ୟ ଅଭିନୟ କରିବାକୁ ଭୁଲିଲେନି ସୁଶିଳା। ଏଥିରେ ସୁଶିଳାଙ୍କ ପିଇସୀପୁଅ ଭାଇ ମଧ୍ୟ ସଫଳ ଅଭିନେତା ପାଲଟିଗଲେ। ଜାତକ ଭଲ ପଣ୍ଡିତ ପାଖରେ ଦେଖେଇ ରାଜଯୋଟକର ସାର୍ଟିଫିକେଟ ହାସଲ କରିଛନ୍ତି ବୋଲି ଜଣାଇବା ପରେ ଦିଲ୍ଲୀ ଯିବା ପାଇଁ ପ୍ରସ୍ତୁତ ହେଲେ ପ୍ରଭାକର। ବାରମ୍ବାର ସୁଶିଳାଙ୍କୁ ସେ ଶୁଣେଇଥିଲେ– "ଦେଖ ମୁଁ ଆଜିକାଲିକା ଉପରମୁହାଁ ଝିଅମାନଙ୍କୁ ପସନ୍ଦ କରେନି। ମୋ ଭାଇ ଶାନ୍ତ ଶିଷ୍ଟ ପିଲାଟିଏ। ସେମିତିଆ ଝିଅ ସେ ହୋଇନଥିଲେ ବିବାହ ଅସମ୍ଭବ।" ସୁଶିଳାଙ୍କ ଛାତି ଭିତରଟା ଧଡ଼ଧଡ଼ ହେଲା, ସେ ଶୁଣିଥିଲେ ଝିଅଟି ଦିଲ୍ଲୀରେ ପଢିଛି। ସେଠାକାର ଜଳବାୟୁରେ ବଢ଼ିଛି। ବଡଲୋକର ଝିଅ। ଯଦି ତା ହାବଭାବରେ କିଛି ଅସ୍ୱାଭାବିକତା ଦେଖନ୍ତି ପ୍ରଭାକର ତେବେ ସତ୍ୟାନାଶ ହେଇଯିବ। ସେଥିରେ ଶାଶୁଙ୍କର ମଧ୍ୟ ମତାମତ ଭିନ୍ନ ଥିଲା। ତାଙ୍କ ମତରେ 'ସୁଶିଳା ଭଳି ମନଲାଖି ହେବା ଦରକାର। ମାସେ ପନ୍ଦରଦିନ ଗାଁକୁ ଆସିଲେ ଯେମିତି କେହି ନକୁହନ୍ତି ପୁରୋହିତ ଘର ସାନ ବୋହୂଟା ବଡ ବୋହୂ ଭଳିଆ ନୁହେଁ।'

ଅବଶ୍ୟ ସମସ୍ତଙ୍କଠାରୁ ଅଲଗା ଥିଲା ପୁଅ ନବୀନ୍‌ଙ୍କ ମତ। ସେ ସିଧା ସିଧା ଶୁଣେଇ ଦେଇଥିଲା – "ଦେଖ 'ଖୁଡ଼ୀ' ମୋ ପସନ୍ଦର ହେବା ଉଚିତ। କାହିଁକି ନା ମୁଁ ମାଟ୍ରିକ୍ ପାସ କରିବାପରେ ଯାଇ ତାଙ୍କ ପାଖରେ ରହି ପଢିବି। ଯିଏ ମୋ ସହିତ ମିଶିପାରିବ ସିଏ ହେବ ମୋର ଖୁଡ଼ୀ।"

ହେତୁ ହେଲା ଦିନୁ ନବୀନ ଜାଣିଛି କାକା ତାକୁ ଭାରି ଭଲ ପାଆନ୍ତି। ରଂଗରଂଗିଆ ଖେଳନା ପଠାନ୍ତି। ଗାଁକୁ ଆସିଲେ ସାଇକେଲରେ ବସେଇ ବୁଲେଇ ନିଅନ୍ତି। ଅବଶ୍ୟ ନିଜର ପଢ଼ାପଢ଼ି, ଚାକିରୀ ଚାପ ବଢ଼ିଗଲା ପରେ ଆଉ ଆସିପାରୁ ନାହାନ୍ତି। ଜେଜେମା ସାଥିରେ ବରାବର କଥାହୁଅନ୍ତି ଫୋନ୍‌ରେ। ନବୀନ ତା' ସାଙ୍ଗମାନଙ୍କ ଆଗରେ କକାଙ୍କର ପ୍ରଶସ୍ତି ଖୁବ୍ ଗାନ କରେ। ଅବଶ୍ୟ ନିଶାନ୍ତ ଥିଲେ ସେଇ ଗାଁର ଗର୍ବ ଓ ଗୌରବ।

x x x

ପ୍ରଭାକର, ତାଙ୍କର ମା, ସୁଶିଳା, ନବୀନ ପହଞ୍ଚିଲେ ଦିଲ୍ଲୀରେ। ପ୍ରଭାକରଙ୍କର ସାର୍ଟ ପ୍ୟାଣ୍ଟ ପିନ୍ଧିବାର ଅଭ୍ୟାସ ନାହିଁ। ଅଖାଡୁଆ ଲାଗିଲେବି ସୁଶିଳାଙ୍କ କଥାରେ ବାଧ୍ୟ ହେଇ ନୂଆ ସାର୍ଟ ପ୍ୟାଣ୍ଟ୍ ହଳେ କିଣିକି ପିନ୍ଧିଲେ। ଦିଲ୍ଲୀ ଷ୍ଟେସନ୍‌ରେ ନିଶାନ୍ତ ଆସି ଅପେକ୍ଷା କରିଥିଲେ ଠିକ୍ ସମୟରେ। ମା, ଭାଇ ଭାଉଜଙ୍କୁ ପ୍ରଣାମ କରି ନବୀନ୍‌କୁ କୋଳେଇ ନେଲେ। ଦୀର୍ଘ ତିନିବର୍ଷ ପରେ ମା' ପୁଅଙ୍କର ଭେଟ ହୋଇଥିବାରୁ ମା' ଆଖିକୋଣରୁ ଖୁସିର କେଇବୁନ୍ଦା ଠପ୍ ଠପ୍ ଖସିପଡ଼ିଲା।

ପ୍ରଥମଥର ପାଇଁ ଦିଲ୍ଲୀ ସହରକୁ ଦେଖିଥିଲା ନବୀନ। ଏତେବଡ଼ ଷ୍ଟେସନ... ସୁନ୍ଦର ସଫା ରାସ୍ତା ବଡ଼ବଡ଼ କୋଠା ସବୁକିଛି ସିନେମା ଦେଖିଲା ଭଳି ଲାଗୁଥିଲା। ନିଶାନ୍ତ ଗାଡ଼ି ଚଲାଉଥିଲେ। ଏଇ ମାସେ ହେଲେ ଆମଷ୍ଟରଡମ୍‌ରୁ ଆସି ଦିଲ୍ଲୀରେ ପହଞ୍ଚିଛନ୍ତି। ଗାଡ଼ି କଣ କିଣିଛନ୍ତି ନା ଭଡ଼ାରେ ଆଣିଛନ୍ତି ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଠିଥିଲେ ମଧ୍ୟ କେହି ମୁହଁଖୋଲି ପଚାରି ପାରିନଥିଲେ। କିନ୍ତୁ ପ୍ରଭାକରଙ୍କ ମା' ପଚାରିଲେ– "ଏ ଗାଡ଼ି ତ ତୋର ନୁହେଁ କୋଉ ସାଙ୍ଗର ମାଗି ଆଣିଛୁ କିରେ ?"

ହସିଉଠିଲା ନବୀନ। – "ଜେଜେମା ଏମିତି କଣ ପଚାରୁଛ... କାକା କ'ଣ ଗାଡ଼ି କିଣି ପାରିବେନି ?"

ଜେଜେମା କିନ୍ତୁ ଦାମ୍ଭିକତାର ସହିତ ଉତ୍ତର ଦେଲେ– "ଯିଏ ବଡ଼ଭାଇକୁ ନ ପଚାରି ପୋଖରୀ ତୁଠକୁ ଯାଏନି ସେ ଏତେ ଦାମିକିଆ ଜିନିଷ କିଣି ପାରିବ ?"

ସମସ୍ତେ ହସି ଉଠିଥିଲେ। ପ୍ରଭାକରଙ୍କ ଗମ୍ଭୀର ମୁହଁ ତଳେ ଲୁଚି ରହିଥିଲା ଏକ ଭିନ୍ନ ଆତ୍ମତୃପ୍ତିର ଭାବ। ଅବଶ୍ୟ ସୁଶିଳା ଠିକ୍ ଜାଣିଥିଲେ ରେଖାର ଗାଡ଼ିଧରି ଦିଅର ତାଙ୍କର ଆସିଛନ୍ତି ସେମାନଙ୍କୁ ନେବାକୁ।

ପରଦିନ ଯଥା ସମୟରେ ପହଞ୍ଚିଗଲେ ସୁଶିଳାଙ୍କ ପିଉସୀ ପୁଅ ଭାଇ ଅନିଲ୍। ଏକାନ୍ତରେ କିଛି ସମୟ ପାଇଁ ଭାଇ ଭଉଣୀଙ୍କର ରିହେଲ୍‌ସାଲ୍ ଚାଲିଲା। "ମୁନିର୍‌କା"ରେ ରୁହନ୍ତି ରେଖାର ବାପା ତ୍ରିବିକ୍ରମ ଶତପଥି। ଜେଏନ୍‌ୟୁର ପ୍ରଫେସର। ଯେଉଁଦିନ ଅନିଲ୍ ଠାରୁ ଶୁଣିଥିଲେ ପାତ୍ରୀଟିର ବାପା ପ୍ରଫେସର ବୋଲି ସେଦିନଠାରୁ ପ୍ରଭାକରଙ୍କ ମନରେ

ଭଲ ଧାରଣା ଆସିଥିଲା। ତା'ଛଡ଼ା ସେମାନେ ପୁରୀର ଲୋକ। ଦିଲ୍ଲୀରେ ରହିଲେ ବି ସଂସ୍କାରୀ ହୋଇଥିବେ ନିଶ୍ଚୟ ଏଥିପାଇଁ ତ ସେ ବିନା ଆପତ୍ତିରେ ଆସିଗଲେ ଦିଲ୍ଲୀ। ମନେ ମନେ ଅନିଲ୍ ପ୍ରତି କୃତଜ୍ଞତା ପ୍ରଦର୍ଶନ କରିଥିଲେ ପ୍ରଭାକର।

ପ୍ରଭାକର ଗାଁରୁ ପାଞ୍ଜିଦେଖି ଆସିଥିଲେ ଠିକ୍ ଏଗାରଟା ପନ୍ଦରରେ ମାହେନ୍ଦ୍ର ବେଳା ଅଛି ସେହି ସମୟରେ ସେ ପହଞ୍ଚିବେ ତ୍ରିବିକ୍ରମ ବାବୁଙ୍କ ଘରେ। ସେମାନେ ରହିବା ଜାଗା ଠାରୁ ତାଙ୍କ ଘର ଦୁଇଘଣ୍ଟାର ରାସ୍ତା। ତେଣୁ ଯଥା ସମୟରେ ନବାହାରିଲେ ଅସୁବିଧା ହେବ। ଏକଥା ବାରମ୍ବାର ମନେ ପକେଇ ଦେଉଥିଲେ। ସୁଶିଳା ନିଜେ ପ୍ରସ୍ତୁତ ହେବା ଆଗରୁ ଶାଶୁଙ୍କୁ ଖଣ୍ଡେ ଧଳା ସମ୍ବଲପୁରୀ ଶାଢ଼ୀ ପିନ୍ଧେଇ ଦେଲେ। ଏତେ ଲମ୍ବା ଶାଢ଼ୀ ସମ୍ଭାଳି ପାରନ୍ତି ନାହିଁ ଶାଶୁ। ତେଣୁ ଚାରି ପାଞ୍ଚଟା ସେଫ୍ଟିପିନି ଲଗାଇ ଖୁବ୍ ସତର୍କତାର ସହିତ ତାଙ୍କୁ ସଜେଇ ଦେଲେ ସୁଶିଳା। ନୂଆ ଚପଲ ହଳକ ମାଡ଼ିବା ପାଇଁ ଖୁବ୍ ଅସୁବିଧା ଲାଗୁଥିଲେ ମଧ୍ୟ ବାଧ୍ୟ ହୋଇ ସୁଶିଳାଙ୍କ କଥାରେ ପିନ୍ଧିବାକୁ ପଡ଼ିଥିଲା। ତେଣୁ ସେ କିଛି ସମୟ ଚାଲିଚାଲି ଅଭ୍ୟାସ କରିଥିଲେ। ଶାସନି ବ୍ରାହ୍ମଣ ଘର ବିଧବା ସେ। ସ୍ୱାମୀ ଯିବାଦିନରୁ କାନରେ ବେକରେ ସୁନା ପିନ୍ଧୁ ନଥିଲେ। କେବଳ ତୁଳସୀ ମାଳଟିଏ ବେକରେ ସବୁବେଳେ ପଡ଼ିଥାଏ। କିନ୍ତୁ ସୁଶିଳା ଛୋଟ ଫୁଲ ଦି'ଟା ପିନ୍ଧେଇଲାବେଳକୁ ଶାଶୁଙ୍କୁ ଖୁବ୍ କଷ୍ଟ ହେଲା। ଆଣ୍ଟିସେପ୍ଟିକ୍ କ୍ରିମ୍ ଟିକେ ଲଗେଇ ଦେଲେ ସୁଶିଳା। ଏସବୁକୁ କୌତୁହଳପୂର୍ଣ୍ଣ ଭାବରେ ଉପଭୋଗ କରୁଥାଏ ନବୀନ। ନିଜେ ମଧ୍ୟ ନୂଆ ସାର୍ଟ ପ୍ୟାଣ୍ଟ୍ ପିନ୍ଧି ପ୍ରସ୍ତୁତ ହୋଇଯାଇଥିଲା।

ପ୍ରଭାକରଙ୍କର କାନ୍ଧରେ ଗାମୁଛା ନଥିବାରୁ ତାଙ୍କୁ ଭାରି ଅଖାଡୁଆ ଲାଗୁଥାଏ। ବାରମ୍ବାର ହାତଟା କାନ୍ଧଦେଇ ସାର୍ଟ ପକେଟ୍ ପର୍ଯ୍ୟନ୍ତ ଛୁଇ ଯାଉଥିଲା ଆପେ ଆପେ। ଯାହା ହେଉ ସାନଭାଇ ସମ୍ମାନର କଥା ବଡ଼ ଘରକୁ ଯିବେ। ତାଙ୍କର କୋଉ ପୂର୍ବ ପୁରୁଷ ସିନା ଧୋତି ଚାଦରରେ ଅଭ୍ୟସ୍ତ ଥିବେ। କିନ୍ତୁ ତ୍ରିବିକ୍ରମ ବାବୁଙ୍କ ପାଖରେ ଏଭଳି ବେଶରେ ସେ ଠିଆ ହେବେ କେମିତି ଯେ? ସୁଟ୍ ବୁଟ୍ ପରିଧାନ କରିଥିବା ତ୍ରିବିକ୍ରମ ବାବୁଙ୍କ ସାମ୍ନାରେ ଅନ୍ତତଃ ସାଧାରଣ ସାର୍ଟ ପ୍ୟାଣ୍ଟ୍ ପିନ୍ଧି ନ ବସିଲେ ଅସୁନ୍ଦର ହେବ।

ସୁଶିଳା ମଧ୍ୟ ଭିନ୍ନ ରୁଚିରେ ନିଜକୁ ସଜେଇଲେ। ଗାଁରୁ ସିନା ମୁଣ୍ଡ ଉପର ଓଢ଼ଣା ଖସିଯିବ ବୋଲି ତେଲ ଦେଇ ବେଣୀ ପକେଇ ଜୁଡ଼ା କରନ୍ତି। ଏଠି ସେସବୁ କ'ଣ ଚଳିବ? ତେଣୁ ସାମ୍ନୁକରି ପୋନିଟଲ୍‌ଟିଏ କରିଦେଲେ। ସିଫନ୍ ଶାଢ଼ୀ, ମ୍ୟାଚିଂ ବ୍ଲାଉଜ୍ ସହିତ ପିନ୍ କରି ଖୁବ୍ ଯତ୍ନରେ ପିନ୍ଧିଲେ। ଶାଶୁଙ୍କର କାନକୁରୀ ଚପଲ କିଣିଲାବେଳେ ନିଜପାଇଁ ହିଲ୍ ଚପଲ କିଣିଥିଲେ। ସେଇଟା ପୁଣି ଶାଢ଼ୀ ସହିତ ମ୍ୟାଚ୍ କରି। ରବର ଚପଲ ମାଡୁଥିବା ଶାଶୁ ଯେମିତି ସୁଶିଳା ହିଲ୍ ଚପଲ୍‌ରେ ଏପଟ ସେପଟ ଟିକେ ହେଇଗଲେ। ମଝିରେ ମଝିରେ ରେଖାକୁ ଚୁପ୍ ଚାପ୍ କ'ଣ ଫୋନ୍‌ରେ ରିଲେ କରୁଥାନ୍ତି।

ପ୍ରଭାକର ଚାହିଁଲେ ନିଶାନ୍ତ ଆଡେ। ମୁଣ୍ଡଟା ଫୁର୍‌ଫୁର୍ ଦିଶୁଛି। ଦାଢ଼ି କଟା ହେଇନି। ସାଧାରଣ ଜିନ୍‌ସ ଉପରେ ପିଙ୍କ ରଂଗର ସାର୍ଟଟିଏ ପିନ୍ଧିଛି। ସତେଅବା ଅନିଚ୍ଛା ସତ୍ତ୍ୱେ ଝିଅ ଦେଖିବାକୁ ଯାଉଛି। କ'ଣ ଭାବିଲେ କେଜାଣି ମୁରୁକି ହସି କହିଲେ- ଡରୁଛି କିରେ? ଏମିତି ସେମାନେ କ'ଣକି? ରାଜି ହେଲେ ହେବେ ନହେଲେ ନାହିଁ। ତତେ କ'ଣ ଝିଅ ମିଳିବେନି? ତୋ ଭଳି ଯୋଗ୍ୟ ପାତ୍ର କେତେଟା ଅଛନ୍ତି କହିଲୁ? ଏ ଅନିଲ୍ କଥାରେ ପଇ ଆମେ ଯାଉଛେ ଦେଖିବାକୁ। ତୁ କିଛି ଚିନ୍ତା କରନା। ଯା... ଯା ଭଲ ସାର୍ଟ ଖଣ୍ଡେ ପିନ୍ଧି ମୁହଁଟା ଟିକେ ସଫା କରିଆସ।" ସେତେବେଳକୁ ହାତରେ ବେଶୀ ସମୟ ନଥିଲା। ତେଣୁ ସେମିତି ଅବସ୍ଥାରେ ଗାଡ଼ିରେ ବସିଲେ ନିଶାନ୍ତ।

ପ୍ରଭାକର ଟିକେ ବି ଧରି ପାରିଲେନ ଯେ ତାଙ୍କ ଆନୁଗତ୍ୟ ସ୍ୱୀକାର କରୁଥିବା ଭାଇଟି କେତେଥର ବୁଲିଆସିଛନ୍ତି ଭାବୀ ଶ୍ୱଶୁରଙ୍କ ଘରୁ। ଯା'ହେଉ ଏଗାରଟା ବାଜିନଥିଲା ପହଞ୍ଚିଗଲେ ରେଖାଙ୍କ ଘରପାଖରେ। ମାହେନ୍ଦ୍ର ସମୟ ଏଗାରଟା ପନ୍ଦର ଥିବାରୁ କିଛି ଦୂରରେ ଗାଡି ଅଟକେଇ ଅପେକ୍ଷା କଲେ। ଠିକ୍ ଏଗାରଟା ପନ୍ଦରରେ ଲିଫ୍ଟ ପହଞ୍ଚିଲା ତିବିକ୍ରମ ବାବୁଙ୍କ ପାଞ୍ଚ ମହଲାର କରିଡର୍ ପାଖରେ। ଅପେକ୍ଷାରତ ତ୍ରିବିକ୍ରମ ବାବୁ ଏବଂ ତାଙ୍କର ପତ୍ନୀ ସୁନୀତା ପାଛୋଟି ନେଲେ ସେମାନଙ୍କୁ। ଅନିଲ୍ ଆଗରୁ ଖୁବ୍ ପରିଚିତ ଭଳି ଅମାୟିକ ବ୍ୟବହାର ପ୍ରଦର୍ଶନ କରିବାକୁ ଭୁଲି ନଥିଲେ।

ତ୍ରିବିକ୍ରମ ବାବୁଙ୍କ ଡ୍ରଇଂରୁମ୍‌ରେ ବସି ଚାରିଆଡେ ଆଖି ବୁଲେଇନେଲେ ପ୍ରଭାକର। ସାମ୍ନା ସୋଫାରେ ବସିବାକୁ ଇଙ୍ଗିତ କଲେ ନିଶାନ୍ତଙ୍କୁ। ନହେଲେ ଭଲ ଭାବରେ ଦେଖିପାରିବନି କାଳେ। ଭାଇନାଙ୍କ କଥାମାଟି ଚୁପ୍‌ଚାପ୍ ତଳକୁ ମୁହଁ ପୋତି ବସିଥିଲେ ନିଶାନ୍ତ। ସତେଯେମିତି ଆମଷ୍ଟରଡାମ୍‌ରୁ ଉଚ୍ଚଶିକ୍ଷା ହାସଲ କରି ଫେରିଥିବା ନିଶାନ୍ତ ନୁହେଁ, ସାଧାରଣ ସହରରେ ବଢିଥିବା ଯୁବକଟିଏ। ଯେମିତି ନିଜର ଚାକିରୀ ପାଇଁ ଏଠିକୁ ଇଣ୍ଟରଭ୍ୟୁ ଦେବାକୁ ଆସିଛନ୍ତି। ସାନଭାଇ ସମ୍ଭ୍ରମତା ଦେଖି ଭିତରେ ଗର୍ବ ଅନୁଭବ କରୁଥିଲେ ପ୍ରଭାକର। ସୁନୀତା କାଳବିଳମ୍ବ ନକରି ପ୍ରଭାକରଙ୍କ ମା ଓ ପତ୍ନୀ ସୁଶିଳାଙ୍କୁ ଭିତରକୁ ଡାକିନେଲେ। ତାଙ୍କର ଏଭଳି ବ୍ୟବହାର ମୁଗ୍ଧ କଲା ପ୍ରଭାକରଙ୍କୁ। ଯା'ହେଉ ଭଲ ସଂସ୍କାରୀ ପରିବାରଟିଏ। ନବୀନର ମନରେ ଉତ୍କଣ୍ଠାର ଚିହ୍ନ। ଜେଜେମା ଆଉ ବୋଉ ସିନା ଭିତରକୁ ଚାଲିଗଲେ ସେମାନେ ଖୁଡୀଙ୍କୁ ଖୁବ୍ ଶୀଘ୍ର ଦେଖିନେବେ। ଅଥଚ... ନବୀନ କେତେ ବେଳେ ଦେଖିବ?

ମନକଥା ଜାଣିନେଲା ଭଳି ଅନିଲ କହିଲେ- "ଭିତରକୁ ଯାଉନୁ ନବୀ... ଯା... ଲାଜ କରୁଛୁ କି?" ତ୍ରିବିକ୍ରମ ବାବୁ ସମ୍ମତି ପ୍ରଦାନ କରି କହିଲେ- "ଆରେ ପୁଅ କିଏ ପୁତୁରା କିଏ? ତମେ ପସନ୍ଦ କଲେ ଏ ବାହାଘର ହେବନା..."

ତାଙ୍କ ପାଟିରୁ କଥା ନସରୁଣୁ ନବୀନ୍ ଯାଇ ଭିତରେ। ରେଖାର ନମ୍ର ବ୍ୟବହାର, ସୁନ୍ଦର ଚେହେରାରେ ସମସ୍ତେ ମୁଗ୍ଧ ହେଇଗଲେ। ଶାଢ଼ୀ ପିନ୍ଧି ମୁଣ୍ଡ ତଳକୁ କରି ଯେତେବେଳେ ଆସି ପ୍ରଭାକରଙ୍କ ପାଦଛୁଇଁ

ମୁଣ୍ଡିଆ ମାରିଲେ ସେତେବେଳେ ପ୍ରଭାକରଙ୍କ ସବୁ ସ୍ୱପ୍ନ ଭଳି ଲାଗୁଥିଲା। କାନ୍ଧରେ ନଥିବା ଗାମୁଛାକୁ ଅଣ୍ଡାଳି ଅଣ୍ଡାଳି ଗଦ୍‌ଗଦ୍ ହେଇଗଲେ ସେ। ଏଥର ତ ବାହାଘର ପକ୍‌କା।

ଧୀରେ ଧୀରେ ପ୍ରଭାକର ନିଶାନ୍ତକୁ କହିଲେ- "କ'ଣ ପଚାରିବୁ ପଚାରୁନୁ ?"

ଅଳ୍ପ ହସି ନିଶାନ୍ତ କହିଲେ- "ଆପଣ ପଚାରନ୍ତୁ। ଆପଣଙ୍କ ପସନ୍ଦ ମୋର ପସନ୍ଦ।"

ନିଜକୁ ଆଉ ନିଜ ଆୟତ୍ତରେ ରଖିପାରିଲେନି ପ୍ରଭାକର। ନିଜ ବାପା ଜେଜେଙ୍କର ପୁରୋହିତ କର୍ମଠାରୁ ଆରମ୍ଭ କରି ନିଜର କର୍ମକାଣ୍ଡ ଜ୍ଞାନ ପର୍ଯ୍ୟନ୍ତ ଅନର୍ଗଳ ଗପିଗଲେ। କଥା ଭିତରେ ଏତିକି ମଧ୍ୟ କହିବାକୁ ଭୁଲିଲେନି ଯେ ତ୍ରିବିକ୍ରମ ବାବୁଙ୍କ ସହିତ ସେମାନେ ସମାସ୍କନ୍ଧ ନୁହନ୍ତି। ଅନିଲ୍ ଦେଖିଲେ- ନଈରେ ବନ୍ୟା ଘାଇ ଭାଙ୍ଗିବାକୁ ବସିଲାଣି। ବାଲିବନ୍ଧ ନଦେଲେ ସର୍ବନାଶୀ ବନ୍ୟାଟା ଘରଦ୍ୱାରା ଭସେଇ ଦେଇ ସବୁ ନାରଖାର କରିଦେବ। ତେଣୁ କଥାର ମୋଡ଼ ବଦଳେଇ ତ୍ରିବିକ୍ରମ ବାବୁଙ୍କ ପୈତୃକ ଘର ପୁରୀ ମାର୍କଣ୍ଡ ସାହିତରେ ତାଙ୍କ ଜଣେ ପିଉସୀ ବିବାହ କରିଛନ୍ତି ବୋଲି କହିଲେ। ଯଦିଓ ତ୍ରିବିକ୍ରମବାବୁ ଦୀର୍ଘ ପଚିଶବର୍ଷ ହେବ ପୁରୀ ମାଟି ମାଡିନାହାନ୍ତି ତଥାପି ସେ ପ୍ରସଙ୍ଗକୁ ଏତେ ଧ୍ୟାନ ନଦେଇ ବିବାହ ବିଧିର ପରବର୍ତ୍ତୀ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କଲେ।

ରେଖା ନିଜ ହାତରେ ଖାଦ୍ୟ ପରଶିଲେ। ଶ୍ରଦ୍ଧା କରି ପ୍ରଥମେ ନବୀନ୍ ପାଟିରେ କାଜୁବର୍‌ଫିଟିଏ ଖୋଇଦେଲେ। ଭାବୀ ଶାଶୁ ଏବଂ ବଡ଼ ଯା'ଙ୍କୁ ସମ୍ମାନର ସହିତ ଚର୍ଚ୍ଚା କଲେ। ଅଥଚ ମୁଣ୍ଡଟେକି ଥରେବି ଚାହିଁଲେନି ନିଶାନ୍ତଙ୍କ ଆଡେ। ପ୍ରଭାକରଙ୍କ ମନ ଖୁସି। ଯା'ହେଉ ଏମିତି ଝିଅଟିଏ ତ ସେ ଚାହୁଁଥିଲେ। ତେଣୁ ଅତି ଖୁସିରେ ମା'ଙ୍କୁ ତାଙ୍କର ପଚାରିଲେ - "କ'ଣ ବୋଉ, ତୋ ସାନବୋହୂ ତୋ ମନକୁ ପାଉଛିଟି... ?"

ଦାନ୍ତ ନଥିବା ପାଟିରେ ଧାରେ ହସ କେତେବେଳୁ ଲାଗି ରହିଥିଲା। ସେଇ ହସଟି ମନଖୋଲି ହସି କହିଲେ- "ଦୁଇଯା'ତ ଦି'ଭଉଣୀ ଭଳି ମିଶିଗଲେଣି। ମୁଁ ଆଉ କ'ଣ କହିବି ? ତୁମ ସଭିଙ୍କ ଖୁସିରେ ମୁଁ ଖୁସି।"

ସୁଶିଳା ନିଜ ପର୍ସରୁ କାଢ଼ି, ଡବାଖୋଲି ଶାଶୁଙ୍କ ହାତକୁ ବଢ଼େଇଦେଲେ ଧଳା ଚକ୍‌ଚକ୍ ପଥରବସା ମୁଦିଟିଏ। ଶାଶୁ ତାକୁ ପିନ୍ଧେଇଦେଲେ ଭାବୀ ସାନବୋହୂର ଗୋରା ତକ୍‌ତକ୍ ଅନାମିକା ଆଙ୍ଗୁଠିରେ। ପ୍ରଭାକର ବୁଝିନପାରିଲା ଭଳି ଥରେ ମୁଦିକୁ ଥରେ ସୁଶିଳାକୁ ଚାହୁଁଥିଲେ। ବୁଝିପାରିଲେନି, ଏଡ଼େ ସୁନ୍ଦର ମୁଦିଟିଏ ସୁଶିଳା କେବେଠାରୁ ଚୁପ୍‌ଚାପ୍ କିଣି ସାଇତି ରଖିଥିଲେ ? କାହିଁ ଥରେ ତ ଜଣେଇନାହାନ୍ତି ? ଏ ନାରୀ ଜାତିଟା ଗଭୀର ଜଳର ମାଛ। ତାଙ୍କୁ ଜାଣିବା ଭାରି କଷ୍ଟ।

ଅସଲ କଥାଟା ଛପି ରହିଲା କେବଳ ଅନୀଲ, ସୁଶିଳା ଓ ନିଶାନ୍ତଙ୍କ ମଧ୍ୟରେ। କିଏ କାହିଁକି କହିଥାନ୍ତେ ଯେ ଖୁବ୍ ଦାମୀ ହୀରା ମୁଦି ନିଶାନ୍ତ ନିଜେ କିଣି ଆଗରୁ ଯତ୍ନରେ ରଖିଥିଲେ।

କେବଳ ମିଠା ପ୍ୟାକେଟ୍ ନୁହେଁ ସମସ୍ତଙ୍କ ପାଇଁ ଲୁଗାପଟା ବେଶ୍ ଚକ୍‌ଚକିଆ ଜରିରେ ପ୍ୟାକ୍ କରି ରଖାଯାଇଥିଲା। ସେମାନଙ୍କର ଆତିଥ୍ୟ, ରେଖାଙ୍କର ନମ୍ର ବ୍ୟବହାରରେ ସନ୍ତୁଷ୍ଟ ହୋଇ ଯାଇଥିଲେ ପ୍ରଭାକର।

X X X

ତ୍ରିବିକ୍ରମ ବାବୁଙ୍କ ଘରୁ ଫେରିବା ପରେ ଅନବରତ ସାନବୋହୂର ଚର୍ଚ୍ଚା ଚାଲିଥିଲା। ଦୁଇଦିନ ଦିଲ୍ଲୀରେ ବୁଲାବୁଲି କରି ଫେରିଆସିଲେ ସେମାନେ। ପ୍ରଭାକରଙ୍କ ପେଟରେ କିଛି କଥା ରହେନି ଗାଁ ସାରା ବ୍ୟାପିଗଲା ନିଶାନ୍ତର ବାହାଘର ଖବରଟା। ବାହାଘର କୋଉଠି ହେବ କେମିତି ହେବ, କିଏ ସବୁ ବରଯାତ୍ରୀ ଯିବେ, ପ୍ରଭାକରଙ୍କ ତରଫରକୁ ଭୋଜିଟା କେଉଁଠି ହେବ ଭୋଜୀର ଆୟୋଜନ କିଭଳି ଆଡମ୍ବରପୂର୍ଣ୍ଣ ଭାବରେ ହେବ ରୀତିମତ ଆଲୋଚନା ଚାଲିଲା। ଦିନେ କଥାପ୍ରସଙ୍ଗରେ ପ୍ରଭାକରଙ୍କ ମା' କହିଲେ- "ନିଶାକୁ କହୁନୁ ଟଙ୍କା ପଠେଇବ। ତୁ ଏତେବଡ଼ ଆୟୋଜନ ପାଇଁ ଏତେ ଟଙ୍କା ଆଣିବୁ କୋଉଠୁ ?"

-"ତୁ କ'ଣ ପାଗଳୀ ହେଇଗଲୁଣି କି ବୋଉ ? ସେ ଛୁଆଟାକୁ ମୁଁ ଟଙ୍କା ମାଗିବି ? ଦିଲ୍ଲୀ ଭଳି ସହରରେ ରହୁଛି। ତା'ର କେତେ ଖର୍ଚ୍ଚ...। ନୂଆ ସଂସାର କରିବ। ବଡ଼ଘରୁ ଝିଅ ଆସୁଛି, ତାକୁ ଚଳେଇବା ପାଇଁ ସେ କ'ଣ ତା ଶ୍ୱଶୁରଙ୍କ ପାଖରେ ହାତ ପତେଇବ ନା କ'ଣ ?

- "ତେବେ ଏତେ ଗୁଡାଏ ଟଙ୍କା ତୁ ଆଣିବୁ କୋଉଠୁ ?"

- "କାହିଁ... ଜମି ପାଞ୍ଚମାଣ ବିକ୍ରି କରିଦେଲେ ବାହାଘର ଖର୍ଚ୍ଚ ଉଠିଯିବନି କି ? ଜମି ରହି ମୋର ହେବ କ'ଣ ?

ତ୍ରିବିକ୍ରମ କଥା ଶୁଣି ସୁଶିଳାଙ୍କ ମନଟିକେ ଦବିଗଲା। ଆଗରୁ କିଛି ଜମି ଦିଅରଙ୍କ ପଢ଼ାଖର୍ଚ୍ଚ ପାଇଁ ବିକ୍ରି ସରିଛି। ପୁଣି ବିକ୍ରି ହେବ। କିଛି ନାହିଁଯେ... ଆଗକୁ ନବୀନର ତ ପଢ଼ାଖର୍ଚ୍ଚ ସରିଛି।

ତାଙ୍କ ମନକଥାକୁ ପ୍ରକାଶ କରିବାର ସୁଯୋଗ ନଦେଇ ପ୍ରଭାକର କହିଲେ- ଜାଣିଲୁ ବୋଉ, ତୁ କିମ୍ବା ସୁଶିଳା କେହି ନବୀନ କଥା ଚିନ୍ତା କରିବନି। ସେ ଖାଲି ମାଟ୍ରିକ୍‌ଟା ପାସ୍ କରିଯାଉ, ତା'ପରେ ତା'ର ସବୁ ଦାୟିତ୍ୱ ତୋ ସାନପୁଅ ବୋହୂଙ୍କର।

ଏଭଳି କଥାରେ ସୁଶିଳାଙ୍କ ମନ ଭୁଲିଗଲା ସିନା, ହେଲେ ପ୍ରଭାକରଙ୍କ ବୋଉ ସନ୍ତୁଷ୍ଟ ହୋଇପାରି ନଥିଲେ। ତେଣୁ ସ୍ପଷ୍ଟ ଶୁଣେଇ ଦେଇଥିଲେ- "ଚକେ ଗଲେ ବାରହାତ୍‌ରେ ପୁଅ, ଆଜି କଥା କାଲିକୁ କ'ଣ କହିହେବନି।"

ପ୍ରଭାକର କିଛି ଉତ୍ତର ଦେବା ଆଗରୁ ସୁଶିଳା କହିଲେ- "ଚକ ଯେତେଦୂର ଗଲେ ବି ଅଖକୁ ଛାଡ଼ି ପାରିବନି ବୋଉ। ଠିକ୍ ସେମିତି ଆମର ନିଶାନ୍ତ... ଆମକୁ ଛାଡ଼ି ସେ ରହିପାରିବେନି।"

ସୁଶିଳାଙ୍କ ବିଶ୍ୱାସ ପ୍ରଭାକରଙ୍କର ମନୋଭାବକୁ ଆହୁରି ଦୃଢ଼ କରିଥିଲା। ତେଣୁ ସେ କେଉଁ ଜମି ବିକ୍ରି କରିବେ ସେ ବିଷୟରେ ଚିନ୍ତା କରିଥିଲେ।

X X X

ଖୁବ୍ ଜାକଜମକରେ ବାହାଘର ସରିଲା। ଏମିତି ଭାର ବେଭାର ଗାଁ

ଲୋକେ ଦେଖିନଥିଲେ। ପ୍ରଭାକର ମଧ୍ୟ ଖୁବ୍ ଖର୍ଚ୍ଚ କରିଥିଲେ। କିନ୍ତୁ ଅଧିକାଂଶ ଲୋକ ଭାବିଲେ ଦୁଇତରଫା ଖର୍ଚ୍ଚ କରିଛନ୍ତି ତ୍ରିବିକ୍ରମ ବାବୁ। ଦିଲ୍ଲୀ ଝିଅ ବୋହୂ ହେଇ ଘରକୁ ଆସିବ ବୋଲି ଆଗରୁ ପ୍ରଭାକର ଗାଧୁଆଘର ପାଇଖାନା ଚକ୍‌ଚକ୍ କରି ତିଆରି କରିଥିଲେ। ବୋହୂର ଯେମିତି ଅସୁବିଧା ନହୁଏ। ନିଶାନ୍ତର ଇଚ୍ଛା ମଝିରେ ମଝିରେ ଛୁଟି ମିଳିଗଲେ ରେଖାକୁ ନେଇ ଗାଁକୁ ଆସିବ। ରେଖା ମଧ୍ୟ ଠିକ୍ ସେଇୟା ଚାହାଁନ୍ତି। ଗାଁର ଅନୁଭୂତି ନଥିଲେ ମଧ୍ୟ ଗାଁ ପ୍ରତି ଆଦର ରହିଛି।

ସାଇ ପଡ଼ିଶା ରେଖାଙ୍କର ରୂପରେ ମୁଗ୍ଧ। ଏତେ ବଡ଼ଘର ଝିଅ ଏତେବଡ଼ ସହରରେ ପାଠପଢ଼ିଛି ସହରୀ ସଭ୍ୟତାରେ ବଢ଼ିଛି ହେଲେ ଗାଁର ଆମ୍ବତୋଟା, ଧାଡ଼ି ଧାଡ଼ି କିଆବୁଦା, ଧାନଖଳା,କ୍ଷେତବାଡ଼ି ବୁଲି ବୁଲି ଦେଖିବାର କି ଆଗ୍ରହ ? ଗର୍ବ ନାହିଁ ଅହଙ୍କାର ନାହିଁ। ହସହସ ମୁହଁରେ ସମସ୍ତଙ୍କ ସହିତ ମିଶୁଛି କାମ ଆସୁ ବା ନଆସୁ ବଡ଼ଯା' ପଛେ ପଛେ ରୋଷେଇ ଘରେ ପଶୁଛି... ଇଏ କ'ଣ କମ୍ କଥା ?

ପ୍ରଭାକରଙ୍କ ଛାତି କୁଣ୍ଢେ ମୋଟ। କେତେ ପୁଣ୍ୟର ଫଳ ସେ ଲାଭ କରିଛନ୍ତି ନାହିଁ।

ସାତଦିନ ସାତଟି ମୁହୂର୍ତ୍ତ ଭଳି ବିତିଗଲା ସତେ ! ଇଚ୍ଛା ଥିଲେ ବି ରହିହେବନି। ଛୁଟି ତ ବେଶୀଦିନ ନାହିଁ, ତାଛଡା କୁଆଡେ ବାହାରେ ବୁଲିଯିବା ପାଇଁ ଆଗରୁ ଟିକେଟ କରି ସାରିଛନ୍ତି ତ୍ରିବିକ୍ରମ ବାବୁ।

ସପ୍ତମଙ୍ଗଳାର ବିଧିବିଧାନ ସାରି ଅଷ୍ଟମଙ୍ଗଳା ଦିନ ଘର ଛାଡ଼ିଲେ ନିଶାନ୍ତ ଓ ରେଖା। ରେଖାଙ୍କର ଆଖିରୁ ଲୁହଟୋପା ଖସିପଡୁଥିଲା। ସୁଶିଳା ନିଜର କୋହ ସମ୍ଭାଳି ପାରିନଥିଲେ। ଦୁଇବୋହୂଙ୍କର କାନ୍ଦକଟା ଦେଖି ଶାଶୁଙ୍କ ଆଖିରୁ ମଧ୍ୟ ଲୁହ ଝରିଥିଲା।

ଶାଶୁ, ଯା' ଦେଢଶୁରଙ୍କୁ ପ୍ରଣାମ କରି ସାରି ନବୀନକୁ କୋଳେଇ ନେଇ ସ୍ନେହର ସ୍ପର୍ଶ ମାଖି ଯେତେବେଳେ ଗାଡ଼ିରେ ବସିଲେ ରେଖା ସେତେବେଳେ ପ୍ରଭାକରଙ୍କର ଧୈର୍ଯ୍ୟଚ୍ୟୁତି ଘଟିଥିଲା। ସତେଯେମିତି ବୋହୂ ନୁହେଁ... ବରଂ ନିଜର ପ୍ରାଣପିତୁଳା କନ୍ୟାରତ୍ନ ବିଦାହେଇ ଯାଉଛି।

ଘରଟା ଖାଇଗୋଡେଇଲା ଭଳି ଲାଗୁଥିଲା। ରେଖା ଅନୁପସ୍ଥିତି ସାରା ଘରଟାକୁ ଆଚ୍ଛନ୍ନ କରି ରଖିଥିଲା ମେଘ ଘୋଡ଼େଇଥିବା ଆକାଶ ଭଳି, ସବୁ ଯେମିତି ଅନ୍ଧାରିଆ ଲାଗୁଥିଲା। କେଇଟା ଦିନରେ ବୋହୂଟା ପ୍ରତି ଖୁମ୍ ମାୟା ଲାଗି ଯାଇଛି।

ନବୀନ ମୁହଁ ଶୁଖେଇ ଖରସାରା ବୁଲୁଥାଏ। ଖୁଡ଼ୀଙ୍କ କଥା ପ୍ରତି ମୁହୂର୍ତ୍ତରେ ମନେପଡୁଛି ବୋଲି କହୁଥାଏ। ତଥାପି ଖୁଡ଼ୀ କହିଥିବା କଥା ତାକୁ ମାନିବାକୁ ପଡ଼ିବ। ଆସନ୍ତା ବର୍ଷ ବୋର୍ଡ ପରୀକ୍ଷା। ତାକୁ ପରୀକ୍ଷାରେ ଭଲ କରିବାକୁ ପଡ଼ିବ। ଭଲ ନକଲେ ଦିଲ୍ଲୀରେ ବଡ ସ୍କୁଲରେ ପାଠପଢ଼ିପାରିବନି। ତେଣୁ ଖୁଡୀଙ୍କ କଥା ମାଟି ଅମନଯୋଗୀ ମନକୁ ମନେଇ ନେବାକୁ ବାଧ୍ୟ କଲା ସେ।

ଶାଶୁ ବୋହୂ ବସି ରେଖା ବିଷୟରେ କଥା ହୁଅନ୍ତି। ସୁଶିଳା ଯେତେ ପ୍ରଶଂସା କଲେ ମଧ୍ୟ ମନଖୋଲା ପ୍ରଶଂସା କରିପାରନ୍ତି ନାହିଁ ଶାଶୁ। ବୋହୂଙ୍କ ଉପରେ ମନଭିତରୁ ସେ ଭରସା ରଖିପାରନ୍ତି ନାହିଁ। ସୁଶିଳା ତାଙ୍କୁ ଯେତେ ବୁଝେଇଲେ ମଧ୍ୟ ସେ କୁହନ୍ତି- "ଆଲୋ ବର୍ଷେ ଛ ମାସ ଯାଉ... ତମେମାନେ ଖାଲି ତା ରୂପ ଗୁଣ ଦେଖି ଭାସିଗଲେ ହେବ ? ବେଳ ଆସୁ। ଯେତେବେଳେ ପୁତୁରାକୁ ପୁଅ ଭଳି ଦେଖିବ ତୁମମାନଙ୍କୁ ଆପଣାର ଭାବି କିଛି ଦାୟିତ୍ୱ ତୁଲେଇବ ସେତେବେଳେ ଜାଣିବ ତା'ର ପ୍ରକଢତ ଗୁଣ।"

ସୁଶିଳାଙ୍କ ମନକୁ ଯାଏନି ଶାଶୁଙ୍କର କଥା। ବୁଢ଼ୀ ମଣିଷ କ'ଣ ବା ଭଲମନ୍ଦ ବିଚାର କରିପାରିବେ ? ଏକଥା ମନରୁ ଆଣି ଚୁପ୍ ହେଇ ଯାଆନ୍ତି ସୁଶିଳା। ବେଳେବେଳେ ଶାଶୁ ନବୀନକୁ କୁହନ୍ତି କର୍ମକାଣ୍ଡ ପଢିବାକୁ। ସଂସ୍କୃତ ଜ୍ଞାନ ହାସଲ କରି ଯଜମାନି କରିବାପାଇଁ। ତାଙ୍କ ମତରେ ପୁରୋହିତ ବିଦ୍ୟା ଲାଭଜନକ। ଜେଜେମାଙ୍କ କଥାକୁ ହସରେ ଉଡେଇଦିଏ ନବୀନ। ଆକାଶକୁ ମୁଣ୍ଡଟେକି ବଢୁଥିବା ଆମ୍ରାଦ୍ରୁମ ସହିତ ମାଟିରେ ଲଟେଇଥିବା ଦୂବଘାସକୁ ତୁଳନା କରୁକରୁ ଜେଜମାଙ୍କ ପାଖରୁ ବାଟଭାଙ୍ଗି ଚାଲିଯାଏ ସେ।

x                    x                    x

ନବୀନର ମାଟ୍ରିକ୍ ପରୀକ୍ଷାଫଳ ବାହାରିଲା। ପଞ୍ଚାଅଶୀ ପରସେଣ୍ଟ୍ ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ଗାଁ ସାରା ଖୁସି ଖବରଟା ଫୁଲର ବାସ୍ନା ଭଳି ମହକି ଉଠିଲା। ତାଙ୍କ ସ୍କୁଲରେ ସେ ସବୁଠାରୁ ଅଧିକ ନମ୍ବର ରଖି ପାସ୍ କରିଛି। ଗର୍ବର ସହିତ ପ୍ରଭାକର ତୁରନ୍ତ ଜଣେଇ ଦେଇଥିଲା ସାନଭାଇକୁ। ଖୁସିରେ ଗଦ୍‌ଗଦ୍ ହୋଇ ଖୁଡ଼ୀଙ୍କୁ ଫୋନ୍ କରିଥିଲା ନବୀନ। ଖୁଡ଼ୀ ମଧ୍ୟ କେତେକଣ ଶୁଭେଚ୍ଛା ବାର୍ତ୍ତା ଫୋନ୍ ମାଧ୍ୟମରେ ଜଣେଇଥିଲେ।

ଏଥର ତ ଦିଲ୍ଲୀ ଯାଇ ପାଠ ପଢ଼ିବା କଥା। ତେଣୁ ନିଶାନ୍ତଙ୍କ ନିର୍ଦ୍ଦେଶରେ ମାର୍କସିଟ୍ ସ୍କାନ କରି ପଠାଗଲା। ନବୀନ୍‌ର ସାଙ୍ଗମାନେ ଘରେ ଆସି ଭିଡ଼ ଜମେଇଲେ। ନବୀନ୍‌ର ସୌଭାଗ୍ୟ ଦେଖି ସେମାନଙ୍କ ମନରେ ବେଶ୍ ଆନନ୍ଦ। ଅନ୍ୟପକ୍ଷରେ ନବୀନ୍ ସେମାନଙ୍କୁ ଛାଡ଼ି ସୁଦୂର ଦିଲ୍ଲୀ ସହରକୁ ଚାଲିଯିବ ପଢ଼ିବାପାଇଁ, ତେଣୁ ସେମାନଙ୍କ ମନରେ ଦୁଃଖ ମଧ୍ୟ ସୃଷ୍ଟି ହୋଇଥିଲା। ଯା'ହେଉ ନବୀନ୍ ଯେମିତି ସେମାନଙ୍କର ସାହସ, ଦମ୍ଭ ସବୁକିଛି।

ନବୀନର ସବୁଠାରୁ ଅନ୍ତରଙ୍ଗ ବନ୍ଧୁ ଅସୀମ୍। ପିଲାଦିନରୁ ଦୁହେଁ ଦୁହିଁଙ୍କୁ ଛାଡ଼ି ରହି ପାରନ୍ତି ନାହିଁ। ଦୁର୍ଭାଗ୍ୟବଶତଃ ନବୀନ୍ ଠାରୁ ଗୋଟିଏ ପରସେଣ୍ଟ କମିଯାଇଛି ତା'ର। ତଥାପି ସେଥିପାଇଁ ତା'ର ଦୁଃଖ ନାହିଁ। ନବୀନ ଦିଲ୍ଲୀରେ ରହି ପାଠ ପଢିଲେ ମଧ୍ୟ ସମ୍ପର୍କ କେବେ ଭାଙ୍ଗିଯିବନି। ଏଭଳି ଚୁକ୍ତି ମଧ୍ୟ ଦୁହିଁଙ୍କ ଭିତରେ ହୋଇଥିଲା।

ସବୁ ଆଶା ଚୁରମାର୍ ହୋଇଯାଇଥିଲା... ଯେଉଁଦିନ ନିଶାନ୍ତ ଜଣେଇ ଦେଇଥିଲେ। "ଦିଲ୍ଲୀରେ କୌଣସି କଲେଜରେ ନବୀନ୍‌ର ନାମଲେଖା ହୋଇପାରିବନି। କାରଣ ଶତକଡ଼ା ନବେ ତଳକୁ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ପାଇଁ ସେଠାରେ ସ୍ଥାନ ନାହିଁ। ଭାଙ୍ଗିଯାଇଥିଲା ନବୀନ୍‌ର ମନ। ପ୍ରଭାକର ମଧ୍ୟ ଚିନ୍ତାରେ ଅଧିର ହେଲେ। ଅଧିକ ଶିକ୍ଷାଗତ ଯୋଗ୍ୟତା ତାଙ୍କର ନଥିବାରୁ ସେ ଆଜିକାଲି ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ। ସୁଶିଳା କିଛି ବୁଝିପାରୁନଥିଲେ। କିଛିଦିନ ହେବ

ତାଙ୍କ ଘରେ ଯେଉଁ ଆଶା, ଉଦ୍ଦୀପନାର ଦୀପଟିଏ ଜଳୁଥିଲା ଏମିତି ପବନ ଧକ୍କାରେ ହଠାତ୍ ଲିଭିଗଲା ଯେମିତି। ନବୀନ୍ ଏତେ ଭଲ ନମ୍ବର ରଖି ଗାଁ ସ୍କୁଲର ସବୁ ପିଲାଙ୍କ ଭିତରେ ଫାଷ୍ଟ ହେଲା ଅଥଚ... ଦିଲ୍ଲୀର କୌଣସି କଲେଜରେ ସିଟ୍ ପାଇ ପାରିଲାନି ?

ପ୍ରଥମଥର ପାଇଁ ସେମାନେ ବୁଝିଲେ ପଞ୍ଚାଅଶୀ ପରସେଣ୍ଟଟା ଦିଲ୍ଲୀ ହିସାବରେ ଖୁବ୍ କମ୍। ନିଶାନ୍ତ କହିଲେ ଗାଁ ପାଖ କଲେଜରେ ପାଠପଢୁ। ପ୍ଲସ୍ ଟୁ ପରେ ଦେଖିବା। କୌଣସି ଲାଇନ୍ ଧରିନେଲେ ନିଶ୍ଚିତ ହେବାକୁ ପଡ଼ିବ।

ନବୀନ୍‌ର କଲେଜରେ ନାମଲେଖା ହୋଇଗଲା। ଗାଁ ପାଖ କଲେଜରେ ସାଇନ୍‌ସରେ ସିଟ୍ ମିଳିବାରେ କୌଣସି ଅସୁବିଧା ହେଲାନାହିଁ। ବରଂ ପ୍ରଥମ ସିଲେକ୍‌ସନ୍‌ରେ ତା'ର ନାମ ଲେଖାଇବା ପାଇଁ ଇଣ୍ଟିମେସନ ଆସିଯାଇଥିଲା। ଦିଲ୍ଲୀ ଯିବା କଥା ଭୁଲିଗଲା ନବୀନ। ନିଜ ସାଙ୍ଗ ସାଥି ଏବଂ ଏଇ ଗାଁରେ ତା'ର ଗୋଟାଏ ସ୍ୱତନ୍ତ୍ର ସ୍ଥାନ ରହିଛି। ସାଙ୍ଗମାନଙ୍କର ସ୍ନେହ ଛାଡ଼ି ସେ ଯାଇଛି ବୋଲି ମନେ ମନେ ଆଶ୍ୱସ୍ତ ହେଲା।

ଅସୀମ୍ ମଧ୍ୟ ତା'ରି ସାଙ୍ଗରେ ପଢ଼ିଲା। ଦୁହିଁଙ୍କର ସଦ୍‌ଭାବ ଅତୁଟ ରହିଲା।

ଚାହୁଁ ଚାହୁଁ ବିତିଗଲା ଦୁଇବର୍ଷ। ଯଥାପୂର୍ବଂ ତଥାପରଂ ଭଳି ପ୍ଲସ୍ ଟୁ ସାଇନ୍‌ସରେ ସେ ଫାଷ୍ଟ ଡିଭିଜନ୍‌ରେ ପାସ୍ କଲା। କିନ୍ତୁ ନିଶାନ୍ତଙ୍କ ନିର୍ଦ୍ଦେଶରେ କମର୍ସ ପଢ଼ିଲା। ଗାଁଠାରୁ ଦୂର ସରକାରୀ କଲେଜରେ ନାମ ଲେଖା ହେଲା। ନିଶାନ୍ତଙ୍କ ମତରେ ସେ ଗ୍ରାଜୁଏସନ୍ ସାରି ଦିଲ୍ଲୀ ଆସିଲେ ଏହି ଏମ୍.ବି.ଏ କରିବ।

ଛାଇଭଳି ପାଖେ ପାଖେ ରହୁଥିବା ଅସୀମ୍ ମଧ୍ୟ ସେଇ ଏକା ରାସ୍ତା ଧରିଲା। ଦୁହେଁ କମର୍ସ ପଢ଼ିଲେ। ମଝିରେ ମଝିରେ ଗାଁକୁ ଆସିବାକୁ ଇଚ୍ଛାଥିଲେବି ଆସିପାରନ୍ତି ନାହିଁ ନିଶାନ୍ତ। ରେଖା ଫୋନ୍‌ରେ କଥାହେଲାବେଳେ ଝୁରିହୁଏ ଗାଁକୁ। ଇଚ୍ଛାଥିଲେ କ'ଣ ହେବ... ଚାକିରୀ ଚାପ ଖୁବ୍ ଅଧିକା ଥିବାରୁ ଆସିହେଉନି।

ସୁଶିଳା ମଧ୍ୟ ସେଇ ଏକଥା କୁହନ୍ତି ତାଙ୍କୁ ଖୁବ୍ ଇଚ୍ଛା... ଟିକେଯାଇ ଯା' ଦିଅରଙ୍କୁ ଦେଖିଆସିବାକୁ। କିନ୍ତୁ ଶାଶୁଙ୍କର ଆଜିକାଲି ଦେହ ଭଲ ରହୁନି। ତାଙ୍କୁ ଛାଡ଼ି ଯିବା ଅସମ୍ଭବ। ସେ ଯାହା ହେଉନା କାହିଁକି ସପ୍ତାହରେ ତିନିଥର ଯା... ଦିଅରଙ୍କ ସାଙ୍ଗରେ ମନଭରି କଥାହୁଅନ୍ତି ସୁଶିଳା।

ହଠାତ୍ କାଳବୈଶାଖୀ ପ୍ରଭାବରେ ଗଛ ଓ ଇଲେକ୍‌ଟ୍ରିକ୍ ଖୁଣ୍ଟ ଉପୁଡ଼ି ପଡ଼ିଥିଲା। ଲଣ୍ଠନ ଲଗେଇ ଠାକୁର ଘରକୁ ସଞ୍ଜଦେବା ପାଇଁ ବାହାରିଲେ ସୁଶିଳା। ଶାଶୁ ପିଣ୍ଡାରେ ପଡିଥିବା ଚଉକିରୁ ଉଠି ତାଙ୍କ ଖଟ ଉପରେ ଗଡୁଥିଲେ। ଆଶ୍ଚର୍ଯ୍ୟର କଥା... ଏମିତି ସମୟରେ ସେ ଖଟକୁ ଯାଆନ୍ତି ନାହିଁ। ଦାଣ୍ଡ ପିଣ୍ଡାରେ ବସି ସଞ୍ଜବତୀ ଜଳୁଥିବା ଚଉରାଆଡେ ଚାହିଁ ମନେ ମନେ ଗୁଣୁଗୁଣୁ ହେଇ ଯେମିତି କଣ କୁହନ୍ତି। ହାତଯୋଡ଼ି ପ୍ରାର୍ଥନା କରନ୍ତି। ପିଲାଙ୍କର ନାଁ ଧରି ପ୍ରଭୁଙ୍କ ଉଦ୍ଦେଶ୍ୟରେ ମଙ୍ଗଳ କାମନା କରନ୍ତି।

– "ଦେହ ଭଲ ଲାଗୁନି ବୋଉ ?" ଡରି ଡରି ପଚାରିଲେ ସୁଶିଳା।

କେବେ ଦେହ ଖରାପ ଲାଗୁଛି ବୋଲି କୁହନ୍ତିନି ଶାଶୁ। ସେଦିନ ବି ଠିକ୍ ସେମିତି ଉତ୍ତର ... "ନା... କିଛି ଖରାପ ଲାଗୁନି।"

ସଞ୍ଜ ଦେଇ ସାରି ଶାଶୁଙ୍କ ପାଖରେ ବସି ପାଦ ଆଉଁସିଦେଲେ ସୁଶିଳା। ଏ କ'ଣ ଏତେ ତାତି... ? ପ୍ରଭାକର ନିଜର ପୂଜା ସରଞ୍ଜାମ ଧରି ବାହାରୁଥିଲେ କୋଉଠି ଗୋଟାଏ ସତ୍ୟନାରାୟଣ ପୂଜା ଅଛି... ସେସବୁ ପିଣ୍ଡାରେ ରଖିଦେଇ ଉଠିଆସିଲେ ବୋଉ ପାଖକୁ। ଆଖିବ ବନ୍ଦ କରି ଶୋଇ ରହିଥିବା ମା'ର ଅସ୍ପଷ୍ଟ ଶବ୍ଦ ତାଙ୍କ ଛାତି ପିଞ୍ଜରାକୁ ଭାଙ୍ଗି ପକେଇଥିଲା ଯେମିତି। ସଙ୍ଗେ ସଙ୍ଗେ ନବୀନ ଓ ତା ସାଙ୍ଗ ଅସୀମ୍ ଧାଇଁ ଆସିଥିଲେ। ତୁରନ୍ତ ନଈ ଆରପାରିରେ ଥିବା ବ୍ଲକ୍ ଡାକ୍ତରଖାନାକୁ ନେଇଯିବା ପାଇଁ ଉଦ୍ୟତ ହେଲେ। କିନ୍ତୁ ଈଶ୍ୱରଙ୍କ ଇଚ୍ଛା ନିଆରା ଥିଲା। ସବୁଦିନ ପାଇଁ ଆଖି ବୁଜିଥିଲେ ସେ।

ପ୍ରଭାକର, ସୁଶିଳା, ନବୀନ, ଅସୀମ ସମସ୍ତେ କାନ୍ଦି ଉଠିଥିଲେ। ବାସୀମଡ଼ା କରିବାର ଇଚ୍ଛା ନଥିଲେବି ନିଶାନ୍ତର ଇଚ୍ଛାରେ ସେଦିନ ଶବଦାହ ହୋଇପାରି ନଥିଲା। ପରଦିନ ନିଶାନ୍ତ ଓ ରେଖା ପହଞ୍ଚିବା ପରେ ଶବ ସଂସ୍କାର ହୋଇଥିଲା।

ସବୁ ନୀତି ନିୟମ ଅନୁସାରେ କ୍ରିୟାକର୍ମ ଶେଷହେଲା। ନିଶାନ୍ତ ଫେରିବା ଆଗରୁ ଗାଁର ଲୋକମାନେ ଆସି ଦେଖାକରିଥିଲେ। ନିଶାନ୍ତ ଏବେ ବାଙ୍ଗାଲୋର୍‌ରେ ଗୋଟିଏ ବଡ଼ ମଲ୍‌ଟିନ୍ୟାସନାଲ୍ କମ୍ପାନୀର ସିଇଓ। ଏକଥା ଜାଣିବା ପରେ କେତେ ଆଶା ନେଇ ଗାଁର ଲୋକମାନେ ନିଜ ନିଜର ଅଭାବ ଅସୁବିଧା କଥା ଜଣେଇଥିଲେ। କିଏ କହିଲା ଗାଁର କ୍ଲବ ଘର ପାଇଁ ଟଙ୍କା ସାହାଯ୍ୟ ଦରକାର। କିଏ କହିଲା ଗାଁ ମନ୍ଦିରର ଛାତ ପଡିବାପାଇଁ କିଛି ଟଙ୍କା ଦରକାର। ଆଉ କିଏ ନିଜ ଗ୍ରାଜୁଏଟ୍ ପୁଅର ଚାକିରୀ କଥା କହିଲେ। ନିଶାନ୍ତ ତ ସବୁଦିନେ ଧୀର ସ୍ଥିର। ଧୈର୍ଯ୍ୟର ସହ ସବୁକଥା ଶୁଣିଥିଲେ। ହଠାତ୍ ଏମିତି ଏକ ଦୁଃଖଦ ପରିସ୍ଥିତିରେ ଆସିଥିବାରୁ ଇଚ୍ଛାଥିଲେ ମଧ୍ୟ ଟଙ୍କା ସାହାର୍ଯ୍ୟ ଦେଇ ପାରୁନଥିବାରୁ ବିନମ୍ର ଦୁଃଖ ପ୍ରକାଶ କରିଥିଲେ। ବାଙ୍ଗାଲୋର୍‌ରେ ପହଞ୍ଚି ଟଙ୍କା ପଠେଇବାର ପ୍ରତିଶ୍ରୁତି ଦେଇଥିଲେ।

ତା'ପରେ ଚାକିରୀ କଥା ମଧ୍ୟ ବୁଝିବେ ବୋଲି କହିଥିଲେ। ଅବଶ୍ୟ ଏତେ ସଂଖ୍ୟାରେ ବେକାରୀ ଯୁବକମାନଙ୍କୁ ତ ସେ ଚାକିରୀ ଦେଇପାରିବେନି। ତଥାପି ଚାରି ପାଞ୍ଚଜଣଙ୍କର ବାୟୋଡାଟା ରଖିଥିଲେ। ସେମାନଙ୍କ ଭିତରେ ତିନିଜଣ ଇଞ୍ଜିନିୟରିଂ ପାସ୍ କରି ବସିଛନ୍ତି। ଜଣେ ଆଇଟିଆଇ ପାସ୍ କରିଛି। ଜଣେ ଏମ୍‌ବିଏ ପାସ୍ କରିଛି। ଚାକିରୀ ସନ୍ଧାରେ ଥିବା ପିଲାଙ୍କ ଅପେକ୍ଷା ବାପା ମାନେ ବେଶୀ ଖୁସି ହେଇଥିଲେ। ଦଶଖଣ୍ଡ ଗାଁର ମଉଡ଼ମଣି ହେଉଛନ୍ତି ନିଶାନ୍ତ। ତେଣୁ ସମସ୍ତଙ୍କ ପାଇଁ ସେ ସାହା ଭରସାର ନିଦର୍ଶନ। ନିଶାନ୍ତ ଓ ରେଖାଙ୍କୁ ସମସ୍ତେ ଭୁରି ଭୁରି ପ୍ରଶଂସା କରିଥିଲେ। କିଏ ନିଜ ଜମିର ବାସୁମତୀ ଅରୁଆ ଚାଉଳ କିଏ ବିରି କିଏ ହାତ ତିଆର ଆରିସା ପିଠା ଆଉ କିଏ ତଟକା ପରିବା କିଛି ଭେଟି ଦେବାକୁ

ଭୁଲିନଥିଲେ। କିନ୍ତୁ ଫ୍ଲାଇଟ୍‌ରେ ଯିବା ହେତୁ ଏତେ ଜିନିଷ ନେଇକି ଯିବା ଅସମ୍ଭବ। ତେଣୁ ମୃଦୁ ଆପତ୍ତିର ସ୍ୱର ଉଠେଇଥିଲେ ନିଶାନ୍ତ।

ସ୍ଥିର ହୋଇଥିଲା ଆଗାମୀ ସପ୍ତାହରେ ନବୀନ ଓ ଅସୀମ୍ ବାଙ୍ଗାଲୋର ଯିବେ। ନବୀନ୍ ପାଇଁ ଆଉ ଚିନ୍ତା ନଥିଲା ପ୍ରଭାକରଙ୍କର। ନିଶାନ୍ତ ଏତେବଡ଼ କମ୍ପାନୀର ସଇଓ ତେଣୁ ନବୀନର ତ ଚାକିରୀ ନିଶ୍ଚୟ ହେଇଯିବ। ତ ଛଡ଼ା ଅସୀମ୍ ତ ତାଙ୍କର ଘର ପିଲାଭଳି। ଅନ୍ତତଃ ସାଧାରଣ ଚାକିରୀ ଖଣ୍ଡେ ତା'ପାଇଁ ବୁଝିଦେଲେ ବି ଚଳିବ।

ନିଶାନ୍ତ ଓ ରେଖା ଆସିବା ଦିନରୁ ନବୀନ ଓ ଅସୀମ ତାଙ୍କ ପାଖେ ପାଖେ ରହି ଚର୍ଚ୍ଚା କରିବାରେ ବ୍ୟସ୍ତ। କାକା ଖୁଡ଼ୀଙ୍କର ଯେମିତି କିଛି ଅସୁବିଧା ନହୁଏ ସେଥିପାଇଁ ଦୁହେଁ ଖୁବସ୍ ସଚେତନ ଥିଲେ।

ନିର୍ଦ୍ଦିଷ୍ଟ ଦିନରେ ନିଶାନ୍ତ ଓ ରେଖା ବାଙ୍ଗାଲୋର୍ ଚାଲିଗଲେ।

ପ୍ରଭାକର ଓ ସୁଶିଳା ବିଭିନ୍ନ ଦ୍ରବ୍ୟ ସଜାଡ଼ିବାରେ ଲାଗିପଡିଲେ। ଏମାନେ ତ ଟ୍ରେନ୍‌ରେ ଯିବେ। ଅସୁବିଧା ନାହିଁ ଜିନିଷପତ୍ର ନେବାରେ। ତେଣୁ ଘରୁ ହାତ ତିଆରି ଆରିସା ପିଲା କିଛି ପନିପରିବା ମଧ୍ୟ ଆସିଥିଲା।

ସୁରକ୍ଷିତ ଯତ୍ନର ବଳୟ ମଧ୍ୟରେ ସବୁ ସଜଡ଼ା ହୋଇଗଲା। ପିଲା ଦୁହେଁ ବାଙ୍ଗାଲୋର ଅଭିମୁଖେ ଟ୍ରେନ୍ ଧରିଲେ।

ଯଥାସମୟରେ ପହଞ୍ଚିଗଲେ ବାଙ୍ଗାଲୋର ଷ୍ଟେସନରେ। ନିଶାନ୍ତ ଗାଡ଼ି ପଠେଇଥିଲେ। ଗାଁରୁ ନେଇଥିବା ଜିନିଷପତ୍ରରେ ଗାଡ଼ି ଡିକି ଭର୍ତ୍ତି ହୋଇଗଲା। ଡ୍ରାଇଭର ସହ ଆସିଥିବା ଭଦ୍ରବ୍ୟକ୍ତି ଜଣକ ନିଶାନ୍ତ ପଠେଇଥିବା ଜଣେ ଅଣଓଡ଼ିଆ କର୍ମଚାରୀ ନିଶ୍ଚୟ। ନିଜର ପରିଚୟ ଦେବା ସହିତ ନବୀନ୍ ଓ ଅସୀମ ଥିବା ପର୍ଯ୍ୟନ୍ତ ତାଙ୍କୁ ବୁଲାବୁଲି କରାଇବା ଦାୟିତ୍ୱ ତାଙ୍କର ବୋଲି କହିଥିଲେ। ବ୍ୟକ୍ତି ଜଣକ ବେଶ୍ ନମ୍ର ଏବଂ ନିଶାନ୍ତଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଛି... ଏହା ବୁଝି ପାରିଥିଲେ ନବୀନ ଓ ଅସୀମ।

ବ୍ୟକ୍ତି ଜଣକ ନିଜର ନାମ "ଆରୋସିକ୍" ବୋଲି କହିଥିଲେ। "ଆରୋସିକ୍"କୁ ନେଇ ଏ ଦୁହିଁଙ୍କ ମନରେ ଅନେକ ପ୍ରଶ୍ନ ଉଠିଥିଲା। ସେ କେବେଠାରୁ ଚାକରୀ କଲେଣୀ, କେତେ ଦରମା ପାଆନ୍ତି, ତାଙ୍କର ଶିକ୍ଷାଗତ ଯୋଗ୍ୟତା କ'ଣ ଇତ୍ୟାଦି ମନକୁ ଆସୁଥିଲେ ମଧ୍ୟ ସ୍ୱଳ୍ପ ସମୟ ଦେଖା ମଧ୍ୟରେ ଏସବୁ ପ୍ରଶ୍ନ ପଚାରିବା ଉଚିତ ହେବନି ବୋଲି ଭାବି ନେଇଥିଲେ।

ନିଶାନ୍ତଙ୍କ ଘର ସାମ୍ନାରେ ଗାଡ଼ି ରହିଲା। ଦରଓ୍ୱାନ୍ ଗେଟ୍ ଖୋଲିଥିଲା। ନବୀନ୍‌ର ମନରେ ଉଲ୍ଲସିତ ଭାବ। ସତରେ କେତେ ବଡ଼ ବଙ୍ଗଳା। ଏଇ ପ୍ରଥମ କରି ଦେଖବାର ସୁଯୋଗ ମଳିଛି। ଦରସ୍ୱାନ୍ ସାଲ୍ୟୁଟ୍ ଦେଖି ଭିତରେ ଭିତରେ ବଡପଣିଆର ଝଲକଟିଏ ବିଦ୍ୟୁତ୍‌ରେଖା ଭଳି ଖେଳିଗଲା।

ତିନି ଚାରିଜଣ ଅର୍ଡଲି ଗାଡ଼ିର ଡିକିରୁ ଜିନିଷପତ୍ର କଢ଼ିନେଇ ଭିତରକୁ ଗଲେ। ନବୀନ୍ ଓ ଅସୀମ୍ ନିଜ ନିଜ ବାକ୍ସ କାଢିବାକୁ ଗଲାବେଳେ ଆରୋସକ୍ ମାନ କରିଥିଲେ। ଏସବୁ ହୋଟେଲରେ କଢ଼ା ହେବ ବୋଲି କହିଥିଲେ। କିଛି ବୁଝି ନପାରିବା ଭଳି ଆରୋସିକ୍ ପଛେ ପଛେ ଦୁହେଁ ଭିତରକୁ ଗଲେ।

କାକା ଖୁଡ଼ୀ ହସି ହସି ପାଛୋଟି ଡ୍ରଇଂରୁମ୍‌ରେ ବସେଇଲେ। ନିଶାନ୍ତ କହିଲେ- "ଏଠାରୁ ଦୁଇ କିଲୋମିଟର ଦୂରରେ ତୁମପାଇଁ ହୋଟେଲ୍ ବୁକ୍ କରିଛି। ସେଠି ରହିବ। ଆରୋସିକ୍‌କୁ କହିଛି ତୁମ ଦୁହିଁଙ୍କୁ ଖୁବ୍ ଭଲ ଭଲ ଜାଗା ବୁଲେଇନେବ।"

ନରମ ଗଳାରେ ଖୁଡ଼ୀ କହିଲେ - "ପ୍ରଥମଥର ପାଇଁ ବାଙ୍ଗାଲୋ ଆସିଛ ଯେତେବେଳେ ଏଠି... ଏମିତି ଆମ ସାଙ୍ଗରେ ରହିଲେ ତୁମେ ଖ'ଣ ଏନ୍‌ଜଏ କରି ପାରିବ ?"

ଆରୋସିକ୍‌କୁ ଡାକି ଦୁଇଜଣକୁ କୋଉଠି ବୁଲେଇ ନେବ ପୁରା ଲମ୍ବା ଲିଷ୍ଟ ଧରେଇ ଦେଲେ। "ତୁରନ୍ତ ହେଟେଲରେ ନେଇ ଛାଡ଼ିଦେଲେ ପିଲାମାନେ ଫ୍ରେସ୍ ହେବେ" ଏଭଳି ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

ନବୀନର ଇଚ୍ଛା ଥିଲା ଏଇଠି ଖୁଡ଼ୀଙ୍କ ସାଙ୍ଗରେ ରହିବାକୁ। କିନ୍ତୁ କାକା ଅଧିକ ଯତ୍ନଶୀଳ ନା... ସେମାନେ ଏଠି ନ ରୁହନ୍ତୁ ବୋଲି ମନରେ ଭାବୁଛନ୍ତି... କିଛି ବୁଝି ପାରୁନଥିଲା ସେ।

ନିଶାନ୍ତ କହିଲେ- "ଯାଅ ଯାଅ ଖୁବ୍ ଟାୟାଡ୍ ଦିଶୁଛ ହୋଟେଲରେ ଯାଇ ଫ୍ରେସ୍ ହେଇ, ଖିଆପିଆ କରି ଟିକେ ରେଷ୍ଟ ନେଇଯାଅ ତା ପରେ ଆରୋସିକ୍ ସାଙ୍ଗରେ ବୁଲିଯିବ। ମୁଁ ଯାଉଛି ଅଫିସ୍ ଯିବାପାଇଁ ରେଡ଼ି ହେବି।"

ନବୀନ କହିଲା- "କାକା ତମେ ଆଉ ଖୁଡ଼ୀ ଆମ ସାଙ୍ଗରେ ବୁଲିଗଲେ ହୁଅନ୍ତାନି ?"

ହିସଲେ ନିଶାନ୍ତ।- "ଆରେ ବାବା ମୋର ସମୟ କାହିଁ ? ଅଫିସ୍ କାମରୁ ଫୁରୁସତ୍ ମିଳିଲେ ତ ?"

ସତେ ତ ! କାକା ସିଇଓ, ଅନେକ ଦାୟିତ୍ୱ ତୁଲାଉଥିବେ, ତାଙ୍କୁ ଆଉ ବାଧ ନକରି ନବୀନ୍ କହିଲା- "ଆମର ରେଷ୍ଟ୍ ନେବା ଦରକାର ନାହିଁ କାକା, ଆମେ ପ୍ରଥମେ ତୁମ ଅଫିସ୍ ଦେଖିବାକୁ ଯିବୁ।"

ଠିକ୍ ଅଛି କହି ଭିତରକୁ ଗଲେ ନିଶାନ୍ତ। ଖୁଡୀ ନବୀନ ଓ ଅସୀମ୍‌ଙ୍କର ଭଲ ଯତ୍ନନେବା ପାଇଁ ଆରୋସିକ୍‌କୁ ନିର୍ଦ୍ଦେଶ ଦେଇଥିଲେ କୋମଳ ସ୍ୱରରେ।

ଆରୋସିକ୍‌ଙ୍କର ଇଙ୍ଗିତରେ ଦୁହେଁ ଉଠିଲେ ଯିବାପାଇଁ। ନବୀନର ଇଚ୍ଛାଥିଲା ଘରଟା ବୁଲି ଦେଖିବାପାଇଁ। କିନ୍ତୁ ଏଇଟା ତ ପ୍ରକୃତ ସମୟ ନୁହେଁ। କାକା ଖୁଡ଼ୀ ବ୍ୟସ୍ତ ଅଛନ୍ତି। କାକାଙ୍କର ଅଫିସ୍ ବେଳ ହେଇଗଲାଣି ବୋଧହୁଏ। ତେଣୁ ମନର ସବୁ ଇଚ୍ଛାକୁ ଚାପି ଆରୋସିକ୍‌ଙ୍କର ପଛେ ପଛେ ଯାଇ ଗାଡ଼ିରେ ବସିଲେ ଦୁହେଁ।

ହୋଟେଲ ଭିତରକୁ ଗଲାବେଳେ ସ୍ୱର୍ଗପୁରୀରେ ପ୍ରବେଶ କରିବା ଭଳି ଲାଗୁଥିଲା ନବୀନ ଓ ଅସୀମ୍‌ଙ୍କୁ। ଯା'ହେଉ କାକାଙ୍କ ଦୟାରୁ ଏଭଳି ହୋଟେଲ୍‌ରେ ସେମାନେ ରହିବାର ସୁଯୋଗ ମିଳିଛି ଯେତେବେଳେ ହାତଛଡ଼ା କରିବା ଠିକ୍ ନୁହେଁ। ଏଠି ଚାକିରୀ ହେଲାପରେ ତ କାକାଖୁଡ଼ୀଙ୍କ

ପାଖରେ ରହିହେବ, ତେଣୁ ସମୟଟା କେବଳ ଉପଭୋଗର ସମୟ।

କାଚଘର ସଦୃଶ ଦିଶୁଥିବା ଲିଫ୍‌ଟରେ ପାଞ୍ଚମହଲା ଉପରକୁ ଯିବାବେଳେ ରାସ୍ତାରେ ଯାଉଥିବା ଯାନବାହାନ ଗୁଡ଼ିକ ବେଶ୍ ସୁନ୍ଦର ଦିଶୁଥିଲା।

ଏକାପୋଷାକ ପରିଧାନ କରିଥିବା ପାଞ୍ଚଜଣ ରିସେପ୍‌ନିଷ୍ଟଙ୍କ ମଧ୍ୟରୁ ଜଣକ ପାଖକୁ ଯାଇ ରୁମ୍ ବୁକ୍ କରିଥିବା ଚିଠି ଦେଖାଇଲେ ଆରୋସିକ୍। କାଗଜପତ୍ର ତଦାରଖ କରି ନବୀନ ଓ ଅସୀମଙ୍କର କାର୍ଡ ଦେଖି ରିସେପ୍‌ସନିଷ୍ଟ ଜଣକ ହୋଟେଲର ଏକ ଯୁବକର୍ମଚାରୀଙ୍କୁ ରୁମ୍ ଚାବି ଦେଇ ରୁମ୍‌କୁ ଏମାନଙ୍କ ବ୍ୟାଗ୍ ନେଇ ଯିବାକୁ ନିର୍ଦ୍ଦେଶ ଦେଇଥିଲେ।

ରୁମ୍ ଖୋଲା ହେଲାପରେ ଆରୋସିକ୍ ସେମାନଙ୍କୁ ରୁମ୍‌ରେ ଛାଡ଼ି ବିଦାୟ ନେଲେ। କିଛି ସମୟପରେ ଆସିଲେ ଆସିଲେ ସେମାନଙ୍କୁ ନିଶାନ୍ତଙ୍କ ଅଫିସ୍‌କୁ ନେଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଦୁହିଁଙ୍କର ଆଖି ଘୁରି ବୁଲୁଥିଲା ରୁମ୍ ସାରା। ଇସ୍ କି ସୁନ୍ଦର ରୁମ୍। ସଜଡ଼ା ହୋଇଥିବା ବେଡ଼। ପାଖରେ କପ୍‌ବୋର୍ଡ଼। ଲୁଗାପଟା ବାକ୍ସ ରଖି ଦୁହେଁ ବାଥ୍‌ରୁମ୍ ଖୋଲି ଦେଖିଲେ। ସିନେମାରେ ଦେଖିଥିବା ବାଥ୍‌ରୁମ୍। ରୁମ୍ ସବୁ ଆଖିରେ ଛବି ଭଳି ଆଙ୍କି ହେଇଗଲା। ଗରମ ପାଣି, ଥଣ୍ଡା ପାଣି, ବାଥ୍ ଟବ୍, ସବୁର ବ୍ୟବସ୍ଥା ଅଛି। ବଡ଼ି ସମ୍ପୋରୁ ଆରମ୍ଭ କରି ଟାଉଏଲ ବାଥରୁମ୍ ସ୍ଲିପର ପର୍ଯ୍ୟନ୍ତ ସୁନ୍ଦର ଭାବରେ ସଜଡ଼ା ହେଇ ରହିଛି।

ଏ ହୋଟେଲରେ ଆତିଥ୍ୟ ଗ୍ରହଣ କରିଥିବା ଲୋକମାନେ ସକାଳର ଖାଇବାଟା ମାଗଣା ଖାଆନ୍ତି।

କୋଉଠୁ କ'ଣ ଖାଇବା ଆରମ୍ଭ କରିବେ ବୁଝିପାରୁନଥିଲେ ନବୀନ୍ ଓ ଅସୀମ୍। କର୍ଣ୍ଣଫ୍ଲେକ୍ସ କ୍ଷୀର, ଛୋଲେ ବଟୋରେ, ଇଡ଼ଲି ଉପମା, ଆଲୁପରଟା, ବିଭିନ୍ନ ପ୍ରକାର ଫଳ, ଜୁସ୍ କଫି ସବୁକିଛି ସେଠାରେ ଅଛି। ଦୁହେଁ ଦୁହିଁଙ୍କୁ ଚାହିଁ କୁହାକୁହି ହେଲେ- "ଏଇତ ଆରମ୍ଭ... ବେଶୀ ଗୁଡ଼ାଏ ଲୋଭରେ ଖାଇଦେଲେ ଦେହ ଖରାପ ହେଲେ ସୁନ୍ଦର ଜାଗା ବୁଲିଯିବାରେ ଅସୁବିଧା ହେଇଯିବ।" ମନକଥା କହି ଆରୋସିକ୍‌ଙ୍କ ମୁହଁକୁ ଚାହିଁଲେ। ନାଁ ସେ ଓଡ଼ିଆ ବୁଝନ୍ତିନି। ଭୁଲ୍‌ରେ ପାଟିରୁ ମଝିରେ ମଝିରେ ଓଡ଼ିଆ ବାହାରି ପଡିଲେ ଧରିପାରନ୍ତିନି ଆରୋସିକ୍। ନବୀନ ଓ ଅସୀମ କାମଚଳା ହିନ୍ଦି କହି କହି ଆରୋସିକ୍‌ଙ୍କ ସହିତ ଭାବବିନିମୟ କରିବାକୁ ପଡ଼େ।

ବ୍ରେକ୍‌ଫାଷ୍ଟ ପରେ କକାଙ୍କ ଅଫିସ୍ ଦେଖିବା ମୋହରେ ଆଗେଇଲେ। ସେଇ ହୋଟେଲ୍‌ରୁ ଅଫିସ୍ ବେଶ୍ ଦୂର। ବଡ଼ବଡ଼ କୋଠାଘର, କେତେ ପ୍ରକାର ଗାଡ଼ି, ଦୋକାନ ବଜାର ଅତିକ୍ରମ କରିବା ସମୟରେ ବେଶ୍ ବିଭୋର ହେଉଥିଲେ ଦୁହେଁ। ଯା'ହେଉ ଚାକିରୀ କରିବାପରେ ଏତେ ସୁନ୍ଦର ସହରରେ ରହିବାର ସୌଭାଗ୍ୟ ମିଳିବ। ପ୍ରାୟ ଦେଢ଼ଘଣ୍ଟା ପରେ ଅଫିସ୍ ନିକଟରେ ପହଞ୍ଚିଲା ଗାଡ଼ି। ଏଁ ଏତେବଡ଼ ଗେଟ୍... ? ନବୀନ ପହଞ୍ଚୁ ପହଞ୍ଚୁ ଫୋନ୍ ଲଗେଇଲା କକାଙ୍କୁ। ନା... ସବ୍‌ସ୍କ୍ରାଇବର ବିଜି... କହୁଛି। କକା ବୋଧେ ମିଟିଂରେ ଥିବେ କହି ମୋବାଇଲ୍‌ଟାକୁ ପକେଟ୍‌ରେ ପୁରାଇଲା।

ସିକ୍ୟୁରିଟି ଗାର୍ଡ ଦୁଇଜଣ ସାଲ୍ୟୁଟ୍ ମାରି ସେଇ ବିରାଟ ଗେଟ୍‌ଟିକୁ ସମ୍ପୂର୍ଣ୍ଣ ଭାବରେ ଖୋଲାକଲେ। ଆରୋସିକ୍ ସିକ୍ୟୁରିଟି ଗାର୍ଡଙ୍କର ଅଭିବାଦନର ପ୍ରତ୍ୟୁତ୍ତର ସହ ଭିତରକୁ ପ୍ରବେଶ କଲେ। ଦୁହେଁ ତାଙ୍କ ପଛେ ପଛେ ଚାଲିଲେ, ଏତେବଡ଼ ଅଫିସ୍... ? ଗୋଟିଏ ଦିନରେ ବୁଲିଦେଖିବା ଅସମ୍ଭବ, ଏମାନଙ୍କୁ ୱେଟିଂରୁମ୍‌ରେ ବସେଇ ଭିତରକୁ ଗଲେ ଆରୋସିକ୍।

ଅସୀମ କହଲା- ବୁଝିଲୁ ନବୀନ... ଏ କ'ଣ ଯାହିତାହି କମ୍ପାନୀ ହୋଇଛି ? ମଲ୍‌ଟି ନ୍ୟାସନାଲ୍ କମ୍ପାନୀ। ଯାହା କହ ଏଠି ଚାକିରୀ ପାଇଲେ ଆମ ଭାଗ୍ୟ ଖୋଲିଯିବ।

ନବୀନର ତ କକାଙ୍କ ଉପରେ ଶହେଭାଗ ବିଶ୍ୱାସ। ଲାଗୁଥିଲା ଚାକିରୀଟା ତ କକାଙ୍କ ହାତରେ। ତେଣୁ ହେଇଗଲା ଜାଣ। ଆଖିରେ ପଡ଼ିଲା ଆଗରେ ଗୋଟାଏ ଶୀତତାପ ନିୟନ୍ତ୍ରିତ ବରାଟ ଅଲ। ଲେଖାଅଛି "ଟ୍ରେନିଂ ସେକ୍‌ସନ"। ହଲ୍ ବାହାରେ କଫି, ଚା'ର ମେସିନ୍ ରହିଛି।

ଶୃଙ୍ଖଳିତ ପରିବେଶ। ଏଠି ଯେମିତି କଥା କହିବା ମନା, ଗପସପର ପ୍ରଶ୍ନ ନାହିଁ। ସବୁ ଚୁପ୍‌ଚାପ। ଏତେ କର୍ମଚାରୀ ଯିବା ଆସିବା କରୁଛନ୍ତି ଅଥଚ... ହୋ ହଲ୍ଲା ନାହିଁ।

ଆରୋସିକ୍ ଆସି ଗୋଟିଏ କାର୍ଡ ଧରେଇ କହିଲେ- "ଇଉ ମୋ କମ୍ ଉଇଥ୍ ମି"।

ନବୀନ ଓ ଅସୀମ ଚାଲେ ଆରେସିକ୍ ପଛେ ପଛେ। ଆଉ କିଛି ନଦେଖିଲେ ନାହିଁ ଅନ୍ତତଃ କକାଙ୍କ ବସିବା ଜାଗାଟା ଦେଖିଦେଲେ ଆଖି ପବିତ୍ର ହୋଇଯିବ।

ବିଭିନ୍ନ ସେକ୍‌ସନ୍ ଅତିକ୍ରମ କରିଯିବାପରେ ଆଖି ପଡ଼ିଲା, ଲେଖାଅଛି- "ନିଶାନ୍ତ ତ୍ରିପାଠୀ ସିଇଓ"। ଗର୍ବ ଓ ଗୌରବରେ ନବୀନ୍‌ର ମନ ଭରିଗଲା। ମୁହଁ ଉଜ୍ଜ୍ୱଳ ଦିଶୁଥିଲା।

ଚାମ୍ବର ଦ୍ୱାର ପାଖରେ ଛିଡ଼ା ହୋଇଥିବା ସିକ୍ୟୁରିଟି ଜଣକ କାର୍ଡ ଦେଖି ଭିତରକୁ ଯିବାପାଇଁ ଅନୁମତି ଦେଲେ। ଖୁବ୍ ବଡ଼ ରୁମ୍। ପାଦତଳେ ନରମ ଗାଲିଚା। କକାଙ୍କ ସିଟ୍ ପାଖକୁ ଗଲାବେଳକୁ କାଚର ବିରାଟ ଡିଭାଇଡର ଅଛି। କକା ମିଟିଂରେ ଥିବାରୁ କେବଳ ତାଙ୍କର ବସିବା ସ୍ଥାନଟିକୁ ଡିଭାଇଡର ଏପଟେ ଥାଇ ଦେଖି ଫେରିଆସିବାକୁ ପଡ଼ିଲା। ଆରୋସିକ୍ ଜଣେଇଦେଲେ ଆଜି ସନ୍ଧ୍ୟା ପାଞ୍ଚଟା ପର୍ଯ୍ୟନ୍ତ ସାର୍ ବିଜି। ତେଣୁ ତାଙ୍କୁ ଆଉ ଭେଟି ହେବନି।

ସନ୍ଧ୍ୟାରେ କକାଙ୍କ ଘରୁ ଯାଇ ଦେଖା କରିବାର ଇଚ୍ଛା ନବୀର ପ୍ରକାଶ କରିଥିଲା। କିନ୍ତୁ ସନ୍ଧ୍ୟାରେ ସେମାନଙ୍କର କେଉଁ କେଉଁ ସ୍ଥାନକୁ ଯିବାପାଇଁ ଅଛି ତା'ର ଲମ୍ବା ଲିଷ୍ଟ ଦେଖେଇ ଦେଇଥିଲେ ଆରୋସିକ।

ବିସ୍ମିତ ହୋଇଥିଲେ ନବୀନ ଓ ଅସୀମ। ଚାରିଦିନ ପ୍ରୋଗ୍ରାମରେ ବିଭିନ୍ନ ହୋଟେଲ୍‌ରେ ରହଣୀ, ବିଭିନ୍ନ ସ୍ଥାନ ବୁଲିଯିବାର ଲିପିବଦ୍ଧ ଯୋଜନା ଟାଇପ୍ ହୋଇରହିଛି। ସବୁ ନୂଆ ନୂଆ ଲାଗୁଥିଲା।

କକାଙ୍କ ଅଫିସରୁ ଫେରିଆସିଥିଲେ ସେମାନେ। ତୁରନ୍ତ ଟ୍ୟାକ୍ସିରେ

ବସି ଆରୋସିକ୍‌ଙ୍କ ସହିତ ଯାତ୍ରା ଆରମ୍ଭ କଲେ। ସୁଦୃଶ୍ୟ ବିଭିନ୍ନ ଆପାର୍ଟମେଣ୍ଟ, ବଡ଼ ବଡ଼ ମଲ୍ ଇତ୍ୟାଦି ଦେଖି ଆଖି ଖୋସି ହେଇଯାଉଥିଲା। ଲାଗୁଥିଲା ସତେଯେମିତି ସବୁ ଅର୍ଥ, ପ୍ରତିଷ୍ଠା, ପ୍ରତିପତ୍ତି ଏବଂ ଆଇଟି ସେକ୍ଟରକୁ ନେଇ ବାଙ୍ଗାଲୋର ଭାରତର ଏକ ମୁଖ୍ୟ ସ୍ଥାନ ଅଧିକାର କରିପାରିଛି। ରାସ୍ତାର ଦୁଇପାର୍ଶ୍ୱରେ ଥିବା ସବୁଜିମା, ସୁନ୍ଦର ସୁନ୍ଦର ପାର୍କ ବେଶ୍ ଆକର୍ଷଣୀୟ ମନେ ହେଉଥିଲା।

ବିଳମ୍ବିତ ମଧ୍ୟାହ୍ନଭୋଜନ ସାରି "ଉଲସୁର ଲେକ୍" ପାଖରେ ପହଞ୍ଚିଲେ ସେମାନେ। ଏତେବଡ଼ ଲେକ୍... ? ଲେକ୍ ପାଖରେ ବେଶ୍ ଜନସମାଗମ। କିନ୍ତୁ ଶୃଙ୍ଖଳିତ ନିୟମ ଅନୁସାରେ ବୋଟିଂ ପାଇଁ ଟିକେଟ କାଟି ନେଇ ଆସିଲେ ଆରୋସିକ୍। ନବୀନ ଓ ଅସୀମ ବୋଟିଂ କରି ଫେରିଆସିଲେ ଯଥା ସମୟରେ। ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣ ଝରି ପଡୁଥିଲା ହ୍ରଦ-ଜଳରେ। ମନଭରି ଭଲ ପୋଜ୍ ଦେଇ ନବୀନ ଓ ଅସୀମ ସେଲ୍‌ଫି ନେଇଥିଲେ। ଅଳ୍ପ ସମୟ ଭିତରେ ଫଟୋ କେଇଟା ଫେସ୍‌ବୁକ୍ ମାଧ୍ୟମରେ ଛାଡ଼ି ଦେଇଥିଲେ। ସାଙ୍ଗମାନଙ୍କର କମେଣ୍ଟ ଆସିଥିଲା ଫଟାଫଟ୍।

ହସ ଖୁସିର ମୁହୂର୍ତ୍ତଟା କେମିତି ଚାଲିଯାଏ ଜଣାପଡ଼େନି। ଖୁବ୍ ଛୋଟ ଲାଗିଥିଲା ବିତିଯାଇଥିବା ଦିନର କଳେବର। ବାଙ୍ଗାଲୋରର ରୂପସୀ ସଞ୍ଜ ଠିଆ ହେଇ ହାତ ଠାରୁଥିଲା ପୁଲକିତ ଭାବରେ।

ଆକର୍ଷଣୀୟ କାପେ କଫି ଡରେ କଫି ପିଆଇଥିଲେ ଆରୋସିକ୍। ଖୁଡୀଙ୍କ ଠାରୁ ବାଙ୍ଗାଲୋର୍ର ଇସ୍‌କନ୍ ମନ୍ଦିର ସମ୍ପର୍କରେ ଶୁଣିଥିଲ ନବୀନ। ଆରୋସିକ୍ ତାଙ୍କ ପାଖରେ ଥିବା ଲିଖିତ ଯାତ୍ରା ଯୋଜନାର କାଗଜ କାଢ଼ି ଦେଖିଲେ। ଯୋଜନା ବହିର୍ଭୂତ ହୋଇଥିଲେ ମଧ୍ୟ ଏ ଦୁହିଁଙ୍କର ଇଚ୍ଛା ବିରୋଧି ନ ହୋଇ ଇସ୍‌କ୍ ମନ୍ଦିର ଅଭିମୁଖେ ଯିବାପାଇଁ ଟ୍ୟାକ୍ସି ଡ୍ରାଇଭରକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ଦିର ଦର୍ଶନ ସାରି ମଲ୍‌ରେ ବୁଲାବୁଲି କରିବାପରେ ଦାମୀ ରେଷ୍ଟୁରାଣ୍ଟରେ ରାତ୍ରଭୋଜନ ଶେଷ କରି ହେଟେଲ୍‌କୁ ଫେରିଥିଲେ।

ପରଦିନ ମହୀଶୂର ଯିବାପାଇଁ ଠିକ୍ ସମୟରେ ପ୍ରସ୍ତୁତ ହୋଇଗଲେ ନବୀନ୍ ଓ ଅସୀମ୍। ଅରୋସିକ ପହଞ୍ଚିଥିଲେ ହୋଟେଲରେ। ପୂର୍ବଦିନ ଭଳି ବିଭିନ୍ନ ରକମର ସ୍ୱାଦିଷ୍ଟ ଜଳଖିଆରେ ପେଟ ଭରିଥିଲା। ଗୋଟିଏ ମିନିଟ୍ ପାଇଁ କାକାଙ୍କ ସହିତ ଫୋନ୍ ମାଧ୍ୟମରେ କଥା ହୋଇଥିଲ ନବୀନ। କାକା ତ ଏତେ କାର୍ଯ୍ୟବ୍ୟସ୍ତ ଯେ ଗୋଟିଏ ମିନିଟ୍ ତାଙ୍କ ପାଇଁ ବେଶ୍ ମହଙ୍ଗା। ତେଣୁ ଭଲ ଭାବରେ ଏନ୍‌ଜଏ କର କହି କଥାବାର୍ତ୍ତାରେ ପୂର୍ଣ୍ଣଛେଦ ପକାଇଥିଲେ କାକା।

ପୂର୍ବରୁ ଟିପୁ ସୁଲତାନଙ୍କ ରାଜଧାନୀ ଶ୍ରୀରଙ୍ଗାପନ୍ ଦେଖିବାର ଇଚ୍ଛାଥିଲା ନବୀନର। ମନକଥାଟା ଆରୋସିକଙ୍କୁ ଜଣେଇବା ପରେ ଟିକେ ହେୟଜ୍ଞାନ କଲାଭଳି ଆରୋସିକ୍ ହିନ୍ଦି ଭାଷାରେ ବୁଝେଇ ଦେଇଥିଲେ। ତାଙ୍କ କଥାର ମର୍ମଥିଲା- "ଐତିହାସିକ ସ୍ଥଳ ହୋଇପାରେ କିନ୍ତୁ ସେଠାରେ ତୁର୍କୀ ଓ ଭାରତୀୟ ମିଶ୍ରିତ ସ୍ଥାପତ୍ୟରେ ଗଢ଼ି ଉଠିଛି ଅନେକ ଗୁଡ଼ିଏ ଗମ୍ବୁଜାକୃତି କବର। ବରଂ ମହୀଶୂର ପ୍ୟାଲେସ୍ ଦେଖିବାରେ ଆନନ୍ଦ ମିଳିବ।" ତଥାପି ନବୀନ ଓ ଅସୀମଙ୍କର ଇଚ୍ଛାକୁ ସମ୍ମାନ ଜଣେଇ ଶ୍ରୀରଙ୍ଗାପଟନମ୍ ଯାଇଥିଲେ।

ବୁଲାବୁଲି ସାରିବାପରେ କିଛିସମୟ ପରେ ରାଜକୀୟ ଐଶ୍ୱର୍ଯ୍ୟ ଭରପୁର ମହୀଶୂର ପ୍ୟାଲେସ୍‌ରେ ପହଞ୍ଚିଲା ଟ୍ୟାକ୍ସି। ରାଜାଶୂନ୍ୟ ସ୍ୱର୍ଣ୍ଣଖଚିତ ରାଜପ୍ରାସାଦ ଏବେବି ଆକର୍ଷଣୀୟ। ପର୍ଯ୍ୟଟକ ମାନଙ୍କର ଦୃଷ୍ଟିରେ ଅତୀତର ବିଳାସବ୍ୟସନ, ପ୍ରାଚୁର୍ଯ୍ୟ ଇତ୍ୟାଦିର ସମ୍ୟକ ଧାରଣା ଆଙ୍କି ହୋଇ ରହିଯାଏ ଯେମିତି। ଦୁଇସାଙ୍ଗ ମୁଗ୍ଧ ହୋଇ ଦେଖୁଥିଲେ ସବୁ।

ମହୀଶୂରର ବିଭିନ୍ନ ପର୍ଯ୍ୟଟନ ସ୍ଥାନ ଦେଖିବା ଭିତରେ ବୃନ୍ଦାବନ ଗାର୍ଡ଼ନ ବୁଲିଦେଖିଲାବେଳେ ମନଖୁସିରେ କାକାଙ୍କୁ ଫୋନ୍ ଲଗେଇ ଥିଲା ନବୀନ। କାକାଙ୍କର ସ୍ନେହ ସଦିଚ୍ଛା ପାଇଁ ସେମାନେ ଏତେ ସୁନ୍ଦର ସୁନ୍ଦର ଜାଗା ଦେଖିବାର ସୁଯୋଗ ପାଇଛନ୍ତି। କିନ୍ତୁ କାକା କାର୍ଯ୍ୟ ବ୍ୟସ୍ତତା ଭିତରେ ଫୋନ୍ ଉଠେଇ ପାରିନଥିଲେ। କାକାଙ୍କ ଉଦ୍ଦେଶ୍ୟରେ ଥିବା କୃତଜ୍ଞତା ମନ ଉପବନରେ ଫୁଲଟିଏ ଭଳି ଫୁଟି ଝରିପଡିଲା ସତେ ! ତାଙ୍କୁ ଯେତେ କୃତଜ୍ଞତା ଜଣେଇଲେ ମଧ୍ୟ ଭାଷାରେ କମ୍ ପଡିବ ଭାବି ଦୁଇ ସାଙ୍ଗ କେବଳ କାକାଙ୍କର ଗୁଣଗାନ କରି ନିଜ ଭିତରେ ବାଣ୍ଟିଲେ।

ହାତରେ ଆଉ ଦୁଇଦିନ ଥିଲା ଉଟିରେ ସମୟ କାଟିବା ପାଇଁ। ଡ୍ରାଇଭର କହିବା ଅନୁଯାୟୀ ତିନି ଚାରି ଘଣ୍ଟାରେ ପହଞ୍ଚିଯିବେ ଉଟିରେ। ଆରୋସିକ୍ ଚୁପ୍‌ଚାପ୍ ବସିଥାନ୍ତି ଡ୍ରାଇଭର ପାଖ ସିଟ୍‌ରେ। ଖୁବ୍ କମ କଥାବାର୍ତ୍ତା କରନ୍ତି। ନ ପଚାରିଲେ ତାଙ୍କଠାରୁ କିଛି ଶୁଣିବାକୁ ମିଳେନି। କେବଳ ଭଲ ସ୍ଥାନ ଦେଖିଲେ ଡ୍ରାଇଭରକୁ ଗାଡି ଅଟକେଇବାକୁ କୁହନ୍ତି।

ପାହାଡ଼ଘେରା ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। ବଟାନିକାଲ ଗାର୍ଡନ, ପାଇବ୍ରା ଲେକ୍, ନିଲିଗ୍ରିମାଉଣ୍ଟେନ୍, ରୋଜଗାର୍ଡନ, ସୁନ୍ଦର ସିନେମା ସୁଟିଂ ସ୍ଥାନ ଦେଖି ବିହ୍ୱଳିତ ହେଉଥିଲେ ନବୀନ ଓ ଅସୀମ। ଏତେ ସୁନ୍ଦର ପରିବେଶ, ପ୍ରାକୃତିକ ସୌନ୍ଦର୍ଯ୍ୟ କେବଳ ବହିରେ ପଢିଥିଲେ, ସିନେମାରେ ଦେଖିଥିଲେ, କିନ୍ତୁ କାକାଙ୍କର ଦୟାରୁ ଆଖିରେ ଦେଖିବାକୁ ପଡ଼ିଛି। ଏଥିପାଇଁ ଦୁଇସାଙ୍ଗ କାକାଙ୍କର ପ୍ରଶଂସା ପ୍ରତି ମୁହୂର୍ତ୍ତରେ କରୁଥିଲେ। ବେଳେବେଳେ ଅସୀମ ନିଜକୁ ସଙ୍କୁଚିତ ମନକରି କହୁଥିଲା- "ଯା'ହେଉ ସାଙ୍ଗ ତୋ ଲାଗି ମୋ ଭାଗ୍ୟ ଖୋଲିଗଲା। ନହେଲେ ମୁଁ କିଏ... ? ଏଭଳି ସ୍ଥାନ ସବୁ ଦେଖିବି ବୋଲି ସ୍ୱପ୍ନରେ ଭାବିନଥିଲି।" ଅସୀମର କଥାକୁ ହାଲ୍‌କା ଭାବରେ ନେଇ ନବୀନ କହିଥିଲା- "ଆମେ ବାଙ୍ଗାଲୋରରେ ରହିଲେ ବାରମ୍ବାର ଆସିବା ଏଭଳି ଜାଗାରେ କିଛିଦିନ କଟେଇକି ଯିବା।"

ଆଗରୁ କେବଳ ନନ୍ଦନକାନନରେ ଦେଖିଥିଲେ ବିଭିନ୍ନ ପ୍ରକାର ପଶୁପକ୍ଷୀ କିନ୍ତୁ ଉଟିରୁ ଫେରିବା ମୁଦୁମଲାଇ ରାସ୍ତାରେ ଅନେକ ସଂଖ୍ୟାରେ ହାତୀ, ହରିଣ, ମୟୂର ପ୍ରଭୃତି ଦେଖିବାର ସୁଯୋଗ ମିଳିଥିଲା। ମନରେ ଅହେତୁକ ଉତ୍ତେଜନା ସୃଷ୍ଟି ହେଉଥିଲା ଏଭଳି ଅନୁଭୂତିକୁ ନେଇ।

ବିଭିନ୍ନ ସ୍ଥାନ ଦେଖି ଆନନ୍ଦ ଉପଭୋଗ କରିବାର ସମୟ ସରି ଆସିଥିଲା। ଦୁଇସାଙ୍ଗ ବାଙ୍ଗାଲୋର ଫେରିଥିଲେ। ଏଥର କେବଳ ଚାକିରୀ ଚିନ୍ତାଟା ମନରେ ଅଛି। ଯେତେ ଜଲ୍‌ଦି ନିଶାନ୍ତ କାକାଙ୍କ ଜରିଆରେ

ଆପଏଣ୍ଟମେଣ୍ଟ୍ ଲେଟରଟା ମିଳିଯିବ ସେତେ ଭଲ। ହୋଟେଲ୍‌ରେ ପହଞ୍ଚି ନିଜର ବାୟୋଡାଟା ନେଇ କାକାଙ୍କ ପାଖରେ ଦେବାକୁ ପଡ଼ିବ। କାକା ତ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ତେଣୁ ଦୁଇ ସାଙ୍ଗଙ୍କ ଚାକିରୀ ପକ୍‌କା। ଏଥର ଆଉ ବାଙ୍ଗାଲୋରରୁ ଫେରିବାକୁ ଇଚ୍ଛା ନାହିଁ। ଏହି ଚାକଚକ୍ୟ ସହରଟା ଆଖିରେ ଲେନ୍‌ସ ଭଳି ରହିଯାଇଛି। ବିଶେଷକରି କାକାଙ୍କର ମଲଟ୍ୟାସନାଲ କମ୍ପାନୀର ସେ ଅଫିସ୍‌ଟା... ! ଥଟ୍ଟା କରି ଅସୀମ କହିଲା- "ବୁଝିଲୁ ନବୀନ ତୋର ତ ସେଠି ଚାକିରୀ ହେଇକି ରହିଛି। ମତେ କିନ୍ତୁ କାକା ଯଦି ସିକ୍ୟୁରିଟି ଗାର୍ଡ ପୋଷ୍ଟରେ ରଖିଦେବେନା ମୁଁ ସେଥିପାଇଁ ମଧ୍ୟ ରାଜି ଅଛି।"

ହସିଉଠିଥିଲେ ଦୁଇସାଙ୍ଗ। ହାତ ମିଳେଇ କହିଥିଲେ- "ଆଉ ବାଙ୍ଗାଲୋରରୁ ଗାଁକୁ ଫେରିବାର ନାହିଁ।"

ଆରୋସିକ୍‌ଙ୍କ ସହିତ ଦୁହେଁ ପହଞ୍ଚିଥିଲେ କାକାଙ୍କ ଘରେ। କାକା ବୋଧହୁଏ ପ୍ରସ୍ତୁତ ହେଉଥିଲେ ବାହାରକୁ କୁଆଡ଼େ ଯିବାପାଇଁ। ଡ୍ରଇଂରୁମ୍‌ର ବାହାରେ ପଡ଼ିଥିବା ସୋଫା ଉପରେ ବସିବାକୁ ନିର୍ଦ୍ଦେଶ ଦେଲେ। ଖୁଡ଼ୀ ଗୋଟେ ସପ୍ତାହ ପାଇଁ ତାଙ୍କ ବାପାଙ୍କ ଘର ଦିଲ୍ଲୀ ଯାଇଛନ୍ତି ବୋଲି ଜଣେଇଦେଲେ। ନିଜେ ଗୋଟେ ନୈଶ୍ୟ ଭୋଜୀକୁ ବାହାରିଛନ୍ତି ବୋଲି କହିବାକୁ ଭୁଲିନଥିଲେ।

ନବୀନ ଭାବୁଥିଲା କାକାଙ୍କର ଏମିତି ତରବରିଆ ବ୍ୟସ୍ତ ମୁହୂର୍ତ୍ତରେ ବାୟୋଡାଟା ଦେଲେ କେଉଁଠି ହଜେଇ ଦେବେନିତ ?

ମନକଥା ବୁଝିବାପରି ନିଶାନ୍ତ କହିଲେ- ଜେରକ୍ସ କପି ଆଣିଛ ତ ? ଦିଅ ମତେ ମୁଁ ରଖୁଛି।"

ଏବେତ ରିସିସନ୍ ଚାଲିଛି। ଡିକେ ଡେରି ହେବ। କମ୍ପାନୀ ଅବସ୍ଥା ଏବେ ଭଲ ନାହିଁ। କର୍ମଚାରୀ ମାନଙ୍କୁ ଛଟେଇ କରିବାକୁ ପଡୁଛି। କହୁ କହୁ ନବୀନ ହାତରୁ ବନ ଏନଭଲ୍ପରେ ସୁନ୍ଦର ଭାବରେ ରହିଥିବା ବାୟୋଡାଟା ନେଇ ଭିତରକୁ ଗଲେ। ପଛେ ପଛେ ଆରୋସିକ୍ ଯାଇ ଡ୍ରଇଂରୁମ୍‌ରେ କଣ କାଗଜପତ୍ର ଦେଲା କାକାଙ୍କୁ।

କାକା ଚିତ୍କାର କରି ଉଠିଲେ। ହିନ୍ଦି ଭାଷାରେ କହିଲେ- "ପାଗଲ୍ ହୋ କ୍ୟା ? ପୈସା କ୍ୟା ମେଁ ଅପନେ ପକେଟ ସେ ଦୁଁଗା ? ଇସ୍‌କୋ କମ୍ପାନୀ କେ ଟ୍ରାଭଲିଂ ଏକ୍ସପେନ୍‌ସେସ୍ ହେଡ୍ ମେ ଡାଲ୍‌କେ ମ୍ୟାନେଜର କୋ ଭେଜ୍ ଦୋ..."। ଯାହାର ଅର୍ଥ ଏସବୁ କମ୍ପାନୀ ହେଡ୍‌ରେ ପକେଇ ମ୍ୟାନେଜରଙ୍କ ଠାରୁ ନେଇଯିବ। ମତେ କ'ଣ ଦେଉଛ ?"

କାକାଙ୍କର ଏମିତି ଉଚ୍ଚସ୍ୱର କେବେ ଶୁଣି ନଥିଲା ନବୀନ। ଇଏ ବାପାଙ୍କ ଅନୁଗତ ସାନଭାଇ ନିଶାନ୍ତ କାକା ନୁହଁନ୍ତି ଏଠିକାର ମଲଟିନ୍ୟାସନାଲ୍ କମ୍ପାନୀର ସିଇଓ ଡକ୍ଟର ନିଶାନ୍ତ ତ୍ରିପାଠୀ।

କାକା ବାହାରକୁ ଆସି ତରବର ହୋଇ ଚାଲିଗଲେ। ଆରୋସିକ୍‌ଙ୍କ ହାତରେ ଦେଇଯାଇଥିଲେ ତତ୍କାଳରେ କରିଥିବା ଟ୍ରେନ୍ ଟିକେଟ। ଆଗାମୀ କାଲି ସକାଳ ସାତଟାରେ ଷ୍ଟେସନରେ ଛାଡିଦେବାର ନିର୍ଦ୍ଦେଶ ଦେଇଥିଲେ।

ପାହାନ୍ତି କାକର ଭଳି ଆଶାଗୁଡ଼ିକ ଧୀରେ ଧୀରେ ମିଳେଇ ଯାଉଥିଲା ନବୀନ୍ ଓ ଅସୀମ୍‌ଙ୍କ ମନରୁ। ଆଗରୁ ତେଜୋଦୀପ୍ତ ସୂର୍ଯ୍ୟଭକ୍ତ ଭଳି ଉଜ୍ଜ୍ୱଳ ଦିଶୁଥିବା କାକାଙ୍କ ମୁହଁଟା ଯେମିତି ରାସ୍ତାଟା ସମ୍ପୂର୍ଣ୍ଣ ନିରବ ଥିଲା। ଅରୋସିକ୍ ରୁମ୍ ସରଭିସ୍‌ରେ ଦୁଇଜଣଙ୍କ ପାଇଁ ଡିନର ଅର୍ଡର ଦେଇଥିଲେ। ସକାଳ ସାତଟାରେ ପ୍ରସ୍ତୁତ ରହିବା ପାଇଁ କହି ଗୁଡନାଇଟ୍ ଜଣେଇ ଚାଲିଯାଇଥିଲେ।

ଇଚ୍ଛା ହେଉଥିଲା ନବୀନ୍‌ର, ପଚାରନ୍ତା ଅରୋସିକ୍‌କୁ କାକାଙ୍କ ସମ୍ପର୍କରେ। କିନ୍ତୁ ନା... ଦରକାରରୁ ଅଧିକା କଥା କୁହନ୍ତିନି ଆରୋସିକ୍। ଏଠିକାର ସବୁଲୋକ ବୋଧେ ଏମିତି...। ଏମାନଙ୍କ ଭିତରେ ମାପଚୁପ ପ୍ରତିକ୍ରିୟା। ଗଭୀର ଜଳସ୍ତରର ଉପରିଭାଗ ଏମାନେ। ଅକାତକାତ ପାଣିରେ ଜାଣିହେବନି ବାଲିସ୍ତର ହେଉଁଠି।

ଏତେ ଖର୍ଚ୍ଚକରି ଏତେ ସୁନ୍ଦର ହୋଟେଲ୍‌ରେ ରଖେଇ ବୁଲାବୁଲିର ସୁବିଧା କରିଥିବା କାକା ତେବେ ନିଜ ହାତରୁ ଗୋଟିଏ ଗ୍ଲାସର ପାଣି ମଧ୍ୟ ଖର୍ଚ୍ଚ କରିପାରିନାହାନ୍ତି। ଯାହା କରିଛନ୍ତି କମ୍ପାନୀର ଅର୍ଥରେ ?

ନିର୍ବାକ ଭାବରେ ବାକ୍ସ ସଜାଡୁଥିଲା ନବୀନ। ସକାଳେ ଟ୍ରେନ୍ ଧରିବାକୁ ଅଛି। ତେବେ କ'ଣ କହିବ ସେ ବାପା ବୋଉଙ୍କୁ ? କଣ କହିବ ଗାଁ ଲୋକଙ୍କୁ। ସାଙ୍ଗମାନେ ଯେତେବେଳେ ଆସି ଚାକିରୀ କଥା ପଚାରିବେ କଣ ତାଙ୍କୁ ଉତ୍ତର ଦେବ ? ଭାବନା ଗୁଡାକ ପେଟରୁ ଭୋକ କାଢି ନେଇଥିଲେ। ପାଖକୁ ଆସିଲା ଅସୀମ।- "ଏ ନବୀନ... କ'ଣ ମନ ଊଣା କରୁଛୁ ? ଆରେ ଟିପୁ ସୁଲତାନଙ୍କ କବରସ୍ଥଳୀ ଦେଖିଲୁ ପରା। ଇତିହାସରୁ ତାଙ୍କ ବିଷୟରେ କ'ଣ ଶିଖିଛୁ ? ପରାକ୍ରମଶାଳୀ ବୀରଙ୍କର ବାର୍ତ୍ତା କ'ଣ ଥିଲା ଭୁଲିଯାଇଛୁ ? ବାଘଭଳି ବଞ୍ଚିରୁହ ମେଣ୍ଢାଭଳି ନୁହେଁ। ଶହେବର୍ଷର ମେଣ୍ଢ ଜୀବନ ଅପେକ୍ଷା ଦୁଇବର୍ଷର ବାଘର ଜୀବନ ହିଁ ଗ୍ରହଣୀୟ।"

ଶୂନ୍ୟଦୃଷ୍ଟିରେ ଅସୀମ୍‌ର ମୁହଁକୁ ଚାହିଁଲା ନବୀନ।- "ନା'ରେ ଚାକିରୀ କଥା ଭାବୁନି। ଭାବୁଛି ମୁଖାପିନ୍ଧା ମଣିଷର କଥା। ଦେଖୁଛି ମୁଖାଟା ମୁହଁ ଉପରୁ ଗଳି ପଡିଲେ କେତେ ଅଲଗା। ସମ୍ପୂର୍ଣ୍ଣ ଭିନ୍ନ। ଅଦ୍ଭୁତ ରୂପଟିଏ।" ନବୀନର ସ୍ୱରଟା ବେଶ୍ ଓଦା ଓଦା ଲାଗୁଥିଲା।

ରାତିର ଚାଦରତଳେ ଘୋଡ଼େଇ ହେଇ ରହିଗଲା କେତେ ଆଶା... କେତେ ଉଦ୍ଦୀପନା... କେତେ କେତେ ମିଛ ପ୍ରତିଶ୍ରୁତି...।

ସାନ୍ତ୍ୱନା ଦେଉଥିଲା ଅସୀମ। ଶୋଇପଡ଼, ମୁଁ ଆଲାରାମ୍ ଦେଇଛି। ସକାଳ ସାତଟାରେ ଟ୍ରେନ୍ ଧରିବାକୁ ହେବ।

ବୁଢ଼ୀଚଣ୍ଡୀ ଲେନ୍, ତୁଳସୀପୁର, କଟକ।
ମୋ-୯୯୩୭୦୮୭୧୮୮, ୮୨୪୯୨୦୩୪୫୭

# ବ୍ୟଥିତ କବିର ଅମ୍ଲାନ ସ୍ମୃତି

ମୂଳ ସଂସ୍କୃତ– ମେରୁତୁଙ୍ଗାଚାର୍ଯ୍ୟ
ରୂପାନ୍ତର – ଡକ୍ଟର ତ୍ରିନାଥ ପଟ୍ଟନାୟକ

ସେ ଥିଲେ ମାଘ।

ଦତ୍ତସୂରି ମାଘ, ତାଙ୍କର ପୁରାନାମ।

ଯେତେବେଳେ ମାତୃ କ୍ରୋଡ଼କୁ ଆସିଲେ। ଏଇ ସଂସାରର ଆଲୋକ, ପାଣି, ପବନ ସ୍ପର୍ଶ କଲା, ଚଳ ଚଞ୍ଚଳ ହୋଇ ଉଠିଲେ, ସେ ଦୃଶ୍ୟକୁ ଦେଖି ଉଲ୍ଲସିତ ହୋଇ ଉଠିଲେ ପିତା ଦତ୍ତକ ଶର୍ବାଶୟ। ସବୁଠାରୁ ବେଶୀ ପ୍ରସନ୍ନ ହେଲେ ପିତାମହ ସପ୍ରଭ ଦେବ, ଯିଏ କି ଧର୍ମ ନାଭ ରାଜାଙ୍କର ମନ୍ତ୍ରୀ। ପୁତ୍ରର ଜାତକ ପ୍ରସ୍ତୁତ ହେଲା। ଗଣନା ଅନୁସାରେ ପୁତ୍ରର ବୟସ ୮୪ବର୍ଷ ହେବ, ଶେଷରେ ସେ ଆଣ୍ଠୁ ଗଣ୍ଠି ଫୁଲା ରୋଗରେ ଆକ୍ରାନ୍ତ ହୋଇ ଏ ସଂସାର ତ୍ୟାଗ କରିବେ।

ପିତାଙ୍କ ନିକଟରେ ଧନରତ୍ନର ଅପାର ଭଣ୍ଡାର। ସେ ଷୋଳବର୍ଷ ହେଲା ଗରିବ ଓ ବ୍ରାହ୍ମଣମାନଙ୍କୁ ସ୍ୱର୍ଣ୍ଣମୁଦ୍ରା ଦାନ କରି ଆସୁଛନ୍ତି ପୁତ୍ର ଦତ୍ତକ। ସେଥିଯୋଗୁଁ ଏକମାତ୍ର ପୁତ୍ର ମାଘ ବଡ଼ ଅଲିଅଳରେ ବଢୁଥାନ୍ତି। ବଢ଼ିବା ବୟସ ହେଲାପରେ ସେ ଗୁରୁକୂଳକୁ ପଢ଼ିବା ପାଇଁ ଗଲେ। ପାଠ ପଢ଼ିବା ସହିତ କିଛି କିଛି କବିତା ରଚନାରେ ବ୍ୟାପୃତ ହେଲେ। କବିତା ରଚନା ପରେ ସେ ପିତାଙ୍କୁ ଶୁଣାନ୍ତି। ପିତା ଶୁଣନ୍ତି, ମୌନ ରୁହନ୍ତି, ପଚାରିଲେ କୁହନ୍ତି ସେମିତି ଖାସ୍ କବିତା ହୋଇନି। ଆହୁରି ଅଧ୍ୟୟନ କର, ତାପରେ ରଚନାରେ ମନଦିଅ। ଅନୁଭୂତି ଆସିଲେ, କବିତାର ଚିନ୍ତାଧାରା ଜୀବନ୍ତ ହେବ। ଆଉ ଯେଉଁ ସବୁ କବିତା ଏବସୁଦ୍ଧା ଲେଖି ଆସିଛି ସେ ସବୁ ତୁମ ପୂର୍ବ କବିମାନଙ୍କ ରଚନା ଶୈଳୀରେ ଶହେ ଭାଗରୁ ଭାଗେସୁଦ୍ଧା ନୁହେଁ। ମାଘ କିନ୍ତୁ ନିରୁତ୍ସାହିତ ହୁଅନ୍ତି ନାହିଁ।

ଗୁରୁକୂଳରୁ ଅଧ୍ୟୟନ ସାରି ମାଘ ଘରକୁ ପ୍ରତ୍ୟାବର୍ତ୍ତନ କଲେ। 'ଶିଶୁପାଳ ବଧ' କାବ୍ୟ ଲେଖୁଥାନ୍ତି। ସେ ନିଜକାବ୍ୟରୁ କେତୋଟି ଶ୍ଳୋକକୁ ପିତାଙ୍କୁ ଶୁଣାଇଲେ। ପିତାଙ୍କର ସେହି ନିରୁତ୍ସାହିତ ବାଣୀ। ମାଘ ବ୍ୟସ୍ତ ହୋଇ ତାଳପତ୍ରର ସେହି କାବ୍ୟ ପୋଥିଟିକୁ ଚୂଲିରେ ଉପରେ ରଖି ଦେଲେ, ଯେମିତି ନିଆଁ ଧାସରେ ପୋଡ଼ି ପାଉଁଶ ହୋଇଯିବ। ପୋଥିଟି କ୍ରମେ କ୍ରମେ କୁହୁଳିବାକୁ ଲାଗିଲା। ଘରସାରା ଧୂମମୟ। ପିତା ସେହି ଅଧାଜଳା ପୋଥିରୁ କିଛି ଅଂଶ ଉଦ୍ଧାର କରି ଆଣିଲେ ଓ ପଢ଼ିବାକୁ ଲାଗିଲେ। ସେ ପୁଅ ମାଘଙ୍କୁ ଡ଼ାକି ପଚାରିଲେ– ପୁଅ! ଏ କବିତା ରଚନା କ'ଣ ତୁମର?

– ପିତା ଆପଣ ଏ କବିତାକୁ ପଢ଼ିଲେ କି? କେମିତି ଲାଗୁଛି?

– ଓଃ କି ସୁନ୍ଦର କବିତା?

– ହଁ, ବାପା ତାହାସବୁ ମୋ ଦ୍ୱାରା ଲିଖିତ।

– ପୁଅ, ମୋତେ କ୍ଷମା କରିଦିଏ। ମୁଁ ତୋ ସହିତ କୃତ୍ରିମ ଛଳ କରୁଥିଲି। ଆହୁରି ଅଧିକ ଅଳଂକାର ଯୁକ୍ତ ହୋଇ ଲେଖାଯାଉ ବୋଲି ମୋର ଉଦ୍ଦେଶ୍ୟ। ଗୁରୁକୂଳରେ ଅଧ୍ୟୟନ କରୁଥିବା ସମୟରେ କବିତ୍ୱ ଭିତରେ ତୁମେ ବୁଡ଼ିରହି ଅନ୍ୟାନ୍ୟ ବିଭାଗର ଶାସ୍ତ୍ର ପଢ଼ିବାରେ ଅବହେଳା କରୁଥିଲ। ଏବେ ତୁମର ଶାସ୍ତ୍ରଜ୍ଞାନ ବୃଦ୍ଧି ପାଇଛି। ଏବେ ଉପଯୁକ୍ତ ସମୟ ଆସିଛି। କାବ୍ୟ କବିତା ଲେଖିବାରେ ନିଜକୁ ନିୟୋଜିତ କର।

ମାଘ ପିତାଙ୍କ ପଦ ସ୍ପର୍ଶ କରି ଆଶୀର୍ବାଦନେଲେ। କିଛିଦିନପରେ ଅସୁସ୍ଥ ହୋଇ ମାଘଙ୍କ ପିତା ଦତ୍ତକଙ୍କ ଦେହାନ୍ତ ହୋଇଗଲା। ପୂର୍ବରୁ ପିତାମହଙ୍କର ଦେହାନ୍ତ ହୋଇ ଯାଇଥିଲା।

ମାଘ ମୁରବି ଶୂନ୍ୟ ହୋଇଗଲେ।

ସାଙ୍ଗ ସାଥିରେ ରହି ବିଳାସ ବ୍ୟସନରେ ସମୟ କରିବାକୁ ଲାଗିଲେ। ପିତାଙ୍କ ଭଳି ଦାନ, ଧର୍ମ ନିୟମିତ କରୁଥାନ୍ତି। ମାଳବର ରାଜା ଭୋଜ ଜଣେ ସାହିତ୍ୟ ଓ କବି ପ୍ରେମୀ। ସାହିତ୍ୟ ସଂସ୍କୃତି ନିମନ୍ତେ ରାଜକୋଷରୁ ଅଜସ୍ର ଅର୍ଥ ଦାନ କରୁଥାନ୍ତି ଓ କବି ଲେଖକମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ସମ୍ମାନ ପ୍ରଦାନ କରିବା ସହିତ ସ୍ୱର୍ଣ୍ଣମୁଦ୍ରା ଅର୍ପଣ କରୁଥାନ୍ତି। କବି ମାଘଙ୍କ କବିତା ତାଙ୍କୁ ମୁଗ୍ଧ କଲା। କ୍ରମେ କ୍ରମେ ଭୋଜଙ୍କ ସହିତ ମାଘଙ୍କର ମୈତ୍ରତା ବୃଦ୍ଧି ପାଇଲା। ଦିନେ ମହାରାଜ ଭୋଜ ନିଜରାଜଧାନୀକୁ କବି ମାଘଙ୍କୁ ଆସିବା ପାଇଁ ନିମନ୍ତ୍ରଣ କଲେ। ନିମନ୍ତ୍ରଣ ରକ୍ଷା କରି କବି ମାଘ ମଧ୍ୟ ସହର୍ଷ ରାଜା ଭୋଜଙ୍କୁ ସାକ୍ଷାତ କରିବା ନିମନ୍ତେ ମାଳବ ଗଲେ। ରାଜା, ମାଘଙ୍କୁ ବହୁତ ସମ୍ମାନ ଦେଲେ। ଆଦରର ସହିତ କବିଙ୍କୁ

ନିଜ ଅତିଥି ଭବନରେ ନେଇ ରଖାଇଲେ।

କବି ମାଘ ଯେତେବେଳେ ସ୍ନାନ କରିବା ନିମନ୍ତେ ସ୍ନାନାଗାରକୁ ଯାଆନ୍ତି। ତାଙ୍କ ମନକୁ ଗଲାନାହିଁ। କବି ଅସନ୍ତୁଷ୍ଟ ଭଙ୍ଗୀ ଆଖି କୋଣରେ ଦେଖାଇଲେ। ଭୋଜନ ନିମନ୍ତେ ଦିବ୍ୟ ଅନ୍ନ ଓ ବ୍ୟଞ୍ଜନ ପରସାଗଲା। ସବୁଥିଲା ରାଜକୀୟ ମାତ୍ର ସେସବୁଖାଦ୍ୟ ଭୋଜନକୁ ଆନନ୍ଦ ପ୍ରଦାନ କରି ପାରିଲାନାହିଁ। ସେଥିରୁ ସେ ମୁହଁ ଫେରାଇ ଆଣିଲେ।

ଅନ୍ତରାଳରେ ଥାଇ ରାଜା ସେ ସବୁ ଦୃଶ୍ୟକୁ ଅନୁଭବ କଲେ। ତାଙ୍କ ମନର ଖୁସି ମଉଳିଗଲା। ଭାବିଲେ କବି ମାଘ ନିଜଘରେ କିମିତି ସବୁ ପରିବେଶରେ ରହୁଛନ୍ତି କି ଯାହା ମାଳବରାଜ୍ୟ ଅତିଥିଶାଳରୁ ପାଇପାରୁ ନାହାନ୍ତି। ଏମିତି କ'ଣ ସବୁ ପଦାର୍ଥ ଭୋଜନ କରୁଛନ୍ତି ଯେ ମାଳବ ରାଜ ପ୍ରସାଦର ଭୋଜନ ତାଙ୍କୁ ଅରୁଚି ଲାଗିଲା।

ଭୋଜନ ଶେଷରେ କବିମାଘ ବୈଠକ ଗୃହକୁ ଫେରିବାପରେ ରାଜା ତାଙ୍କୁ ପଚାରିଲେ – ରୋଷେଇ କିପରିଥିଲା ?

– "ମହାରାଜା ! ଖରାପ ଭୋଜନ ଭକ୍ଷଣ କରିଥିବା ଯୋଗୁଁ ପେଟକଷ୍ଟ ଭୋଗ କରୁଅଛି।"

ରାଜା ଭୋଜ ନୀରବ ରହିଲେ।

ସମୟଥିଲା ଶୀତରତୁ। ଶୀତରୁ ରକ୍ଷା ପାଇବା ନିମନ୍ତେ ମାଘ ବାସ କରୁଥିବା କୋଠରୀରେ ଅଗ୍ନି ସଂଯୋଜିତ ଉହ୍ନେଇ ରଖାଗଲା। ରାଜା ମଧ୍ୟ କବିଙ୍କ ସମ୍ମାନ ରକ୍ଷା ନିମନ୍ତେ ସେହି କକ୍ଷରେ ଶୟନ କଲେ। ରାଜା ଦେଖିଲେ। ରାତିରେ କବି ଆଦୌ ସୁସଜିତ ତୁଳିତଳ୍ପ ଶଯ୍ୟା ଉପରେ ଶୟନ କରି ନାହାନ୍ତି। ବାରବାର କଡ଼ ଲେଉଟାଉ ଥାନ୍ତି। ରାଜା ବିଚାର କଲେ ଏ କବି ଏମିତି କି ଭବନରେ ରହୁଛନ୍ତି, କ'ଣ ଖାଉଛନ୍ତି ଥରେ ଦେଖିବା ଉଚିତ।

ଭୋର ହେବା ପରେ ଶଯ୍ୟାରୁ ମାଘ ଉଠିଲେ। ରାଜା ଭୋଜ ପଚାରିଲେ– କବିଙ୍କୁ ରାତ୍ରିରେ ସୁନିଦ୍ରା ହେଲା ତ ?

ମାଘ କହିଲେ– ମହାରାଜ ! ଶରୀର ଉପରେ ଗଧ ବୋହୁଥିବା ଭାରକୁ ଯଦି ଲଦିଦିଆଯାଏ, ତେବେ ନିଦ କେମିତି ହେବ ?

କବିମାଘ ମାଳବ ରାଜଭବନରେ ରାଜାଙ୍କ ଆତିଥ୍ୟ ରେ ରହିଲେ। ତା ପରେ ବିଦାୟ ନେଇ ସ୍ୱ ଗୃହକୁ ଫେରିବାକୁ ବାହାରିଲେ ରାଜା ଭୋଜ, ମାଘ ରହୁଥିବା ଶ୍ରୀମାଳ (ବର୍ତ୍ତମାନର ନାମ ଭୀନମାଳ) ରେ ଭୋଜସ୍ୱାମୀ ଦେବଙ୍କର ମନ୍ଦିର ନିର୍ମାଣ କରିଥିଲେ। ସେହି ମନ୍ଦିର ନିର୍ମାଣର ସଂପୂର୍ଣ୍ଣ ପୁଣ୍ୟକୁ ବ୍ରାହ୍ମଣମାନଙ୍କ ଦ୍ୱାରା ସଂକଳ୍ପ ପୂର୍ବକ ମାଘ କବିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଦେଲେ।

ମାଘ କବି ବିଦାୟ ସମୟରେ କହିଲେ– ମହାରାଜ, କେବେ ଏ ଅକିଞ୍ଚନ ଉପରେ କୃପାକରି ଆମ ନଗରରେ ଚ଼ରଣ ରଖନ୍ତୁ। ଆପଣଙ୍କର ପ୍ରଜା ତଥା ନଗରବାସୀ ଓ ମୁଁ କୃତାର୍ଥ ହେବୁ।

ରାଜା ଭୋଜ କହିଲେ ଏ ନିକଟରେ ନିଶ୍ଚୟ ଶ୍ରୀମାଳ ନଗରୀକୁ ଯିବି। ରାଜା କବିଙ୍କୁ ସିଂହଦ୍ୱାରା ପାଖରେ ବିଦାୟ ଦେଇ ନିଜ ମହଲକୁ ଚାଲି ଆସିଲେ।

ଆସନ୍ତାବର୍ଷ ଶୀତ ରତୁ ଆସିଲା। ରାଜା ଭୋଜ ନିଜ ପାର୍ଷଦ ମାନଙ୍କ ସହିତ ଶ୍ରୀମାଳ ନଗରରେ ଉପସ୍ଥିତ ହେଲେ। କବି ମାଘ ରାଜା ଭୋଜଙ୍କର ଉଚିତ ସ୍ୱାଗତ ସମ୍ବର୍ଦ୍ଧନା କଲେ। ରାଜା ସମେତ ସମସ୍ତ ପାର୍ଶ୍ୱଚରଙ୍କ ନିଜ ଭବନରେ ଉଚିତ ସମ୍ମାନ ର ସହ ରଖାଇଲେ। ରାଜା ଭୋଜ ମାଘଙ୍କ ଘର ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସ୍ଥାନେ ସ୍ଥାନେ ବିଚିତ୍ର ବିଚିତ୍ର କୌତୁକ ବସ୍ତୁ ସବୁଅଛି। ଧୂପଦାନୀରୁ ସୁଗନ୍ଧ ଧୂପ ସବୁ ବାତା ବରଣକୁ ଆମୋଦିତ କରୁଛି। ଗୃହର ଚଟାଣ ସବୁ ପରିଷ୍କାର ଓ ସୁଗନ୍ଧି ମଧ୍ୟ। ଏହା କ'ଣ ଜଣେ ସାଧାରଣ ମଣିଷର ବାସସ୍ଥାନ ନା କୌଣସି ଦେବାଳୟ ?

ମାଘ କବି କହିଲେ– ନାହିଁ ମହାରାଜା ! ଏତ ଅତ୍ୟନ୍ତ ଅପବିତ୍ର ଶୌଚ଼ ସ୍ଥାନ ମାତ୍ର।

ରାଜା ଭୋଜ ଏକଥା ଶୁଣି ଲଜ୍ଜିତ ହୋଇଗଲେ। ସ୍ନାନ କରିବାର ସମୟ ଆସିଗଲା। ମାର୍ଜ୍ଜନାକାରୀ ଆସି ରାଜାଙ୍କୁ ସୁଗନ୍ଧିତ ସ୍ୱାସ୍ଥ୍ୟପ୍ରଦ ତୈଳ ମର୍ଦ୍ଦନକଲା। ସେହି ମର୍ଦ୍ଦନରାଜାଙ୍କୁ ଅତ୍ୟନ୍ତ ସୁଖ କର ବୋଧ ହେଲା ଓ ଚିତ୍ତପ୍ରସନ୍ନ ହୋଇଗଲା। ସ୍ନାନପୀଠ ସୁବର୍ଣ୍ଣରେ ନିର୍ମିତ। ପୀଠ ଉପରେ ବସି ରାଜା ମହାଡ଼ାମ୍ବରରେ ସ୍ନାନ କଲେ। ପରିଧାନ ନିମନ୍ତେ ରାଜାଙ୍କ ପାଇଁ ଯେଉଁ ସବୁ ବସନ ଓ ଭୂଷଣ ଅସିଥିଲା ସେ ସବୁ ଦେବ ଯୋଗ୍ୟ ଥିଲା। କଳିଙ୍ଗରୁ ଆସିଥିବା ଝିନବସ୍ତ୍ର ପୁଣି ରେଶମୀ ସୂତାରେ ନିର୍ମିତ। ନିଶ୍ୱାସ ପବନରେ ମଧ୍ୟ ତାହା ଉଡୁଥିଲା। ହୀରା ଲୀଳାର ଅଳଙ୍କାର, ଜାତିଜାତିକା ସୁଗନ୍ଧିତ ପୁଷ୍ପ ହାର, ଶୀତଳ କର୍ପୁର ମିଶ୍ରିତ ଅଗୁରୁ ଚନ୍ଦନ। ଧୂପ ଦୀପ ଦ୍ୱାରା ଆଳତି କରି ରାଜା ଭୋଜଙ୍କୁ ସ୍ୱାଗତ କରାଗଲା। ତାପରେ ଭୋଜନ ପର୍ବ ଆସିଲା। ସୁବର୍ଣ୍ଣ ଥାଳି ତଥା ୩୨ଟି ସୁବର୍ଣ୍ଣ ଗିନାରେ ଘୃତପାକ ଅନ୍ନ ବ୍ୟଞ୍ଜନ ଓ କ୍ଷୀରି ପରସାଗଲା। ମସଲା ଯୁକ୍ତ କ୍ଷୀରି ଓ ବିରି ବରା ରାଜାଙ୍କୁ ମୁଗ୍ଧ କଲା, କାରଣ ସେ ତାହା ସବୁ ସ୍ୱାଦିଷ୍ଟ ଥିଲା।

ରାଜା ଭୋଜ ଭାବୁଥିଲେ, ଯିଏ ପ୍ରତ୍ୟହ ଏଭଳି ଅନ୍ନ ବ୍ୟଞ୍ଜନ ଭୋଜନ କରୁଛି, ତାକୁ ମୋ ଭବନର ରୋଷେଇ କେମିତି ଭଲ ଲାଗିବ ? ଭୋଜନ ପରେ ସମସ୍ତେ ଆସି ବୈଠକ ଗୃହରେ ଉପବେଶନ କଲେ। ସେଠାରେ ପାଞ୍ଚପ୍ରକାର ସୁଗନ୍ଧିତ ମସଲା ଯୁକ୍ତ ପାନଖିଲ ପ୍ରଦାନ କରାଗଲା। ତାପରେ ସାମାନ୍ୟ ବିଶ୍ରାମ। ଏମିତି ସମୟ ବିତି ଚାଲିଲା। କ୍ରମେ କ୍ରମେ ରାତି ଆସି ଉପସ୍ଥିତ ହେଲା। ଭବନର ଶେଷ ମହଲା ରେ ରାଜାଙ୍କ ଶୋଇବା ନିମନ୍ତେ ବ୍ୟବସ୍ଥା କରା ଯାଇଥାଏ। ସୁସଜ୍ଜିତ ଗୃହ ଓ ପଲଙ୍କ ମଧ୍ୟ। ରାଜା ଦେଖିଲେ ସବୁ ଅଛି ମାତ୍ର ଉହ୍ନେଇ ନାହିଁ। ପୁଣି ଶୀତକାଳ। ଶୋଇବେ କେମିତି ? ରାଜା ପଚାରିଲେ– ମିତ୍ର, ବୋଧେ ଭୁଲି ଯାଇଛନ୍ତି ଏ ସମୟ କ'ଣ ?

ମାଘ କହିଲେ– ମହାରାଜ ! ଜାଣିଛି ବୋଲି ତ ସେଥିପାଇଁ ଶୀତଳ ଚନ୍ଦନର ବ୍ୟବସ୍ଥା କରିଛି।

ରାଜା ଶଯ୍ୟା ଉପରେ କିଛି ସମୟ ବସିଲେ ତା ପରେ ଶୋଇବାକୁ ଗଲେ। ଗରମ ପବନ ଅନୁଭବ କଲେ। ବାଧ ହୋଇ ଦେହରେ ଚନ୍ଦନ ଲେପନ କରିବାକୁ ସେବକଙ୍କୁ ନିର୍ଦ୍ଦେଶ ଦେଲେ। ଯୋରରେ ସେବକ ବ୍ୟଞ୍ଜନ ଚାଳନା କରୁଥାନ୍ତି। ଥଣ୍ଡାପବନ ଓ ଶୀତଳ ଚନ୍ଦନ ସ୍ପର୍ଶ ପାଇ କିଛି ସମୟ ପରେ ରାଜା କ୍ରମେ କ୍ରମେ ଚକ୍ଷୁ ବନ୍ଦକରି ଶୋଇଗଲେ।

ପ୍ରାତଃ କାଳରେ ମାଘ କବି ରାଜାଙ୍କୁ ପଚାରିଲେ- ମହାରାଜ ! ଏ ଶୀତ କାଳନା ନିଦାଘ କାଳ ?

- ନିଦାଘ କାଳ, ରାଜା ଉତ୍ତର ଦେଲେ।

କବିଙ୍କ ପ୍ରସନ୍ନତା ନିମନ୍ତେ ରାଜା ଭୋଜ କିଛିଦିନ ପାଇଁ ମାଘ କବିଙ୍କ ଭବନରେ ଅବସ୍ଥାନ କଲେ। ତା ପରେ ବିଦାୟ ନେଇ ନିଜ ନଗରକୁ ଫେରିଲେ।

ଏ ଭଳି ବିଳାସ ବ୍ୟସନରେ ଜୀବନ କାଟୁ ଥିବା କବିମାଘଙ୍କ ପିତୃ ଅର୍ଜିତ ସଂପତ୍ତି କ୍ରମେ କ୍ରମେ ଶେଷ ହେବାକୁ ଲାଗିଲା। ବୟସ ବି ବଢୁଥାଏ। ବୃଦ୍ଧ ଅବସ୍ଥାରେ ଦିନେ କବି ତାଙ୍କ ପତ୍ନୀଙ୍କୁ କହିଲେ-

ପ୍ରିୟେ ! ଏ ଦୁର୍ଭିକ୍ଷ କାଳରେ ଭିକ ମାଗିଲେ ସୁଦ୍ଧ ମୁଠିଏ ଚାଉଳ ମିଳୁନି। ଆମେ ଏବେ ଧନହୀନ। ଖରାପ ପରିସ୍ଥିତିରେ କାଳ କାଟୁଛେ। ଆମକୁ କିଏ କାହିଁକି ଋଣ ଦେବ ? ପୁଣି ଆମେ ବ୍ରାହ୍ମଣ କେହିହେଲେ ଆମକୁ ମୂଲ ଲଗାଇବାକୁ ଦେବ ନାହିଁ। ଆମେ ସେମାନଙ୍କର ସେବା କଲେ ସେମାନଙ୍କର ପୁଣ୍ୟ ହାନି ହେବ। ମେହନତ କରି ପେଟ ପୋଷି ପାରିବାନି। ଉଦରକ୍ଷୁଧା କ୍ରମେ କ୍ରମେ ବଢୁଛି। ଏବେ ଆମେ କେଉଁଆଡ଼େ ଯିବା। ଜୀବନ ରକ୍ଷା କେମିତି ହେବ। ମୋର ପୁଣି ବୃଦ୍ଧାବସ୍ଥା।

କବିପତ୍ନୀ କହିଲେ- ଗୁଜୁରାଣ ମେଣ୍ଟାଇବା କଠିନ ହୋଇଉଠିଲାଣି।

ମାଘ କବି କହିଲେ- ପ୍ରିୟେ ! ମୋର ଚଳନ ଶକ୍ତି କମି ଆସିଲାଣି। ମୁଁ ଯାଇପାରିବି ନାହିଁ। ତୁମେ ଧାରାନଗରକୁ ଯାଅ। ସାଥିରେ ମୋ ଦ୍ୱାରା ଲିଖିତ କାବ୍ୟ ଶିଶୁପାଳବଧ ମହାକାବ୍ୟ ଯାହାକୁ ମାଘ କାବ୍ୟ ବୋଲି କୁହାଯାଏ। ତାକୁ ସାଥିରେ ନିଅ। ରାଜାଙ୍କୁ ଦେଖାଇବ। କହିବ। ମାଘ କବି କହିଛନ୍ତି ଏହି କାବ୍ୟ ପୋଥିକୁ ଗ୍ରହଣକରି ତିନିଲକ୍ଷ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରନ୍ତୁ।

କବି ପତ୍ନୀ ମହ୍ଲାଣ ଦେବୀ କବିଆଜ୍ଞା ପାଳନକଲେ।

ରାଜ ଦରବାର। ରାଜା ଭୋଜ କବି ଆଉ ପଣ୍ଡିତ ମଣ୍ଡଳୀ ଆବେଷ୍ଟିତ ହୋଇ ବସିଛନ୍ତି। ରାଜା ଭୋଜ ଦରବାରରେ ଉପସ୍ଥିତ- ମହ୍ଲାଣ ଦେବୀଙ୍କୁ ତାଙ୍କର ପରିଚୟ ପଚାରିଲେ। କବି ପତ୍ନୀଜାଣି ତାଙ୍କୁ ଉଚିତ ସମ୍ମାନ ପୂର୍ବକ ସଭାରେ ବସିବା ପାଇଁ ଉପଯୁକ୍ତ ଆସନ ପ୍ରଦାନ କଲେ। ପୋଥିକୁ ସ୍ୱହସ୍ତରେ ଗ୍ରହଣକରି ପୋଥିର ପୃଷ୍ଠାସବୁକୁ ଓଲଟାଇବାକୁ ଲାଗିଲେ। ଗୋଟିଏ ଶ୍ଳୋକ ନିକଟରେ ଅଟକିଗଲେ। ଯେଉଁ ଶ୍ଳୋକ ମାଘଙ୍କ ସ୍ୱରୂପ ଚିତ୍ରଣ କରାଯାଇଛି।

କୁମୁଦବନମପଶ୍ରି ଶ୍ରୀମଦ ମ୍ଭୋଜଖଣ୍ଡଂ
ତ୍ୟଜତି ମୁଦୁମୁଲୂକଃ ପ୍ରୀତିମାଂଶ୍ଚକ୍ରବାକଃ
ଉଦୟମହିମରଶ୍ମିର୍ଯ୍ୟାତି ଶୀତାଂଶୁରସ୍ତଂ
ହତବିଧିବିଳାସିତାନାଂ ହୀ ବିଚିତ୍ରୋ ବିପାକଃ ॥

କୁମୁଦ ବନରୁ ଲକ୍ଷ୍ମୀ ବିଦାୟ ନେଇଗଲେଣି, କମଳ ବନରେ ଆଶ୍ରୟ ନେଇଛନ୍ତି। ଉଲୁକଙ୍କର ଆନନ୍ଦ ଶେଷ ହୋଇଯାଇଛି। ଚକ୍ରବାକର ଆନନ୍ଦ ସମୟ ଆସି ଯାଇଛି। ସୂର୍ଯ୍ୟ ଉଦୟ ହେଉଛନ୍ତି। ଚନ୍ଦ୍ରମା ଅସ୍ତ ହୋଇ ଯାଉଛନ୍ତି। ହେ ବିଧାତା ବିଳାସୀ ବ୍ୟକ୍ତିର ହି ଏଭଳି ବିଚିତ୍ରତା ଆସିଥାଏ।

ରାଜା ଭୋଜ କିଛି ସମୟ ବିଚାର କଲେ। 'ହି' ଶବ୍ଦର ପ୍ରୟୋଗ ନିମନ୍ତେ ତିନିଲକ୍ଷ ସ୍ୱର୍ଣ୍ଣ ମୁଦ୍ରା କବି ପତ୍ନୀଙ୍କୁ ପ୍ରଦାନ କଲେ। ପୁଣି କାବ୍ୟ ଗ୍ରନ୍ଥକୁ ଆଉ କିଛି ଦେବା ଭାବି ଶିଶୁପାଳ ବଧ କାବ୍ୟଟିକୁ ସାଦରେ ରଖିନେଲେ।

କବିପତ୍ନୀ ମୁଦ୍ରା ଗ୍ରହଣ କରି ସ୍ୱନଗରକୁ ଫେରି ଆସୁଥିଲେ। ଦେଖିଲେ ଦଳେ ଲୋକ ମାଘ କବିଙ୍କୁ ପ୍ରଶଂସା କରି ବିରୁଦାବଳୀ ପାଠକରୁଛନ୍ତି। ମାଘ କରିଙ୍କ ପତ୍ନୀ ସ୍ୱର୍ଣ୍ଣମୁଦ୍ରା ନେଇ ଘରକୁ ଆସିବେ କ'ଣ ? କବିଙ୍କ ପ୍ରଶଂସକମାନଙ୍କ ମଧରେ ସବୁ ମୁଦ୍ରକୁ ବାଣ୍ଟି ଦେଲେ। ଶୂନ୍ୟ ହସ୍ତରେ ଗୃହକୁ ଫେରିଲେ।

ମାଘ କବି ପଚାରିଲେ- ପ୍ରିୟେ ମୋ ଶିଶୁପାଳ ବଧ କାବ୍ୟ କୁ ରାଜ ଭୋଜ ଆଦରର ସହିତ ଗ୍ରହଣ କଲେ ତ ?

ପତ୍ନୀ ସମସ୍ତ ଘଟଣା କବିଙ୍କୁ ବୁଝାଇ କହିଲେ। "ଆମ ଦୁହିଁଙ୍କର ସଂଯୋଗ ବିଧାତା ଉତ୍ତମ ରୂପେ ନିରୂପଣ କରିଛନ୍ତି। ଆଜିର ଏହି ମହାନ ପରୀକ୍ଷାରେ ତୁମେ ମର୍ଯ୍ୟାଦାର ସହିତ ଉତ୍ତୀର୍ଣ୍ଣ ହୋଇଛ। ବହୁ ଦିନରୁ ମୋ ମନରେ ଗୋଟାଏ ସଂଦେହ - ଦୋଳାୟିତ ହେଉଥିଲା, ମୋ ପତ୍ନୀ ମୋ ଅନୁରୂପ କି ନାହିଁ ? ଆଜି ତୁମର ନିଷ୍କପଟ ଦାନରେ ମୋ ମନର ସମସ୍ତ ସନ୍ଦେହ ଦୂର ହୋଇଯାଇଛି। ଘରର ଦୁର୍ଦ୍ଦଶା ପ୍ରତି ତୁମର କୌଣସି ଖାତିର ନାହିଁ।"

ଧନ ନାହିଁ, ଆଉମଧ୍ୟ ଦୁରାଶା ମୋ ପଛ ଛାଡୁନି। ମୋ ଅମାନିଆ ହାତ ଦାନ ଦେବା ବିନା ଶାନ୍ତି ପାଉନି ଏଣେ କାହା ପାଖରେ ହାତ ପତାଇବା ପାଇଁ ଇଚ୍ଛା ହେଉନାହିଁ। ବିବେକ ମନା କରୁଛି। କ'ଣ କରିବି ଆତ୍ମଘାତ କରିବା ମହାପାପ। ହେ ମୋର ପ୍ରାଣ ତୁମେ ସ୍ୱୟଂ ଚାଲି ଯାଅ, ମୋର ବିଳାପ କରିବାର ବା କ'ଣ ଆବଶ୍ୟକତା ଅଛି ?

ମାଘ କବି ଏବେ ଭୀଷଣ ଭାବେ ଧନହୀନ। କେବଳ ଅନୁତାପ ଓ ପଛଦିନକୁ ମନେ ପକାଇ ବିଳାପ କରିବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ। କୁଶ ଶଯ୍ୟାରେ ଶୋଇ ଥାନ୍ତି। କୁଶାଘାତରେ ତାଙ୍କ ପାଦରେ ଘାଆ ହୋଇ ଯାଇଥାଏ। ଏଇ ଅବସରରେ କେହି ଜଣେ କ୍ଷୁର୍ଦ୍ଧିତ ବ୍ରାହ୍ମଣ ତାଙ୍କ ଦ୍ୱାରରେ ଉପସ୍ଥିତ ହୋଇ ଭୋଜନ ମାଗିଲେ। ମାଘ କବି କହିଲେ- ଜଣେ କ୍ଷୁଧାତୁର ବ୍ରାହ୍ମଣ ମୋ ଘରର ଠିକଣା ପଚାରି ପଚାରି ମୋ ଘର ଦ୍ୱାର ନିକଟରେ ପହଁଚି ଗଲେଣି। ହେ ଗୃହକର୍ତ୍ତୀ ! ଘରେ କ'ଣ ଭୋଜନ ପଦାର୍ଥ ଅଛି କି ସେ ଖାଇ କ୍ଷୁଧା ମେଣ୍ଟାଇ ପାରିବେ ?

ଭାଷାରେ ସିନା ଏପରି କହିଦେଲେ ମାତ୍ର ଆଖିରୁ  ବୁନ୍ଦା ବୁନ୍ଦା ହୋଇ ଲୁହ ଓଠଉପରକୁ ଖସି ପଡ଼ିଲା । ଆଖିର ଲୁହ କହିଦେଲା ପ୍ରକୃତ ଘରର ଅବସ୍ଥା କ'ଣ ?

ଫଳରେ ଯାଚକ ଭୋଜନ ବିନା ବିମୁଖ ହୋଇ କବିଙ୍କ ଦ୍ୱାରରୁ ଫେରିଗଲା ।

କବି କହିଲେ- ହେ ପ୍ରାଣ ଏ ଶରୀରରେ କାହିଁକି ଅଛ, ଯାଅ... ଯାଅ ଚାଲିଯାଅ । ଯେଉଁଠି ଯାଚକ ଅସଫଳ ହୋଇ ଫେରିଗଲେ, ତୁମର ଆଉ ତିଷ୍ଠି ରହିବା ଉଚିତ ନୁହେଁ, ତୁମେ ବି ଚାଲିଯାଅ । ଦିନା ନା ଦିନେ ତୁମେ ଏ ଶରୀର ଛାଡ଼ି ଯାଇଥାନ୍ତ ନା ? ସଙ୍ଗେ ସଙ୍ଗେ ଚାଲି ଯାଇଥିଲେ ଯେଉଁ ସୁନାମ ମିଳିଥାନ୍ତା, ଆଉ ସେ ସୁଯୋଗ ତୁମକୁ ଆଦୌ ମିଳିବନି ।

ଏତିକି କଥା ପାଟିରୁ ଶେଷ ହୋଇଛି କି ନାହିଁ ମାଘ କବିଙ୍କର ପ୍ରାଣ ପିଣ୍ଡଛାଡ଼ି ଶୂନ୍ୟକୁ ଉଡ଼ିଗଲା । ଠିକ ଏହି ସମୟ ରେ ରାଜା ଭୋଜଙ୍କର ଦ୍ୱାରା ପ୍ରେରିତ ଧନ ସଂପଦ ଖାଦ୍ୟପଦାର୍ଥ ପୂର୍ଣ୍ଣ ରଥ ସବୁ ଶ୍ରୀମାଳ ପୁରର କବି ମାଘଙ୍କ ଦ୍ୱାରଦେଶରେ ଆସି ପହଁଚିଲା । ଭୋଜରାଜ ପଚାରିଲେ ମହାମାନ୍ୟ ମାଘ କବି କେଉଁଠି ଅଛନ୍ତି ? ଉପସ୍ଥିତ ଲୋକମାନେ କବିଙ୍କ ଶେଷ କ୍ଷୋଭ କଥା ବର୍ଣ୍ଣନା କରିଗଲେ ।

ଭୋଜରାଜ କହିଲେ- ଆରେ ଏତ ଶ୍ରୀମାଳ ନୁହେଁ, ଅର୍ଥାତ୍ ଲକ୍ଷ୍ମୀଙ୍କ ନଗରୀ ନୁହେଁ, ବରଂ ଶବର ଭିଲ୍ଲମାଳ ଏବେଠାରୁ ଏହି ନଗରୀର ନାମ ଭିଲ୍ଲମାଳ ହେଲା । ମୁଁ ଥାଉଥାଉ ମୋ ମିତ୍ରଙ୍କୁ କୌଣସି ଜଣେ ହେଲେ ଧନୀ ବ୍ୟକ୍ତି ଅର୍ଥ ସହାୟତା ଦେଲେ ନାହିଁ । ସେମାନଙ୍କର ପ୍ରାପ୍ୟଧନ କୁ କ'ଣ ମୁଁ ଫେରସ୍ତ କରିଦେଇ ନଥାନ୍ତି । ଏହାଠାରୁ ଆଉ ଦୁଃଖଦ ଘଟଣା କ'ଣ ହୋଇପାରେ ? ଆଜିଠାରୁ ମୋ ପାଇଁ ଅପବିତ୍ର ନଗରୀ ।

କବି ମାଘଙ୍କ ମରଣୋତ୍ତର ଯାବତୀୟ ଶୁଦ୍ଧିକ୍ରିୟା ରାଜା ସେଠାରେ ସମାପନ କଲେ ।

ରାଜା ଭୋଜ ସମସ୍ତଙ୍କ ସମକ୍ଷରେ କହିଲେ- ଚନ୍ଦ୍ରସୂର୍ଯ୍ୟଙ୍କର ଗ୍ରହପୀଡ଼ନ ଅର୍ଥାତ୍ ପରାଗ, ଗଜ, ଭୁଜଙ୍ଗଙ୍କର ବନ୍ଧନ, ବୁଦ୍ଧିମାନଙ୍କର ପକ୍ଷେ ଦରିଦ୍ରତା- ଏସବୁ- ଦେଖି ଭାବୁଛି ବିଧାତା ହିଁ ବଳବାନ ।

*ସଂପାଦକ, ପୁରାଣ ପତ୍ରିକା*
*ନିଆଳୀ- ୭୫୪୦୦୪, ଜି- କଟକ*
*ଦୂରଭାଷ: ୯୯୩୭୮୪୦୩୮୭*

ପ୍ରକାଶ ପାଇଛି ବିଶିଷ୍ଟ ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଅନନ୍ୟ ଉପନ୍ୟାସ ମହାମନ୍ତ୍ର



କେବେ କହିପାରେ ପୁଳେ ନେ,
ତୋ' ତିରିଲାକୁ ମଙ୍ଗେଇ ଦେ।

*"ଶୂନ୍ୟନୀଳ", ଚର୍ଚ୍ଚ ପାଖ, ଜେଲ ରୋଡ୍, କେନ୍ଦୁଝର-୧*
*ଦୂରଭାଷ: ୯୪୩୮୧୧୮୩୯୭*




# ତୁଚ୍ଛ ମଣିଷ

**ପିନାକୀ ମିଶ୍ର**

କିଛି ଉତ୍ତର ନାହିଁ ତୋ ପାଖରେ
ତୋ ଇଚ୍ଛାତକ ପଶିଯାନ୍ତି ଅଂଧାର ଗୁହାରେ।

କାହାର ଅଣଦେଖା ତୋ ଦେହସୁହା
ମନ ମାରୁନି ହେଲେ ମୁହଁ ଶୁଖିଲା
ସକାଳ ଆ ବୋଲି ଡାକେନି, ଏଠିସେଠି ଅଯାଚିତ ଠିଆ।

ଯାହାକୁ ଯେମିତି ଗଢ଼ିଛି ଦଇବ
ସବୁପଥର କ'ଣ ରତ୍ନଭାଗ୍ୟ ପାଇଥାନ୍ତି ?
ସବୁ ଜନ୍ମ କ'ଣ ସୁଯୋଗପ୍ରାପ୍ତ ?
ସବୁନଈର ମୁହାଁଣଯୋଗ ନଥାଏ
ସବୁ ଗଡ଼ିଆରେ କଇଁ ଫୁଟେନା
ତୁ ଡକାହକାରେ ବି ନଥାଉ, ବଲବଲ ଅନେଇଥାଉ।

ଦିନେ ତୋ କାନ୍ଧରେ ହାତରଖି
ଖାଲି ଖାଲି ହସିଲି ଗପିଲି,
ସେବେଠୁ ମୋତେ ପାଇଗଲେ ମାଣିକ ଭାବୁ, ପାଖକୁ ଆସୁ
ମୁଁ କଥା ନକହିଲେ ବି ତୁ ଖୁସିରେ ଅନେଇରହୁ
ମୋତେ ଦେଖିଲେ, ତୋ ଅନ୍ତର ଢଳଢଳ ପଦୁଅଁପତର
ଅନ୍ତତଃ, କଟୁ କଟାକ୍ଷ ମୁଁ ନକରେ ତୋତେ।

ତୋତେ ଠକିବା ସହଜ
ଭୁଲେଇବା ସହଜ
ତୋତୋ ନଚାହିଁ ଗାଡ଼ିରେ ଛୁ ମାରିବା ବି ସହଜ।

କେମିତି ଘର ଚଳଉଛୁରେ ?
ତୋ ତିରିଲା ବଡ଼ି ପାମ୍ପଡ଼ ବିକୁଛି
ଗୋରୁମାଫିଆ ମୋଟା ନିଶୁଆର କଟାସ ନଜର
ତୋ ଆବଭାବ ଦେଖି ସେ' ବିଲେଇ ଟକଟକ

# ସେତୁ

**ଅକ୍ଷୟ ପାତ୍ର**

ସେତୁଟିଏ ଗଢ଼ିବାର ଅଛି ତ
ସମ୍ପର୍କର ସ୍ୱାକ୍ଷର ତହିଁରେ ଚିହ୍ନିତ କର।

ନଈ ବା ସାଗର
ପାହାଡ଼ ବା ବିବର
ଯା' ଉପରେ ସେତୁ ଗଢୁଛ ଗଢ଼
ହେଲେ ମଣିଷକୁ ମଣିଷ ସହିତ ଯୋଡ଼ିବାର
ହୃଦକୁ ଆନ ଏକ ହୃଦର ସ୍ପନ୍ଦନ ସହ
ପରିଚିତ କରିବାର ଉପଚାର
ତହିଁରେ ଭର।

ହଁ, ଏମିତି ସେତୁଟିଏ ଗଢ଼
ଯାହା ସୁଗମ ନକରୁ ପଥ
ଲୁଟ୍ ତରାଜ୍‌ର,

ନହେଉ ମାଧ୍ୟମ
ଆନ ଏକ ଭୂଖଣ୍ଡର
ସାର୍ବଭୌମତ୍ୱକୁ ନିରସ୍ତ କରିବାର,

ନହେଉ ବି ରାହା
ସାଂସ୍କୃତିକ ଆଧିପତ୍ୟକାମୀ
ଯୁଦ୍ଧ ଖୋରଙ୍କର।

ସେତୁକୁ ଏମିତି ଗଢ଼
ଯାହା ଅତୁଟ ରଖୁ ସମ୍ଭାବନା-
ଭାବବିନିମୟର,

ଅମଳିନ ରଖୁ
ଆତ୍ମୀୟତା-
ବନ୍ଧୁ ମିଳନର,
ଅଲିଭାରଖୁ

ପାଦଚିହ୍ନ
ପାରସ୍ପରିକ ସହଯୋଗର।

ସେତୁ ଯେ ସନିର୍ବନ୍ଧ ଇସ୍ତାହାର
ପ୍ରଗତିର,
ସେତୁ ଯେ ପ୍ରସରଣଶୀଳତା
ମାନବୀୟ ସଂପ୍ରୀତିର।

ଅଗତ୍ୟା
ସେତୁଟିଏ ଗଢ଼ିବାର ଅଛି ତ
ବେଫିକର୍ ଗଢ଼
(ଦାୟ ବଦ୍ଧତା ସହ)
ସଂକଳ୍ପ ଓ ସୌଜନ୍ୟର;
ଯା' ଉପରେ ନିତି ନିତି ଗଡୁଥାଉ ଯାନ-
ଦ୍ୱିପାକ୍ଷିକ ସମ୍ବେଦନର।

*ଇଂରାଜୀ ବିଭାଗ ମୁଖ୍ୟ, ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକଟା,*
*ଢେଙ୍କାନାଳ-୨୦*
*ଦୂରଭାଷ: ୭୦୭୭୯୮୪୯୬୦*

# ଜୀବନ ଗୀତା

**ରମେଶ ଚନ୍ଦ୍ର ସାହୁ**

ଯନ୍ତ୍ରଣାକୁ ଅଭିଶାପ ଦେ'ନା ମା'
ସେ ମରିଯିବ
ଦିନରାତିକୁ ଆସିବାକୁ ଦେ' ଅବାରିତ
ପରିବାରର ସୁଖ ପାଇଁ, ନିଜକୁ ଯନ୍ତ୍ରଟିଏ କରି
ସିନ୍ଥିରେ ସିନ୍ଦୂର ମାଖି, ସହିନେ ସବୁ ଅନଭ
ଅପମାନକୁ ହାତର ମଳି, ଗାଳିକୁ ଦାଣ୍ଡର ଧୂଳି କରିନେ
ତୋ ପାଇଁ ମନା ଜହ୍ନରାତିର ସୁଖଦ ତାତି
ଶରତ ବସନ୍ତ ହେମନ୍ତର ସଂପୃକ୍ତି।
ବିନା ଆଲୁଅରେ ଜଳୁଥିବା ତାରାଟିଏ ତୁ
ନଈ ନହୋଇବି, ବାଣ୍ଟୁଥାଉ ସୌମ୍ୟ ଶୀତଳତା
ମରି ଯାଉଥିବା ଇଚ୍ଛାମାନଙ୍କୁ
ପଣତରେ ପୁଟୁଳି କରି
ନିର୍ବାକ କାକୁତିରେ ଫିଙ୍ଗିଥାଉ
ମନ୍ଦିରମାନଙ୍କ ପାହାଚରେ!
ସବାକ୍ ଦିଅଁଙ୍କ ଅଲକ୍ଷ୍ୟରେ ତୁ।
ଆଖି ଅଗଣାରେ ଲୁହ ଲୁଚେଇ
ଅନିଚ୍ଛାକୃତ ବିଦ୍ରୋହକୁ କବର ଦେଉଥା
ସଭିଙ୍କୁ ପରଷୁଥା ଅବିସ୍ମିତା ସୁଖ ତୁ।
ନିଜକୁ ଉଜାଡ଼ି ଅନ୍ୟର ଜୀବନ ଗଢୁ
ନିଷ୍କାମ ଥାଏ ତୋ ଭାବ ପ୍ରବଣତା ଓ ବିଦ୍‌ବତ୍ତା
ପରାଧିନତାର ବ୍ୟାଖ୍ୟା ଖୁବ୍ ଜାଣୁ ତୁ
ପଢ଼ିବାକୁ ଭଲ ପାଉ 'ଭୀମଭୋଇ'
ତେଣିକି ଜୀବନ ନର୍କରେ ସଢୁ
କି' ବାଇଶି ପାହାଚରେ ଗଢୁ
ଦିନମାନେ ପାଲଟନ୍ତି ଅନ୍ଧ ମୁକ ବଧିର
ତୋ' ଓଠରୁ ଝରୁଥାଏ ଜୀବନ ଗୀତା।
ଚୂଲୀରୁ ଦୁଧ ଉତୁରେ
ରାବିଡ଼ି ପାଲଟେ ତୋ ଯନ୍ତ୍ରଣା
କାମ ଦିଏନା ଜଡ଼ିବୁଟି କି ସତର୍କତା
ନିସ୍ପନ୍ଦ ହୁଏ କାଟ ପାଣି
ନିଭୁନଥାଏ କପାଳ ଲିଖନ
ଅଣ୍ଟିକୁ ନ ଆସି ତରକା ସୁଖମାନେ
ହେଉଥାନ୍ତି ବାଟବଣା।

*ଅବସର ପ୍ରାପ୍ତ ପ୍ରାଧାପକ*
*ସା./ପୋ.- ରାସୋଳ, ଜି.- ଢେଙ୍କାନାଳ-୨୧*
*ଦୂରଭାଷ: ୯୪୩୮୪୧୮୪୯୨*

# ସମର୍ପିତ ଜୀବନ

**ବିଷ୍ଣୁ ମୋହନ**

ତୁମ ପାଶେ ସମର୍ପିତ ହୋଇଛି ଜୀବନ
ଦିନେ ନୁହେଁ, ମାସେ ନୁହେଁ, ତୁମରି ନାମରେ ମୋର ନାମ
ହୋଇଛି ବିଲୀନ
ତୁମେ ପଛେ ଠେଲିଦିଅ ପାଦରେ ତୁମର
ଦର୍ପଣରୁ ପୋଛିଲାପରି ଧୂଳିର ଛିଟିକା, ପୋଛିଦିଅ
ଅଂତରୁ କଥାକୁ ମୋହର
ହଜାଇଦିଅ ସବୁ ସ୍ୱପ୍ନ, ମନରୁ ତୁମର
ସମୁଦ୍ର ମନ୍ଥନ କରି, ଭାବନାରେ ଆଉ କିବା ଲାଭ
ଦେଇଥିଲ ଯେତେ ପ୍ରତିଶ୍ରୁତି, ହୋଇଗଲା ସବୁ
ପାଣିର ଫୋଟକା
ମୋ' ମନ କିଂତୁ, ଘଣ୍ଟାର ମିନିଟ୍ କଣ୍ଟାପରି, ଘୁରିବୁଲେ,

ତୁମରି ଚଉପାଶରେ, ନିରବଚ୍ଛିନ୍ନ ଭାବରେ
ସାଇତି ରଖିଛି ସବୁ ସ୍ମୃତି ମନଫରୁଆରେ।
ବେଳେବେଳେ ଅଥୟ କରେ ମାନସିକତା
ଖୋଲିଦେବା ପାଇଁ ସ୍ମୃତିର ଫରୁଆ
ମନହୁଏ ଦୃଢ଼ କରି ଆତ୍ମପ୍ରତ୍ୟୟକୁ ମୋହର
ପୁନଶ୍ଚ ଲହରାଇବାକୁ ପ୍ରେମର-ଗଜଲ
ଆଶାବରୀ ରାଗରେ,କୋଲପ ଫିଟାଇ ଦେଇ
ମନ ସିନ୍ଦୁକରେ।
କାହିଁକି ବିସ୍ମୃତ ହେଲା ସେହି ପ୍ରତିଶ୍ରୁତିର ଜ୍ୱଳନ୍ତ ସ୍ୱାକ୍ଷର
ପୁନଶ୍ଚ ଦୋହରାଇବାକୁ ସେହି ଉକ୍ତି
ତୁମେ ମୋର ଜନ୍ମଜନ୍ମାନ୍ତର।
କଂପନ ତୋଳିବ ମନରେ ଆଶାର ପୂରୁବା ପବନ
ଅସ୍ତରାଗ ଅଭିସାରରେ ବରି ପରଦା ପତନ
ଭଙ୍ଗା ନ'ପକାଇ, କଲ୍ଲୋଳିତ କର ପ୍ରଣୟ ପର୍ବର
ଆମର ସପନ, ଜୀବନ୍ତ ରଖିବାକୁ, ସପନର ଗନ୍ତାଘରେ
ଭରିଦିଅ ନାହିଁ ରାତ୍ରିର ଘିନି ଘିନି ଅଂଧକାରକୁ
ଅପୂର୍ବ ଆଲୋକ ଛଟାରେ ଭରିଯାଉ, ଦୂରକରି ଅବସାଦ
ହୃଦୟର ଉଦୟାଚଳରେ
ଅବସାଦର କଳାମେଘ ଘୁରିବୁଲେ ମନ-ଆକାଶରେ
ପୁଣି ମିଳନର ଚନ୍ଦ ହସିଉଠିବ ଆମ ଜୀବନରେ।
'ସମଝଦାରୋକୋ ଇସାରା କାଫି'
ଜୀବନ୍ୟାସ ଦେଇ, ପୁଣି ସୃଷ୍ଟି କରିବା ମଳୟ ରୋମାଞ୍ଚ,
ପାଶୋରି ପକାଇ ଅତୀତର ଅସଫଳତାର
କାହାଣୀ ଗୁଡ଼ିକୁ।
ଶନଶନ ଶୂନ୍ୟତାକୁ, ଆଡ଼େଇଦେଇ ବ୍ୟାପ୍ତ ଜୀବନ
ସରହଦକୁ ମୁକ୍ତ କରିଦେଇ
ଖୋଲିଦିଅ ଅକୁହା କଥାର ପେଡ଼ି, ଅଭିଷେକ କରି,
ପ୍ରଣୟ ପର୍ବର ଗୁପ୍ତ ଇସ୍ତାହାରକୁ
ଅଂଧକାର ହଟିଯିବ ଛାଏଁ ଛାଏଁ, ସମର୍ପିତ ହେବ
ଦୁଇଟି ଜୀବନ, ଏକାକାର ହୋଇ ବିଶ୍ୱ ଦରବାରରେ।

*ଦୂରଭାଷ: ୭୨୦୫୭୫୮୨୫୫*



# ଆଶ୍ୱାସନା

**ଡାଃ ମନୋରଞ୍ଜନ ଦାଶ**

ମୁଁ ଜାଣେ କେମିତି ସମୟ ବିତୁଥିବ ତୋର।
ସେଇ ନିଷ୍ଠୁର ସତ୍ୟ ମନକୁ ଘାରୁଥିବ ବାରମ୍ୱାର।
ଛଟପଟ ହେଉଥିବ ମନ ତୋର...
ମୁଁ ଜାଣେ, ସହିବାର ଶକ୍ତି ତୋର ବେଶ୍ ରହିଚି...
ସଂଘର୍ଷକୁ ପାଥେୟ କରି ତୋ ଜୀବନଚର୍ଯ୍ୟା।
କିନ୍ତୁ ହାରିଯାଇଚୁ ତୁ।
ହଁ, ଶୁଣ! ଧୈର୍ଯ୍ୟ ହିଁ ତୋର ଏକ ମାତ୍ର ଶକ୍ତି।
ପ୍ରତିଟି ଜୀବନରେ ଆସିଥାଏ, ଦୁଃଖଦ ମୁହୂର୍ତ୍ତ।
ଯାତ୍ରା ବିଧିର ବିଧାନ।
ସମସ୍ତେ ନୀରବରେ ସହିଯିବାକୁ ବାଧ୍ୟ।
ଆଖିର ଲୁହକୁ ଯେତେ ପିଇଲେ ବି
ଝରୁଥାଏ ସିଏ ବାରମ୍ୱାର।
ସମୟ ଗୁଡ଼ାକ ଲାଗୁଥିବ, ଉଦାସ...ଉଦାସ...
ଭାରି କଷ୍ଟ, ଜଳି ଜଳି ବଞ୍ଚିବାରେ!
ଅଦିନିଆ ଝଡ଼ ଆସେ କାହିଁକି, ବୁଝିହୁଏନା।
ଏସବୁ ସୃଷ୍ଟିର ବୈଚିତ୍ର୍ୟ ରଚନା।
ଛାତିକୁ କରିଦିଏ ପଥର।
ମେଞ୍ଚାଏ ଦୁଃଖକୁ ଜାବୁଡ଼ି ବାଟ ଚାଲିବାକୁ ହେବ, ତୋତେ!

*ପ୍ରଭାବତୀ ନିଳୟମ୍, ବେଲତଳ, ପଟ୍ଟାମୁଣ୍ଡାଇ. ଜି.: କେନ୍ଦ୍ରାପଡ଼ା*
*ଦୂରଭାଷ: ୯୪୩୭୩୧୭୭୨୨*

# ଈଶ୍ୱର କେଉଁଠି ?

**ସରୋଜିନୀ ମିଶ୍ର ଏମ୍.ଏ.**

ଈଶ୍ୱର ଆଉ ନାହାନ୍ତି ମୂର୍ତ୍ତୀରେ ତୀର୍ଥରେ।
ଈଶ୍ୱର ଆଉ ନାହାନ୍ତି ଜପରେ ଧ୍ୟାନରେ।
ସେ ସବୁ ନିରର୍ଥକ।
ତଥାପି ଈଶ୍ୱରଙ୍କୁ ଖୋଜା ଚାଲିଛି।
ମନ୍ଦିର ଆଶ୍ରମରେ ଭିଡ଼ ଜମୁଛି।
ଯୋଗ ଧ୍ୟାନ ପୂଜାର ମହତ୍ୱ ବଢ଼ିଯାଇଛି।
କିଏ କ'ଣ ଈଶ୍ୱରଙ୍କୁ ପାଇଲା କି ?
ରୋଗ ବ୍ୟାଧି ମାଡ଼ିଚାଲେ।

ଡାକ୍ତରଖାନାରେ ରୋଗୀଙ୍କ ଭିଡ଼।
କ୍ୟାନ୍‌ସର
ଡାଇବେଟିକ
ବିପି
କିଡ୍‌ନୀ ଫେଲ୍
ହାର୍ଟ ଷ୍ଟୋକ ଏମିତି କେତେ ରୋଗ।
ଲକ୍ଷ ଲକ୍ଷ ଟଙ୍କା ବର୍ବାଦ ହୋଇଯାଏ
ଚିକିତ୍ସାରେ।
କିଛି ଲୋକ ଅୟସ୍ ଆରାମ୍‌ରେ ଦିନ କାଟନ୍ତି।
ଧର୍ମକୁ ଈଶ୍ୱରଙ୍କୁ ଅବମାନନା କରନ୍ତି।
ତେବେ ଈଶ୍ୱର କେଉଁଠି ?
ମନ୍ଦିର, ଡାକ୍ତରଖାନା ନା ଅୟସ ଆରାମ୍‌ରେ ?
କହିପାରିବ କି ?

*କଳିଙ୍ଗ ବିହାର, ଭୁବନେଶ୍ୱର*
*ଦୂରଭାଷ: ୯୭୭୮୮୨୪୬୦୦*

# ସେ ବାୟା ରାଜା (୧)

**ରତ୍ନାକର ରାଉତ**

ପୁଂଜି ଐରାବତ ଖେଳୁଛି ଖେଳ
ଧନ କୁବେର ସେ ଦେଖାଏ ବଳ
ସାରା ପୃଥିବୀରେ ପଡ଼େ ଚହଳ
ସିଏ ବାଚାଳ
କେତେ ବେଳେ କଣ କହୁଛି କରୁଛି
ପାରୁନି ଜାଣି
ଦେଶେ ଦେଶେ ପଶି କରେ କନ୍ଦଳ
ମୁଣ୍ଡ ଦୋଷ ତାର ଅତି ପ୍ରବଳ
ଦିନୁ ଦିନୁ ହୁଏ ଆୟତ୍ତହୀନ
ମାନେନି ବୋଲ
ସଭିଏଁ ମିଳି ତା ଇଲାଜ କର।

ସେ ବାୟା ରାଜା
ନାଚେ ଥେଇ ଥେଇ ବଜାଇ ବାଜା
ଯୁଦ୍ଧ ତା ପାଇଁ ଅଟଇ ଖେଳ
ନାଟ ତାମସା
ତାକୁ ଲାଗୁଛି ମଜା
ସାରା ପୃଥିବୀଟା ନିଆଁ ହୁଳା ତଳେ
ନିର୍ଦ୍ଦୋଷ ଜନତା ପାଆନ୍ତି ସଜା
ସଭିଙ୍କ ସଂପଦ ଲୁଟିବା ପାଇଁ
ଦେଖାଉ ରୋଳ କରୁଛି ଗୋଳ
ବାହାରକୁ ଯାହା ଦେଖେଇ ହୁଏ
ସେ ତାହା ନୁହେଁ
ସିଏ ବଡ଼ ଚତୁର।

ବୁଝି ହୁଏନି
ସଭିଙ୍କର ତାକୁ କାହିଁକି ଡର
ଇତିହାସେ ଲେଖା ତାର ସବୁ ଗୁମର
ଭିଏତନାମରେ ପିଇଲା ପାଣି
ତାଲିବାନୀ ମିଳି ଏମିତି କୁଦିଲେ
ନାକରୁ ତାହାର ବହିଲା ରକତ
ପଳେଇଲା ଛାଡ଼ି ଲାଂଗୁଡ଼ ଜାକି
ଦେଲେ ଏସା ପାହାର
ବାଟ ମିଳିଲାନି
ରାତାରାତି ସେଠୁ ହେଲେ ବାହାର
ସିଏ ଗୋବର ଗଣେଶ କାଗଜ ବାଘ
ପାଳଭୂତଟାକୁ କାହିଁକି ଡର
ଆଖି ଉଠେଇକି ଦେଲେ ଉତ୍ତର
ହେବ ତାହାର ପିଳେହି ପାଣି
ତାକତ ତାହାର ସଭିଂକୁ ଜଣା
ନ ହୁଅ ବଣା
ତାକୁ ଦେଲେ ମୁହଁତୋଡ଼ ଜବାବ
ବଦଳିଯିବ ତା ସବୁ ସ୍ୱଭାବ
ଡରନି ତାକୁ
ନହେଲେ ଦେଖିବ
ବେଲୁ ବେଲୁ ସିଏ ହେବ ବେକାବୁ।

# ଚକା ଆଖି ସବୁ ଦେଖୁଛି

**ବିଭୁତି ଭୂଷଣ ତ୍ରିପାଠୀ**

ରଥଚକ ପରି ଲାଗେ କାଳ ଘୁରୁଚି,
ଆଜିଯେ ଉପରେ କାଲି ତଳେ ପଡୁଛି।
ସବୁ ବୁଝିଲେବି ଲାଗେ ଅବୁଝା ଲାଗୁଛି,
ହେଲେ ଚକା ଆଖି ଆହେ ସବୁ ଦେଖୁଛି।

ସଂସାର ଗୌରବ ଏଇ ରଥ ଯାତରା
ଶରଧାବାଲିରେ ପୂରିବ ଅନେକ ପସରା।
କେତେ ଭେଷ ହୋଇ ଭକ୍ତ ଆସିବେ,
କାଳିଆ ସାଆନ୍ତେ ତାଙ୍କୁ ଦର୍ଶନ ଦେବେ।

ଗତ ବର୍ଷ ଯେ ଥିଲା ଉଚ୍ଚ ପଦରେ,
ରଥ ଆଗେ ବୁଲୁଥିଲା ଯାହା କୃପାରେ।
ଆଜି ସେ ଭିତରେ କୁଆଡ଼େ ପଶିଛି,
ଚକା ଆଖି ତାକୁ ଏବେବି ଦେଖୁଛି।

ଲୁଗାଭେସ ସହ ମୁଣ୍ଡରେ ତିଳକ
ଦଳ ଭେଦରେ ଲାଗେ ନାହିଁ ମେଳକ।
ହେଲେ ଭକତି ଲଗାଏ ମନରେ ଡୋରି,
ଆହେ ମହାବାହୁ ପଡୁଛି ଭକ୍ତଙ୍କ ହୁରି।

ଯିଏ ଆସିଛନ୍ତି ଯାହା ପାଇବା ଚିନ୍ତାରେ,
କେଭେ ଫେରିବେନି କିଏ ଖାଲିହାତରେ।
କିଛି ନଜଣେଇ କଳା ଠାକୁର ନିଶ୍ଚିତ ଦେବ,
ଭଲ ମନ୍ଦ ଯାହା ବିଚାର ସେତ ମଙ୍ଗଳ ହେବ।

*ପ୍ଲଟ୍ ସଂଖ୍ୟା- ୭୭୫, ପୁରୁଣା ପୋଷ୍ଟ ଅଫିସ୍ ଗଳି,*
*ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୭୬୪୩୭୦*

# ମୋ ଗ୍ରାମ ଭାରି ସୁନ୍ଦର

**ସ୍ନିଗ୍ଧାରାଣୀ ପଣ୍ଡା**

ପୂରୁବ ଆକାଶେ ସୂରୁଜ ଉଇଁଲେ
ମୋ ଗାଁ ମୂରୁକି ହସେ।
କୋହଲା ପବନ ହାଲକେଇ ଆସି
ମଲ୍ଲୀ ଫୁଲ ଖାଲି ବାସେ ॥

ଦୂର ପାହାଡ଼ରୁ ପକ୍ଷୀମାନେ ଯେବେ
କରୁଥାନ୍ତି କଳରବ।
ମୋ ଗାଁର ଝିଅ ନଈ କୂଳେ କୂଳେ
ଲାଜେଇକି ଚାଲୁଥିବ ॥

ପରିପାଟୀ ତା'ର ଅତୀବ ସୁନ୍ଦର
ସରି ନୋହିବେ ରେ କେହି।
ମୋ ଗାଁ ମାଟି ବାସୁଥାଏ ନିତି
ବର୍ଷା, ଖରା ଟାଇଁଟାଇଁ ॥

ଫୁଲେଇ ଜହ୍ନଟା ରାତିରେ ଆସିକି
ଚାନ୍ଦିନୀ ତା' ଢାଳି ଦିଏ।
ପୋଖରୀ ତୁଠରେ ସୁନ୍ଦରୀ ଓଢ଼ଣୀ
କେଉଁ କାଳୁ ଭାସୁଥାଏ ॥

ବୁଢ଼ୀ ଅସୁରୁଣୀ ଆମ୍ବ ତୋଟାମାନେ
ଜଗି ବସିଥିବ କାଳେ!
ଭାବି ଭାବି ସେଇ ଅଚିହ୍ନା ପଥିକ
ଶୁଖିଲାଟାରେ ଯେ ଡରେ ॥

ମାଟି ମାଆକୁ ଯେ ଭଲପାଇ ପୁଣି
ହଳ ନେଇ ବିଲେ ଯାଏ।
ମୋ ଗାଁ ପୁଅ ଭାରି ଯେ ନିରୀହ
ବରଷା ରାଣୀ ଯେ କୁହେ ॥

କୁନି କୁନି ପିଲା ବସ୍ତାନୀ ପକେଇ
ଇସ୍କୁଲ୍ ଯାଆନ୍ତି ଚାଲି।
ଦୂର ଆକାଶରୁ ଇନ୍ଦ୍ରଧନୁ ଆସି
ହସୁଥାଏ ଖିଲିଖିଲି ॥

*ନରସିଂହପୁର, କଟକ, ଓଡ଼ିଶା*
*ଦୂରଭାଷ: ୯୬୯୨୮୪୨୩୮୪*

# ସୁଷମା ଶୋଭିତ ମସୌରୀ

**କୁଞ୍ଜବିହାରୀ ସାହୁ**

- ୧ -

କାମ୍ପେଟି ପ୍ରପାତ ପାହାଡ଼ ଶିଖରୁ
ତଳକୁ ଯାଉଚି ଗଡ଼ି,
ରୋପୱେ ବସି ଦେଖିବାର ମଜା
ଆପେ ଆପେ ଗଲା ବଢ଼ି।

ଝର ଝର ଝର ପାହାଡ଼ି ଝରଣା
ଗାଇଲା ପାହାଡ଼ି ଗୀତ,
ଗୀତ ଶୁଣ ଶୁଣି ତାଆରି ସାଥୀରେ
ହୋଇଗଲି ପରା ମିତ।

ଦୁଇଶ ପଚାଶ ପାହାଚ ପଡ଼ିଛି
କେମ୍ପିଟି ପ୍ରପାତ ପାଇଁ,

ପାହାଚେ ଚାଲିବା ଲାଗଇ ସହଜ
ଚାଲିଲେ ଭଉଣୀ ଭାଇ।

ଏମିତି ପ୍ରପାତ ସଜେଇ ରଖିଛି
ମସୌରୀ, ଦେଖରେ ଦେଖ
ଥରୁଟେ ବୁଲିଲେ ପାସୋରି ହେବନି
ଖାତାରେ କବିତା ଲେଖ।

ଅଶିଣ ମାସରେ ମସୌରୀ ଗଲି ମୁଁ
ଦେଖିଲି ପ୍ରପାତ ସେଠି
ମନକୁ ପାଇଲା ସ୍ୱର୍ଗୀୟ ସୁଷମା
ସଜେଇଦେଲି ମୁଁ ଏଠି।

- ୨ -

କମ୍ପାନୀ ଗାର୍ଡେନ ଭିତରେ ବୁଲିଲି
ଦେଖିଲି ଫୁଲର ହାଟ,
କେତେ ପ୍ରଜାତିର ଫୁଲ ଯେ ଫୁଟିଛି
ସଜେଇଛି ଚଲାବାଟ।

ଅଚାନକ ଗୋଟେ ଶୀତୁଆ ଲହର
ଦେହରେ ବାଡ଼େଇହେଲା
ବୁଝିବା ଆଗରୁ କାରଣ ଏହାର
ଦେହକୁ ଥରେଇଦେଲା।

ଧସେଇ ପଶିଲା ମହୁଲିଆ ଘର
ଦେହକୁ ଉଷୁମ କରି
ଭାବିଲି ଏ ବୋଧେ ପ୍ରକୃତିର ଦାନ
ମନେ ମନେ ହେଲି ସ୍ମରି।

ନଉକା ବିହାର ଅତୀବ ମଉଜ
ଖୁସିରେ ଆଦରିନେଲି
ଏତେ ଯେ ଚମକ ମିଳିବ ନାହିଁରେ
ସତେ କି ପାଗଳ ହେଲି।

- ୩ -

ଆକାଶଟା ସତେ ଓହ୍ଲେଇ ପଡ଼ିଲା
ଆମ ଘର ଛାତପରେ
କୁହୁଳା ବାଦଲ ଲହଡ଼ି ଭାଙ୍ଗିଲା
ବେଳ ଦେଖି ଥରେ ଥରେ।

ଧସେଇ ପଶିଲା ମେଘୁଆ ପବନ
ଝରକାର ଫାଙ୍କ ଦେଇ,
ଶୋଇଲା ଶେଯରେ ମୋ ଦେହ ଥରାଇ
ନାଚୁଛି ଥେଇକି ଥେଇ।

ମସୌରୀ ସହର ପାହାଡ଼ି ଘରେ ମୁଁ
ରହିଲି ଆନନ୍ଦେ ବୋଲି,
ଖରା ଓ ଛାଇର ଧାଁ ଧଉଡ଼କୁ
ଦେଖିଲି ଝରକା ଖୋଲି।

*ପ୍ଲଟ ନଂ. ୨୬/୨୫୧୧/୨୬୧୧,*
*ପୋଷ୍ଟ- ପାତ୍ରପଡ଼ା, ଭୁବନେଶ୍ୱର-୭୫୧୦୧୯*
*ଦୂରଭାଷ: ୭୦୦୮୧୪୨୦୪୦*

# ଆକାଂକ୍ଷା

**ଦେବଯାନୀ ରାୟ**

ଦୁଃଖକୁ କଜ୍ଜ୍ୱଳ କରି ନାଇଲା ବେଳକୁ
ସେ ବହିଗଲା ଠପ୍ ଠପ୍ ଲୁହ ହୋଇ ଚିବୁକର ଧାରେ
ଓଳିତଳ କାକର ଟୋପା ପରି
ଅସହଣି ଶବ୍ଦମାନଙ୍କୁ ଚିତ୍ରକଳ୍ପ ପିନ୍ଧାଇଲା ବେଳେ
ସେ ଚିତ୍ର ହୋଇ ଲାଖିରହିଲା ଆଖିର କାନଭାସ୍‌ରେ
ଦୂର ଦିଗ୍‌ବଳୟର ଇନ୍ଦ୍ରଧନୁ ସରି।

କେତେଥର ଭାବିଛି ଦୁଃସହ ସମୟକୁ ମାଖିଦେବି
ବଟାହଳଦୀ ପରି ମୋ ଦେହରେ
ହାବୁକା ଲୁହର ଲହଡ଼ିଗୁଡ଼ିକୁ ମଡ଼ାଇ ଦେବି
ଆଶାର ଫସଲ କ୍ଷେତରେ
ଝଡ଼ର ଉତ୍ତାଳ ସ୍ରୋତକୁ ବାନ୍ଧିଦେବି ବନ୍ଧ
ଅନନ୍ୟ ଧୈର୍ଯ୍ୟର
ବିଚ୍ଛୁରିତ ଶବ୍ଦମାନଙ୍କୁ ଏକଜୁଟ କରି ତୋଳିନେବି ସୁର ତାଲ୍
ହାର୍ମୋନିୟମରେ ସା- ରେ- ଗା- ମା- ପା ର।

ହେଲେ ବି ଏତେ ସବୁ ପରେ ଝର୍କା ବାହାରେ
ରକ୍ତାକ୍ତ ପବନର ଆର୍ତ୍ତ କାନ୍ଦଣା
ଭୀତି ଭରେ ମନରେ
ରାତି ଅଧରେ ଚାଦର ଭିତରୁ କୁଙ୍କୁରି ଉଠେ
ଶଙ୍କାକୁଳତାର ଓଦା ଦେହ
ରକ୍ତସ୍ନାତ ସମୟର ଅଟ୍ଟହାସ୍ୟ ମାନଙ୍କରେ।

ଉଚ୍ଚାକାଂକ୍ଷାର ସ୍ୱପ୍ନରେ ମୁଁ ନିଇତି ଚଢୁଥାଏ
ପାହାଚ ପରେ ପାହାଚ
କେବେ ପୁଣି ଡେଣା ଝାଡ଼ି ଉଡ଼ିଯାଏ

ସୁଦୂର ଆକାଶ
ଯଦିଓ ସନ୍ତୁଷ୍ଟ ଲାଗେନି ମୁଁହ
ଫମ୍ପା ବାଦଲର
ତେଣୁ ତା' ପରଦିନ ଆଲୁଅର କୋଳାହଳ ଭିତରୁ
ମୁଁ ଜାରିରଖେ ମୋର ଅନ୍ୱେଷଣ।

ଏମିତି ଦିନେ ଧୀରେ ଅନୁଭବ କରି
ଶବ୍ଦର ରଙ୍ଗ ବେରଙ୍ଗ ନିରତ୍ୟୟ ଆଲିଙ୍ଗନରେ
ମୁଁ ନୀର୍ଲିପ୍ତ ଅନ୍ତସ୍ୱତ୍ତା
ନାହିଁ ନିର୍ଦ୍ଧିଷ୍ଟ ଭବିଷ୍ୟତର ଅଟ୍ଟାଳିକା
ନାହିଁ ଅକାଟ୍ୟ ପ୍ରତିଶ୍ରୁତିର ସୁଉଚ୍ଚ ପ୍ରାଚୀର
ଖାଲି ଯା ତା ଦେହ ମୋ ଦେହର ଅତଳାନ୍ତ ଉଷ୍ଣ
ନିଶ୍ୱାସରୁ
ମୁଁ ଖୋଜିଚାଲିଛି
ଝଲ୍ ମଲ୍ ସୁଖର ଯାଦୁଗରୀ ସତ୍ତା।

ଯାହାପାଇଁ ମୋ ଶରୀର ପାଲଟିଛି ଆଜି
ତପସ୍ୱିନୀ ରାତି
ସୂର୍ଯ୍ୟଚନ୍ଦ୍ର ଓ ଅବଶିଷ୍ଟ ଗ୍ରହନକ୍ଷତ୍ରଙ୍କ ଲେଖନୀରେ ଲିଖିତ
ମୋ ଅଧାଭରା ନିୟତି।

*ଜଟଣୀ, ଖୋର୍ଦ୍ଧା*
*ଦୂରଭାଷ: ୯୪୩୭୪୧୩୩୧୪*

# ବିଶ୍ୱାସ

**ଡ. ଚିତ୍ରାକାନ୍ତୀ ସେଠୀ**

ଏଠି ସରଳ ବିଶ୍ୱାସୀ ହେଲେ
ଅନେକ ସମସ୍ୟାକୁ
ସାମ୍ନା କରିବାକୁ ପଡେ
ଯନ୍ତ୍ରଣାର ଅମୋଘ ଅସ୍ତ୍ରରେ
ନିଜେହିଁ ଶରବିଦ୍ଧ ହେବାକୁ ପଡିଥାଏ
ଏହାର କାରଣ ଭିନ୍ନ ମଧ୍ୟ ହୋଇପାରେ
ସମସ୍ତଙ୍କୁ ଆପଣାର କରିବା ଆଶାରେ
ସବୁ ଚେଷ୍ଟା ଅସଫଳ ହୋଇଥାଏ।

ମୁଁ ସେଥିପାଇଁ କହେ
ତୁମେ ଅନ୍ୟକୁ ବିଶ୍ୱାସ କର
ନିଜେ କିନ୍ତୁ ସରଳ ବିଶ୍ୱାସୀ ହୁଅନି
ବିଶ୍ୱାସରେ ଗଡିଆକୁ ଗଙ୍ଗା ଭାବ
କିମ୍ବା ତେତିଶ କୋଟି ଦେବତାଙ୍କୁ
ବିଶ୍ୱାସ କରିଥାଅ
ସେଥିରେ ମନା ନାହିଁ
ମନେ ରଖିବାକୁ ହେବ
ଆମ ଘରର ଇଷ୍ଟ ଦେବତା
ସର୍ବଦା ପ୍ରାତଃ ସ୍ମରଣୀୟ ବୋଲି
କିମ୍ବା ଏମିତିବି ହୋଇପାରେ
ଯେ କୌଣସି ଦେବତାଙ୍କୁ ମାନିନିଅ
ନିଜର ବେଦନା ଜଣାଇବା ପାଇଁ।

ଏଠିତ ସବୁ ବିଶ୍ୱାସରେ ଚାଲେ
ଖାଇବା ପିଇବା ଶୋଇବା
କିମ୍ବା କୌଣସି ଶୁଭକାର୍ଯ୍ୟ ଆରମ୍ଭରେ
ବିଶ୍ୱାସର ସୂତ୍ରରେ
ହୋମ ଯଜ୍ଞ ମନ୍ତ୍ର ଧ୍ୱନିରେ
ପ୍ରକମ୍ପିତ ହୋଇଯାଏ ପରିବେଶ
ଏଠି ଏଇୟାହିଁ ହୁଏ
ପରିବେଶରୁ ଭାବ
ଏବଂ ଭାବରୁ ଭକ୍ତି ସୃଷ୍ଟି ହୁଏ
ବିଶ୍ୱାସରେ ସମର୍ପିତ ହୋଇଯାଏ
ଆମର ବିଚଳିତ ମନ ଏବଂ ପ୍ରାଣ।

ଏଠି ବିଶ୍ୱାସରେ ଯଦି ଶାନ୍ତି ମିଳୁଛି
ତେବେ ଅସୁବିଧା ନାହିଁ
ପୂଜା ପାଠରେ
ଧ୍ୟାନ ମୁଦ୍ରାରେ ବସି
ଯଦି ବିଚଳିତ ମନକୁ
ଶାନ୍ତ କରାଯାଇପାରେ
ଅସୁବିଧା କିଛି ନାହିଁ
ସବୁରି ମନ ଭକ୍ତି ଭାବନାରେ
ଭରପୁର ହୋଇଯାଉ
ସମସ୍ତେ ପୁନର୍ବାର ବୋଲନ୍ତୁ
ବସୁଧୈବ କୁଟୁମ୍ବକମ୍
କିମ୍ବା
ଧର୍ମ ସଂସ୍ଥାପନାର୍ଥାୟ
ସମ୍ଭବାମି ଯୁଗେଯୁଗେ ଭଳି
ପବିତ୍ର ଶବ୍ଦ ମାନଙ୍କରେ।

*ଅଧ୍ୟାପିକା, ଓଡିଆ ଭାଷା ସାହିତ୍ୟ ବିଭାଗ*
*ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ, ରାଜକନିକା, କେନ୍ଦ୍ରାପଡ଼ା*

ତନ୍ମାତ୍ର

# ମୌଳିକ କଥାବସ୍ତୁ ଉପରେ ନିର୍ମିତ ଚଳଚ୍ଚିତ୍ର "ଅନନ୍ତା"

ବ୍ୟାନର- ଆମରା ଷ୍ଟୁଡ଼ିଓ, ଆମରା ମ୍ୟୁଜିକ୍, ସବ୍ୟସାଚୀ ଫିଲ୍ମସ୍। ପ୍ରଯୋଜକ- ନବୀନ ଭଣ୍ଡାରେ, ସୁରଜ ମହନତ, ଅର୍ଚ୍ଚିତା ସାହୁ। ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା- କୁମାର ସି. ଦେବ ଓ ସବ୍ୟସାଚୀ ମହାପାତ୍ର। ସଙ୍ଗୀତ- ଅଭିଜିତ୍ ମଜୁମଦାର, ସଂଳାପ- ଡ. ରଜନୀ ରଞ୍ଜନ।

ଆଧୁନିକ ଓଡ଼ିଆ ଗଳ୍ପର ଜନକ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଛଅ ମାଣ ଆଠ ଗୁଣ୍ଠ, ମାମୁଁ, ଲଛମା, ପ୍ରାୟଶ୍ଚିତ୍ ପରି ଉପନ୍ୟାସ ଓ ରେବତୀ, ରାଣ୍ଡୀପୁଅ ଅନନ୍ତା, ଡାକମୁନସୀ, ପେଟେଣ୍ଟ ମେଡ଼ିସିନ୍ ପରି ୨୧ଟି କାଳଜୟୀ ଗଳ୍ପର ସ୍ରଷ୍ଟା। ମକର ସଂକ୍ରାନ୍ତିରେ ଜନ୍ମ ହୋଇ ରଜ ସଂକ୍ରାନ୍ତିରେ ଦେହ ତ୍ୟାଗ କରିଥିବା ଏହି ମହାନ୍ ଔପନ୍ୟାସିକଙ୍କ 'ରାଣ୍ଡୀପୁଅ ଅନନ୍ତା' ଉପନ୍ୟାସ ଆଧାରିତ ଚଳଚ୍ଚିତ୍ର 'ଅନନ୍ତା'ର ନିର୍ଦ୍ଦେଶକ ହେଲେ ସବ୍ୟସାଚୀ ମହାପାତ୍ର। ନାୟକ ହେଲେ ସବ୍ୟସାଚୀ ମିଶ୍ର। ଦୁଇ ସବ୍ୟସାଚୀଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ମାଟି, ପାଣି, ପବନ ଗନ୍ଧକୁ ନେଇ ଏହି ଚଳଚ୍ଚିତ୍ର। ମୁଖ୍ୟ ନାୟକ ଅନନ୍ତା ଭୂମିକାରେ ସବ୍ୟସାଚୀ। 'ଅନନ୍ତା' ସବୁବେଳେ ସମସ୍ୟା ସୃଷ୍ଟି କରେ, ସମସ୍ତଙ୍କୁ ହଇରାଣ କରେ। ଦୁଷ୍ଟ ଯୁବକଟିଏ। ଯା' ତା' ବାଡ଼ିରେ ପଶି ମକା, କାକୁଡ଼ି, ଆଖୁ, ଆତ, ଆମ୍ବ ପ୍ରଭୃତି ଖାଇଦିଏ। ସାଙ୍ଗରେ ଆଠ ଦଶ ଜଣ ଛୋଟପିଲାଙ୍କୁ ବି ନିଏ। ଗାଁ ସାହୁକାର ହରି ସାହୁ (ପୃଥ୍ୱୀରାଜ) ଝିଅ (ସୂର୍ଯ୍ୟମୟୀ) ଅନନ୍ତାକୁ ଏକତରଫା ଭଲପାଇ ବାହା ହବାକୁ କହେ। କିନ୍ତୁ ଅନନ୍ତା ନିର୍ବିକାର। ପ୍ରେମ କ'ଣ ଜାଣିନି। ଏକୁଟିଆ ଦଶ ଜଣଙ୍କ ଖାଦ୍ୟ ଖାଏ। ବୋଉ (ଜ୍ୟୋତିର୍ମୟୀ) ତା'ର ତାକୁ ଖୁବ୍ ଭଲପାଏ। ଗାଁ ଅବଧାନ (କୁନା ତ୍ରିପାଠୀ) ପାଠ ପଢ଼େଇଲାବେଳେ ତାଙ୍କୁ ବି ବିଛୁଆଟି ମାରି ହଇରାଣ କରେ। ଗାଁ ଚଉକିଆ ଝପଟ ସିଂହ (ତାପସ ସରଘରିଆ) ଅନନ୍ତା ଘରେ ଚୋରି କରି ଧରାପଡ଼େ। ଗାଁବାଲା ତାକୁ ପୋଲିସ୍‌ରେ ଦେବାକୁ ଗଲାବେଳେ ଅନନ୍ତା ତାକୁ କ୍ଷମା କରିଦେବାକୁ କୁହେ। ବୟସ୍କ ଲୋକଙ୍କୁ ସାହାଯ୍ୟ କରେ। ମନ୍ଦିରରେ ନେତ ଉଡ଼ିଗଲାବେଳେ କେହି ଲଗାଇବା ପାଇଁ ରାଜି ହେଉନଥିଲାବେଳେ ଅନନ୍ତା ଚଢ଼ି ସାହସର ସହିତ ଲଗାଇଦିଏ। ମୋଟ୍ ଉପରେ ସେ ଦୁଷ୍ଟ ହେଲେବି ତା ପାଖରେ ମାନବିକତା ଥାଏ। ତାଙ୍କ ଗାଁ, ନଦୀ ବନ୍ଧ ପ୍ରବଳ ବର୍ଷା ଜଳରେ ଉବୁଟୁବୁ।




ଗୋଟିଏ ଜାଗାରେ ଘଳିଆ ପଡ଼ିଲା ଓ ଧୀରେ ଧୀରେ ସେ ଘଳିଆ ବଡ଼ ହେବାକୁ ଲାଗିଲା। ଗାଁବାଲା ମିଶି ଯେତେ ମାଟି ପକାଇଲେ ବି ଘଳିଆ ବନ୍ଦ ହେଲାନି। ଏହି ସାହସୀ ଅନନ୍ତା ଏକ କାଠ କବାଟ ନେଇ ଘଳିଆ ମୁହଁରେ ଦେଇ ଜୋରରେ ଚାପି ଧରି ମାଟି ପକାଇବା ପାଇଁ କହିଲା। ସେ ଗ୍ରାମବାସୀଙ୍କୁ ମାଟି ଉପରେ ମାଟି ଗଦା କରିବା ପାଇଁ ଉତ୍ସାହିତ କରୁଥାଏ। ଧୀରେ ଧୀରେ ତା'ର ଶରୀର ମାଟିରେ ପୋତି ହୋଇଗଲା। ଘଳିଆ ବନ୍ଦ ହୋଇଗଲା; କିନ୍ତୁ ଅନନ୍ତା ସେହି ମାଟି ଭିତରେ ସହିଦ୍ ହୋଇଗଲା। କାହାଣୀଟି ତ୍ୟାଗର ଏକ ବିରଳ ଉଦାହରଣ। ଖୁବ୍ ସୁନ୍ଦର ଭାବରେ ଉପସ୍ଥାପିତ ହୋଇଛି ଚଳଚ୍ଚିତ୍ରଟି। କୁନା ତ୍ରିପାଠୀ ଓ ତାପସ ସରଘରିଆଙ୍କ କମେଡ଼ି ବହୁତ ଚମତ୍କାର। ସବ୍ୟସାଚୀଙ୍କ ସରଳ ନିଷ୍କପଟ ଚରିତ୍ରଟି ସବୁଠାରୁ ଅଧିକ ମନଛୁଆଁ।

ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସବ୍ୟସାଚୀ ମିଶ୍ର, କୁନା ତ୍ରିପାଠୀ, ସୂର୍ଯ୍ୟମୟୀ ମହାପାତ୍ର, ଜ୍ୟୋତିର୍ମୟୀ ପଣ୍ଡା, ତାପସ ସରଘରିଆ, ପୃଥ୍ୱୀରାଜ ନାୟକ, ଅଟଳ ବିହାରୀ ପଣ୍ଡା, ଜଗଦାନନ୍ଦ ଛୁରିଆ, ପ୍ରଦ୍ୟୁମ୍ନ ସାହୁ, ଜିତେନ୍ଦ୍ରିୟ ହୋତା, ସୁଶୀଲ କୁମାର ମେହେର, ରବୀନ୍ଦ୍ର ସାହୁ, ନେତ୍ରାନନ୍ଦ ବାରିକ, ଲୋଚନି ବାଗ, ସୁଶୀଳା ନାୟାର, ମୀନା ମହାରଣା, ମୁନିଆ ପାଣିଗ୍ରାହୀ, ତପସ୍ୱିନୀ ଗୁରୁ, ଜ୍ୟୋତି ମୁଣ୍ଡା ପ୍ରମୁଖ।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*

# ଭାରତୀୟ ଫୁଟ୍‌ବଲର କାଲି ଆଜି ଓ ଆସନ୍ତାକାଲି

## ସୁବର୍ଣ୍ଣ ଯୁଗର ଅନ୍ତିମ ପର୍ଯ୍ୟାୟ

୧୯୫୮ ଏସିଆନ୍ ଗେମ୍‌ରେ ପରାସ୍ତ ହୋଇ ଚତୁର୍ଥ ସ୍ଥାନ ଦଖଲ କରିବାପରେ ଭାରତୀୟ ଦଳ ଖେଳିବାକୁ ପ୍ରସ୍ତୁତ ହୋଇଥିଲା ୧୯୬୦ ରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ହୋଇଥିବ ଏସିଆ କପ୍‌ରେ। ଏଥିରେ ଭାରତୀୟ ଦଳ ଚୂଡ଼ାନ୍ତ ପର୍ଯ୍ୟାୟ ରାଉଣ୍ଡ ରବିନ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିନପାରି ହତାଶ ହୋଇଥିଲା। ଭାରତ କେନ୍ଦ୍ରୀୟ ଜୋନ୍‌ରେ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିଥିଲା ଇସ୍ରାଏଲ, ଇରାନ୍ ଓ ପାକିସ୍ତାନ ସହିତ ଏଥିରେ ପ୍ରତ୍ୟେକ ଦଳ ଅନ୍ୟ ଦଳ ସହ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳି ସମୁଦାୟ ଛଅଟି ମ୍ୟାଚ୍ ଖେଳିଥିଲେ। ଏଇ ଛଅଟି ମ୍ୟାଚ୍ ମଧ୍ୟରୁ ଭାରତ ପାକିସ୍ତାନ ବିପକ୍ଷରେ ଗୋଟିଏ ମ୍ୟାଚ୍‌ରେ ୧-୦ ରେ, ଇରାନ୍ ବିପକ୍ଷରେ ଗୋଟିଏ ମ୍ୟାଚ୍‌ରେ ୩-୧ ରେ ବିଜୟୀ ହୋଇଥିଲା ବେଳେ ପାକିସ୍ତାନ ଓ ଇରାନ୍ ବିରୁଦ୍ଧରେ ଖେଳିଥିବା ଅନ୍ୟ ଦୁଇଟି ଯାକ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା ଏବଂ ଇସ୍ରାଏଲ୍ ଠାରୁ ଦୁଇଟିଯାକ ମ୍ୟାଚ୍‌ରେ ପରାସ୍ତ ହୋଇ ସମୁଦାୟ ୪ ପଏଣ୍ଟ ପାଇ ଯୋଗ୍ୟତା ପର୍ଯ୍ୟାୟରେ ୪ଟି ଦଳ ମଧ୍ୟରେ ଶେଷ ସ୍ଥାନ ସହ ପ୍ରତିଯୋଗିତାରୁ ବିଦାୟ ନେଇଥିଲା।


ଏହି ପ୍ରତିଯୋଗିତାରୁ ବିଦାୟ ନେଲାପରେ ଭାରତୀୟ ଫୁଟବଲ ପ୍ରଶାସକମାନଙ୍କ ମଧ୍ୟରେ ମନୋମାଳିନ୍ୟ ଓ ରାଜନୀତି ଅତି ତୀବ୍ର ହୋଇ ଉଠିଥିଲା। ୧୯୬୦ ରୋମ୍ ଅଲିଂପିକ୍‌ସରେ ଯୋଗ ଦେବା ପାଇଁ ବହୁ ବାଦ ବିସମ୍ବାଦ ମଧ୍ୟରେ ଅବଦୁଲ୍ ରହିମ୍‌ଙ୍କ କୋଚିଂରେ ଓ ପି. କେ. ବାନାର୍ଜୀଙ୍କ ନେତୃତ୍ୱରେ ଭାରତୀୟ ଦଳ ପୂର୍ଣ୍ଣ ସମ୍ଭାବନା ସହ ଅଂଶଗ୍ରହଣ କରିଥିଲେ। ଗ୍ରୁପ୍ ଡି. ରେ ସ୍ଥାନୀତ ୧-୧ ରେ ମ୍ୟାଚ୍ ଅମୀମାଂସିତ ରଖିଥିଲା ବେଳେ ହଙ୍ଗେରୀ ଠାରୁ ବହୁତ ଭଲ ଖେଳି ମଧ୍ୟ ମ୍ୟାଚ୍ ୧-୨ ଗୋଲ ବ୍ୟବଧାନରେ ପରାସ୍ତ ହେବା ଫଳରେ ପଏଣ୍ଟ ହରାଇଥିଲା। ହଙ୍ଗେରୀ ୩ଟି ଯାକ ମ୍ୟାଚ୍ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଥିଲା ଏବଂ ଭାରତ ପ୍ରତିଯୋଗିତାରୁ ବିଦାୟ ନେଇଥିଲା। ଏହାହିଁ ଥିଲା ଭାରତୀୟ ଫୁଟବଲ ଦଳର ଶେଷ ଅଲିଂପିକ ପ୍ରତିଯୋଗିତା। ଏହା ପରଠାରୁ ଆଉ ଥରେ ଭାରତୀୟ ଦଳ ଅଲିଂପିକ୍‌ର ଯୋଗ୍ୟତା ପର୍ଯ୍ୟାୟରେ ମଧ୍ୟ ସଫଳତା ପାଇପାରିନାହିଁ କିମ୍ବା ଅଲିଂପିକ୍‌ରେ ଅଂଶଗ୍ରହଣ କରିପାରିନାହିଁ। ଏଇ ଅଲିଂପିକ ପ୍ରତିଯୋଗିତାରେ ରହିମ୍ କୋଚିଂରେ ଖେଳୁଥିବା ଟାଣୁଆ ଭାରତୀୟ ଦଳରେ ଥିଲେ ଅଧିନାୟକ ପି. କେ. ବାନାର୍ଜୀ, ଗୋଲ କିପର ପିଟର ଥଙ୍ଗରାଜ, ଜର୍ଣ୍ଣଏଲ ସିଂହ, ମାରିଆପ୍ପା କେଂପାୟା, ବାହାଦୂର ରାମ, ୟୁସୁଫ ଖାନ୍, ଚୁନି ଗୋସ୍ୱାମୀ, ତୁଳସୀ ଦାସ ବଲରାମ୍ ଓ ହାକିମ୍।

ରୋମ ଅଲିଂପିକ୍‌ସରେ ପରାସ୍ତ ହୋଇଥିଲେ ମଧ୍ୟ ସେଇ ଅନୁଭୂତିକୁ ସମ୍ବଳ କରି ଦଳ ଏସିଆନ୍ ଗେମ୍‌ସରେ ୧୯୬୨ ରେ ପଡ଼ିଆକୁ ଓହ୍ଲାଇଥିଲା କିଛି ଦୃଢ଼ ମନୋଭାବ ସହିତ। ଏଥିରେ ସହାୟତା କରିଥିଲା ଅବଦୁଲ୍ ରହିମ୍‌ଙ୍କର ସଫଳ କୋଚିଂ।

୧୯୬୨ ଏସିଆନ୍ ଗେମ୍‌ସରେ ଇସ୍ରାଏଲ୍ ଓ ବର୍ମା ଓହରିଯିବା ପରେ ଚାରିଟି ସ୍ଥାନରେ ଦଳଗୁଡ଼ିକ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା ଏବଂ ଭାରତ ସ୍ଥାନୀତ ହୋଇଥିଲା ଗ୍ରୁପ୍ 'ବି' ରେ ଦକ୍ଷିଣ କୋରିଆ, ଜାପାନ ଓ ଥାଇଲାଣ୍ଡ ସହିତ। ଗ୍ରୁପ୍ ମ୍ୟାଚ୍‌ରେ ଭାରତ ଦକ୍ଷିଣ କୋରିଆଠାରୁ ୨-୦ ପରାସ୍ତ ହୋଇଥିଲେ ମଧ୍ୟ ଥାଇଲାଣ୍ଡକୁ ୪-୧ ଗୋଲ ଏବଂ ଜାପାନକୁ ୨-୦ ଗୋଲ ବ୍ୟବଧାନରେ ହରାଇ ଗ୍ରୁପ୍‌ର ରନର୍ସ ଦଳ ଭାବରେ ସେମିରେ ପ୍ରବେଶ କରିଥିଲା। ସେମିରେ ଦକ୍ଷିଣ ଭିଏଟନାମକୁ ୩-୨ ଗୋଲରେ ହରାଇ ଭାରତ ଫାଇନାଲରେ ପ୍ରବେଶ କରିଥିଲା। ଶେଷରେ ଫାଇନାଲ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ୨-୧ ଗୋଲ ବ୍ୟବଧାନରେ ହରାଇ କେବଳ ୧୯୫୮ ଏସିଆନ ଗେମ୍‌ସ ପରାଜୟର ପ୍ରତିଶୋଧ ନେଇନଥିଲା ବରଂ ପ୍ରଥମ ଓ ଶେଷଥର ପାଇଁ ଭାରତ ଏସିଆନ ଗେମ୍‌ସରେ ଫୁଟବଲ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଏଇ ପ୍ରତିଯୋଗିତାରେ ଗୋଲ ଦେବାରେ ଯେଉଁ ଭାରତୀୟ ପୁରୋଭାଗର ଖେଳାଳୀମାନେ ସଫଳ ହୋଇଥିଲେ ସେମାନେ ହେଲେ ପି. କେ. ବାନାର୍ଜୀ ୪ଟି ଗୋଲ, ଚୁନି ଗୋସ୍ୱାମୀ ୩ଟି ଗୋଲ, ବଲରାମ୍ ଏବଂ ଜର୍ଣ୍ଣଲ ସିଂହ ପ୍ରତ୍ୟେକ ୨ଟି ଲେଖାଏଁ ଗୋଲ। ଏସିଆନ୍ ଗେମ୍‌ସର ଏଇ ସଫଳତାର ଅନେକ ଶ୍ରେୟ ଥିଲା କୋଚ ଅବଦୁଲ ରହିମ୍‌ଙ୍କର ଯିଏକି ନିଜର ଖରାପ ସ୍ୱାସ୍ଥ୍ୟ ସତ୍ତ୍ୱେ ଏଇ ପ୍ରତିଯୋଗିତାକୁ ଏକ ଚ୍ୟାଲେଞ୍ଜ ରୂପେ ଗ୍ରହଣ କରିନେଇଥିଲେ। ଏହା ପରେ ରହିମ୍ କୋଚିଂ ଦାୟିତ୍ୱରୁ ଓହରିଯାଇଥିଲେ। ଚୁନି ଗୋସ୍ୱାମୀ, ପି. କେ. ବାନାର୍ଜୀ, ଜର୍ଣ୍ଣଲ ସିଂହ ଓ ବଲରାମ୍‌ଙ୍କର ଦକ୍ଷତାକୁ ପାଥେୟ କରି ପରବର୍ତ୍ତୀ କିଛି ବର୍ଷ ପର୍ଯ୍ୟନ୍ତ ଭାରତୀୟ ଫୁଟବଲ୍ ଟାଣି ଓଟାରି ହୋଇ ଗତି କରିଥିଲା ମନ୍ଥର ଗତି ସହିତ କିନ୍ତୁ ଏହିଠାରେ ହିଁ ଭାରତୀୟ ଫୁଟବଲ୍‌କୁ ସୁବର୍ଣ୍ଣଯୁଗର ସର୍ବଶେଷ ସଫଳତା ମିଳିଥିଲା ଏବଂ ଏହାପରେ ଆରମ୍ଭ ହୋଇଥିଲା ଅବକ୍ଷୟର ଯୁଗ।

*କ୍ରମଶଃ...*

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୦୭/୨୦୨୫ ରୁ ତା: ୧୪/୦୮/୨୦୨୫)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ



**ମେଷ:-** ଆପଣଙ୍କ ପକ୍ଷେ ମାସଟି ଶୁଭାଶୁଭ ଫଳ ବହନ କରିବ। ମାସର ପ୍ରଥମାର୍ଦ୍ଧଟି ବିଶେଷ ଶୁଭଫଳ ବହନ କଲାବେଳେ ଦ୍ୱିତୀୟାର୍ଦ୍ଧର ଫଳ କର୍ମାନୁସାରି ହେବ। କର୍ମକ୍ଷେତ୍ରର ଗତି ସାବଲୀଳ ହେବା ଯୋଗେ ଲକ୍ଷ୍ୟପ୍ରାପ୍ତି ଅସହଜ ହେବନାହିଁ। ଶତ୍ରୁମାନେ ପୃଷ୍ଠଭଙ୍ଗା ଦେବା କାରଣରୁ ମନରେ ସାହାସ ଓ ପ୍ରଦ୍ୟୁଲ୍ଲିତା ଦେଖାଦେବ। ଉପରିସ୍ଥ ମାନଙ୍କ ଶ୍ରଦ୍ଧାଭାଜନ ହୋଇ କର୍ମପଥରେ ଉତ୍ସାହର ସହିତ ଅଗ୍ରଗତି କରିବେ। ସରକାରୀ କଳରୁ ଲାଭବାନ ହେବାର ସୂଚନା ମିଳୁଛି। ସାମାଜିକ ସ୍ତରରେ ପ୍ରତିପତ୍ତି ବଜାୟ ରହିବ। ଲୋକହିତକର କାର୍ଯ୍ୟରେ ନିଜକୁ ସାମିଲ କରିବେ। ବିବାଦୀୟ କ୍ଷେତ୍ରରେ ଚିନ୍ତିତ ହେବାକୁ ପଡ଼ିବ ନାହିଁ। ବେପାର ବାଣିଜ୍ୟର ସ୍ଥିତି ଆଶାଜନକ ହେବ। ଅଭିଳାଷ ପୂରଣ ହେବାର ଇଙ୍ଗିତ ମିଳୁଛି। ଆର୍ଥିକ ଦିଗ ସଙ୍କୁଚିତ ହେବନାହିଁ। ସମୟର ସଦୁପଯୋଗ କରି ଶାନ୍ତି ପାଇବେ। ମୂଲ୍ୟବାନ ଦ୍ରବ୍ୟ କ୍ରୟ ସହିତ ଭବିଷ୍ୟତ ଯୋଜନାକୁ ପ୍ରାଧାନ୍ୟ ଦେବେ। ଚେଷ୍ଟା ଚରିତ୍ର ଯୋଗେ ଇପ୍‌ସିତ ସ୍ୱପ୍ନ କରାୟତ୍ତ ହେବ। ବନ୍ଧୁ ସମାଗମ ଯୋଗେ ଆନନ୍ଦ ପାଇବେ। ପେଟରୋଗ ଓ କାଶରୋଗର ପ୍ରାଦୁର୍ଭାବ ଦେଖାଦେବ। ପାରିବାରିକ ଜୀବନରେ ଶାନ୍ତିର ଅଭାବ ରହିବ ନାହିଁ। ମହିଳାମାନେ ସମସ୍ତ ଦିଗରୁ ସୁଫଳ ପାଇବାର ଆଶା ଅଧିକ। ଆଧ୍ୟାତ୍ମିକ ଦିଗକୁ ମନ ବଳିବ। ଆତ୍ମୀୟତା ସୃଷ୍ଟି କରିବେ। ବିଦ୍ୟାର୍ଥୀମାନେ ବିଡ଼ମ୍ୱିତ ହେବେ ନାହିଁ।

ଅଶୁଭ ଦିବସ:- ୨୦, ୨୧, ୨୨, ୨୫, ୨୬ ଅଷ୍ଟମଚନ୍ଦ୍ର:- ୩, ୪, ୫ ଘାତଚନ୍ଦ୍ର:- ୧୮, ୧୯ ବାକିଦିନ ଶୁଭ।



**ବୃଷ:-** ମାସଟି ଆପଣଙ୍କୁ ଶୁଭଫଳ ଦେବାର ସଙ୍କେତ ବହନ କରୁଛି। ଅସ୍ଥିରତା ଏବଂ ଅବ୍ୟବସ୍ଥିତତା ଅପସରି ଯିବା କାରଣରୁ କର୍ମକ୍ଷେତ୍ରରେ ନୂତନ ଉତ୍ସାହ ଓ ଉଦ୍ଦୀପନା ଭରିଯାଇପାରେ। ସୁସ୍ଥ ଦେହ ଓ ସୁସ୍ଥ ମନନେଇ କର୍ମପଥରେ ଆଗେଇବା ନିମିତ୍ତ ବାଧା ନାହିଁ। ଆତ୍ମ ସନ୍ତୋଷ ଲାଭର ପରିବେଶ ମିଳିବ। ଶତ୍ରୁମାନେ ପଛରେ ପଡ଼ିବା କାରଣରୁ ସାମୟିକ ଉଦ୍‌ବେଗ ଦେଖାଦେଇପାରେ। ଦୈବୀକୃପା ଯୋଗେ ସମସ୍ୟା କ୍ଷଣସ୍ଥାୟୀ ହେବ। ଲୋକ ସଂପର୍କରେ ଉନ୍ନତି ଘଟିବା ଫଳରେ କାର୍ଯ୍ୟ ହାସଲ ସରଳ ହେବ। ବିବାଦୀୟ କ୍ଷେତ୍ରରୁ ସମ୍ମାନ ପାଇବେ। ପୂର୍ବ ତୁଳନାରେ ଆର୍ଥିକ ଦିଗ ସୁଧାର ହେବ। ବେପାର ବାଣିଜ୍ୟରେ ଆଗ୍ରହର ସହିତ ଲାଭବାନ ହେବାର ପ୍ରଚେଷ୍ଟା ଜାରି ରଖିବେ। ଶୁଭେଚ୍ଛୁମାନଙ୍କ ଠାରୁ ପ୍ରଶଂସା ପାଇବାରେ ହେଳା ହେବନାହିଁ। ଖାଦ୍ୟ ଓ ପୋଷାକ ପ୍ରତି ରୁଚି ବଢ଼ିବ। ସୌଖୀନ ଦ୍ରବ୍ୟ କ୍ରୟ କରିବେ। ଆପଣାରମାନେ ଈର୍ଷା କରିପାରନ୍ତି। ମୋହ ମାୟାରେ ପଡ଼ି ଅକର୍ମ କରିପାରନ୍ତି। ପିତ୍ତ ଶ୍ଳେଷ୍ମା ଓ କ୍ଳାନ୍ତି ଅନୁଭବ କରିବେ। ପାରିବାରିକ ସ୍ଥିତି ଦୂଷିତ ହେବନାହିଁ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତିତ କରାଇବ। ମହିଳାମାନେ ନିଜର ପ୍ରତିଷ୍ଠା ନିମିତ୍ତ ଚେଷ୍ଟା କରିବେ। ସାମାଜିକ ପଦମର୍ଯ୍ୟଦା ବୃଦ୍ଧି ପାଇବ। ହାତରେ ଦୁଇପଇସା ରଖିବେ। ବିଦ୍ୟାର୍ଥୀମାନେ ଭବିଷ୍ୟତ ଯୋଜନାକୁ ପ୍ରାଧାନ୍ୟ ଦେବେ।

ଅଶୁଭ ଦିବସ:- ୨୩, ୨୪, ୨୭, ୨୮ ଅଷ୍ଟମଚନ୍ଦ୍ର:- ୬, ୭ ଘାତଚନ୍ଦ୍ର:- ୨୯, ୩୦, ୩୧ ବାକିଦିନ ଶୁଭ।



**ମିଥୁନ:-** ଉତ୍ସାହ ଓ ସାହାସର ସହିତ କର୍ମପଥରେ ପରିଶ୍ରମ ପୂର୍ବକ ଆଗେଇ ସଫଳତା ଅର୍ଜନ କରିବାରେ ସକ୍ଷମ ହେବେ। ଅଗ୍ରଗତିରେ ବାଧା ନ ଉପୁଜିବାରୁ କର୍ମ ସାଧନା ଆଖିଦୃଶିଆ ହେବ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ୱ ଘଟିବ ନାହିଁ। ଶତ୍ରୁପୀଡ଼ାର ବିଲୟ ଘଟିବ। କଳେ ବଳେ କୌଶଳେ କାର୍ଯ୍ୟ ହାସଲ କରି ଉପରିସ୍ଥ ମାନଙ୍କର ଶ୍ରଦ୍ଧାଭାଜନ ହେବେ। ବିବାଦୀୟ ସ୍ଥଳରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବେ। ସାମାଜିକ ସ୍ତରରେ ଲୋକାଦୃତିର ଅଭାବ ପରିଲକ୍ଷିତ ହେବନାହିଁ। ପତିତ ଧନ ଓ ହାତକୁ ଆସିବା ଦ୍ୱାରା ସନ୍ତୋଷ ଅନୁଭବ କରିବେ। ବ୍ୟବସାୟରୁ ଲାଭବାନ ହେବା ସହିତ ପରିସରକୁ ପ୍ରସାରିତ କରିବେ। ନିର୍ମାଣ କାର୍ଯ୍ୟରେ ତତ୍ପରତା ବୃଦ୍ଧିପାଇବ। ସମାଜ କଲ୍ୟାଣ କାର୍ଯ୍ୟକ୍ରମରେ ଅର୍ଥପ୍ରାପ୍ତି ସାଙ୍ଗକୁ

ବନ୍ଧୁ ମିଳନର ଯୋଗଅଛି । ଦେବଦର୍ଶନରେ ଶ୍ରଦ୍ଧା ବଢ଼ିବ । ଶ୍ଳେଷ୍ମାଦୋଷ ଓ ବାତାଦି ରୋଗ ଯନ୍ତ୍ରଣା ଦେଇପାରେ । ପାରିବାରିକ ଜୀବନରେ ଧୈର୍ଯ୍ୟ ଓ ସହନଶୀଳତାର ଆବଶ୍ୟକତା ଅଛି । ମହିଳାମାନେ ପ୍ରାଚୁର୍ଯ୍ୟମୟ ଜୀବନ ବିତାଇବା ସହିତ ପରିବାରକୁ ପ୍ରମୁଖତା ଦେବେ । ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ସାମିଲ କରି ତୃପ୍ତିଲାଭ କରିବେ । ବିଦ୍ୟାର୍ଥୀମାନେ ନିଜକୁ ସଜାଡ଼ିନେଲେ ଉପକୃତ ହେବେ ।

ଅଶୁଭ ଦିବସ:- ୨୯, ୩୦, ୩୧ ଅଷ୍ଟମଚନ୍ଦ୍ର:- ୮, ୯ ଘାତଚନ୍ଦ୍ର:- ୧୫, ୧୦, ୧୧ ବାକିଦିନ ଶୁଭ ।



**କର୍କଟ:-** ଆପଣଙ୍କ ନିମିତ୍ତ ମାସଟି ସୁଖଦୁଃଖର ମିଶ୍ରିତ ଫଳ ପ୍ରଦାନ କରିବ । କର୍ମପଥରେ ବାଧାବିଘ୍ନକୁ ଏଡ଼ାଇ ଚାଲିବା ଫଳରେ କର୍ମସାଧନ ସାମାନ୍ୟ ବିଳମ୍ବିତ ହେବ । ସରକାରୀ କଳରୁ କାର୍ଯ୍ୟ ହାସଲ ନିମିତ୍ତ ସମୟର ଆବଶ୍ୟକତା ପଡ଼ିପାରେ । ବେଳେବେଳେ ମନର କଥା ମନରେ ମାରିବା ସାର ହେବ । ଶୁଭେଚ୍ଛୁମାନଙ୍କ ପ୍ରେରଣା ତଥା ଦୈବୀକୃପା ଯୋଗେ ଆଗେଇବେ ଏବଂ କର୍ମ ଅଟକିବ ନାହିଁ । ସାମାଜିକ ସ୍ତରରେ ପ୍ରଶଂସିତ ହେବାର ଯୋଗ ଅଛି । ବିବାଦୀୟ କ୍ଷେତ୍ରରେ ସାହାସ ଓ କୌଶଳ ପ୍ରୟୋଗ କରି ଅସମ୍ଭବକୁ ସମ୍ଭବରେ ପରିଣତ କରିବେ । ବେପାର ବାଣିଜ୍ୟର ଧାରା ପୂର୍ବ ତୁଳନାରେ ସୁଧାର ହେବ । ଆର୍ଥିକ ଦିଗ ଗୁଜୁରାଣ ମେଣ୍ଟାଇବାରେ ଦୁର୍ବଳ ହେବନାହିଁ । ଛୁଆପିଲାମାନଙ୍କର ସ୍ୱାସ୍ଥ୍ୟ ସାମୟିକ ଚିନ୍ତାର କାରଣ ସାଜିପାରେ । ବେଶ ପୋଷାକ ଓ ଖାଦ୍ୟରେ ରୁଚି ବଢ଼ିବ । ଦୂର ଗମନର ଯୋଗ ଅଛି । ନିଜକୁ ଶାନ୍ତ ଓ ସରଳ ରଖିପାରିଲେ ଦୁଶ୍ଚିନ୍ତାର ଶିକାର ହେବେ ନାହିଁ । ଗଳାରୋଗ ଓ ଛାତି ଯନ୍ତ୍ରଣା ଦେଖାଦେଇପାରେ । ପାରିବାରିକ ଜୀବନରେ ଆପୋଷ ବୁଝାମଣା ଯୋଗେ ବ୍ୟଥିତ ହେବାର ନାହିଁ । ମହିଳାମାନେ ମାସଟିରେ ସଂସାର ଜଞ୍ଜାଳକୁ ବୋଝ ଭାବିଲେବି ଅନ୍ୟମାନଙ୍କ ନିମିତ୍ତ ପ୍ରେରଣାଦାୟୀ ହେବେ । ବିଦ୍ୟାର୍ଥୀମାନେ ସହଜିଆ ପନ୍ଥା ଗ୍ରହଣ କରିବେ ।

ଅଶୁଭ ଦିବସ:- ୧୬, ୧୭, ୧, ୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୧୫, ୧୦, ୧୧ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ ।




**ସିଂହ:-** ମାସଟି ଆପଣଙ୍କ ନିମିତ୍ତ ମିଶ୍ରଫଳ ଦାୟକ ହେଲେବି ପୂର୍ବ ତୁଳନାରେ ଶୁଭଫଳ ଅଧିକ ହେବା ଯୋଗେ ଆଶ୍ୱସ୍ତ ହେବେ । ଅନେକ ନକାରାତ୍ମକ ଚିନ୍ତାଧାରା ମନରୁ ଅପସରି ଯିବା କାରଣରୁ କର୍ମ ସଂପାଦନ ନିମିତ୍ତ ଆଗ୍ରହ ସୃଷ୍ଟିହେବ । ବାଧା ବିଘ୍ନକୁ ପ୍ରତିହତ କରି ଗତିପଥରେ ଆଗେଇବେ । ରାସ୍ତାଘାଟ ଓ ଯାନବାହାନରେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ଅସ୍ଥିରତାକୁ ଶାନ୍ତ କରାଇଲେ ସଫଳତାର ସ୍ୱାଦ ଚାଖିବେ । ଉପରିସ୍ଥ ମାନଙ୍କଠାରୁ ସାହାଯ୍ୟ ସହଯୋଗ ଆଶା କରିବାରେ ଅସଫଳ ହେବେନାହିଁ । ସାମାଜିକ ସ୍ତରରେ ମାନ୍ୟତା ବୃଦ୍ଧି ଘଟିବ । ଆର୍ଥିକ ଦିଗରୁ ଚିନ୍ତିତ ହେବାର ନାହିଁ । ବିବାଦୀୟ କ୍ଷେତ୍ରରୁ ଅପମାନିତ ହେବାର ନାହିଁ । ଆପଣାରମାନେ ଅକଳରେ ପକାଇପାରନ୍ତି । ହରି କଥା ଶ୍ରବଣ ଓ ସତ୍‌ସଙ୍ଗରୁ ଆତ୍ମଚେତନା ସୃଷ୍ଟିହେବ । ବେଳେବେଳେ ନିଃସଙ୍ଗତା ବୋଧ କରିପାରନ୍ତି । ବେପାର ବାଣିଜ୍ୟ ଧିମାଗତିରେ ଆଗେଇ ଚାଲିବ । କୃଷି କର୍ମରେ ଶ୍ରଦ୍ଧା ବଢ଼ିବ । ଦୂର ଗମନ କରିପାରନ୍ତି । ପୋଷାକ ପ୍ରିୟ ହେବେ । ବାତବିକାର ଓ ଅସ୍ଥିରେ ଆଘାତ ଆସିବ । ପାରିବାରିକ ଜୀବନ ଚଳନୀୟ ହେବ । ମହିଳାମାନେ ନେତୃତ୍ୱ ବହନ କରି ପ୍ରଶଂସାର ପାତ୍ର ହେବେ । ଅହଂକାର ଶୂନ୍ୟହେଲେ ଶାନ୍ତି ପାଇବେ ଓ ଶାନ୍ତି ବାଣ୍ଟିବେ । ବିଦ୍ୟାର୍ଥୀମାନେ ଉନ୍ନତିରେ ଲାଗିପଡ଼ିବେ ।

ଅଶୁଭ ଦିବସ:- ୧୮, ୧୯, ୨୫, ୨୬, ୩, ୪, ୫ ଅଷ୍ଟମଚନ୍ଦ୍ର:- ୧୬, ୧୭, ୧୨, ୧୩, ୧୪ ଘାତଚନ୍ଦ୍ର:- ୮, ୯ ବାକିଦିନ ଶୁଭ ।



**କନ୍ୟା:-** ମାସଟି ଆପଣଙ୍କ ପକ୍ଷେ ଶୁଭାଶୁଭ ମିଶ୍ରିତଫଳ ବହନ କରିବ । ଅଟକିଯାଇଥିବା କର୍ମର ପୂର୍ଣ୍ଣତା ଦେବାରେ ଆଗ୍ରହ ପ୍ରକାଶ କରି ପୂର୍ଣ୍ଣତା ପ୍ରଦାନ କରିବେ । ଗଡ଼ି ଚାଲିଥିବା ନକାରାତ୍ମକ ଚିନ୍ତାଧାରା ଓ ସ୍ଥାଣୁତାରୁ ମୁକ୍ତ ହୋଇ କର୍ମ କରିବାର ପ୍ରୟାସ ଜାରି ରଖିବେ । ବିପରୀତ ପରିବେଶକୁ ଆୟତ୍ତ କରି ଅନୁକୂଳ ବାତାବରଣ ସୃଷ୍ଟି କରିବେ । ସାହାଯ୍ୟ ଓ ସହଯୋଗର ହାତମାନ ଲମ୍ବି ଆସିବା କାରଣରୁ କାର୍ଯ୍ୟପଦ୍ଧତି ସହଜ ସରଳ ହେବ । କର୍ମ କୁଶଳତା ଯୋଗେ ଆତ୍ମତୃପ୍ତି ଅନୁଭବ କରିବେ । ସାମାଜିକ ସ୍ତରରେ ନୂତନ ଅଧ୍ୟାୟ ସୃଷ୍ଟି କରିପାରନ୍ତି । ମାଲି ମୋକଦ୍ଦମାରେ ସାନ୍ତ୍ୱନା ରୂପକ ଫଳ ପ୍ରାପ୍ତ ହେବ । ବହୁ ଦିନର ଅଶାନ୍ତି ଦୂର ହେବ । ବେପାର ବାଣିଜ୍ୟରେ ପଛେଇ ଯିବାର ଆଶଙ୍କା ନାହିଁ । ପଇସା ପତ୍ର କାରବାରରେ ଚଉଆଖିଆ ହେଲେ ଠକିଯିବାର ଭୟ ରହିବ ନାହିଁ । ଦେବ ଦର୍ଶନ ସାଙ୍ଗକୁ ଗୃହ ମରାମତି କାର୍ଯ୍ୟରେ ମନ ବଳାଇବେ । ବନ୍ଧୁ ସମାଗମ ସହିତ ଉପଢୌକନ ପ୍ରାପ୍ତିର ଯୋଗ ଅଛି । ଭ୍ରମଣ ଯୋଗେ ଆନନ୍ଦ ପାଇବେ । ଆର୍ଥିକ ଦିଗ ସବଳ ରହିବ । ସ୍ନାୟବିକ ତଥା ମାଂସପେଶୀରେ ଯନ୍ତ୍ରଣା ପାଇବେ । ପାରିବାରିକ ଜୀବନ ପସନ୍ଦ ମୁତାବକ ହେବ । ମହିଳାମାନେ ଖୁସିରେ ସମୟ ବିତାଇବେ । ଭବିଷ୍ୟତ ଯୋଜନାକୁ ରୂପ ଦେବେ । ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ ।

ଅଶୁଭ ଦିବସ:- ୨୦, ୨୧, ୨୨, ୨୭, ୨୮, ୬, ୭ ଅଷ୍ଟମଚନ୍ଦ୍ର:- ୧୮, ୧୯ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ ।



**ତୁଳା:-** ମାସଟି ଆପଣଙ୍କ ନିମିତ୍ତ ଶୁଭଫଳ ଦେବାର ସୂଚନା ପ୍ରଦାନ କରୁଛି । ପରିବେଶ ଓ ପରିସ୍ଥିତି ଆରାମପ୍ରଦ ହେବା ଯୋଗେ କର୍ମକ୍ଷେତ୍ରରେ ନୂତନ ଆଗ୍ରହ ଓ ଉତ୍ସାହର ସହିତ ଅଗ୍ରଗତି କରିବେ । ଉପରିସ୍ଥ ମାନଙ୍କଠାରୁ ପ୍ରେରଣା ଲାଭ କରିବା କାରଣରୁ ଆତ୍ମ ସନ୍ତୋଷ ଜାତ ହେବ । ଅଭୀଷ୍ଟ ବସ୍ତୁ ହାତପାଆନ୍ତାରେ ଉପଲବ୍ଧ ହେବ । କେତେକ ଶୁଭଚିନ୍ତକ ଓ ଆପଣାରମାନେ ସହଯୋଗ କରିବା ଫଳରେ କର୍ମ ସାଧନ ସରଳ ହେବ । ସାମାଜିକ ସ୍ତରରେ ପତିଆରା ବୃଦ୍ଧି ଘଟାଇବା ନିମିତ୍ତ ମଉକା ପାଇବେ । ବିବାଦୀୟ କ୍ଷେତ୍ର ପୂର୍ବ ତୁଳନାରେ ସୁଧାର ହେବ । ଆର୍ଥିକ ଦିଗ ତଥା ନେଣ ଦେଶ କ୍ଷେତ୍ର


ଇଚ୍ଛାନୁସାରି ହେବ। ବେପାର ବାଣିଜ୍ୟରେ ଦୁଇପାଦ ଆଗେଇଯାଇ ପାରିବେ। ଗୃହ ଓ ଜନ୍ମଭୂମି କର୍ମରେ ମନୋନିବେଶ କରିବେ। ଆଧ୍ୟାତ୍ମିକ ଦିଗପ୍ରତି ଅନୁରାଗ ବୃଦ୍ଧିପାଇବ। ବକେୟା ଅର୍ଥ ହାତକୁ ଆସିବା ଫଳରେ ନୂତନ ଯୋଜନା କରିବସିବେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ବିଚଳିତ କରିପାରେ। ବାତପିତ୍ତ ଦୋଷ ଓ ରକ୍ତ ଶର୍କରା ଜନିତ ରୋଗର ଶିକାର ହେବେ। ପାରିବାରିକ ଜୀବନ ସରଳୀକୃତ ହେବ। ମହିଳାମାନେ ଗୃହକର୍ମ ସହିତ ସାମାଜିକ କର୍ମରେ ସଂପୃକ୍ତ ହେବେ। ସମ୍ମାନ ଓ ଶାନ୍ତି ପାଇବେ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟକୁ ପ୍ରମୁଖତା ଦେବେ।

ଅଶୁଭ ଦିବସ:- ୧୫, ୨୩, ୨୪, ୨୯, ୩୦, ୩୧, ୮, ୯, ୧୦, ୧୧ ଅଷ୍ଟମଚନ୍ଦ୍ର:- ୨୦, ୨୧, ୨୨ ଘାତଚନ୍ଦ୍ର:- ୬, ୭ ବାକିଦିନ ଶୁଭ।



**ବିଛା:-** ଶୁଭାଶୁଭ ସ୍ଥିତିରେ ମାସଟି ଗତି କରିବ। ଅଶୁଭଫଳ ଅପେକ୍ଷା ଶୁଭଫଳର ମାତ୍ରା ଅଧିକ ହେବ। ପ୍ରଥମରୁ କିଛି ସରକାରୀ ସମସ୍ୟା ଦେଖାଦେଲେବି ତାହାର ସମାଧାନ ସମ୍ଭବ। ସାମର୍ଥ୍ୟ ଓ ପ୍ରତିଭାର ବିନିଯୋଗ କରି କେତେକ ନିର୍ଦ୍ଦିଷ୍ଟ ସ୍ଥାନରୁ ଯଶମାନର ଅଧିକାର ମିଳିବ। ନିଜର ଆଚରେ ବ୍ୟବହାର ଓ କର୍ମନିଷ୍ଠତା ଯୋଗେ କର୍ମସାଧନ ତ୍ୱରାନ୍ୱିତ ହେବ। ସେବା ମନୋବୃତ୍ତି ଯୋଗେ ଆଦୃତି ଲାଭ କରିବେ। ଶତ୍ରୁମାନଙ୍କ ବିରୋଧାଭାଷ ସତ୍ତ୍ୱେ ମାନସମ୍ମାନ ଓ କାର୍ଯ୍ୟ ସାଧନ ବିଡ଼ମ୍ବିତ ହେବନାହିଁ। ଈଶ୍ୱରୀୟ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେବେ। ଆକସ୍ମିକ ଅର୍ଥ ଲାଭର ଯୋଗ ଅଛି। ବିବାଦୀୟ କ୍ଷେତ୍ରପ୍ରତି ବିପଦ ନାହିଁ। ଅର୍ଥ କାରବାରରେ ଲାଭବାନ ହେବେ। ବେପାର ବାଣିଜ୍ୟରେ ମନଉଣା ହେବନାହିଁ। ଅତିଥି ଏବଂ ବନ୍ଧୁ ଚର୍ଚ୍ଚାରେ ସମୟ ଓ ଅର୍ଥ ବ୍ୟୟ ହେବ। ଗୃହ ସଜ୍ଜା ଓ ସୌଖୀନ ଦ୍ରବ୍ୟ କ୍ରୟ କରିବେ। ଦେବ କର୍ମରେ ନିଜକୁ ନିୟୋଜିତ କରିବେ। ସୃଜନଶୀଳ ଚିନ୍ତାଧାରା ଧାରଣ କରି କୀର୍ତ୍ତି ସ୍ଥାପନ କରିବେ। ଥଣ୍ଡା ଜ୍ୱର ସାଙ୍ଗକୁ ସ୍ନାୟୁଗତ ଦୁର୍ବଳତା ଦେଖାଦେବ। ପାରିବାରିକ ଜୀବନ ଦୂଷିତ ହେବାର ନାହିଁ। ମହିଳାମାନେ କୌଣସି ଦିଗରେ ପଛେଇଯିବେ ନାହିଁ। ସାହାସ ଓ ବୁଦ୍ଧି ଖଟାଇ ଅସମ୍ଭବକୁ ସମ୍ଭବରେ ପରିଣତ କରିବେ। ବିଦ୍ୟାର୍ଥୀମାନେ ପରିଶ୍ରମ ବଳରେ ଯଥା ସମ୍ଭବ ଆଗେଇବେ।

ଅଶୁଭ ଦିବସ:- ୧୬, ୧୭, ୧, ୨, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୩, ୨୪ ଘାତଚନ୍ଦ୍ର:- ୨୦, ୨୧, ୨୨ ବାକିଦିନ ଶୁଭ।



**ଧନୁ:-** ମାସଟିରେ ଶୁଭାଶୁଭ ଫଳ ଭୋଗ କରିବେ। କର୍ମକ୍ଷେତ୍ରରେ ବାଧା ବିଘ୍ନ ଲାଗି ରହିବା କାରଣରୁ କାର୍ଯ୍ୟ ସାଧନରେ ସାମାନ୍ୟ ବିଳମ୍ବ ଘଟିଲେ ବି କାର୍ଯ୍ୟ ଅଟକିବାର ନାହିଁ। ମନରେ ଅସ୍ଥିରତା ଓ ଦୁଶ୍ଚିନ୍ତା ବସା ବାନ୍ଧିପାରେ। ଦୈବୀକୃପା ଓ ଯଥେଷ୍ଟ ଧୈର୍ଯ୍ୟ, ମନୋବଳ ଦ୍ୱାରା ନକାରାତ୍ମକ ପରିବେଶକୁ ଅତିକ୍ରମି ଯିବାର ସୁଯୋଗ ମିଳିବ। ଉପରିସ୍ଥ ମାନଙ୍କର ପ୍ରିୟପାତ୍ର ହେବାବେଳେ କିଛି ଈର୍ଷାଳୁ ଗୋଡ଼ ଟାଣିବାକୁ ପ୍ରୟାସ କରିବେ। ଅନିଚ୍ଛା ସତ୍ତ୍ୱେ କିଛିଟା ଭୁଲ କରିପାରନ୍ତି। ସାମାଜିକ ସ୍ତରରୁ ଲୋକାଦୃତିରେ ଭଟ୍ଟା ପଡ଼ିବାର ନାହିଁ। ବାକ୍ ଚାତୁର୍ଯ୍ୟରେ ଅନ୍ୟକୁ ମୋହିତ କରିପାରନ୍ତି। ମାସର ଶେଷାର୍ଦ୍ଧଟି ଆନନ୍ଦ ବର୍ଦ୍ଧକ ହେବ। ବେପାର ବାଣିଜ୍ୟ ଯଥାରୀତି ଚାଲୁ ରହିବ। ବିନା କଷ୍ଟରେ କିଛି ଅର୍ଥ ଉପାର୍ଜନ କରିପାରନ୍ତି। ଆୟ ତୁଳନାରେ ବ୍ୟୟଭାର ଅଧିକ ହେବ। ଖାଦ୍ୟ ଏବଂ ବେଶପୋଷାକରେ ରୁଚି ବଢ଼ିବ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ନିଜକୁ ନିରାପଦ ରଖିବେ। ଦୂର ଭ୍ରମଣର ଯୋଗ ଅଛି। ମନର ଦୁର୍ବଳତା ଯୋଗେ ଶାରିରୀକ ପୀଡ଼ା ଅନୁଭବ କରିପାରନ୍ତି। ଥଣ୍ଡା ଜ୍ୱର ଓ ମାନସିକ ଅବସାଦ ଦେଖାଦେବ। ପାରିବାରିକ ଜୀବନରେ ବଡ଼ ଧରଣର ବିଶୃଙ୍ଖଳା ଘଟିବାର ନାହିଁ। ଏହି ରାଶି ଜାତ ମହିଳାମାନେ ମାସଟିରେ ସମସ୍ତ ପରିବେଶକୁ ଆୟତ୍ତରେ ରଖି ସଞ୍ଚୟ ମନୋବୃତ୍ତି ପୋଷଣ କରିବେ। ପରିବାରର ଦାୟିତ୍ୱ ବୃଦ୍ଧି ପାଇବ। ବିଦ୍ୟାର୍ଥୀମାନେ ଉନ୍ନତି ସାଧନରେ ପ୍ରଚେଷ୍ଟା ଜାରି ରଖିବେ।

ଅଶୁଭ ଦିବସ:- ୧୮, ୧୯, ୩, ୪, ୫ ଅଷ୍ଟମଚନ୍ଦ୍ର:- ୨୫, ୨୬ ଘାତଚନ୍ଦ୍ର:- ୧୬, ୧୭, ୧୨, ୧୩, ୧୪ ବାକିଦିନ ଶୁଭ।



**ମକର:-** ଚଳିତ ମାସଟିରେ ଆପଣଙ୍କୁ ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତହେବ। ସାମାଜିକ ଭାବମୂର୍ତ୍ତି ପୂର୍ବ ତୁଳନାରେ ବର୍ଦ୍ଧିତ ଯୋଗେ ମନରେ ଉତ୍ସାହ ଓ ଆନନ୍ଦ ଭରିଯିବା କାରଣରୁ ନୂତନ ଉନ୍ମାଦନା ନେଇ କର୍ମ ସଂପାଦନ କରିବେ। ଉପରିସ୍ଥ ମାନଙ୍କଠାରୁ ସ୍ନେହ ସଦିଚ୍ଛା ଲାଭକରି କର୍ମପଥରେ ବିନାବାଧାରେ ଆଗେଇବେ। ସରକାରୀ କଳ ପ୍ରତି ସଚେତନ ହେବାର ଆବଶ୍ୟକତା ଅଛି। ସାମାଜିକ ତଥା ସୃଜନଶୀଳ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଆତ୍ମସନ୍ତୋଷ ଲାଭ କରିବେ। ବିବାଦୀୟ କ୍ଷେତ୍ରରୁ ଲାଭବାନ ହେବେ। ଚେଷ୍ଟା ଚରିତ୍ର ଯୋଗେ ପତିତ ଧନ ପାଣ୍ଠିକୁ ଆସିବାର ସୂଚନା ଅଛି। ବେପାର ବାଣିଜ୍ୟରେ ଅସ୍ଥିରତା ବୃଦ୍ଧି ପାଇଲେବି କ୍ଷତିର ଆଶଙ୍କା ନାହିଁ। ବେଳେବେଳେ ମନର କଥା କାହାରି ଆଗେ ପ୍ରକାଶ କରିହେବ ନାହିଁ। ସ୍ତ୍ରୀ ଲୋକଙ୍କ ସହାୟତାରୁ କାର୍ଯ୍ୟ ହାସଲ କରିବା ସହଜ ହେବ। ଯୋଜନା ବଦ୍ଧ କାର୍ଯ୍ୟକୁ ଅଗ୍ରାଧିକାର ଦେବେ। ଧନର ଅଭାବ ଦେଖାଦେବ ନାହିଁ ମାତ୍ର ବ୍ୟୟର ପରିମାଣ ଆଶାତୀତ ଭାବେ ବୃଦ୍ଧି ପାଇବ। ଭ୍ରମଣ ଯୋଗେ ମାନସିକ ଶାନ୍ତି ମିଳିବ। ସୌଖୀନ ଦ୍ରବ୍ୟର ଅଧିକାର ମିଳିବ। ଦେବରଣ ପରିଶୋଧରେ ପ୍ରୟାସୀ ହେବେ। ଗୃହରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟିହେବ। ବାୟୁ ପ୍ରକୁପିତ ରୋଗ ସାଙ୍ଗକୁ ଚକ୍ଷୁପୀଡ଼ା ଦେଖାଦେଇ ପାରେ। ପାରିବାରିକ ଜୀବନ ଶାନ୍ତିପ୍ରଦ ହେବ। ମହିଳାମାନେ ଗୋଷ୍ଠୀ କର୍ମରେ ସାମିଲ ହେବେ। ସେବା ମନୋବୃତ୍ତି ବୃଦ୍ଧି ପାଇବ। ବିଦ୍ୟାର୍ଥୀମାନେ ପ୍ରଗତି ଦିଗରେ ସାମିଲ୍ ହେବେ।

ଅଶୁଭ ଦିବସ:- ୧୫, ୨୦, ୨୧, ୨୨, ୬, ୭, ୧୦, ୧୧ ଅଷ୍ଟମଚନ୍ଦ୍ର:- ୨୭, ୨୮ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।



**କୁମ୍ଭ:-** ମାସଟି ଆପଣଙ୍କ ନିମିତ୍ତ ମିଶ୍ରଫଳଯୁକ୍ତ ହେଲେବି ଅଧିକାଂଶ ସମୟରେ ଉଦ୍‌ବେଗ ଓ ଦୁଶ୍ଚିନ୍ତା ପ୍ରପୀଡ଼ିତ ହୋଇପାରନ୍ତି। ପ୍ରଥମାର୍ଦ୍ଧ ପରେ ଦ୍ୱିତୀୟାର୍ଦ୍ଧରେ ଶାନ୍ତି ଓ

ସ୍ଥିରତା ଅନୁଭବ କରିବେ। କାହାରିକୁ ଅପେକ୍ଷା ନକରି ନିଜ ଶିଙ୍ଗରେ ମାଟି ତାଡ଼ିବେ। କର୍ମକ୍ଷେତ୍ରରେ ଚେଷ୍ଟା ଓ ପରିଶ୍ରମ ତୁଳନାରେ ଫଳପ୍ରାପ୍ତିର ନ୍ୟୁନତା ଦେଖାଦେବ। ନିଜଲୋକଙ୍କ ଉପରେ ବହୁ ସମୟରେ ଭରସା ରଖିହେବ ନାହିଁ। ମନକୁ ଆୟତ୍ତ କରି କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଲେ ଶାନ୍ତି ପାଇବେ। ସଂପର୍କୀୟମାନଙ୍କ ଅପେକ୍ଷା ଅଣସଂପର୍କୀୟ ମାନେ ସାହାଯ୍ୟର ହାତ ବଢ଼ାଇ ପାରନ୍ତି। ସାମାଜିକ ସ୍ତରରେ ଭାବମୂର୍ତ୍ତି ଅମଳିନ ରହିବ। ବିବାଦୀୟ କ୍ଷେତ୍ରରେ ସୂକ୍ଷ୍ମାଦିସୂକ୍ଷ୍ମ ବିଚାର ପ୍ରୟୋଗ କରି ସ୍ଥିତି ସୁଦୃଢ଼ କରିବେ। ବେପାର ବାଣିଜ୍ୟ ଆଶାଜନକ ନହେଲେବି ସ୍ଥାଣୁତା ପ୍ରାପ୍ତ ହେବନାହିଁ। ଆୟର ମୁଖ୍ୟଭାଗ ନିର୍ମାଣ କାର୍ଯ୍ୟରେ ବ୍ୟୟିତ ହେବ। ଅସାମାଜିକ ମାନଙ୍କ ପ୍ରତି ସତର୍କ ରହିବା ଆବଶ୍ୟକ। କର୍ତ୍ତବ୍ୟ ଓ କୃପାକୁ ପ୍ରମୁଖତା ଦେବେ। ଅଭିମାନ ତ୍ୟାଗ କଲେ ଶାନ୍ତି ପାଇବେ। ମନୋପୀଡ଼ା ସାଙ୍ଗକୁ ଦେହପୀଡ଼ା ଦୁର୍ବଳ କରିପାରେ। ସଂପର୍କୀୟମାନେ ଠକିପାରନ୍ତି। ପାରିବାରିକ ଜୀବନରେ ବିଭ୍ରାଟ ଘଟିବାର ନାହିଁ। ମହିଳାମାନେ ଜଂଜାଳରେ ଅତିଷ୍ଠ ହେଲେବି ସ୍ୱଧର୍ମରୁ ବିରତ ହେବେନାହିଁ। ସହନଶୀଳତା ଗୁଣ ଯୋଗେ ଆଦର ପାଇବେ। ଦେବପୂଜାରୁ ଶାନ୍ତି ମିଳିବ। ବିଦ୍ୟାର୍ଥୀମାନେ ପରିଶ୍ରମକୁ ପ୍ରମୁଖତା ଦେବେ।

ଅଶୁଭ ଦିବସ:- ୧୬, ୧୭, ୨୩, ୨୪, ୮, ୯, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୯, ୩୦, ୩୧ ଘାତଚନ୍ଦ୍ର:- ୬, ୭ ବାକିଦିନ ଶୁଭ।



**ମୀନ:-** ପୂର୍ବ ତୁଳନାରେ ମାସଟି ଆପଣଙ୍କ ନିମିତ୍ତ ଶୁଭଫଳର ମାତ୍ରା ଅଧିକ ବହନ କରିବାର ସୂଚନା ପ୍ରଦାନ କରୁଛି। ପ୍ରତିକୂଳ ପ୍ରଭାବ କିଛି ପରିମାଣରେ ଦେଖାଦେଲେବି ତାହା କ୍ଷଣସ୍ଥାୟୀ ହେବ। ସମସ୍ତ ପ୍ରକାରର ପରିବେଶ ଓ ପରିସ୍ଥିତିକୁ ପ୍ରତିହତ କରି ଆଗେଇ ଚାଲିବେ। କର୍ମକ୍ଷେତ୍ରରେ ଦୃଢ଼ ଇଚ୍ଛାଶକ୍ତି ଧାରଣ କରି ଗତି କରିବା ଯୋଗେ ଲକ୍ଷ୍ୟ ସାଧନ ଅସଫଳ ହେବନାହିଁ। ଉପରିସ୍ଥ ମାନଙ୍କଠାରୁ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଆଶା କରିହେବ। କିଛି ପ୍ରତ୍ୟକ୍ଷ ଓ ପରୋକ୍ଷ ଶତ୍ରୁ ରହିଲେବି ସେମାନେ କ୍ଷତି ପହଞ୍ଚାଇପାରିବେ ନାହିଁ। ବିବାଦୀୟ କ୍ଷେତ୍ର ସମାଧାନ ପଥ ପ୍ରଦର୍ଶାଇବ। ସାମାଜିକ ସ୍ତରରେ ଯଶଗୌରବ ପ୍ରତିଷ୍ଠା କରି ଆତ୍ମ ସନ୍ତୋଷ ଲାଭ କରିବେ। ବେପାର ବାଣିଜ୍ୟ ଯଥା ସମ୍ଭବ ଆଗେଇ ଚାଲିବ। ଜମି ଭୂମି କ୍ରୟ ଅଥବା ଗୃହ ନିର୍ମାଣରେ ସକ୍ରିୟ ଅଂଶଗ୍ରହଣ କରିବେ। ଆର୍ଥିକ ଦିଗ ଦୁର୍ବଳ ହେବନାହିଁ ତେବେ ଭବିଷ୍ୟତ ଯୋଜନା ନିମନ୍ତେ ଋଣ କରିପାରନ୍ତି। ବନ୍ଧୁ ମିଳନ ଓ ଭ୍ରମଣ ଯୋଗ ଅଛି। ସୌଖୀନ ଦ୍ରବ୍ୟର ଉପଭୋକ୍ତା ହେବେ। ଦେବତା ଓ ଗୁରୁଜନମାନଙ୍କ ଆଶୀର୍ବାଦରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳ କାମ ହେବେ। ଥଣ୍ଡା କାଶ ସାଙ୍ଗକୁ ହଜମକ୍ରିୟାରେ ବିଭ୍ରାଟ ଦେଖାଦେଇପାରେ। ପାରିବାରିକ ସ୍ଥିତି ସୁଖକର ହେବ। ମହିଳାମାନେ ପରିବାରରେ ଓ ସମାଜରେ ପ୍ରମୁଖ ଭୂମିକା ନିର୍ବାହ କରି ସମ୍ମାନର ଅଧିକାରିଣୀ ହେବେ। ପ୍ରତିଭା ବିକାଶର ଉପଯୁକ୍ତ ସମୟ।

ଅଶୁଭ ଦିବସ:- ୧୮, ୧୯ ଅଷ୍ଟମଚନ୍ଦ୍ର:- ୧,୨ ଘାତଚନ୍ଦ୍ର:- ୧୫, ୧୦, ୧୧ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

DM Associates
Chartered Accountants
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

*We undertake*
*Auditing, Taxation, Consultancy outsourcing*

Postal Regd. No. CK (C)/91/2024-2026

**The Samaroha** July - 2025, Vol. - 34, Issue - 10

RNI Regd. No. : 034056/1981

KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is- Unity & Teamwork with*





*Commitment and Dedication*

*Our Motto – No Words but Deeds*





*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

**₹ 20/-**

Date of Publication : 16.07.2025
Facebook: The Samaroha
E-mail: thesamaroha@gmail.com, Website: www.samaroha.in